REGISTERED NO. 1

# ଉତ୍କଳ ଦୀପିକା

## ସାପ୍ତାହିକ ସମ୍ବାଦପତ୍ରିକା

୧ମ ଖଣ୍ଡ ୧ ସଂଖ୍ୟା } ତା ୪ ଋଣ ମାହେ ଜାନୁଏରୀ ସନ ୧୮୬୮ ମସିହା । ମୂ । ପୌଷ ଦ ୨୩ ନ ସନ ୧୨୭୫ ସାଲ ଶନିବାର

ଅଗ୍ରିମ ବାର୍ଷିକମୂଲ୍ୟ ଟ ୪
ବର୍ଷାନ୍ତେମୂଲ୍ୟଦେଲେବର୍ଷକୁ ଟ ୬
ମଫସଲପାଇଁ ଡାକମାସୁଲ ଟ ୧॥୵

ପୁନର୍ବାର ଏକବର୍ଷ ଗତ ହେଲା ଓ ଆମ୍ଭେ-ମାନେ ସନ ୧୮୬୮ ସାଲର କ୍ରୋଡ଼ରେ ପ୍ରବେଶ ... ହେଲୁଁ । ଓଡ଼ିଶାରେ ସମ୍ବାଦପତ୍ରର ଅବସ୍ଥା ...ନେ କରି ଆମ୍ଭେମାନେ ଯେ ଏକଯୁଗ କାଳ ...ପାଇ ସପ୍ତୋଦଶ ବର୍ଷରେ ପଦାର୍ପଣ କଲୁଁ ...ଥିପାଇଁ ଈଶ୍ୱରଙ୍କଠାରେ ସର୍ବାନ୍ତକରଣ ସହିତ ...ଧନ୍ୟବାଦ ଦେଉଅଛୁଁ ଓ ପାଠକଙ୍କର ଅବିଚ-...ଲିତ ଅନୁଗ୍ରହ କାରଣ ଅସଂଖ୍ୟ କୃତଜ୍ଞତା ...ପ୍ରକାଶ କରୁଅଛୁଁ । ଏକଯୁଗ କାଳରେ ...ଆମ୍ଭମାନଙ୍କର ଅବସ୍ଥାର ବିଶେଷ ପରିବର୍ତ୍ତନ ...ହୋଇ ନାହିଁ ଏଥିପାଇଁ ଆମ୍ଭେମାନେ ଆକ୍ଷେପ ...ପ୍ରକାଶ କରନ୍ତୁ ମାତ୍ର ଏ କାଳମଧ୍ୟରେ ଓ ଟାକ୍ସର ...ମଧ୍ୟରେ ଯେ ଆମ୍ଭେମାନେ କୌଣସିରୂପେ ...ଜୀଇଁ ରହିଅଛୁଁ ଓ ଅଦ୍ୟାପି ପେଟ କଷ୍ଟ ପାଇ ...ନାହିଁ ଏହା ପରମସୁଖର ବିଷୟ ଅଟଇ । ...ଅତଏବ ଆମ୍ଭେମାନେ ସନ୍ତୁଷ୍ଟ ଚିତ୍ତରେ ଥାଇ ...କା ନୂତନବର୍ଷରେ ନୂତନ ସୁଖଲାଭର କାମନା ...କରୁଅଛୁଁ ଓ ପାଠକମାନଙ୍କୁ ନବବର୍ଷର ସମା-...ଗମ ସମ୍ବାଦ ଦେଇ ଈଶ୍ୱରଙ୍କଠାରେ ପ୍ରାର୍ଥନା ...କରୁଅଛୁଁ ଯେ ସେମାନେ ନବ ନବ ସୁଖ ଭୋଗ ...କରନ୍ତୁ ଓ ଆମ୍ଭମାନଙ୍କୁ ପୁରୁଣା ପରିଚିତ ଓ ...ଅନୁଗତ ବ୍ୟକ୍ତି ମନେ କରି ପୂର୍ବାନୁଗ୍ରହ ରକ୍ଷା ...କରନ୍ତୁ ।

---

...ବଙ୍ଗଳାରୁ ଭାରତବର୍ଷୀୟ ପତ୍ରୋକ୍ତସୂତ୍ରେ ...ସମ୍ବାଦ ପାଇଅଛନ୍ତି କି ଭାରତବର୍ଷର ସୀମା ପ୍ରଦେଶ ସକାଶେ ଗୋଟିଏ ନୂତନ ଗବର୍ଣ୍ଣମେଣ୍ଟ ସ୍ଥାପନ କରିବାର ପ୍ରସ୍ତାବକୁ ସେକ୍ରେଟରୀ ଅବ-ଷ୍ଟେଟ ମଞ୍ଜୁର କରିଅଛନ୍ତି । ଏ ଗବର୍ଣ୍ଣମେଣ୍ଟ ଜଣେ ପ୍ରଧାନ କମିଶନରଙ୍କ ଅଧୀନରେ ରହିବ ଓ ଜେନରଲ ଗ୍ରବର୍ଟ ସାହେବ ଏଥିର ପ୍ରଥମ ପ୍ରଧାନ କମିଶନର ହେବେ ବୋଲି ଉଥିତ ହେଉଅଛି । ଆମ୍ଭେମାନେ ଶୁଣିଥିଲୁଁ ଯେ ସୀମା-ପ୍ରଦେଶରେ ଗୋଟିଏ ପ୍ରଧାନ କମିଶନରୀ ହେ-ଲେ ମଧ୍ୟପ୍ରଦେଶଟା ଉଠିଯିବ ଓ ତହିଁ ଅନ୍ତର୍ଗତ ସ୍ଥାନମାନ ବଙ୍ଗଳା ବମ୍ବଇ ଓ ମାନ୍ଦ୍ରାଜ ଭୁକ୍ତ ହେବ । ଉକ୍ତ କାର୍ଯ୍ୟଟି ଏହି ସଙ୍ଗେ ସଙ୍ଗେ ହେବ କି ନାହିଁ କିଛି ଜଣା ଯାଉ ନାହିଁ । ଯେବେ ତାହା ନ ହୁଅଇ ତେବେ ଗବର୍ଣ୍ଣମେଣ୍ଟଙ୍କର ବ୍ୟୟ ଅନେକ ବଢ଼ିବାର ଜଣାଯାଏ ।

---

ଗତ ସୋମବାର ସନ ୧୮୬୭ ମସିହା ଗତ ହେଲା କିନ୍ତୁ ଏକା ନୁହେ ଶେଷକାଳକୁ ସ୍ମୃତି ଏହାର ଦାଉ କାଖି ଥିଲା ଯେ ଅତି ଜଣେ ପ୍ରଧାନ ଲୋକଙ୍କୁ ସଙ୍ଗେ ନେଇଗଲା । ଏବର୍ଷର ଆରମ୍ଭରେ ଢେଙ୍କାନାଳର ସ୍ୱର୍ଗଗତ ମହାରାଜ ଭଗୀରଥୀ ମହେନ୍ଦ୍ର ବାହାଦୂରଙ୍କୁ, ମଧ୍ୟଭାଗରେ ବାବୁ ରାଧାଶ୍ୟାମ ନରେନ୍ଦ୍ର ଓ ବାବୁ ବୃନ୍ଦାବନ-ଚନ୍ଦ୍ର ମଣ୍ଡଳଙ୍କୁ ଆମ୍ଭେମାନେ ହରାଇ ବସିଲୁଁ । ଶେଷଦିନରେ ବାବୁ ହରେକୃଷ୍ଣ ଦାସ ମାନବ-ଲୀଳା ଶେଷ କଲେ । ହରେକୃଷ୍ଣ ବାବୁ ଜଣେ ପୁରାତନ ଗବର୍ଣ୍ଣମେଣ୍ଟକର୍ମଚାରୀ ପ୍ରାୟ ବ ୪୫ ବର୍ଷ ସରକାରୀ କର୍ମ କରି ଏହି ବିଷୟରେ ଜଣେ ମାନ୍ୟଲୋକ ହୋଇଥିଲେ । ଗବର୍ଣ୍ଣମେଣ୍ଟ ଆଜ୍ଞାକ୍ରମେ ସନ ୧୮୬୭ ସାଲ ଶେଷଯାଏ ଏହାଙ୍କୁ କର୍ମ କରିବାକୁ ଅନୁମତି ଥିଲା ଓ ତଦନୁସାରେ ସେ ପେନ୍‌ସନର ଦରଖାସ୍ତ କରିଥିଲେ । କିନ୍ତୁ ଏମନ୍ତ ଘଟନା ହେଲା ଯେ ଯେଉଁଦିନ ସେ ପେନ୍‌ସନର ଦରଖାସ୍ତ କଲେ ସେହିଦିନରୁ ସେ ଅତ୍ୟନ୍ତ ପୀଡ଼ିତ ହେଲେ ଓ ବର୍ଷର ଶେଷଦିନରେ ବର୍ଷର ସଙ୍ଗେ ସଙ୍ଗେ ସଂସାରକୁ ସୁଦ୍ଧା ପରିତ୍ୟାଗ କଲେ । ପେନ୍‌ସନ୍ ନେବାକୁ ତାହାଙ୍କର ଇଚ୍ଛା ନ ଥିଲା ଓ ତାହା ନେବାକୁ ହେଲା ନାହିଁ । ବାବୁ ହରେକୃଷ୍ଣ ଦାସ ଉକିଲୀଯୁଙ୍କ ମଧ୍ୟରେ ଜଣେ ପ୍ରଧାନ ଓ ମାନ୍ୟ-ବ୍ୟକ୍ତି ଥିଲେ ସୁତରାଂ ତାହାଙ୍କ ମୃତ୍ୟୁ ଭାରି ଦୁଃଖର କାରଣ ହୋଇଅଛି । ସତ୍ୟବାଦୀ ଠାକୁରଙ୍କପ୍ରତି ଏହାଙ୍କର ବଡ଼ ଭକ୍ତି ଥିଲା ଓ ସେଠାରେ କେତେଗୁଡ଼ିଏ କୀର୍ତ୍ତି କରି ଆପଣା ନାମକୁ ଚିରସ୍ମରଣୀୟ କରି ଗଲେ ।

ପରିଶେଷରେ ବକ୍ତବ୍ୟ ଯେ ବାବୁ ହରେ-କୃଷ୍ଣ ଦାସ କଟକ ପ୍ରିଣ୍ଟିଂ କମ୍ପାନୀ ସ୍ଥାପନ ବିଷ-ୟରେ ଜଣେ ପ୍ରଧାନ ଉଦ୍ୟୋଗୀ ଓ ଏଥିର ଜଣେ ପ୍ରଧାନ ଡିରେକ୍ଟର ଥିଲେ । ତାହାଙ୍କ ମୃତ୍ୟୁରେ କମ୍ପାନୀର ଭାରି ଅନିଷ୍ଟ ହୋଇଅଛି ।

---

ORISSA STATE ARCHIVES Accn. No. ....... Date

Split by PDF Splitter

Digitized by srujanika@gmail.com

Split by PDF Splitter



ଗତ ଫାଷ୍ଟଆର୍ଟ ପରୀକ୍ଷାରେ ନିମ୍ନଲିଖିତ ଛାତ୍ରମାନେ ଉତ୍ତୀର୍ଣ୍ଣ ହୋଇ ଅଛନ୍ତି ।

ଦୁର୍ଗାଚରଣ ସାନ୍ତ — ୨ୟ ଶ୍ରେଣୀ
କୃପାନିଧି ସାହା — ୩ୟ ଶ୍ରେଣୀ

ଗତ ପ୍ରବେଶିକା ପରୀକ୍ଷାରେ ନିମ୍ନଲିଖିତ ଛାତ୍ରମାନେ ଉତ୍ତୀର୍ଣ୍ଣ ହୋଇ ଅଛନ୍ତି ।

କଟକ କଲେଜସ୍ଥିତ ସ୍କୁଲ ।

ମହମ୍ମଦଅଲ — ୨ୟ ଶ୍ରେଣୀ
ଶିରୀଶଚନ୍ଦ୍ର ରାୟ ଚୌଧୁରୀ — " "
ଗିରଧାରୀ ମହାନ୍ତି — " "
ରବର୍ଟ ଉ ପଟାସନ ପ୍ର ଇଭେଟ୍ — " "
ସେଖ ମହମ୍ମଦ ଅଭାହର — ୩ୟ ଶ୍ରେଣୀ
ପୂର୍ଣ୍ଣାନନ୍ଦ ସିଂହ — " "
କୃଷ୍ଣଚନ୍ଦ୍ର ରାୟ — " "
ଅର୍ତ୍ତବନ୍ଧୁ ଘୋଷ — " "
ଗୌରଚରଣ ଦାସ — " "

ପୁରୀଜିଲ୍ଲା ସ୍କୁଲ ।

ଗଙ୍ଗାଧର ମିଶ୍ର — ୨ୟ ଶ୍ରେଣୀ
ଜଗଦାନନ୍ଦ ପଟ୍ଟନାୟକ — ୩ୟ ଶ୍ରେଣୀ
ବନମାଳୀ ଦାସ — " "

ବାଲେଶ୍ୱର ଜିଲ୍ଲା ସ୍କୁଲ ।

ଗଜେନ୍ଦ୍ରନାରାୟଣ ଦତ୍ତ — ୩ୟ ଶ୍ରେଣୀ
ଶ୍ରୀବନ୍ଧୁ ନନ୍ଦ — " "
ଯଦୁନାଥ ଘୋଷ — " "

---

ନିମ୍ନଲିଖିତ ବିଜ୍ଞାପନଟି କଲେକ୍ଟର ସାହେବଙ୍କଠାରୁ ପ୍ରାପ୍ତ ହୋଇ ସର୍ବସାଧାରଣଙ୍କ ଗୋଚରାର୍ଥେ ପ୍ରକାଶ କରୁଅଛୁଁ ।

ଫୋର୍ଟ ଉଇଲିୟମ୍, ତା ୨୮ ରଖ ଡିସମ୍ବର ୧୮୭୭

ସନ ୧୮୭୭ ସାଲର ଲବଣ ଆଇନର ୧୧ଧାରା ଅନୁସାରେ ମହାମାନ୍ୟ ଗବର୍ଣ୍ଣର ଜେନରଲ ଇନ୍‌କନସଲ ଆଜ୍ଞା ଦେଇଅଛନ୍ତି କି ସନ ୧୮୭୪ ସାଲ ୭ଆଇନ (ବଙ୍ଗଲା) ଅନୁସାର ପର୍ଯ୍ୟାକ୍ରମେ ଓଡିଶାରେ ପୋକ୍ତାନ ହୋଇଥିବା ଲୁଣ ଉପରେ ଅଜନ୍ଧାରଖ ଓ ଏଥିଉତ୍ତାରୁ ପ୍ରତି ବଙ୍ଗଳା ମହଣ ଉପରେ ନିମ୍ନଲିଖିତ ପ୍ରକାର କର ଆଦାୟ ହେବ ଯଥା ।—

(କ) ପୁରୀଜିଲ୍ଲାର ଦକ୍ଷିଣସୀମା ଓ ଲୁଣଭଦ୍ରାନଦୀ ମଧ୍ୟସ୍ଥିତ କୌଣସି ସ୍ଥାନରେ ପୋକ୍ତାନ ହୋଇଥିବା ଲୁଣଉପରେ ଟ ୨୲

(ଖ) ଲୁଣଭଦ୍ରା ନଦୀ ଓ କଟକଜିଲ୍ଲାର ଦକ୍ଷିଣ ସୀମା ମଧ୍ୟସ୍ଥିତ କୌଣସି ସ୍ଥାନରେ ପୋକ୍ତାନ ହୋଇଥିବା ଲୁଣ ଉପରେ ଟ ୨୲୵

(ଗ) କଟକଜିଲ୍ଲାର ଦକ୍ଷିଣସୀମା ଓ ମହାନଦୀ ମଧ୍ୟସ୍ଥିତ କୌଣସି ସ୍ଥାନରେ ପୋକ୍ତାନ ହୋଇଥିବା ଲୁଣ ଉପରେ ଟ ୨୲

(ଘ) ମହାନଦୀ ଓ ଧାମରାନଦୀ ମଧ୍ୟସ୍ଥିତ କୌଣସି ସ୍ଥାନରେ ପୋକ୍ତାନ ହୋଇଥିବା ଲୁଣ ଉପରେ ଟ ୨୲୵

(ଚ) ଧାମରା ଓ କାଁସବାଁସ ନଦୀ ମଧ୍ୟସ୍ଥିତ କୌଣସି ସ୍ଥାନରେ ପୋକ୍ତାନ ହୋଇଥିବା ଲୁଣ ଉପରେ ଟ ୩୯

(ଛ) କାଁସବାଁସ ନଦୀ ଓ ବାଲେଶ୍ୱର ଜିଲ୍ଲାର ଉତ୍ତରସୀମାସ୍ଥିତ କୌଣସି ସ୍ଥାନରେ ପୋକ୍ତାନ ହୋଇଥିବା ଲୁଣ ଉପରେ ଟ ୩ ୵

ମାନ୍ଦ୍ରାଜପ୍ରଦେଶରେ ଲୁଣର ମାସୁଲ ମହଣପ୍ରତି ଟ ୨୲ ଓ ବଙ୍ଗଳାପ୍ରଦେଶରେ ଟ ୩୵ ହୋଇଅଛି । ମାନ୍ଦ୍ରାଜଲବଣ ଊଣାମାସୁଲହେତୁ ପୁରୀ ଓ କଟକଜିଲ୍ଲାକୁ ରେଲ୍ ଅଥବା ଅନ୍ୟପ୍ରକାରରେ ଅଧିକ ଆମଦାନୀ ହେବାର ସମ୍ଭାବନା ଥିବାରୁ ତାହା ନିବାରଣ ଉଦ୍ଦେଶରେ ଉପରଲିଖିତ ନିୟମ ହୋଇଅଛି । ଭରସା ହୁଅଇ ଏହାଦ୍ୱାରା ଓଡିଶାର ଲବଣପୋକ୍ତାନ କଣ୍ଟ୍ରାକ୍ଟରମାନେ ଆପଣା୨ ଲୁଣ ବିକ୍ରୟ କରିବାକୁ ଅଧିକ ସୁଯୋଗ ପାଇବେ ଓ ମାନ୍ଦ୍ରାଜଲୁଣ ତାହାଙ୍କର ବାଧା ହୋଇ ପାରବ ନାହିଁ ।

---

ନୂତନଟାକ୍ସ ଓ ରାଜସ୍ୱର ବନ୍ଦୋବସ୍ତ ।

ଆମ୍ଭେମାନେ ଗତସପ୍ତାହରେ କହିଥିଲୁଁ ଯେ ଦୁର୍ଭିକ୍ଷର ବ୍ୟୟ ନିର୍ବାହ ଉଦ୍ଦେଶରେ ରାଜସ୍ୱମନ୍ତ୍ରୀ କେତେଗୁଡିଏ ପ୍ରସ୍ତାବ କରିବେ । ଗତମାସ ତା ୨୭ ରଖ ମଧ୍ୟାହ୍ନକାଳରେ ମହାମାନ୍ୟ ଗବର୍ଣ୍ଣର ଜେନରଲଙ୍କ ବ୍ୟବସ୍ଥା ପତ୍ର ସଭାରେ ରାଜସ୍ୱମନ୍ତ୍ରୀ ସର ଜ୍ନ ଷ୍ଟ୍ରାଚି ସାହେବ ଉକ୍ତ ପ୍ରସ୍ତାବ କରିଥିଲେ । ତହିଁର ସଂକ୍ଷେପ ବିବରଣ ଆମ୍ଭେମାନେ ଏଠାରେ ପ୍ରକାଶ କରୁଅଛୁଁ ।

ରାଜସ୍ୱମନ୍ତ୍ରୀ କହିଲେ ଯେ ଦୁର୍ଭିକ୍ଷ ଭାରତବର୍ଷର ଅସାଧାରଣ ଘଟଣା ନୁହଇ ସୁତରାଂ ରାଜସ୍ୱରୁ ଏଥିର ବ୍ୟୟ ନିର୍ବାହର ବିଧାନ ହେବ ଗତ ପାଞ୍ଚବର୍ଷରେ ୧୬ କୋଟି ଟଙ୍କା ଦୁର୍ଭିକ୍ଷ ସାହାଯ୍ୟରେ ବ୍ୟୟ ହୋଇଅଛି । ବର୍ତ୍ତମାନର ଦୁର୍ଭିକ୍ଷର ବ୍ୟୟ ୯ କୋଟି ଟଙ୍କାରୁ ଅଧିକ ଅଟଇ । ଏମନ୍ତ ଭୟଙ୍କର ଦୁର୍ଭିକ୍ଷ ନିକଟ ରେ ପଡଇ ନାହିଁ । ହାରାହାରି ବାର୍ଷିକ ଦୁର୍ଭିକ୍ଷ ବ୍ୟୟ ୧୫ କୋଟି ଟଙ୍କା ହୋଇପାରେ । ଦୁର୍ଭିକ୍ଷ ପୂର୍ବରେ ଭାରତବର୍ଷର ଆୟ ବ୍ୟୟ ପ୍ରାୟ ସମାନ ଥିଲା ମାତ୍ର ବ୍ୟୟ ଅପେକ୍ଷା ନିତାନ୍ତ ପକ୍ଷରେ ଅଧକୋଟି ଟଙ୍କା ଅଧିକା ଆୟ ହେବାର ଉଚିତ ସୁତରାଂ ଦୁଇକୋଟି ଟଙ୍କା ଆୟ ବୃଦ୍ଧି କରିବାର ଆବଶ୍ୟକ । ଏଥିରୁ ଦେଖାଯାଏ ଯେ ଗତ ସାତବର୍ଷରେ ସିବିଲମହକୁମାର ବ୍ୟୟରୁ ଦେଢ଼କୋଟି ଟଙ୍କା ଊଣା ହୋଇଅଛି । ଏ ବିଷୟରେ ଆଉ ଅଧିକ ଊଣା ହେବାର ଆଶା ନାହିଁ । ସୈନିକବ୍ୟୟ ଗତ ଛଅବର୍ଷରେ ଏକକୋଟି ଟଙ୍କା ବଢିଅଛି । ଏ ବୃଦ୍ଧିର ପ୍ରଧାନ କାରଣ ଇଂଲଣ୍ଡର ବ୍ୟୟ ଓ ତାହା ଇଣ୍ଡିଆ ଗବର୍ଣ୍ଣମେଣ୍ଟଙ୍କର କ୍ଷମତାର ଅତୀତ ଅଟଇ ତେବେ ଏତିକି ଭରସା ଅଛି ଯେ ଏ ବ୍ୟୟ ଆଉ ବଢିବ ନାହିଁ । ଏହି ବର୍ଷମଧ୍ୟରେ ଆୟ ବ୍ୟୟ ବାଣ୍ଟି ଦେବାର ଯେଉଁ ନିୟମ ହୋଇଅଛି ତଦ୍ଦ୍ୱାରା ୪୦ ଲକ୍ଷ ଟଙ୍କା ଲାଭ ହେବାର ସମ୍ଭାବନା ଏହା ଛଡା ବଙ୍ଗଳାରେ ନୂତନ ଟାକ୍ସଦ୍ୱାରା ୩୦ ଲକ୍ଷ ଟଙ୍କା ଉଠିବାର ନିୟମ ହୋଇଅଛି ସୁତରାଂ ଦୁର୍ଭିକ୍ଷ ବ୍ୟୟ ଦେଢ଼କୋଟି ମଧ୍ୟରୁ ଉପରଲିଖିତ ରୂପେ ୭୦ ଲକ୍ଷ ଟଙ୍କା ମିଳିଲେ ଅବଶିଷ୍ଟ ୮୦ ଲକ୍ଷର ପ୍ରୟୋଜନ ହେଉଅଛି । ଏଥିରୁ ପ୍ରସ୍ତାବ ହେଲା ଯେ ଏହି ଟଙ୍କାର ଏକଅଂଶ ଭାରତବର୍ଷର ସକଳ ସ୍ଥାନରେ ଲାଇସେନ୍ସ ଟାକ୍ସଦ୍ୱାରା ଆଦାୟ ହେବ ଓ ଅପରଅଂଶ ଉତ୍ତର ଭାରତବର୍ଷରେ ସ୍ଥାନୀୟ କରଦ୍ୱାରା ଆଦାୟ ହେବ । ଲାଇସେନ୍ସ ଟାକ୍ସର ଊର୍ଦ୍ଧ୍ୱ ସଂଖ୍ୟା ଟ୨୦୦୦ ଟଙ୍କା ହେବ ଓ ସ୍ଥାନୀୟ କର ଖଜଣା ଉପରେ ଶତକଡ଼ା ଏକଟଙ୍କାରୁ ଅଧିକ ହେବ ନାହିଁ । ଏ ଉଭୟରୁ ପ୍ରତ୍ୟେକ ପ୍ରଦେଶରେ ନୂତନ ଟାକ୍ସ ବସିବ ଓ ତହିଁରୁ ସେ ପ୍ରଦେଶର ପ୍ରୟୋଜନ ପୂର୍ଣ୍ଣ ହେଲା ଉତ୍ତାରୁ ଅପର ଦେଶ ସାହାଯ୍ୟ ହେବ । ଏହିରୂପେ ପ୍ରଦେଶମାନେ ପରସ୍ପରକୁ ସାହାଯ୍ୟ କରିବେ ଓ ତଦ୍ଦ୍ୱାରା ଦୁର୍ଭିକ୍ଷ ସକାଶେ ଏକତ୍ରଭାବ ଜମା ସ୍ଥାପନ ହେବ । ମାନ୍ଦ୍ରାଜ ଓ ବମ୍ବେଇରେ ଭୂମି ଉପରେ କୌଣସି ଟାକ୍ସ ବସିବ ନାହିଁ ।

ଏହି ସମୟରେ ଲବଣକର ଊଣା ସକଳ ସ୍ଥାନରେ ସମାନ କରିବାର ଗବର୍ଣ୍ଣମେଣ୍ଟ ଯାହା ଅନେକଦିନରୁ ଇଚ୍ଛା କରିଥିଲେ ତାହା କେତେକ ପରିମାଣରେ ପୂର୍ଣ୍ଣ ହେଲା । ଅର୍ଥାତ ଟଙ୍କା ନାଅଣ୍ଟ ଥିବାରୁ ବମ୍ବେଇ ଓ ମାନ୍ଦ୍ରାଜର କର ସଙ୍ଗେ ବଙ୍ଗଳାର କର ସମାନ ହୋଇ

Digitized by srujanika@gmail.com

ନ ପାରେ । ଭବିଷ୍ୟତରେ ସମସ୍ତ ଭାରତବର୍ଷରେ ଲବଣକର ମହଣ ପ୍ରତି ଟ ୨ ୪ ହେବ । ବର୍ତ୍ତମାନ ମାନ୍ଦ୍ରାଜ ଓ ବମ୍ବେଇର ଭଉ ଏହିପର୍ଯ୍ୟନ୍ତ ବୃଦ୍ଧି ହେଲା । ଉତ୍ତର ଭାରତବର୍ଷରେ ମହଣ ପ୍ରତି ଚାରିଅଣା ଊଣା ହୋଇ ଟ ୨ ୪ ରହିଲା ଓ ବଙ୍ଗଳାରେ କେବଳ ଦୁଇଅଣା ଊଣା ହୋଇ ଟ ୩ ୪ ରହିଲା । ଏରୂପେ ଚାରିକୋଟି ସତୁରିଲକ୍ଷ ଲୋକଙ୍କର ଟାକ୍ସ ବୃଦ୍ଧି ଓ ଏକକୋଟି ଛୟଗଲକ୍ଷ ଲୋକଙ୍କର ଟାକ୍ସ ଊଣା ହେଲା । ଏଥିରେ ଏ ବର୍ଷ ୩୦ ଲକ୍ଷ ଟଙ୍କା ଅଧିକା ଆୟ ହେବ ଓ ଅନ୍ୟାନ୍ୟ ଆୟର ବୃଦ୍ଧି ସହିତ ମୋଟରେ ୫୦ ଲକ୍ଷ ଟଙ୍କା ଅଧିକା ଆୟ ହେବାର ସମ୍ଭାବନା ଅଛି ।

ଉପରଲିଖିତ ମର୍ମରେ ଲବଣକରର ଆଇନ ଜାରି ହୋଇଅଛି । ଏ ଆଇନ ଜାରିରେ ବିଳମ୍ବ ହେଲେ ପଛେ ମହାଜନମାନେ ଆଗଭୁରା ଲୁଣ ଅଣାଇ କିଛିକାଳ ଗବର୍ଣ୍ଣମେଣ୍ଟଙ୍କୁ ଅଧିକା କରରୁ ବଞ୍ଚିତ କରନ୍ତେ ଏଥିପାଇଁ ଆଇନଟି ଶୀଘ୍ର ଜାରି ହେଲା । ଅନ୍ୟ ଆଇନମାନ ଏପଛେ ଜାରି ହେବ ।

---

ଭାରତେଶ୍ବରୀ ପଦଗ୍ରହଣର
ପ୍ରଥମବାର୍ଷିକ ।

ଗତବର୍ଷ ଏହିକାଳରେ ଭାରତେଶ୍ବରୀ ପଦ ଗ୍ରହଣ ଉପଲକ୍ଷରେ ଯେମନ୍ତ ଉତ୍ସବ ଏ ନଗରରେ ହୋଇଥିଲା ଏ ବର୍ଷ ତେତେ ଆଡ଼ମ୍ବରରେ ଓ ସମସ୍ତପ୍ରକାର ଆମୋଦର ଅନୁଷ୍ଠାନ ହୋଇ ନ ଥିଲେହେଁ ପ୍ରଥମ ବାର୍ଷିକ ପ୍ରତିପାଳନରେ ସାମାନ୍ୟ ଆନନ୍ଦ ଲାଭ ହୋଇ ନାହିଁ । ନବବର୍ଷର ଅରମ୍ଭ ଦିନରେ ଶ୍ରୀଯୁକ୍ତ କମିଶନର ସାହେବ ଲାଲବାଗ କୋଠିଠାରେ ଏକ ବୈଠକ ରଚନା କରିଥିଲେ । ନଗରବାସୀ ସମସ୍ତ ଶ୍ରେଣୀର ଭଦ୍ରଲୋକମାନେ ସେଠାକୁ ଆମନ୍ତ୍ରିତ ହୋଇଥିଲେ । କୋଠିହତାରେ ଶାମିଆନାମାନ ଟଣା ଯାଇ ବୈଠକଗୃହ ରଚନା ହୋଇଥିଲା ଓ ତାହାର ଅଧିକାଂଶ ଦୀପମାଳାରେ ସଜ୍ଜିତ ହୋଇଥିଲା । ବୈଠକଘର ମଧ୍ୟରେ ବଲ୍ଲୋରିଝାଡ଼ ଗିଲାସ ଇତ୍ୟାଦି ବତୀର ରୋଷନାଇ ଓ ହତାରେ ତେଲର ରୋଷନାଇ ଦିଆ ଯାଇଥିଲା । ସଜାଇବାର ଭଙ୍ଗୀରେ ସେସମସ୍ତ ଅତ୍ୟନ୍ତ ଚମତ୍କାର ଦିଶୁଥିଲା । ବୈଠକଘରେ ଉତ୍ତମ ଗାଲିଚା ଉପରେ ଚୌକି ମେଜମାନ ନାନାଭାବରେ ରଖା ଯାଇଥିଲା । ଓ ଠାବ୨ ରେ ବଡ଼୨ ତକିୟା ସହିତ ତଳେ ବସିବାର ବିଛଣା ମଧ୍ୟ ଥିଲା । କେଉଁ ମେଜ ଉପରେ ଛବି ଓ ତାହା ଦେଖିବାର ଯନ୍ତ୍ର, କେଉଁଠାରେ ଛବିପୂର୍ଣ୍ଣ ପୁସ୍ତକମାନ, କାହିଁରେ ଅଣୁବୀକ୍ଷଣ ଓ ତହିଁରେ ଦେଖିବାର ଛବି, କେଉଁଠାରେ ଚୁମ୍ବକପଥରର ଖେଳଣା ଓ କେତେ ମେଜ ଉପରେ ତାସ, ସତରଞ୍ଜ ଇତ୍ୟାଦି ଖେଳ ସ୍ଥାପିତ ହୋଇଥିଲା ଓ ଚୌକିର ଆପଣା ସ୍ୱଭାବ ହେତୁରୁ ବସିବା ବିଛଣା ଉପରେ ବିରାଜମାନ ହୋଇଥିଲେ । ରାତ୍ରି ୮ ଘଣ୍ଟା ସମୟରେ ଆମନ୍ତ୍ରିତ ବ୍ୟକ୍ତିମାନଙ୍କର ଆସିବାର ଆରମ୍ଭ ହେଲା ଓ ଅଳ୍ପକ୍ଷଣ ମଧ୍ୟରେ ବୈଠକଘର ପୂର୍ଣ୍ଣ ହୋଇଗଲା । ଇଂରେଜ ଓ ଦେଶୀୟଙ୍କ ମଧ୍ୟରେ କିଛିମାତ୍ର ପ୍ରଭେଦ ଦେଖାଗଲା ନାହିଁ ସମସ୍ତେ ପରସ୍ପର ବନ୍ଧୁଭାବରେ ମିଶି କଥାବାର୍ତ୍ତା ଓ ଆମୋଦ ପ୍ରମୋଦରେ ପ୍ରମତ୍ତ ହେଲେ । କିଏ କାହାସଙ୍ଗେ ଖେଳିବାରେ ବା କଥା କହିବାରେ ବା ଛବି ଦେଖିବାରେ ମାତିଲା ତାହାର ବର୍ଣ୍ଣନ କିଏ କରିପାରେ । ଫଳତଃ ସମସ୍ତଙ୍କ ମନ ଆନନ୍ଦରେ ପରିପୂର୍ଣ୍ଣ ଥିଲା ଓ ମୁଖଶ୍ରୀରେ ତାହା ଅଭ୍ରାନ୍ତ ରୂପେ ପ୍ରକାଶ ପାଉଥିଲା । ଏକ ମେଜ ଉପରେ ଆମ୍ଭେମାନେ ଦେଖିଲୁଁ ଯେ ଗତବର୍ଷର ପ୍ରସ୍ତାବିତ ଭାରତେଶ୍ବରୀ ପଦଗ୍ରହଣ ସ୍ମରଣାର୍ଥ ମନ୍ଦିରର ନକ୍ସା ଓ ଇଷ୍ଟିମେଟ ରହିଥିଲା । ଅଟ୍ଟାଳିକାର ନକ୍ସା ବଡ଼ ସୁନ୍ଦର ହୋଇଅଛି ଓ ଭଦ୍ରଲୋକମାନେ ତାହା ଦେଖି ପ୍ରଶଂସା କରୁଥିଲେ ଆମ୍ଭେମାନେ ମଧ୍ୟ ସେହି କାଳରେ ନକ୍ସା ଓ ଦର୍ଶକଙ୍କର ଭାବ ଦେଖି ହର୍ଷବିଷାଦରେ ପଡ଼ିଗଲୁଁ । ଏମନ୍ତ ସୁନ୍ଦର ଘରଟି ଏ ନଗରରେ ପ୍ରସ୍ତୁତ ହେବ ଓ ଆମ୍ଭେମାନେ ସ୍ୱଦେଶୀୟ ଓ ବିଦେଶୀୟ ଭ୍ରାତାଙ୍କ ସହିତ ତହିଁରେ ବସି ନାନା ଆମୋଦ ପ୍ରମୋଦରେ କାଳ କଟାଇ ଭାରତେଶ୍ବରୀଙ୍କ ପ୍ରତି ରାଜଭକ୍ତି ପ୍ରକାଶ ଓ ତାହାଙ୍କର ମଙ୍ଗଳକାମନା କରିବୁଁ ଏହା ଭାଳିଲାବେଳକୁ ଆନନ୍ଦରେ ମନ ଫୁଲି ଉଠିଲା । କିନ୍ତୁ ତହିଁ ପଛେ୨ ମନେ ହେଲା ଯେ ଏକବର୍ଷ କାଳ ଗତ ହେଲା ଅଦ୍ୟାବଧି ନିଅଁ ପଡ଼ିବାର ଚିହ୍ନ ଥାଉ ସ୍ୱାକ୍ଷରିତ ଟଙ୍କା ସୁଦ୍ଧା ହାତକୁ ଆସିଲା ନାହିଁ ଏ ଅବସ୍ଥାରେ ଯେ କେବେ ଏ ଘରେ ବସି ଆଶା ପୂର୍ଣ୍ଣ କରିବୁଁ ଏଥିର ଥୟ କି । ଏହି ଭାବନାରେ ମନ ବଡ଼ ସନ୍ତାପିତ ହେଲା । ଅଥଚ ଭରସା ଅଛି ଯେ ଚନ୍ଦା ଦାତା ଓ ଅପର ଧନିମାନେ ମନୋଯୋଗୀ ହେଲେ ଏହି ବର୍ଷ ମଧ୍ୟରେ ଏ ଘରଟି ନିର୍ମାଣ ହୋଇ ପାରେ ଓ ଯେବେ ଆଗାମୀ ବର୍ଷରେ ଏହି ଘରେ ବସି ବାର୍ଷିକଉତ୍ସବ କରାଯାଇବୁଁ ତେବେ କେଡ଼େ ସୁଖର ବିଷୟ ହେବ । ଆମ୍ଭେମାନେ ସର୍ବସାଧାରଣଙ୍କୁ ଅନୁରୋଧ କରୁଅଛୁଁ ଯେମନ୍ତ ଏ କାର୍ଯ୍ୟଟି କାହାର ମନରୁ ପାସୋର ନ ଯାଏ ଓ ସମସ୍ତେ ଏଥିପାଇଁ ତତ୍ପର ହୁଅନ୍ତୁ । ଯାହା ହେଉ- ଆମ୍ଭମାନଙ୍କ ବିବେଚନାରେ ଏହି ସଭରେ ଉକ୍ତ ଅଟ୍ଟାଳିକାର ନକ୍ସା ଦେଖାଇ ତହିଁ ପ୍ରତି ସମସ୍ତଙ୍କ ମନ ଆକର୍ଷଣ କରିବାର ବନ୍ଦୋବସ୍ତଟି ଉତ୍ତମ ହୋଇଥିଲା । ସଭା ବିଷୟରେ ଆଉ କିଛି ବକ୍ତବ୍ୟ ନାହିଁ ସଭାଟି ସମ୍ୟକ୍ ପ୍ରକାରରେ ସଫଳ ହୋଇଥିଲା ଏବଂ ପଲଟନର ତମ୍ବୁରିମାନେ ଆସି ମଧ୍ୟରେ ଏକତ ବାଜା ବଜାଇବାଦ୍ୱାରା ଆନନ୍ଦ ବଢ଼ାଇ ଥିଲେ । ରାତ୍ରି ଘ ୧୧ ଟା ପର୍ଯ୍ୟନ୍ତ ଏ ସଭା ଥିଲା କିନ୍ତୁ ସମସ୍ତେ ଶେଷ ପର୍ଯ୍ୟନ୍ତ ନ ରହି ଯେ ଯେତେବେଳେ ଆପଣା ଇଚ୍ଛାରେ ଫେରି ଆସିଲେ ।

---

ଅଭିନବ ସାମାଜିକ ବୈଠକ ।

ଇଉରୋପୀୟ ବିଶେଷରେ ଇଂରେଜପୁରୁଷ ଓ ଦେଶୀୟଲୋକେ ଏକତ୍ରେ ମିଶି ଆମୋଦ ପ୍ରମୋଦ କରିବାର ପ୍ରଥା ଗତବର୍ଷ ଦରବାର ଉପଲକ୍ଷରେ ଏ ପ୍ରଦେଶରେ ପ୍ରଥମେ ଦେଖାଗଲା । ଶ୍ରୀମତୀ ଇଂଲେଣ୍ଡେଶ୍ବରୀଙ୍କ ଭାରତେଶ୍ବରୀ ପଦ ଗ୍ରହଣର ସେଟିଏ ସାକ୍ଷାତ୍ ସୁଫଳସ୍ୱରୂପ ଆମ୍ଭେମାନେ ଉକ୍ତ ଘଟନାକୁ ମନେ କରିଥିଲୁଁ । ତହିଁଉତ୍ତାରୁ ଶ୍ରୀଯୁତ ବାଡନ୍ ସାହେବ ଏ ଜିଲାକୁ ଆସି ଦୁଇଥର ଦେଶୀୟଲୋକଙ୍କୁ ଆପଣା କୋଠିକୁ ଆମନ୍ତ୍ରଣ କରି ଖେଳ ଇତ୍ୟାଦି ଆମୋଦ କରିବାଦ୍ୱାରା ଇଂରେଜ ଲୋକଙ୍କର ଦେଶୀୟଲୋକଙ୍କ ସହିତ ଅଧିକତର ସଦ୍ଭାବ ସ୍ଥାପନର ପଥ ପରିଷ୍କାର କଲେ । କିନ୍ତୁ ତହିଁରେ ମଧ୍ୟ ଆମ୍ଭମାନଙ୍କର ସମ୍ପୂର୍ଣ୍ଣ ତୃପ୍ତି ଲାଭ ହୋଇ ନ ଥିଲା ଓ ଆମ୍ଭେମାନେ ଦେଶୀୟଲୋକଙ୍କ ଘରେ ଇଂରେଜମାନଙ୍କର ଆମନ୍ତ୍ରଣ ସ୍ୱୀକାର କରିବାର କଥା ଦେଖିବାକୁ ବଡ଼ ଆଶା କରିଥିଲୁଁ । ଏପରି ଘଟନା କଟକରେ ଅବଧି ହୋଇ ନ ଥିଲା କେବଳ ବହୁତ ଦିନ ତଳେ ଥରେ ବାବୁ ବୈଦ୍ୟନାଥ ପଣ୍ଡିତଙ୍କ ଘରଠାକୁ ସରକସ୍ ଦେଖିବା ସକାଶେ ଇଂରେଜମାନେ ଆସିଥିଲେ ମାତ୍ର ସମ୍ପୂର୍ଣ୍ଣରୂପ ମିଶାମିଶି ହୋଇ ନ ଥିଲା । ଏହିବର୍ଷ ବାଲେଶ୍ବରରେ ଶ୍ରୀଯୁତ ବାମସ୍ ସାହେବ ଦୁଇ ତିନି ଜଣ ଦେଶୀୟ ସମ୍ଭ୍ରାନ୍ତବ୍ୟକ୍ତିଙ୍କ

Split by PDF Splitter

Digitized by srujanika@gmail.com

Split by PDF Splitter



ଘରକୁ ଯାଇଥିଲେ ମାତ୍ର ତହିଁର ଉଦ୍ଦେଶ୍ୟ ଭିନ୍ନ ଥିଲା । ଶ୍ରୀଯୁକ୍ତ ବାବୁ ଜଗନ୍ମୋହନ ରାୟଙ୍କ ଘରଠାରେ ଗତ ତା ୨ ଇଣ ରାତ୍ରରେ ଯେଉଁ ବୈଠକ ହୋଇଥିଲା ତାହାକୁ ପ୍ରକୃତ ପ୍ରଥମ ସାମାଜିକ ବୈଠକ ବୋଲିବାକୁ ହେବ ଯେଉଁମାନେ ଇତ୍ୟାଦି ଦେଖିଅଛନ୍ତି ସେମାନେ ଏକବାକ୍ୟରେ କହୁଅଛନ୍ତି ଏ କଟକରେ ଏହା ନୂତନ ଅଟଇ । ବାବୁ ଜଗନ୍ମୋହନ ରାୟ ଏ ନଗରର ସମସ୍ତ ସମ୍ଭ୍ରାନ୍ତ ଇଂରାଜଙ୍କୁ ଆମନ୍ତ୍ରଣ କରିଥିଲେ ଏମାନଙ୍କ ସଂଖ୍ୟା ପ୍ରାୟ ୬୫ ଜଣ ହେବ । ଏହିପରିମାଣରେ ଦେଶୀୟଭଦ୍ରଲୋକଙ୍କୁ ମଧ୍ୟ ସେ ଆମନ୍ତ୍ରଣ କରିଥିଲେ । ବୈଠକର ଶୃଙ୍ଖଲା ପ୍ରାୟ ପୂର୍ବେର ପରି ଥିଲା ତେବେ ରୋଷନାଇର ଆଡ଼ମ୍ବର ବହୁତ ହୋଇଥିଲା ଓ ଯେମନ୍ତ ସୁରୁଚିପୂର୍ବକ ଘର ଓ ଅଗଣା ଝାଡ଼ ଲଣ୍ଠନ ଲଟକନ ଫୁଲ ଇତ୍ୟାଦିରେ ସୁସଜ୍ଜିତ ହୋଇଥିଲା ତହିଁ ସଙ୍ଗେ ତୁଳନା ଦେବାକୁ ଗତ ଦରବାରଘର ଛଡ଼ା ଆଉ କିଛି ଦେଖୁ ନାହୁଁ ଫଳତଃ ଏମନ୍ତ ସୁନ୍ଦର ମଜଲିସ ଆମ୍ଭେମାନେ କେବେ ଏଠାରେ ଦେଖି ନାହୁଁ । ବାବୁଙ୍କର ଦୋମହଲା ବୈଠକଖାନାରେ ଜଳପାନର ସ୍ଥାନ ହୋଇଥିଲା ଓ ତଳର ବୈଠକଖାନା ଓ ଅଗଣାରେ ଖେଳ ଇତ୍ୟାଦିର ସମସ୍ତ ସାମଗ୍ରୀ ପ୍ରସ୍ତୁତ ଥିଲା । ପ୍ରାୟ ଆମନ୍ତ୍ରିତ ସମସ୍ତ ଉଚ୍ଚ ଗୁଭର୍ଣ୍ମେଣ୍ଟ ଓ ଅନ୍ୟାନ୍ୟ ଇଂରାଜମାନେ ଆସିଥିଲେ ଓ ଅତ୍ୟନ୍ତ ଆନନ୍ଦ ସହିତ ଖେଳିବା ନାଚ ଦେଖିବା ଓ ଇଚ୍ଛାମତେ ଜଳପାନ ଇତ୍ୟାଦି କରିବାରେ ମଗ୍ନ ହୋଇଥିଲେ । ଦେଶୀୟ ଓ ଇଂରାଜମାନେ ଯାହା ସଙ୍ଗେ ଯାହାର ଭାବ ମିଶାମିଶି ହୋଇ ଆମୋଦ କରିବାରେ ରତ ହେଲେ । ସମସ୍ତ ମଜଲିସ ଏକତା ଭ୍ରାତୃଭାବର ପ୍ରତିମୂର୍ତ୍ତି ହୋଇଥିଲା । ସାହେବମାନେ ସିତାର ଓ ବେହାଲା ବାଦ୍ୟ ଶୁଣି ଓ ଗୋଟିପୋ ଓ ବାଇଙ୍କର ନାଚ ଦେଖି ବଡ଼ ଆନନ୍ଦିତ ହୋଇଥିଲେ । ସବୁ ବ୍ୟାପାର ଲେଖିବାକୁ ସ୍ଥାନ ନାହିଁ ମୋଟରେ ଏହିକଥା ବୋଲିବା ଯଥେଷ୍ଟ ଯେ ଇଂରାଜମାନେ ସ୍ୱଜାତୀୟ ଘରକୁ ଯାଇ ଯେମନ୍ତ ନିଷ୍କପଟ ଭାବରେ ଆମୋଦ ପ୍ରମୋଦ କରନ୍ତି ଏଠାରେ ଠିକ ସେହିପ୍ରାୟ କରିଥିଲେ ଜାତି ଦେଶ କି ବର୍ଣ୍ଣର କଣ୍ଠମାତ୍ର ପ୍ରଭେଦ ମନେ କରିବାର କୌଣସି ଚିହ୍ନ ଦେଖା ଯାଇ ନ ଥିଲା । ଇଂରାଜଙ୍କ ସାମାଜିକପ୍ରଥା ଅନୁସାରେ କ୍ଷୁଦ୍ର ବକ୍ତୃତାମାନ ହୋଇଥିଲା ତହିଁରେ ଆମନ୍ତ୍ରଣରେ ଅତ୍ୟନ୍ତ ଆନନ୍ଦ ଲାଭ ଓ ସଦ୍ଭାବ ବୃଦ୍ଧିର କଥା କହୁଥିଲେ ଏଥିରେ ବାବୁ ରାଜେନ୍ଦ୍ର ମିତ୍ର ଆପଣା ବକ୍ତୃତାରେ ଇଂରାଜୀ କବି ସେକ୍ସପିୟରଙ୍କର ଏହି ବଚନଟି ଯଥା;

"Are we not brothers?
So man & man should be"

ଉଦାହରଣ ସ୍ୱରୂପ କହିବାରୁ ଉପସ୍ଥିତ ଇଂରାଜମାନେ ଆନନ୍ଦରେ ନାଚି ଉଠିଲେ ଓ ତହିଁରେ ପ୍ରତ୍ୟକ୍ଷ ଦେଖାଗଲା ଯେ କେବଳ ଭ୍ରାତୃଭାବ ସେମାନଙ୍କ ମନରେ ପୂରି ରହିଥିଲା । ସଂକ୍ଷେପରେ ବକ୍ତବ୍ୟ ଏହି ଯେ ଏ ବୈଠକଟି ଆଶାତୀତ ସଫଳ ହୋଇଥିଲା ଓ ଦେଶୀୟ ଲୋକଙ୍କ ମଧ୍ୟରେ ବାବୁ ଜଗନ୍ମୋହନ ରାୟ ଯେମନ୍ତ ଏଥିର ପ୍ରଥମ ଅନୁଷ୍ଠାନ କରିବା ସକାଶେ ତେମନ୍ତ ଏହାକୁ ଅତି ଚମତ୍କାରରୂପେ ଆଦ୍ୟ ପ୍ରାନ୍ତ ନିର୍ବାହ କରିବା ସକାଶେ ପ୍ରଶଂସାର ଯୋଗ୍ୟ ହୋଇଅଛନ୍ତି । ଆମ୍ଭେମାନେ ଏତିକି ଆଶା କରୁଁ ଯେ ସମୟାନ୍ତରେ ଏହିପରି ସାମାଜିକ ବୈଠକମାନ ଦେଖିବାରେ ଆସିବ ।

---

## ସାପ୍ତାହିକସଂବାଦ ।

ସାଉଥାଟସନ ନାମକ ଜାହାଜ ଗ୍ଲନ୍ଦବାଇରୁ ଷ୍ଟ୍ରେଲସେଣ୍ଟ ଯାଉଁ ୨ ନେଲେରର ଉତ୍ତର ସମୁଦ୍ର ତଟାରେ ପଡ଼ି ମଗ୍ନ ଯାଇଅଛି । ଜାହାଜର ଲୋକମାନେ ସମସ୍ତେ ବଞ୍ଚି ଅଛନ୍ତି ମାତ୍ର ଜାହାଜ ସମ୍ପୂର୍ଣ୍ଣରୂପେ ନଷ୍ଟ ହୋଇଥିବାର ଜଣାଯାଏ । ଏମନ୍ତ ଦୁର୍ଲଭ ସମୟରେ କେତେ ଷ୍ଟିଲ ଏହିରୂପେ ନଷ୍ଟ ହୋଇଅଛି ।

ବେଲାରୁ ସଂବାଦ ଆସିଅଛି ଯେ ଦୂରଙ୍ଗେ ମାଲବୋହାଇ ଗାଡ଼ି ମାନ୍ଦ୍ରାଜ ରେଲବାଟରେ ଗତମାସ ତା ୧୫ ଇଣ ରାତ୍ରରେ ପୋଡ଼ି ଗଲା । ଅନେକ ଟଙ୍କାର ଦ୍ରବ୍ୟ ଏଥିରେ ନଷ୍ଟ ହୋଇଅଛି ।

ଗତମାସ ତା ୨୦ ଇଣ ଉତ୍ତାରୁ କର୍ଣ୍ଣୁଲ ଜିଲ୍ଲାରୁ ଦୁର୍ଭିକ୍ଷ ସାହାଯ୍ୟକର୍ମଚାରୀମାନେ ବିଦାୟ ହୋଇଯିବେ ଅତ୍ୟନ୍ତ ସୁଖର ସଂବାଦ ଅଟଇ ।

ଭାରତବର୍ଷର ସୈନ୍ୟାଧ୍ୟକ୍ଷ ଗବର୍ଣ୍ଣମେଣ୍ଟ ଇଣ୍ଡିଆଙ୍କ ଆଜ୍ଞାକ୍ରମେ ବିଧାନ କରିଅଛନ୍ତି କି ପ୍ରତିବର୍ଷ ଜାନୁଆରୀ ମାସ ତା ୧ ଇଣରେ ଭାରତେଶ୍ୱରୀଙ୍କ ପଦଗ୍ରହଣ ବାର୍ଷିକ ଉପଲକ୍ଷରେ ପଲଟନ ଥିବା ସ୍ଥାନମାନଙ୍କରେ ପରେଡ଼ ଓ ସଲାମି ତୋପ ହେବ ।

ପୁଲିସର ଇନ୍ସପେକ୍ଟର ଜେନେରଲ ମସ୍ତେ ସାହେବ ଗବର୍ଣ୍ଣମେଣ୍ଟ ଇଣ୍ଡିଆଙ୍କ ବିଶେଷ ଅନୁମତିକ୍ରମେ ଚଳିତବର୍ଷ ମାର୍ଚ୍ଚମାସ ତା ୩୧ ଇଣ ପର୍ଯ୍ୟନ୍ତ କର୍ମରେ ରହିବେ ତହିଁ ଉତ୍ତାରୁ ପେନସନ ନେବେ । ଗବର୍ଣ୍ଣମେଣ୍ଟ ବଙ୍ଗାଳଙ୍କ ପ୍ରସ୍ତାବମତେ ଏ ଆଜ୍ଞା ହୋଇଅଛି କାରଣ ମସ୍ତେ ସାହେବ କଷ୍ଟତ ପୁଲିସର ବ୍ୟୟ ଊଣା କାର୍ଯ୍ୟର ଉନ୍ନତି ପକ୍ଷରେ ଅନେକ ବିଧାନ କରୁଅଛନ୍ତି ।

ମାନ୍ଦ୍ରାଜରୁ ଭାରତାଯୋଗେ ସଂବାଦ ଆସିଅଛି କି ଦୁର୍ଭିକ୍ଷ ସାହାଯ୍ୟପ୍ରାପ୍ତ ବ୍ୟକ୍ତିଙ୍କ ସଂଖ୍ୟା ଅଧିକ ଊଣା ହୋଇ ବର୍ତ୍ତମାନ କେବଳ ୪୭୫,୦୦୦ ବାକୀ ଅଛନ୍ତି । ମୂଲ୍ୟ ସବୁଠାରେ ଊଣା ହେଉଅଛି ।

କଦାପା ଜିଲ୍ଲାରେ କ୍ଷେତରେ ପୋକ ଲାଗି ଫସଲ ନଷ୍ଟ କରୁଅଛନ୍ତି ମାତ୍ର ସୁଖର ବିଷୟ ଯେ ଅଧିକ ପରିମାଣ ଭୂମିରେ ଏ ବିପଦ ସଞ୍ଚାରିତ ହୋଇ ନାହିଁ । ଯେଉଁଠାରେ ପୋକ ଲାଗି ଅଛନ୍ତି ସେଠାରେ ସମ୍ପୂର୍ଣ୍ଣ କ୍ଷତି ହୋଇଅଛି ।

କଲିକତାର ବିଜ୍ଞାନସଭାର ସାହାଯ୍ୟ ନିମିତ୍ତ ପାଇକପଡ଼ା ରାଜବଂଶର କୁମାର କାନ୍ତିଚନ୍ଦ୍ର ସିଂହ ଦୁଇସହସ୍ର ଟଙ୍କା ଦାନ କରିଅଛନ୍ତି ।

ହନୁପେନ୍ତ୍ରି ଅଟ ଶୁଣି ଅଛନ୍ତି କି ଯଦ୍ୟପି ସୀମାପ୍ରଦେଶର ଶାସନ ସକାଶେ ଗୋଟିଏ ନୂତନ ଗବର୍ଣ୍ଣମେଣ୍ଟ ଶୀଘ୍ର ସ୍ଥାପିତ ହେବାର ଆଜ୍ଞା ଅଛି । ମାତ୍ର ମଧ୍ୟପ୍ରଦେଶ ଉଠି ଯିବାର ପ୍ରସ୍ତାବ ଶୀଘ୍ର କାର୍ଯ୍ୟରେ ପରିଣତ ହେବ ନାହିଁ । ଏହା ଦୁଃଖର ବିଷୟ ଅଟଇ ।

---

ବିଜ୍ଞାପନ ।

ସନ ୧୮୭୮।୭୯ ମସିହାର ନୂତନପଞ୍ଜିକା ପ୍ରସ୍ତୁତ ହୋଇ ବିକ୍ରୟ ହେଉଅଛି ।

ମୋଫସଲ ଗ୍ରାହକମାନଙ୍କୁ ଖଣ୍ଡେ ଦାମ ଦୁଇଖଣ୍ଡରେ ଟ ୦ ୵ ଡାକମାସୁଲ ପଡ଼ିବ ଖ ୫ ଣ୍ଡ ବା ତହିଁରୁ ଅଧିକ ଏକତ୍ର ନେଲେ ଡାକମାସୁଲ ପଡ଼ିବ ନାହିଁ ।

ଯେ କେହି ଶହେଖଣ୍ଡ ବା ତହିଁରୁ ଅଧିକ ନଗଦ ମୂଲ୍ୟରେ ଖରିଦ କରିବେ ତାହାଙ୍କୁ ଶତକଡ଼ା ଟ ୧୫୲ ଙ୍କା ଲେଖାଏ କମିଶନ ଦିଆଯିବ ।

---

ଏହି ଉତ୍କଳଦୀପିକା ସହରକଟକ ଦରଘାବଜାର କଟକ ପ୍ରିଣ୍ଟିଂକମ୍ପାନିଙ୍କ ଯନ୍ତ୍ରାଳୟରେ ମୁଦ୍ରିତ ଓ ପ୍ରକାଶିତ ହେଲା ।

Digitized by srujanika@gmail.com

## ପ୍ରେରିତପତ୍ର ।

ପରମପୂଜନୀୟ ଶ୍ରୀଯୁକ୍ତ ଉତ୍କଳଦୀପିକା ସମ୍ପାଦକ ମହାଶୟ ସମୀପେଷୁ ।

ମହାଶୟ ! ନିମ୍ନଲିଖିତ କତିପୟ ପଂକ୍ତିକୁ ଆପଣଙ୍କର ପ୍ରଶଂସ୍ୟ ପତ୍ରିକାରେ ସ୍ଥାନଦାନ କରି ବାଧିତ କରିବେ ।

ଇଂଗଲଣ୍ଡେଶ୍ୱରୀ ମହାରାଜ୍ଞୀଙ୍କର ଗତ ବର୍ଷ ଜାନୁଏରୀ ମାସ ପହିଲା ତାରିଖରେ ଭାରତେଶ୍ୱରୀ ଉପାଧି ଧାରଣୋପଲକ୍ଷେ ଭାରତର ଦେଶ ବିଦେଶରେ ଅସାମାନ୍ୟ ଉତ୍ସବ ହୋଇଥିଲା । ଏ ବର୍ଷ ମଧ୍ୟ ତାହାର ସ୍ମରଣାର୍ଥ ଅନେକ ସ୍ଥାନରେ ଭାରତେଶ୍ୱରୀଙ୍କ ପ୍ରଜାବର୍ଗ ସେହି ଦିବସଟି ଆମୋଦ ପ୍ରମୋଦରେ ଯାପନ କରିଅଛନ୍ତି । ଗତ ବର୍ଷ କଟକରେ ରାଜକୀୟ ଦରବାର ହୋଇଥିବାରୁ ପୁରୀ ଓ ବାଲେଶ୍ୱରର ସମସ୍ତ ସମ୍ଭ୍ରାନ୍ତ ବ୍ୟକ୍ତିମାନେ ସେଠାରେ ଉପସ୍ଥିତ ଥିଲେ ସୁତରାଂ ଉକ୍ତ ଦୁଇନଗର ସେହି ଉତ୍ସବର କିଛିମାତ୍ର ଅଂଶ ଭୋଗ ନ କରି ସେ ସମୟରେ ଅତିଶୟ ନିରାନନ୍ଦ ହୋଇ ପଡିଥିଲା । ଏ ସମ୍ୱତ୍ସର ପୁରୀର ମହାରାଜା ଶ୍ରୀ ଦିବ୍ୟସିଂହଦେବ ଗୋଟିଏ ସଭା ଆହ୍ୱାନ କରି ତହିଁରେ ସ୍ୱୟଂ ସଭାପତିତ୍ୱ ଗ୍ରହଣ କରିଥିଲେ । ସଭାଟିର ଅଧିବେଶନ ପୁରୀ ଇଂରେଜୀସ୍କୁଲର ପ୍ରଶସ୍ତମନ୍ଦିରରେ ହୋଇଥିଲା । ମହାରାଜା ଚାନ୍ଦାଫର୍ଦ୍ଦରେ ଦୁଇଶତ ଟଙ୍କା ସ୍ୱାକ୍ଷର କରିଥିଲେ । ଉପସ୍ଥିତ ସଭ୍ୟମଣ୍ଡଳୀ ମହାରାଜାଙ୍କର ଅଦୃଷ୍ଟପୂର୍ବ ସୌଜନ୍ୟ ଦେଖି ଅତିଶୟ ଆନନ୍ଦିତ ହୋଇଥିଲେ । ଦରବାର ଦିନ ପର୍ଯ୍ୟନ୍ତ ଚାନ୍ଦାଫର୍ଦ୍ଦରେ ସହସ୍ରାବଧି ଟଙ୍କା ଉଠିଥିଲା । ଦରବାର ଗୃହଟି ବଡ଼ଦାଣ୍ଡ ମଧ୍ୟରେ ନିର୍ମିତ ହୋଇଥିଲା ଓ ତହିଁମଧ୍ୟରେ ଗୋଟିଏ ରମଣୀୟ ସିଂହାସନ ଶ୍ରୀଯୁକ୍ତ ମାଜିଷ୍ଟ୍ରେଟ ସାହେବ ଓ ମହାରାଜାଙ୍କ ଉପବେଶନ ନିମନ୍ତେ ରଚିତ ହୋଇଥିଲା । କଟକ ଓ ରମ୍ଭାରୁ ବେଶ୍ୟାମାନେ ଆନୀତ ହୋଇଥିଲେ । ଶ୍ରୀମନ୍ଦିରର ଉପରଭାଗ ପ୍ରଦୀପାବଳିରେ ମଣ୍ଡିତ ହୋଇଥିଲା ଓ ସମୁଦାୟ ବଡ଼ଦାଣ୍ଡରେ ରୋଷନାଇର ବଡ଼ ଧୂମଧାମ ହୋଇଥିଲା ।

ଶ୍ରୀଯୁକ୍ତ ମାଜିଷ୍ଟ୍ରେଟ ସାହେବ ମହୋଦୟଙ୍କୁ କତିପୟ ଭଦ୍ରଲୋକେ ଯାଇ ଅଭ୍ୟର୍ଥନା ପୂର୍ବକ ଦରବାର ଗୃହମଧ୍ୟରେ ପ୍ରବେଶ କରାଇଲେ । ତଦାନ୍ତେ ତାହାଙ୍କର ସମ୍ମାନ ପ୍ରଦାନାର୍ଥ ତୋପ ଓ ବନ୍ଧୁକ ଫାଏର ହୋଇଥିଲା । ସଭ୍ୟମାନଙ୍କ ମଧ୍ୟରୁ ଏକବ୍ୟକ୍ତି ଦଣ୍ଡାୟମାନ ହୋଇ ଇଂରେଜୀରେ ଖଣ୍ଡିଏ ଅଭିନନ୍ଦନପତ୍ର ପାଠ କଲେ । ତହିଁରେ ଶ୍ରୀ ଭାରତେଶ୍ୱରୀଙ୍କର ପ୍ରଜାବାତ୍ସଲ୍ୟ ଓ ଶାସନପ୍ରଣାଳୀର ସୌକାର୍ଯ୍ୟ ଏବଂ ପୁରୀରେ ଅଧୁନା ବର୍ତ୍ତମାନ ମନ୍ଦିରାଦିର ଭଗ୍ନାବଶେଷ ଦର୍ଶନେ ପୁରୀନଗରର ଶିଳ୍ପ ନୈପୁଣ୍ୟରେ ଚିରପ୍ରସିଦ୍ଧତା ଇତ୍ୟାଦି ବିଷୟ ବର୍ଣ୍ଣିତ ହୋଇଥିଲା । ତତ୍ପରେ ସାହେବ ମହୋଦୟ ସିଂହାସନୋପରି ଦଣ୍ଡାୟମାନ ହୋଇ ସଭ୍ୟମାନଙ୍କୁ ସମ୍ବୋଧନ ପୂର୍ବକ କହିଲେ ଯେ ତୁମ୍ଭମାନଙ୍କର ରାଜଭକ୍ତି ଓ କୃତଜ୍ଞତା ଦର୍ଶନେ ଆମ୍ଭେ ଯତ୍ପରୋନାସ୍ତି ସନ୍ତୁଷ୍ଟ ହୋଇ କହୁଅଛୁଁ ଯେ ସମସ୍ତ ସଭ୍ୟବର୍ଗ ଏକମନ ହୋଇ "ମହାରାଣୀକା ଜୟ ହୋଏ" ଏହି ଜୟ ଶବ୍ଦକୁ କରତାଳିଧ୍ୱନିପୂର୍ବକ ଉଚ୍ଚୈଃସ୍ୱରେ ଉଚ୍ଚାରଣ କର ।

ଅନନ୍ତର ନୃତ୍ୟ ବାଦ୍ୟ ସଙ୍ଗୀତାଦି ଆରମ୍ଭ ହେଲା ଓ ସାହେବମହୋଦୟ ଦେଶୀୟ ନୃତ୍ୟ ଭଙ୍ଗୀ ଦେଖି ଅତିଶୟ ଆହ୍ଲାଦ ପ୍ରକାଶ କଲେ କିନ୍ତୁ ଦୁଃଖର ବିଷୟ ଯେ ଆମ୍ଭମାନଙ୍କ ମହାରାଜା ଏହି ମଙ୍ଗଳସର ସମସ୍ତ ଆୟୋଜନ ବିଷୟରେ ପ୍ରଥମତଃ ଯେତେ ମନୋଯୋଗ ଦେଖାଇଥିଲେ ତାହାର ସମ୍ପୂର୍ଣ୍ଣ ବିପରୀତଭାବଟି ଦରବାରଦିନ ପ୍ରକାଶ କଲେ । ସେ ରାତ୍ରରେ ସଭ୍ୟମାନେ ବହୁବାର ମହାରାଜାଙ୍କୁ ଆମନ୍ତ୍ରଣ କରିବାକୁ ମନୁଷ୍ୟ ପ୍ରେରଣ କରିବାରେ ସେ ପ୍ରଥମତଃ ଆସିବାକୁ ସ୍ୱୀକାର କଲେ ଏବଂ ସ୍ୱୟଂ ମାଜିଷ୍ଟ୍ରେଟସାହେବ ମଧ୍ୟ ଦରବାର ସ୍ଥଳରେ ଉପସ୍ଥିତ ହେବା ଉତ୍ତାରୁ ଉପର୍ଯ୍ୟୁପରି ମନୁଷ୍ୟ ପ୍ରେରଣ କଲେ କିନ୍ତୁ ତାହାଙ୍କଠାରୁ ଅବଶେଷେ କିଛିମାତ୍ର ଉତ୍ତର ପ୍ରାପ୍ତ ନ ହୋଇ ବିମୁଖ ହେଲେ । ବୋଧ ହୁଅଇ ମହାରାଜାଙ୍କ ସୁଦକ୍ଷ ସଚିବମାନେ ତାହାଙ୍କର ପୂର୍ବ କୌଳିକ ଗୌରବର ବୃଥାଭିମାନକୁ ମନରେ ପୁନର୍ଜାଗରୂକ କରାଇଦେବାରୁ ସେ ସମସ୍ତଙ୍କ ସହିତ *ବସିବାକୁ ଅପମାନ ଜ୍ଞାନ କଲେ ।

ପୁରୀ }
୩।୧।୭୮ } କସ୍ୟଚିତ୍ ସଭ୍ୟସ୍ୟ

---

* ମୂଳପତ୍ର ଦେଖ ।

Split by PDF Splitter



Digitized by srujanika@gmail.com

REGISTERED NO. 1



# ଉତ୍କଳ ଦୀପିକା

## ସାପ୍ତାହିକ ସମ୍ବାଦପତ୍ରିକା

ଖ ୧୩ ଶ
ସ ୨ ଖ୍ୟା

ତା ୧୨ ରଖ ମାହେ ଜାନୁଏରୀ ସନ ୧୮୭୮ ମସିହା । ମୁ । ମାଘ ତ ୧ ନ ସନ ୧୨୮୫ ସାଲ ଶନିବାର

ଅଗ୍ରିମ ବାର୍ଷିକମୂଲ୍ୟ ଟ୩।୦
ବର୍ଷାନ୍ତେମୂଲ୍ୟଦେଲେବର୍ଷକୁ ଟ୩॥୦
ମଫସଲପାଇଁ ଡାକମାସୁଲ ଟ୧।୦

କଟକ କଲେଜ ସମ୍ପର୍କରେ ଗଣ୍ଡି ଏ ପ୍ରେରିତ ପତ୍ର ଯଥାସ୍ଥାନରେ ପ୍ରକାଶିତ ହେଲା । ଏହାକୁ ଅମ୍ଭେମାନେ ଗତ ସପ୍ତାହରୁ ପାଇଥିଲୁଁ ମାତ୍ର ସ୍ଥାନାଭାବରୁ ଏ ସପ୍ତାହ ପର୍ଯ୍ୟନ୍ତ ରହିଗଲା । ଏଥି ଲିଖିତ ବିଷୟଟି ଆମ୍ଭେମାନେ ପୂର୍ବରୁ ଶୁଣିଥିଲୁଁ ଓ ଶୁଣିବା ଦ୍ୱାରା ଦୁଃଖିତ ଅଛୁଁ । ଶିକ୍ଷା ବିଭାଗରେ ଆମ୍ଭେମାନେ ସର୍ବଦା ସୁବିଚାରର ଆଶା କରୁଁ ଯେଉଁଠାରୁ ଲୋକେ ଜ୍ଞାନ ସହିତ ନୀତି ଶିକ୍ଷିବେ ଯେବେ ସେଠାରେ ଅବିଚାର ହେବ ତେବେ ବିଚାରକୁ ଆଉ କିଏ ଚାହିଁବ? ଆମ୍ଭେମାନେ ପତ୍ର ପ୍ରେରକଙ୍କ ସହିତ ଭରସା କରୁଁ ଯେ ଶ୍ରୀଯୁକ୍ତ ଏହର ସାହେବ ଆପଣା ଭ୍ରମ ସଂଶୋଧନ କରିନେବେ ।

---

ଗତ ମାସ ତା ୨୯ ରଖ ଶନିବାର ବଙ୍ଗଳାର ବ୍ୟବସ୍ଥାପକ ସଭା ଚଳିତବର୍ଷ ସକାଶେ ଫିଟିଲା । ସଭାପତି ମାନ୍ୟବର ଲେଫ୍‌ଟନଣ୍ଟ ଗବର୍ଣ୍ଣର ସାହେବ ସଭାକୁ ଏ ବର୍ଷ ଯେଉଁ ସମସ୍ତ କାର୍ଯ୍ୟ ହେବ ତହିଁର ସଂକ୍ଷେପ ବିବରଣ ବ୍ୟକ୍ତ କରିବାକୁ ହେବ ତହିଁରୁ ଜଣାଯାଏ ଯେ ବଳପୂର୍ବକ କଲେ । ତହିଁରୁ ଜଣାଯାଏ ଯେ ବଳପୂର୍ବକ ଜଳକର ନେବା ଆଇନକୁ ବିଧିବଦ୍ଧ କରିବା କାରଣ ଗବର୍ଣ୍ଣମେଣ୍ଟ ବର୍ତ୍ତମାନ ବଡ଼ ବ୍ୟସ୍ତ ନାହାନ୍ତି ବରଂ ସମ୍ପ୍ରତି କ୍ଷାନ୍ତ ରହିବାକୁ ସ୍ଥିର କରି ଅଛନ୍ତି । ଲେଫ୍‌ଟନଣ୍ଟ ଗବର୍ଣ୍ଣର ଏ ଆଇନର ପ୍ରସ୍ତାବ ସମ୍ବନ୍ଧରେ ଏହିକଥା କହିଲେ ଯେ ସ୍ୱେଚ୍ଛାଧୀନ ଜଳକର ଦେବାର ନିୟମ ସମ୍ପ୍ରତି ବେହାର ପ୍ରଦେଶରେ ସଫଳ ହେବାର ଉତ୍ତମ ସମ୍ଭାବନା ଅଛି । କୃଷକମାନେ କାଲିଠାରୁ ପ୍ରତି ଉପଯୁକ୍ତରୂପ ଆଗ୍ରହ ପ୍ରକାଶ କରିବାର ଦେଖାଯାଏ ଓ ଜମିଦାରମାନେ ଜଳକର ଦେବା ବିଷୟରେ ଚୁକ୍ତି କରିବାକୁ ଇଚ୍ଛୁକ ହୋଇଅଛନ୍ତି । ଓଡ଼ିଶାରେ ଏହି ପରିମାଣରେ ଆଶାପୂର୍ଣ୍ଣ ହୋଇ ନାହିଁ ମାତ୍ର ଏଠାରେ ଆରମ୍ଭ ହୋଇଥିବା ଜନାଜାତି କରିବ କାର୍ଯ୍ୟ ଶେଷ ନ ହେବା ପର୍ଯ୍ୟନ୍ତ କିଛି ନିଷ୍ପତ୍ତି ହୋଇ ନ ପାରେ । ଏଥିରୁ ଦେଖାଯାଏ ଯେ ଗବର୍ଣ୍ଣମେଣ୍ଟ ବଳପୂର୍ବକ ଜଳକର ନେବାର ପ୍ରସ୍ତାବକୁ ସମ୍ପୂର୍ଣ୍ଣରୂପେ ପରିତ୍ୟାଗ କରି ନାହାନ୍ତି କିନ୍ତୁ ଓଡ଼ିଶାରେ ଯେ ସ୍ୱେଚ୍ଛାଧୀନ ନିୟମରେ ବଳପୂର୍ବକ କର ନେବାର ଉପାୟ କାହାର ଅଛି ତାହା କି ଗବର୍ଣ୍ଣମେଣ୍ଟ ଅବଶ୍ୟ ଉତ୍ତମରୂପେ ବୁଝିପାରି ନାହାନ୍ତି । ଯେବେ ବୁଝିଅଛନ୍ତି ତେବେ କରିବ କାର୍ଯ୍ୟରେ ବୃଥାରେ କାହିଁକି ଏ ଦୁଃସ୍ଥ କାଳରେ ଟଙ୍କା ବ୍ୟୟ କରୁଅଛନ୍ତି ?

---

ବାବୁ ହରେକୃଷ୍ଣ ଦାସଙ୍କ କର୍ମ ସକାଶେ ବାବୁ ଜଗନ୍ମୋହନ ରାୟଙ୍କୁ ଶ୍ରୀଯୁକ୍ତ କମିଶ୍ନର ରେବନ୍‌ସା ସାହେବ ମନୋନୀତ କରିଅଛନ୍ତି ଏହି କଥା ଓଡ଼ିଶାର ସ୍ୱରଦେଶରେ ସ୍ପଷ୍ଟ ହୋଇଅଛି । ବଜାରରେ ଲୋକେ ଯେରୂପ କଥାବାର୍ତ୍ତା କରୁଅଛନ୍ତି ତହିଁରୁ ଜଣାଯାଏ ଯେ ସରକାରୀ କର୍ମଚାରୀ ଓ ଅନ୍ୟାନ୍ୟ କେତେକ ଜାଣିବା ବ୍ୟକ୍ତି ଛଡ଼ା ସର୍ବସାଧାରଣଙ୍କ ମତରେ ବାବୁ ହରେକୃଷ୍ଣ ଦାସ ବାବୁ ଜଗନ୍ମୋହନ ରାୟଙ୍କଠାରୁ ଉଚ୍ଚ ପଦରେ ଅଛି ନ ଥିଲେ । ଲୋକେ କହୁଅଛନ୍ତି କି ହରି ବାବୁ ମାସକୁ ଟ ୭୫୦ ଙ୍କା ବେତନ ପାଉଥିଲେ ଜଗନ୍ମୋହନ ବାବୁ କିପରି ଆଶା ଯେ ସେ କର୍ମକୁ ଲଭିବେ ଓ ଏହି କର୍ମ ପାଇବା ପାଇଁ ସେ ଆନନ୍ଦରେ ଆପଣା ଘରେ ବୃହତ୍ ମଜଲିସଟିଏ କରି ସାହେବମାନଙ୍କର ସମ୍ମାନ କଲେ । ଏଥିକୁ ପ୍ରକୃତ କଥା ଏହି ଯେ ହରି ବାବୁଙ୍କର ବେତନ ଟ ୪୦୦ ଙ୍କା ଥିଲା ଓ ଚିରକାଳ ତାହାହିଁ ଥାନ୍ତା ମାତ୍ର ଜଗନ୍ମୋହନ ବାବୁଙ୍କ ବର୍ତ୍ତମାନ ବେତନ ଟ୫୦୦ ଙ୍କା ଓ କ୍ରମଶଃ ବୃଦ୍ଧିଦ୍ୱାରା ଟ୮୦୦ କିମ୍ବା ଟ ୧୦୦୦ ଙ୍କା ହୋଇ ପାରେ । ସୁତରାଂ ଜାଣିବା ଲୋକେ ବଜାରଙ୍କ କଥାରେ ହସୁଅଛନ୍ତି ମାତ୍ର ଯେତେବେଳେ କମିଶ୍ନର ସାହେବ ଜଗନ୍ମୋହନ ବାବୁଙ୍କୁ ଏ କର୍ମ ଦେବା ପାଇଁ ଗବର୍ଣ୍ଣମେଣ୍ଟରେ ଅନୁରୋଧ କରିଥିବାର କଥିତ ହୁଅଇ ତେତେବେଳେ ବଜାରଙ୍କ ବିଚାରଠାରୁ କମିଶନରଙ୍କ ବିଚାର କେତେ ଭିନ୍ନ ପଡ଼ିଲା କି ? ଉଚ୍ଚ ପଦର ଲୋକ ଛୋଟ ପଦକୁ ଆସିବା ଅସଙ୍ଗତ ଏ ଯେଣୁ ବଜାରମାନେ ହରି ବାବୁଙ୍କ ବେତନ ଅଧିକ ଥିବାର ଅନୁମାନ କଲେ କିନ୍ତୁ କମିଶ୍ନର ସାହେବଙ୍କ ପ୍ରସ୍ତାବ ସତ୍ୟ ହୋଇଥିଲେ ତାହାଙ୍କ ବିଚାର ବଜାରଠାରୁ ନିକୃଷ୍ଟ ହେଲା କାରଣ ସେ ବାସ୍ତବରେ ଅସଙ୍ଗତ ଘଟନା ଘଟାଇବାକୁ ବସିଣ

Split by PDF Splitter



ଅଛନ୍ତି । ଯେବେ ହର ବାବୁଙ୍କ ପଦ ସକାଶେ ଜଣେ ୫ ୫୦୦୲ ଙ୍କାର ଡେପୁଟୀ ପ୍ରୟୋଜନ ତେବେ ପୂର୍ବରୁ ତହିଁର ବେତନ ବଢ଼ାଇ ଦେଇଥିଲେ ତାହାଙ୍କର ସୁବିଧାର ଓ ହର ବାବୁଙ୍କର ଉପକାର ହୋଇଥାନ୍ତା । ଉଚ୍ଚ ବେତନଭୋଗୀ କର୍ମଚାରୀ ଯେ ଭଲ ବେତନର କର୍ମ ସକାଶେ ଯୋଗ୍ୟ ଏ କଥାରେ ସନ୍ଦେହ ନାହିଁ ଓ କମିଶନର ସାହେବ ଯେ ଜଣେ କଲେକ୍ଟରଙ୍କ ଜଏଣ୍ଟ ମାଜିଷ୍ଟ୍ରେଟ୍‌ଙ୍କୁ ଏ କର୍ମ ଦେବାର ବିଚାର ନ କଲେ ଏଥିକି ଆଶ୍ଚର୍ଯ୍ୟ ଅଟଇ । ସ୍ଥୂଳକଥା ଏହି ଯେ କମିଶନର ସାହେବଙ୍କ ଏ ବନ୍ଦୋବସ୍ତରୁ ଜଣାଯାଏ ଯେ ତାହାଙ୍କ ବିବେଚନାରେ ବାବୁ ଜଗନ୍ମୋହନ ଗୁପ୍ତ ଛଡ଼ା ଏ ପ୍ରଦେଶ ବାସି ଅନ୍ୟ କେହି ଏ କର୍ମ ସକାଶେ ଉପଯୁକ୍ତ ନାହିଁ ଏବଂ ପୂର୍ବ କମିଶନରମାନେ ଯେ କେବଳ ଓଡ଼ିଆଙ୍କ ସକାଶେ ଏ କର୍ମଟି ସୃଷ୍ଟି କରିଥିଲେ ସେମାନେ ଭ୍ରମରେ ପଡ଼ିଥିଲେ । ଯେବେ କେହି ଓଡ଼ିଆ ଏ କର୍ମ ସକାଶେ ଉପଯୁକ୍ତ ନୁହନ୍ତି ତେବେ ଓଡ଼ିଆଙ୍କ ଉନ୍ନତି କରିବେ ବୋଲି ସେ କାହିଁକି ସର୍ବଦା କହୁ ହେଉଥାନ୍ତି । ଆମ୍ଭମାନଙ୍କ ବିବେଚନାରେ ଏ କର୍ମ ସକାଶେ ଅନେକ ଅଳ୍ପ ବେତନଭୋଗୀ ଓଡ଼ିଶା ବାସି ଉପଯୁକ୍ତ ଅଛନ୍ତି ଏବଂ କମିଶନର ସାହେବ ସେମାନଙ୍କ ମଧ୍ୟରୁ କାହାରିକୁ ଏ ପଦ ନ ଦେଇ ଜଣେ ଉଚ୍ଚ ବେତନଭୋଗୀ କର୍ମଚାରୀଙ୍କୁ ଟଣାଟଣି କରିବାଦ୍ୱାରା ଓଡ଼ିଶାବାସିଙ୍କ ବିରୁଦ୍ଧରେ ଗବର୍ଣ୍ଣମେଣ୍ଟଙ୍କର ବିଶ୍ୱାସ ଜନ୍ମାଇ ଦେଇ ବିସ୍ତର କ୍ଷତି କରୁଅଛନ୍ତି । ପ୍ରକୃତରେ ଏଥିରେ ଓଡ଼ିଶାବାସିଙ୍କର ଉନ୍ନତି ନ ହୋଇ ଠିକ୍ ତହିଁର ବିପରୀତ ହେଉଅଛି ।

---

ଇଂଲଣ୍ଡରୁ ଗତ ସପ୍ତାହରେ ଆସିଥିବା ସମ୍ବାଦପତ୍ରମାନଙ୍କରେ ପ୍ଲେବନା ଯୁଦ୍ଧର ବିସ୍ତାରିତ ବିବରଣ ଲେଖା ଅଛି । ତହିଁରୁ ଜଣାଯାଏ ଯେ ଓସମାନ ପାଶା ଏ ଯୁଦ୍ଧରେ ଭାରି ବୀରତ୍ୱ ପ୍ରକାଶ କରିଥିଲେ । ପ୍ଲେବନା କିଲ୍ଲା ମଧ୍ୟରେ ଏକମାସରୁ ଅଧିକକାଳର ଖାଦ୍ୟଦ୍ରବ୍ୟ ଥିଲା ଓ ସେ ପାରିଥିଲେ ଅନ୍ତତମାସେ ରୁଷୀୟଙ୍କୁ ବ୍ୟସ୍ତ କରିଦେଇ ଥାନ୍ତେ ମାତ୍ର ଦୈବ ତାହାଙ୍କର ପ୍ରତିକୂଳ ହେଲା । କିଲ୍ଲା ମଧ୍ୟରେ ସଂକ୍ରାମକ ରୋଗ ଉପସ୍ଥିତ ହୋଇ ସେନାଙ୍କୁ ହରବର କଲା । ତହୁଁ ଓସମାନ ଦେଖିଲେ ଯେ ଶୀଘ୍ର ଏଠାରୁ ବାହାର ନ ଗଲେ ସୈନ୍ୟ ଶୀଘ୍ର ପୀଡ଼ା ହେତୁ ହତ ବା ଅକ୍ଷମ ହେବେ ପଛକୁ କୌଣସି କର୍ମ ହେବ ନାହିଁ । ଏହିକାରଣ ସେ ଶୀଘ୍ର ବାହାର ଆସିବାକୁ ବାଧ୍ୟ ହେଲେ । ଦସମ୍ବର ତା ୧୦ ରଖ ଦିନ ସ୍ଥିର ହେଲା । ଓ ପୂର୍ବରାତ୍ରରୁ ସେନାମାନେ ସଜ୍ଜିତ ହୋଇ ଦ ୧୦ ନର ଆହାରୀୟଦ୍ରବ୍ୟ ଓ ଯୁଦ୍ଧର ଉପକରଣମାନ ସଙ୍ଗେ ଘେନି ଅତି ପ୍ରାତଃକାଳରେ କିଲ୍ଲାରୁ ବାହାରିଲେ । ଦେଖୁଁ ଦେଖୁଁ ତୋପର ଭୀଷଣ ଗର୍ଜ୍ଜନ ଓ ସେନାଙ୍କର ଚହଳରେ ଚତୁର୍ଦ୍ଦିଗ ପୂର୍ଣ୍ଣ ହେଲା ଓ ରୁଷୀୟସେନା ସମରକାଳ ଉପସ୍ଥିତ ଦେଖି ତତ୍କ୍ଷଣାତ୍ ପ୍ରସ୍ତୁତ ହେଲେ ମାତ୍ର କାହାର ସାଧ୍ୟ ଯେ ତୁରସ୍କର ଅଗ୍ରସର ହେବ । ତୁରସ୍କସେନା ଅସାଧାରଣ ବଳ ସହିତ ଲଢ଼ି ଅଗ୍ରସର ହେଉଥିଲେ ଓ ସମ୍ମୁଖରେ ଯେ ପଡ଼ୁଥିଲା ତାହାର ପ୍ରାଣ ନେଉଥିଲେ ସେମାନେ ନିମିଷମାତ୍ରକେ ରୁଷୀୟଙ୍କ ଅଧିକୃତ ଏକ ଘାଟେଇକୁ ଲଙ୍ଘି ଆସିଲେ ଓ ଯେବେ ସେଠାରେ ରୁଷୀୟ ସେନାଙ୍କୁ ପରାସ୍ତ କରିବାକୁ ଅପେକ୍ଷା ନ କରି ବେଗେ ବାହାର ଆସି ଥାନ୍ତେ ତାହା ହେଲେ ରୁଷୀୟ ସେନା ସେମାନଙ୍କୁ ଅଟକାଇ ପାରନ୍ତେ ନାହିଁ । କିନ୍ତୁ ସେହି ଘାଟେଇଠାରେ ବିଳମ୍ବ କରିବାରୁ ରୁଷୀୟ ସେନା ଚତୁର୍ଦ୍ଦିଗରୁ ଆସି ତାହାଙ୍କୁ ଘେରିଗଲେ । ପ୍ରାୟ ୬।୭ ଘଣ୍ଟା ପର୍ଯ୍ୟନ୍ତ ଯୁଦ୍ଧ ହେଲା ଓ ଉଭୟ ପକ୍ଷରୁ ଅନେକ ଲୋକ ମରିପଡ଼ିଲେ ପରଶେଷରେ ଯେତେବେଳେ ଓସମାନ ପାଶା ଦେଖିଲେ ଯେ ଆଉ ବାହାର ଦିବାର ଉପାୟ ନାହିଁ ବରଂ ରୁଷୀୟ ସେନା ଚାରିଦିଗରୁ ଘେରି ରହିଲେଣି ଏବଂ ତାହାଙ୍କ ଗୋଡ଼ ଗୁଳିଲାଗି ଭଗ୍ନପ୍ରାୟ ହେଲା ତହୁଁ ସେ ରୁଷୀୟ ଜେନେରଲଙ୍କ ହାତକୁ ଅସ୍ତ୍ର କଢ଼ାଇ ଦେଇ ହାରିବାର ସ୍ୱୀକାର କଲେ । ଏହିରୂପେ ଯୁଦ୍ଧ ଶେଷ ହେଲା ଓସମାନ ପାଶା ଏବଂ ତାହାଙ୍କ ସଙ୍ଗେ ଥିବା ପ୍ରାୟ ୨୭୦୦୦ ସେନା ବନ୍ଦୀ ହୋଇ ଗଲେ । ରୁଷୀୟ ସମ୍ରାଟ୍ ପ୍ଲେବନାରେ ଉପସ୍ଥିତ ଥିଲେ । ଏ ସମ୍ବାଦ ପାଇ ନିଜର ଚଢ଼ିବା ଗାଡ଼ି ପଠାଇ ଦେଇ ଓସମାନପାଶାଙ୍କୁ ଆଣାଇ ଅତ୍ୟନ୍ତ ମର୍ଯ୍ୟାଦା ସହିତ ରଖିଲେ ଏବଂ ତାହାଙ୍କ ବୀରତ୍ୱରେ ତୁଷ୍ଟ ହୋଇ ଥିବାରୁ ତାହାଙ୍କ ତଲବାର ତାହାଙ୍କ ହାତକୁ ଦେଲେ ।

ଏଣିକି ତାରଯୋଗେ କୌଣସି ଭାରି ଯୁଦ୍ଧର ସମ୍ବାଦ ଆସି ନାହିଁ । ରୁଷୀୟ ସେନାମାନେ କ୍ରମଶଃ ଅଗ୍ରସର ହେଉଅଛନ୍ତି ଓ ସମ୍ଭବ ତୁଅଇ ଅଳ୍ପଦିନରେ ଆଡ୍ରିୟାନୋପଲଠାରେ ଏକ ଭାରି ଯୁଦ୍ଧ ହେବ ।

ଇଂଲଣ୍ଡ ସନ୍ଧି ସକାଶେ ମଧ୍ୟସ୍ଥ ହୋଇ ରୁଷୀୟାକୁ ପତ୍ର ଲେଖିଥିଲେ ମାତ୍ର ସେ ଉତ୍ତର ଦେଇଅଛନ୍ତି କି ରୁଷୀୟ ଓ ତୁରସ୍କ ସେନାପତିମାନେ କିଛିକାଳ ଯୁଦ୍ଧ ସ୍ଥଗିତ ରଖିବାର ବନ୍ଦୋବସ୍ତ ନ କଲେ ସନ୍ଧିର ପ୍ରସ୍ତାବ ଶୁଣା ଯିବ ନାହିଁ ।

---

## ନୂତନଟାକ୍ସ ।

ଆମ୍ଭେମାନେ ଗତସପ୍ତାହରେ ଭାରତବର୍ଷର ରାଜସ୍ୱ ସଚିବଙ୍କର ବକ୍ତୃତାର ସାରାଂଶ ବ୍ୟକ୍ତ କରୁଅଛୁଁ । ବର୍ତ୍ତମାନ ଯେଉଁ ଯୁକ୍ତିଦ୍ୱାରା ନୂତନ ଟାକ୍ସ ବସିବାର ସ୍ଥିର ହୋଇଅଛି ତାହା କହି ପାଠକମାନଙ୍କୁ ଜଣାଉଅଛୁଁ । ଏଠାରେ ସର୍ବସାଧାରଣଙ୍କ ମତ ଏହି ଯେ କୌଣସି ନୂତନ ଟାକ୍ସ ନ ବସାଇ ବ୍ୟୟ ଊଣା କରିବା ପକ୍ଷରେ ଗବର୍ଣ୍ଣମେଣ୍ଟଙ୍କର ଚେଷ୍ଟା କରିବାର ଉଚିତ ଓ ସେ ଚେଷ୍ଟା ହେଲେ ଅନେକ ବ୍ୟୟ ଊଣା ହେବାର ବାଟ ଅଛି । ମାତ୍ର ଗବର୍ଣ୍ଣମେଣ୍ଟ ସେ ମତରେ ଐକ୍ୟ ନାହାନ୍ତି ସେ ବୋଲନ୍ତି କି ସିବିଲ ଇଲାକାର ବ୍ୟୟ ଯଥାସାଧ୍ୟ କ୍ରମଶଃ ଊଣା ହୋଇ ଆସିଅଛି ଆଉ କିଛି ଊଣା କରିବାର ବାଟ ନାହିଁ ଓ ସୈନ୍ୟବିଭାଗର ବ୍ୟୟ ଉପରେ ଭାରତବର୍ଷୀୟ ଗବର୍ଣ୍ଣମେଣ୍ଟଙ୍କର କୌଣସି କର୍ତ୍ତୃତ୍ୱ ନାହିଁ । ସୁତରାଂ ବ୍ୟୟଲାଘବ ଅତି କଷ୍ଟକରେ ସମ୍ଭବ ଓ ଯେବେ ତାହା ନ ହେଲା ତେବେ ଅବଶ୍ୟ ନୂତନଟାକ୍ସଦ୍ୱାରା ଦୁର୍ଭିକ୍ଷ ନିବାରଣର ବ୍ୟୟ ସଂଗ୍ରହ କରିବାକୁ ହେବ । ଏହିରୂପ ଟାକ୍ସ ବସାଇବାର କଥା ସ୍ଥିର ହୋଇଅଛି ଓ ଯେବେ ଟାକ୍ସ ନ ନେଲେ ନ ଚଳେ ତେବେ ଆମ୍ଭେମାନେ ବିବେଚନା କରୁଁ ଯେ ଗବର୍ଣ୍ଣମେଣ୍ଟ ବର୍ତ୍ତମାନ ଯେଉଁ ଲାଇସେନ୍ସ ଟାକ୍ସ ବସାଇବାକୁ ମନସ୍ଥ କରିଅଛନ୍ତି ଏଥିରୁ ଅଳ୍ପ ବିରକ୍ତିଜନକ ଓ ପୀଡ଼ାଦାୟକ ଟାକ୍ସ କଳ୍ପନା କରିବା ଅସମ୍ଭବ । ସରଜନ ଷ୍ଟ୍ରାଚି ସାହେବ ଆପଣା ବକ୍ତୃତାରେ କହିଅଛନ୍ତି କି ବର୍ତ୍ତମାନ ଟାକ୍ସ ଦୁର୍ଭିକ୍ଷ ନିବାରଣର ବ୍ୟୟ ଚଳାଇବା କାରଣ ପ୍ରୟୋଜନ ହୋଇଅଛି । ସୁତରାଂ ଯେଉଁ ଶ୍ରେଣୀର ଲୋକ ଦୁର୍ଭିକ୍ଷରେ ସାହାଯ୍ୟର ପ୍ରାର୍ଥୀ ଅଧିକ ପରିମାଣରେ ହୁଅନ୍ତି ସେମାନେ ଯେବେ ଏ ଭଲ ସମୟରେ ତହିଁପାଇଁ କିଛି କର ନ ଦେବେ ତେବେ ଆଉ କିଏ

Digitized by srujanika@gmail.com

Split by PDF Splitter



ଦେବ ପ୍ରକୃତରେ ଏହିଶ୍ରେଣୀର ଲୋକମାନଙ୍କୁ କର ଦେବାରୁ କ୍ଷାନ୍ତ ଉଚିତ । ଏଥିକୁ ଦେଖାଯାଏ ଯେ ଦୁର୍ଭିକ୍ଷ ସମୟରେ ସାମାନ୍ୟକୃଷକ, ମୂଲିଆ, ସୂତ୍ରଧର, ବଣିକ ଇତ୍ୟାଦି ଲୋକ ଅଧିକ କ୍ଳେଶ ପାଇ ସର୍ବାଗ୍ରେ ସାହାଯ୍ୟ ନେବାକୁ ଆସନ୍ତି ଅତଏବ ଏମାନଙ୍କ ଆପଣା ରକ୍ଷାସକାଶେ ଛୁଟି ଦେବାର ଉଚିତ । ଏକପକ୍ଷରେ ଯେମନ୍ତ କୃଷକ ଓ ବଣିକ ଇତ୍ୟାଦିଙ୍କର ଦୁର୍ଭିକ୍ଷରେ ମହା କ୍ଷତି ହୁଅଇ ତେମନ୍ତ ପକ୍ଷାନ୍ତରେ ଖାଦ୍ୟ ଦ୍ରବ୍ୟର ମୂଲ୍ୟ ବୃଦ୍ଧିଦ୍ୱାରା ବଣିକ ଇତ୍ୟାଦିଙ୍କର ଅଧିକ ଲଭ ହୁଅଇ । କୃଷକମାନେ ଭୂମିକର ଛଡ଼ା ଅନ୍ୟାନ୍ୟ ଟାକ୍ସ ମଧ୍ୟ ବର୍ତ୍ତମାନ ଦେଉଅଛନ୍ତି ଏବଂ ସାମୟିକ ବନ୍ଦୋବସ୍ତ ପ୍ରଦେଶ ମଧ୍ୟରେ ଏକା ଅଞ୍ଚଳରେ ଭୂମିର କର ଏତେ ଉଚ୍ଚ ହୋଇଅଛି ଯେ କୃଷକଙ୍କଠାରୁ ଆଉ ଅଧିକା କର ନେବାର ବାଟ ନାହିଁ । ସୁଶାସନର ଫଳ ଅଧିକ ପରିମାଣରେ କାରିଗର ବଣିକ ଇତ୍ୟାଦି ଭୋଗ କରୁଅଛନ୍ତି ମାତ୍ର ଏକଥା ପ୍ରସିଦ୍ଧ ଯେ ସେମାନେ ଅତ୍ୟଳ୍ପ କର ଦେଉଅଛନ୍ତି । ଏମାନଙ୍କଠାରୁ କର ନେବାର କୌଣସି ଆପତ୍ତି ଦେଖାଯାଉ ନାହିଁ । ଏହିବର୍ଷ ମାନ୍ଦ୍ରାଜ ଦୁର୍ଭିକ୍ଷରେ ଅନ୍ୟ ପ୍ରଦେଶମାନଙ୍କର ଭାରି ସୌଭାଗ୍ୟ ହୋଇଅଛି ଏବଂ କୃଷକ କାରିଗର ଓ ବାଣିଜ୍ୟକାରୀ ପ୍ରାୟ ସମାନରୂପେ ତହିଁର ଅଂଶୀ ହୋଇଅଛନ୍ତି । କିନ୍ତୁ ଅଳ୍ପସଂଖ୍ୟକ ଗବର୍ଣ୍ଣମେଣ୍ଟ କର୍ମ୍ମଚାରୀ ଏବଂ ଏହିପ୍ରକାର ଆଉ କେତେ ଲୋକ କ ଯାହାଙ୍କର ଆପଣା ଆୟ ଆପେ ବୃଦ୍ଧି କରିବାର କ୍ଷମତା ନାହିଁ ଅତ୍ୟନ୍ତ ଦୁର୍ମୂଲ୍ୟ ହେତୁ କ୍ଳେଶ ପାଇଅଛନ୍ତି ଅଥଚ ସେହି ଦୁର୍ମୂଲ୍ୟରେ କୃଷକ ଓ ବଣିକର ଲଭ ହୋଇଅଛି । ଏପର ଅନ୍ତର ଦେଖାଯାଏ ଯେ ସରକାରୀ କର୍ମ୍ମଚାରୀ ଏବଂ ଏହିପର ବ୍ୟବସାୟୀ ଲୋକମାନେ ଦୁର୍ଭିକ୍ଷ ଅତ୍ୟନ୍ତ ପ୍ରବଳ ଥିଲବେଳେ ସୁଦ୍ଧା ଅଧିକ ପରିମାଣରେ ସାହାଯ୍ୟ ନେବାକୁ ଆସନ୍ତି ନାହିଁ । ଏପର କଷ୍ଟ ସମୟରେ ସୁଦ୍ଧା କେବଳ ସାମାନ୍ୟ କୃଷି ମୂଲିଆ ଓ କାରିଗରଙ୍କ ସାହାଯ୍ୟ ଦେବା ସ୍ଥାନରେ ଗୁପ୍ତ ହୁଅନ୍ତି କିନ୍ତୁ ଶିକ୍ଷକ ଧର୍ମ୍ମଯାଜକ ଅଥବା ଆଇନ ବ୍ୟବସାୟୀମାନେ ଅତ୍ୟନ୍ତ କଷ୍ଟ ପାଉଥିଲେହେଁ ତାହାଙ୍କ ମଧ୍ୟରୁ ଅଳ୍ପଲୋକ ସାହାଯ୍ୟ ନେଉଛନ୍ତି । ଏପ୍ରକାର ନିଯୁକ୍ତ ବେତନଭୋଗୀ ଲୋକଙ୍କ ଦୁଃଖର ଉପଶମ ପକ୍ଷରେ ଗବର୍ଣ୍ଣମେଣ୍ଟ ଅକ୍ଷମ ଅଛନ୍ତି ସତ୍ୟ କିନ୍ତୁ ଏମାନଙ୍କ ଉପରେ ଆଉ କରଭାର ଲଦିବାକୁ ଇଚ୍ଛୁକ ନୁହନ୍ତି । ଏହି ଯୁକ୍ତିରେ ସେମାନେ ଭୁଲି ଯାଇଅଛନ୍ତି । ଅତଏବ ନୂତନ ଟାକ୍ସଟି କେବଳ ବାଣିଜ୍ୟ ବ୍ୟବସାୟୀ ଓ କାରିଗରଙ୍କ ଉପରେ ପଡ଼ିବ । କୃଷକଙ୍କ ଉପରେ ବଙ୍ଗଳାରେ ପୂର୍ବଠାରୁ ପଥକର ଓ ପବ୍ଲିକୱର୍କସ କର ସ୍ଥାପିତ ଅଛି ଏଠାରେ ଆଉ କର ବସି ନ ପାରେ । ମାନ୍ଦ୍ରାଜ ଓ ବମ୍ବେଇର କୃଷକଙ୍କର ଭୂମିକର ଅଧିକ ଅଟେ ସୁତରାଂ କେବଳ ଉତ୍ତର ପଶ୍ଚିମ ଓ ପଞ୍ଜାବରେ ଭୂମିକର ବସିବ ।

ଉପରଲିଖିତ ବିବରଣରୁ ପାଠକମାନେ ବୁଝିବେ ଯେ ଗବର୍ଣ୍ଣମେଣ୍ଟ ଉତ୍ତମ ଯୁକ୍ତିଦେଖାଇ ନୂତନ ଲାଇସେନ୍ସ ଟାକ୍ସ ବସାଇବାକୁ ସ୍ଥିର କରି ଅଛନ୍ତି ଓ କର ବନ୍ଦୋବସ୍ତ କରିବାର ଏହି ନିୟମ ହୋଇ ଅଛି ଯେ ପ୍ରତ୍ୟେକ ଲୋକର ଆୟ କେତେ ତାହା ବୁଝିବାର ଆବଶ୍ୟକ ନାହିଁ ଯେ ଯେଉଁ ପ୍ରକାର ବ୍ୟବସାୟ ବା କାର୍ଯ୍ୟ କରେ ସେହି କାର୍ଯ୍ୟଦ୍ୱାରା ତାହାର ଅଧିକ ବା ଊଣା ଲଭ ହୁଅଇ କେବଳ ତଦ୍ଦୃଷ୍ଟିରେ ଟାକ୍ସ ବସିବ । ଯଥା ବଡ଼ ଦୋକାନଦାର ବାର୍ଷିକ ଟ୧୦୦୯ ଙ୍କା ଦେବ ସେହି ଦ୍ରବ୍ୟର ସାନ ଦୋକାନଦାର ଟ ୨୫ ବା ଟ ୧୦୯ ଙ୍କା ଦେବ ଓ ବଡ଼ କାରିଗର ଜଣେ ଟ ୧୦ ଙ୍କା ଦେବ ଓ ସାନ କାରିଗର ଏକଟଙ୍କା ଦେବ ଓ ଯେଉଁ ବ୍ୟକ୍ତି ଏକଟଙ୍କା ସୁଦ୍ଧା ବର୍ଷକୁ ଦେଇ ନ ପାରେ ତାହାକୁ କ୍ଷମା ଦିଆଯିବ । ଏକାଥରକେ ବର୍ଷକର ଟାକ୍ସ ଦେବାକୁ ହେବ ଯେ ତାହା ଦେଇ ନ ପାରେ ସାଧାରଣତଃ ସେ ଟାକ୍ସର ଯୋଗ୍ୟ ନ ଥିବାରୁ କ୍ଷମା ପାଇବ । ସୁତରାଂ ଅତ୍ୟନ୍ତ କଷ୍ଟ ଓ ଅତ୍ୟାଚାରର ସମ୍ଭାବନା ନାହିଁ । କୌଣସି ବ୍ୟକ୍ତିକୁ ଟ ୨୦୦ ଙ୍କାରୁ ଅଧିକ ବା ଟ ୧ ଙ୍କାରୁ ଊଣା ଦେବାକୁ ପଡ଼ିବ ନାହିଁ । ଏଥିରେ କେବଳ ଏହି ଆପତ୍ତି ହୋଇ ପାରେ ଯେ ଏ ଟାକ୍ସଦ୍ୱାରା ବଡ଼ଲୋକଙ୍କ ଉପକାର ଓ ଦୁଃଖିଙ୍କ ଅନିଷ୍ଟ ହେଲା କାରଣ ଦୁଃଖିଙ୍କୁ ତୁଳନାରେ ଅଧିକ ଟାକ୍ସ ପଡ଼ିବ । ଏକଥା ସତ୍ୟ ଅଟଇ ମାତ୍ର ମାନ୍ୟବର ଲେଫ୍‌ଟେନେଣ୍ଟ ଗବର୍ଣ୍ଣର ଇଡନସାହେବ ଏଥିର ଯେଉଁ ଯୁକ୍ତି ଦେଖାଇ ଅଛନ୍ତି ତହିଁ ଉପରେ ଆଉ ଯୁକ୍ତି ନାହିଁ । ସେ ବୋଲନ୍ତି ଯେ ଟାକ୍ ଦେବା କାହାରି ପକ୍ଷରେ ସୁଖକର ନୁହେ ଓ ଟାକ୍ସ ନ ହେବାର ଭଲ । ମାତ୍ର ଯଦ୍ୟପି ଉପଯୁକ୍ତ କାରଣରୁ ଟାକ୍ସ ନେବାକୁ ଗବର୍ଣ୍ଣମେଣ୍ଟ ବାଧ୍ୟ ହେଲେ ତେବେ ଦୁଃଖୀଙ୍କର ଛଡ଼ିଯିବା ଅସମ୍ଭବ ଅଟଇ । ଅଳ୍ପ ଟଙ୍କାର ପ୍ରୟୋଜନ ହେଲେ କେବଳ ବଡ଼ଲୋକମାନେ ତାହା ଦେଇ ପାରନ୍ତେ ମାତ୍ର ଦେଖାଯାଏ ଯେ ପୂର୍ବେ ଇନକମ୍‌ଟ୍ୟାକ୍ସ ସାର୍ଟିଫିକଟ ଟାକ୍ସ ଇତ୍ୟାଦିଦ୍ୱାରା ଯେତେଟଙ୍କା ଆଦାୟ ହୋଇ ଅଛି ତହିଁରୁ ଅନେକ ଅଧିକଟଙ୍କା ବର୍ତ୍ତମାନ ପ୍ରୟୋଜନ ଓ କେବଳ ବଡ଼ଲୋକ ଅର୍ଥାତ୍ ଟ ୨୦୦ ଙ୍କାର ଅଧିକ ଆୟ ଉପରେ ଟାକ୍ସ ବସାଇଲେ ତେତେଟଙ୍କା ଆସିବ ନାହିଁ । ବଙ୍ଗଳା ଭାରତବର୍ଷରେ ଅପେକ୍ଷାକୃତ ଧନୀ ରାଜ୍ୟ ହେଲେହେଁ ଏଠାରେ ଧନଲୋକଙ୍କ ସଂଖ୍ୟା ବିସ୍ତର ନୁହଇ । ଦୁଃଖୀଙ୍କ ସଂଖ୍ୟା ଅଧିକ ଅଳ୍ପ ଲୋକଠାରୁ ଅନେକ ଟଙ୍କା ନେଲେ ଅବଶ୍ୟ ବାଧିବ ମାତ୍ର ବିସ୍ତର ଲୋକଠାରୁ ଅଳ୍ପ ପରିମାଣରେ ଟଙ୍କା ଆଦାୟ କଲେ ସେମାନଙ୍କୁ ତେତେ ବାଧିବ ନାହିଁ ସୁତରାଂ କାହାର କଷ୍ଟ ବିନା ବାଞ୍ଛିତଟଙ୍କା ଉଠିବ । ଏହି ଯୁକ୍ତିର କୌଣସି ଦୋଷ ଆମ୍ଭେମାନେ ଦେଖାଇ ନ ପାରୁଁ ବାସ୍ତବରେ ଆମ୍ଭମାନଙ୍କର ବିଶ୍ୱାସ ଏହି ଯେ ଗବର୍ଣ୍ଣମେଣ୍ଟ ପୂର୍ବାପର ବହୁତ କଥା ବିଚାର କରି ବିସ୍ତର ସାବଧାନତା ସହିତ ଏ ଟାକ୍ସର କଳ୍ପନା କରି ଅଛନ୍ତି । ଦୁଃଖିଙ୍କ କପାଳରେ ଦୁଃଖ ପାଇବାର ଲେଖାଅଛି ତହିଁରୁ ସେମାନଙ୍କୁ ଉଦ୍ଧାର କରିବାର କାହାର କ୍ଷମତା ନାହିଁ । ଯେତେପ୍ରକାର ଟାକ୍ସ ଅଛି ସବୁର ଭାର ଅଧିକ ପରିମାଣରେ ଦୁଃଖିଙ୍କ ଉପରେ ପଡ଼ଇ ଏବଂ ଦୁଃଖୀଙ୍କର ମଧ୍ୟ ଟାକ୍ସ ଦେବାର ଇଚ୍ଛା ଏମନ୍ତ ପ୍ରବଳ ଯେ ମାଦକାଦି ଦ୍ରବ୍ୟର ମାସୁଲ କି ଯାହା ଏକା ଥିଲା ଲୋକଙ୍କଠାରୁ ନେବା ବିଚାରରେ ବସିଅଛି ତହିଁର ଅଧିକାଂଶ ଦୁଃଖୀମାନେ ଦେଉ ଅଛନ୍ତି । ତେବେ ସାକ୍ଷାତ୍ ଓ ଅସାକ୍ଷାତ୍ କର ଏତିକି ପ୍ରଭେଦ ଯେ ପ୍ରଥମଟି ପୃଥକ୍‌ରୂପେ ନଗଦ ଦେବାକୁ ହୁଏ ବୋଲି ଭାରପରି ବୋଧ ହୁଅଇ ମାତ୍ର ଶେଷଟି ଆଦୌ ଦେବାପରି ଜଣାଯାଏ ନାହିଁ । ତା ଦ୍ରବ୍ୟର ମୂଲ୍ୟ ମଧ୍ୟରେ କ୍ରମେ ଅଦୃଶ୍ୟ ଭାବରେ ଆଦାୟ ହୁଅଇ । ଏହି ହେତୁରୁ ଆମ୍ଭେମାନେ ଶେଷ ଲିଖିତ ଟାକ୍ସକୁ ସୁଖ ପାଉଁ ଓ ସେପରି କିଛି ଉପାୟ ହୋଇଥିଲେ ଅଧିକ ସୁଖକର ହୋଇଥାନ୍ତା ।

---

Digitized by srujanika@gmail.com

Split by PDF Splitter



# ସାପ୍ତାହିକସଂବାଦ ।

ଶ୍ରୀଯୁକ୍ତ କମିଶ୍ନର ସାହେବ ଖୋରଧା ଗସ୍ତକରି ପୁରୀ ଏଲାକାର ଦୁର୍ଭିକ୍ଷପୀଡ଼ିତ ସ୍ଥାନସବୁ ଦେଖିବାକୁ ଯାଇଅଛନ୍ତି । ଆଗାମୀ ସପ୍ତାହରେ ରଣପୁରରେ କଚେରୀ କରିବେ ।

ଆଗାମୀ ମଙ୍ଗଳବାର ଶ୍ରୀଯୁକ୍ତ ଜଜ ସାହେବ ବାଲେଶ୍ୱରକୁ ଦୌରା କାର୍ଯ୍ୟ ସକାଶେ ଯିବେ ।

ବାଲେଶ୍ୱର ସମ୍ବାଦବାହିକା ଏହିମାସ ଆରମ୍ଭରୁ ସାପ୍ତାହିକ ହୋଇଅଛି ଓ ଏଥିର କଲେବର ଠିକ ଏପତ୍ରିକା ପରି ହୋଇଅଛି ।

ବଡଲାଟ ସାହେବ କଲିକତା ଗବର୍ଣ୍ଣମେଣ୍ଟ ହାଉସରେ ଭାରତେଶ୍ୱରୀ ପଦ ଗ୍ରହଣର ପ୍ରଥମ ବାର୍ଷିକ ଉତ୍ସବ ଉପଲକ୍ଷରେ ଗୋଟିଏ କ୍ଷୁଦ୍ର ଦରବାର କରିଥିଲେ । ଏ ଦରବାରକୁ ପଶ୍ଚିମାଞ୍ଚଳର ଚାରି ପାଞ୍ଚ ମହାରାଜା ଆସିଥିଲେ । କଲିକତା ନଗରରେ ସାମାନ୍ୟ ପ୍ରକାର ରୋଶନାଇ ମଧ୍ୟ ହୋଇଥିଲା ।

ଭାରତେଶ୍ୱରୀ ପଦଗ୍ରହଣ ଉପଲକ୍ଷରେ ଆଉ ଗୋଟିଏ ସମ୍ମାନସୂଚକ ଉପାଧିର ସୃଷ୍ଟି ହୋଇଅଛି ଏହାର ନାମ "ଅର୍ଡର ଅବ ଇଣ୍ଡିଆନ ଏମ୍ପାଏର" ଭାରତବର୍ଷର ଅନେକ ଲୋକ ଏ ଉପାଧିଦ୍ୱାରା ସମ୍ମାନିତ ହୋଇଅଛନ୍ତି । ଓଡ଼ିଆଙ୍କ ମଧ୍ୟରେ ମଣ୍ଡୁସାର ଜମିଦାର ଶ୍ରୀରାଜା ମଣିଗ୍ରା ଦେବ ଏ ଶ୍ରେଣୀରେ ଭୁକ୍ତ ହୋଇଅଛନ୍ତି ।

ଭାରତେଶ୍ୱରୀଙ୍କ ପରିବାରସ୍ଥ ସ୍ତ୍ରୀ ଓ ଅନ୍ୟାନ୍ୟ ସମ୍ଭ୍ରାନ୍ତ ସ୍ତ୍ରୀଙ୍କ ସକାଶେ ଅର୍ଡର ଅବକ୍ରାଉନ ବୋଲି ଗୋଟିଏ ମାନ୍ୟମାନ ପଦର ସୃଷ୍ଟି ହୋଇଅଛି ମହାରାଣୀ ସ୍ୱର୍ଣ୍ଣମୟୀ ଏହି ପଦପ୍ରାପ୍ତ ହୋଇ ସମ୍ମାନିତ ହୋଇ ଅଛନ୍ତି ।

ଗତ ରେବନ୍ସ ଏଜଣ୍ଟ ପରୀକ୍ଷାରେ ଓଡ଼ିଶାରେ କେବଳ ଦାମୋଦର ମହାନ୍ତି ଉତ୍ତୀର୍ଣ୍ଣ ହୋଇ ଅଛନ୍ତି ।

ଭାରତ ବର୍ଷରେ ଉମେଦବାରଙ୍କ ସଂଖ୍ୟା ଅଧିକ ଦେଖି ଇଂରାଜମାନେ ଆଶ୍ଚର୍ଯ୍ୟ ହୁଅନ୍ତି ମାତ୍ର ତାହାଙ୍କ ପର କଥା ଆମ୍ଭେମାନେ ଶୁଣିଲୁଁ ଅତ୍ୟନ୍ତ ଆଶ୍ଚର୍ଯ୍ୟ ଅଟଇ । ଗୋଟିଏ କରାଣିଗିରି କର୍ମ ଖାଲି ଥିବାର ବିଜ୍ଞାପନ ଦିଆ ଯିବାରେ ଡାକ ଯୋଗେ ୮୦୦ ଦରଖାସ୍ତ ଏବଂ ସ୍ୱହସ୍ତରେ ୩୦୦ ଦରଖାସ୍ତ ଆଗତ ହେଲା । ଏଥିର ବେତନ ମାସକୁ ପ୍ରାୟ ୫୦ ଟଙ୍କା ଥିଲା । ପରଶେଷରେ ଏକବ୍ୟକ୍ତି ୨୦ ଟଙ୍କାରେ ରହିବାକୁ ପ୍ରାର୍ଥନା କରିବାରୁ ସେ ନିଯୁକ୍ତ ହେଲା । ବୋଧ ହୁଅଇ ଏ ପୁଣ ଅନ୍ୟ ଲୋକକୁ ଜଣା ଥିଲେ ୧୫।୭ ଟଙ୍କାରେ ରହିବା ପାଇଁ କେହି ପ୍ରାର୍ଥୀ ମିଳଥାନ୍ତେ ।

ଦୁର୍ଭିକ୍ଷରେ ପଡ଼ିଲେ ପାଦ୍ରିମାନଙ୍କର [illegible]ସୌଭାଗ୍ୟ ଉପସ୍ଥିତ ହୁଅଇ । ହିନ୍ଦୁପେଟ୍ରିଅଟ ଜଣେ ପାଦ୍ରିର ଖଣ୍ଡିଏ ପତ୍ର ଉଦ୍ଧୃତ କରି ଅଛନ୍ତି ତହିଁରୁ ଦେଖାଯାଏ ଯେ ମାନ୍ଦ୍ରାଜରେ ଗତ ସେପ୍ଟେମ୍ବର ମାସ ଯାଏ ସାତ ହଜାର ଲୋକ ଖ୍ରୀଷ୍ଟିୟାନ ହୋଇଥିଲେ ଏବଂ ଆହୁରି ଛଅହଜାର ଲୋକ ଖ୍ରୀଷ୍ଟିୟାନ ହେବାର ପ୍ରାର୍ଥୀ ଥିଲେ । ତେବେ ଦୁର୍ଭିକ୍ଷକୁ ସ୍ୱର୍ଗର ଦ୍ୱାର ବୋଲଯାଇ ପାରେ ।

ମାନ୍ଦ୍ରାଜ ଆଥେନିୟମରେ ଲେଖା ଅଛି ଯେ ଏକା ବେଲାରି ଜିଲ୍ଲାରେ ଦୁର୍ଭିକ୍ଷ ଆରମ୍ଭରୁ ଅବଧି ୧୧୩୦୦୦୦୦ ଟଙ୍କା ସାହାଯ୍ୟ କର୍ମରେ ବ୍ୟୟ ହୋଇ ଅଛି କିନ୍ତୁ ଏଥିମଧ୍ୟରୁ କେବଳ ପଚାଶ ଲକ୍ଷ ଟଙ୍କାର ହିସାବ ମିଳ ଅଛି ! ପେଟ ପୋଡ଼ଲା ବେଳେ କି ହିସାବ ଠିକ ରହଇ ଅଥବା ପର ପେଟ ପାଇଁ ଆପଣା ପେଟକୁ ପାସୋର ପକାଇବା ଲୋକ ସଂସାରରେ କେତେ ଅଛନ୍ତି ?

ହିନ୍ଦୁପେଟ୍ରିଅଟ ଶୁଣି ଅଛନ୍ତି କି ଆଗାମି ମାର୍ଚ୍ଚ ମାସରେ ଶ୍ରୀଯୁକ୍ତ ମକ୍ଲେନୀ ସାହେବ ପେନସନ ନେବେ । ବର୍ତ୍ତମାନ ସେ ପାଟନାର କମିଶ୍ନର ଅଛନ୍ତି ।

ଆମେରିକାରେ ଏକ ବ୍ୟକ୍ତି ଗୋଟିଏ କଳର ଘୋଡ଼ା ନିର୍ମାଣ କରି ଅଛନ୍ତି । କେବଳ ଅଗ୍ନିର ବଳରେ ସେ ଘୋଡ଼ା ଚାଲଇ । ଆରୋହୀ ଘୋଡ଼ା ଉପରେ ବସି ଲଗାମ ଧରି ତାହାକୁ ଯେଣେ ଇଚ୍ଛା ତେଣେ ନେଇ ଯାଇ ପାରେ । ପରୀକ୍ଷା ଦ୍ୱାରା ଏ ଘୋଡ଼ାର ଉପଯୋଗିତା ଦେଖା ଯାଇ ଅଛି ଏବଂ ଏଥିର କର୍ତ୍ତା ବୋଲନ୍ତି କି ସେ ୩୦ ଟଙ୍କା ମୂଲ୍ୟରେ ଏମନ୍ତ ଗୋଟିଏ ଘୋଡ଼ା ନିର୍ମାଣ କରି ଦେବେ କି ସେମାନେ ଜଣେ ମନୁଷ୍ୟକୁ ଏକ ଘଣ୍ଟାରେ ୧୦।୧୨ ମାଇଲ ବାଟ ନେଇ ଯାଇ ପାରିବେ । ଆହା ! ଦାନା ଓ ସଇସର ଲୋଡ଼ା ହେବ ନାହିଁ ଅଥଚ ୧୦।୧୨ ମାଇଲ ପ୍ରତି ଘଣ୍ଟାରେ ଚାଲିବ ଓ କିଣିବାକୁ କେବଳ ୫୦ ଟଙ୍କା ପଡ଼ିବ ଏଥିରୁ ସୁଖର ବିଷୟ ଆଉ କି ଅଛି । ଏତେଦିନେ ଘୋଡ଼ା ଚଢ଼ିବା ସାଧ ପୂର୍ଣ୍ଣ ହେବାର ସମ୍ଭବ ହେଲା ।

ମାନ୍ଦ୍ରାଜର ଶିକ୍ଷା ବିଭାଗର ଡିରେକ୍ଟର ବିଧାନ କରି ଅଛନ୍ତି କି ମିଥ୍ୟା କହିବା ଅଭ୍ୟନ୍ତ ଅବାଧ୍ୟ ହେବା କିମ୍ବା ଅଶ୍ଳୀଳ କଥା ବା କାର୍ଯ୍ୟ ଇତ୍ୟାଦି ଅପରାଧ ସ୍ଥଳରେ ସ୍କୁଲ ପିଲାମାନଙ୍କର ବେତ୍ରାଘାତ ଦଣ୍ଡ ହେବ । ମାତ୍ର ଏକ ଥରରେ ଛଅ ବେତରୁ ଅଧିକ ଦଣ୍ଡ ଦିଆ ଯିବ ନାହିଁ ଓ କେବଳ ହାତ ତାଳୁଅରେ ବେତ ମାରିବାକୁ ହେବ । ପିଲାମାନଙ୍କ ଦୁର୍ନୀତି ପକ୍ଷରେ ବେତ ମହୌଷଧ ଅଟଇ ।

ଦୁର୍ଭିକ୍ଷ ସାହାଯ୍ୟ ସମ୍ପର୍କରେ ସର ରିଚାର୍ଡ ଟେମ୍ପଲ ସାହେବ ନିୟମ କରିଥିଲେ କି ଦିନାପି [illegible] ଅଧସେର ଚାଉଳ ଜଣେ ମନୁଷ୍ୟର ଖୋରାକ ସକାଶେ ଯଥେଷ୍ଟ ଅଟେ । ହିନ୍ଦୁପେଟ୍ରିଅଟ ଶୁଣି ଅଛନ୍ତି ଯେ ବମ୍ବେଇ ଜେଲରେ ଏହି ବିଷୟର ପରୀକ୍ଷା ହୋଇ ଥିଲା ମାତ୍ର ସଫଳ ହେଲା ନାହିଁ କଇଦିମାନେ କେବଳ ଅସ୍ଥି ଚର୍ମ ସାର ହେଲେ ସୂକ୍ଷ୍ମବୁଦ୍ଧିର କଳନା କରିବା ସାମାନ୍ୟ ଲୋକର ଅସାଧ୍ୟ ଅଟଇ ।

କଲିକତାର ବିଜ୍ଞାନ ସଭାରେ ଯେଉଁ ଛାତ୍ରମାନେ ଉପଦେଶ ଶୁଣିବେ ଏବଂ କାରଖାନାରେ କର୍ମ କରିବେ ସେମାନଙ୍କ ମଧ୍ୟରୁ ଛଅ ଜଣକୁ ପ୍ରତିବର୍ଷ ତିନୋଟି ପାରିତୋଷିକ ଦେବାକୁ ଅଙ୍ଗୀକାର କରିଅଛନ୍ତି । ପାରିତୋଷିକର ପରିମାଣ ୧୦୦ ଟଙ୍କା ୭୦ ଟଙ୍କା ଓ ୫୦ ଟଙ୍କା ହେବ । ଯେଉଁ ନିୟମରେ ପାରିତୋଷିକ ଦିଆ ଯିବ ତାହା ଏ ପତ୍ରେ ପ୍ରକାଶ ପାଇବ ।


## NOTICE.

### FOR SALE.

A Bungalow with out-buildings gardens &c. seperate office & godown near Jobra all just put into thorough order and repair.–Price Rupees Three Thousand.

Cuttack 1st January 1878. } WITHER & Co.


## ମୂଲ୍ୟପ୍ରାପ୍ତି ।

| | | | |
|---|---|---|---|
| ବାବୁ ବ୍ରଜକୁମାର ବୋଷ | ଅସଣ୍ଡୋ | ଅଫିସ | ୭ ୷ |
| ,, ଗୌରଚରଣ ଘୋଷ | ଜଗତ୍‌ସୁର | କଟକ | ୩ |
| ,, କୁଳମଣି ଆଗ୍ରୱାଲ | କଟକ | ଅଫିସ | ୪ |
| ,, ଦିବାକର ଦାସ | ,, | କଟକ | ୪ |
| ,, ଜମାଲଚରଣ ନେଉଗୀ | ,, | ,, | ୨ |
| ଗୌଧୂଳ ପଣ୍ଡିତ ଦାସ | | ,, | ୭ |
| ବାବୁ ଭଗବାନ୍ ସେନ | କଟକ | ,, | ୩ |
| ,, ଜମାନାଥ ସାହୁ | ,, | ,, | ୩ |
| ,, ଯଗଦ୍‌ବନ୍ଧୁ ଘୋଷ | ,, | ,, | ୩ |
| କୁମାର ବୈକୁଣ୍ଠନାଥ ଦେ ବାଲେଶ୍ୱର ଅଫିସ | | | ୮ |

☞ ଏହି ଉତ୍କଳଦୀପିକା ସହରକଟକ ଦରଘାବଜାର କଟକ ପ୍ରିଣ୍ଟିଂ କମ୍ପାନୀଙ୍କ ଯନ୍ତ୍ରାଳୟରେ ମୁଦ୍ରିତ ଓ ପ୍ରକାଶିତ ହେଲା ।

Digitized by srujanika@gmail.com

## ମାଇନର ଓ ଭର୍ଣ୍ଣାକ୍ୟୁଲର ଛାତ୍ରବୃତ୍ତି ପରୀକ୍ଷୋତ୍ତୀର୍ଣ୍ଣ ବାଳକମାନଙ୍କର ନାମ ନମ୍ବର ଅନୁକ୍ରମେ ।

### ମାଇନର ।

| ନାମ | ଶ୍ରେଣୀ | ବିଦ୍ୟାଳୟ |
|---|---|---|
| ୧ ମଦନମୋହନ ଦାସ | ଦ୍ୱିତୀୟଶ୍ରେଣୀ | ଯାଜପୁର |
| ୨ ନୀଳମଣି ମିଶ୍ର | ” | ” |
| ୩ ନୀଳମଣି ଶାସ୍ତ୍ରୀ | ” | ” |
| ୪ ଆନନ୍ଦବଲ୍ଲଭ ମିତ୍ର | ” | ” |
| ୫ ଭାଗବତ ତ୍ରିପାଠୀ | ତୃତୀୟଶ୍ରେଣୀ | କଟକ ମିଶନ |
| ୬ କୈଳାସରାମ ଲାଲ | ” | ବଙ୍କିବଜାର |
| ୭ ଜଗନ୍ନାଥ ମିଶ୍ର | ” | ଯାଜପୁର |
| ୮ ବ୍ରହ୍ମାନନ୍ଦ ମହାନ୍ତି | ” | ସୁନ୍ଦରଗାଁ |
| ୯ ଉଦୟନାଥ ଲାହା | ” | ବାଲେଶ୍ୱର–ମଦନମୋହନ ଦାସ ସ୍କୁଲ |
| ୧୦ ସତ୍ୟାନନ୍ଦ ଦାସ | ” | କଟକ ମିଶନ |
| ୧୧ ଗୋବିନ୍ଦପ୍ରସାଦ ଦତ୍ତ | ” | ଜବରପୁର |
| ୧୨ ଶ୍ରୀରାମଚନ୍ଦ୍ର ସରକାର | ” | ବଙ୍କିବଜାର |
| ୧୩ କୃପାସିନ୍ଧୁ ଦାସ | ” | ଭଦରଖ |
| ୧୪ ପରମାନନ୍ଦ ସାହୁ | ” | ବଙ୍କିବଜାର |
| ୧୫ ହରଗୋବିନ୍ଦ ଘୋଷ | ” | ଜବରପୁର |
| ୧୬ ପରୀକ୍ଷିତ ଦାସ | ” | ଖୋରଧା |
| ୧୭ ହୀରାଲାଲ ରାୟ | ” | ବଙ୍କିବଜାର |
| ୧୮ ଚିନ୍ତାମଣି ଦାସ | ” | ଖୋରଧା |
| ୧୯ ବନମାଳୀ ମିଶ୍ର | ” | ଭଦରଖ |

### ଭର୍ଣ୍ଣାକ୍ୟୁଲର ।

| ନାମ | ଶ୍ରେଣୀ | ବିଦ୍ୟାଳୟ |
|---|---|---|
| ୧ ଦିବାକର ପଟ୍ଟନାୟକ | ପ୍ରଥମଶ୍ରେଣୀ | କଟକ ମଡେଲସ୍କୁଲ |
| ୨ ଦାଶରଥୀ ମହାପାତ୍ର | ” | ମହାସିଂହପୁର |
| ୩ ସୁଦର୍ଶନ ରାଉତ | ଦ୍ୱିତୀୟଶ୍ରେଣୀ | ଆଖଡାଶାଳ |
| ୪ ଗଣେଶ୍ୱର ରାୟ | ” | ପୁରୀ ଉତ୍କଳବିଦ୍ୟାଳୟ |
| ୫ ସ୍ୱପ୍ନେଶ୍ୱର ପାଣିଗ୍ରାହୀ | ” | ଭୁବନେଶ୍ୱର |
| ୬ ଚିନ୍ତାମଣି ଦତ୍ତ | ” | ଦେହୁଡ଼ା |
| ୭ ରାମଲାଲଦାସ ଗୁପ୍ତ | ” | ଭୋଗରାଇ |
| ୮ ଶମ୍ଭୁନାଥ ପଟ୍ଟନାୟକ | ” | କଟକ ମଡେଲସ୍କୁଲ |
| ୯ ନରସିଂହଚରଣ ମହାନ୍ତି | ” | ପଟ୍ଟାମୁଣ୍ଡେଇ |
| ୧୦ ଦାମୋଦର ଦାସ | ” | ମହାସିଂହପୁର |
| ୧୧ ରାସବିହାରୀ ରାୟ | ” | କଟକ ମଡେଲସ୍କୁଲ |
| ୧୨ ଲକ୍ଷ୍ମଣ ବେହେରା | ” | ଢେଙ୍କାନାଳ |
| ୧୩ ରୁଦ୍ରନାରାୟଣ ପଟ୍ଟନାୟକ | ତୃତୀୟଶ୍ରେଣୀ | ଦେହୁଡ଼ା |
| ୧୪ ରାମକାନ୍ତ ଚଟ୍ଟୋପାଧ୍ୟାୟ | ” | ଭଦଲୋ |
| ୧୫ ଗୋବିନ୍ଦପ୍ରସାଦ ଦାସ | ” | ସୋରୋ |
| ୧୬ ରଙ୍ଗାଧର ମହାନ୍ତି | ” | ପଟ୍ଟାମୁଣ୍ଡେଇ |
| ୧୭ ନୀଳମଣି ଦାସ | ” | ଦେହୁଡ଼ା |
| ୧୮ ଦୀନବନ୍ଧୁ ପଟ୍ଟନାୟକ | ” | ଢେଙ୍କାନାଳ |
| ୧୯ ଗିରିଧାରୀ ନନ୍ଦ | ” | ମହାସିଂହପୁର |
| ୨୦ କୃତ୍ତିବାସ ସାହୁ | ” | ଦୋଲସାହି |
| ୨୧ ନରେନ୍ଦ୍ର ରାୟ | ” | ପଟ୍ଟାମୁଣ୍ଡେଇ |
| ୨୨ ମାଧବ ମିଶ୍ର | ” | ଜରପଡ଼ା |
| ୨୩ ଗୋପୀନାଥ ଦାସ | ” | ମଙ୍ଗଳପୁର |
| ୨୪ ଲମ୍ବୋଦର ମହାପାତ୍ର | ” | କଟକ ମଡେଲସ୍କୁଲ |
| ୨୫ କନ୍ଦେଇଚରଣ ଭଟ୍ଟାଚାର୍ଯ୍ୟ | ” | ସୁବର୍ଣ୍ଣପୁର |
| ୨୬ ପ୍ରହ୍ଲାଦ ଚୌଧୁରୀ | ” | ପଟ୍ଟାମୁଣ୍ଡେଇ |
| ୨୭ ଗୋଲକବିହାରୀ ମହାନ୍ତି | ” | ଦେହୁଡ଼ା |
| ୨୮ ଗଣେଶ ମହାନ୍ତି | ” | ପୁରୀ ଉତ୍କଳବିଦ୍ୟାଳୟ |
| ୨୯ ଚନ୍ଦ୍ରମୋହନ ମହାରଣା | ” | ରେମୁଣା |
| ୩୦ ବାଞ୍ଛାନିଧି କାନୁଗୋଇ | ” | କଟକ ମଡେଲସ୍କୁଲ |
| ୩୧ ଗଙ୍ଗାଧର ଚଟ୍ଟୋପାଧ୍ୟାୟ | ” | ବାଁଶଡହା |
| ୩୨ ଶ୍ୟାମାଚରଣ ମୁଖୋପାଧ୍ୟାୟ | ” | କଟକ ମଡେଲସ୍କୁଲ |
| ୩୩ ରାଜନାରାୟଣ ଦାସ | ” | ସୋରୋ |
| ୩୪ ଲୋକନାଥ ବେହେରା | ” | ଆଖଡାଶାଳ |
| ୩୫ ଜାନକୀବଲ୍ଲଭ ଦାସ | ” | ବେରବୋଇ |
| ୩୬ ରାଧାନାଥ ସରକାର | ” | ମହାସିଂହପୁର |
| ୩୭ ଦୁର୍ଗାଚରଣ ମହାନ୍ତି | ” | ଛାଲପଦା |
| ୩୮ ଗୋବର୍ଦ୍ଧନ ମିଶ୍ର | ” | ବାଁଶଡହା |
| ୩୯ କୃଷ୍ଣମୋହନ ନାୟକ | ” | ଆଖଡାଶାଳ |
| ୪୦ ମଧୁସୂଦନ ରାୟ | ” | ବାଗୁରେଇ |
| ୪୧ ମଦନମୋହନ ପଟ୍ଟନାୟକ | ” | ଜରପଡ଼ା |
| ୪୨ ବିନାୟକ ଆଚାର୍ଯ୍ୟ | ” | ଛତିଆ |
| ୪୩ କାଳୀପ୍ରସାଦ ଘୋଷ | ” | ସୋରୋ |
| ୪୪ ବନମାଳୀ ଦାସ | ” | କଟକ ମଡେଲ |
| ୪୫ ଗୁରୁଚରଣ ଦାସ | ” | ଆଖଡାଶାଳ |
| ୪୬ ବୈକୁଣ୍ଠନାଥ ମହାନ୍ତି | ” | ସୋରୋ |
| ୪୭ ପ୍ରସନ୍ନକୁମାର ମିତ୍ର | ” | ବାରବାଟ |
| ୪୮ ନିତ୍ୟାନନ୍ଦ ମହାନ୍ତି | ” | ପଟ୍ଟାମୁଣ୍ଡେଇ |
| ୪୯ ସିଦ୍ଧେଶ୍ୱର ଦାସ | ” | ଶ୍ରୀରାମଚନ୍ଦ୍ରପୁର |
| ୫୦ ଅଦ୍ୱୈତଚରଣ ଆଚାର୍ଯ୍ୟ | ” | ମହାସିଂହପୁର |
| ୫୧ ଜନାର୍ଦ୍ଦନ ପଟ୍ଟନାୟକ | ” | ସୋରୋ |
| ୫୨ ଧରଣୀଧର ଦାସ | ” | ଭୋଗରାଇ |
| ୫୩ ବ୍ରଜବନ୍ଧୁ ପଟ୍ଟନାୟକ | ” | ଢେଙ୍କାନାଳ |

Cuttack,
The 3rd January, 1878.

RADHANATH RAI.
*Joint Inspector of Schools*
*Orissa.*

Split by PDF Splitter

Digitized by srujanika@gmail.com

Split by PDF Splitter



## ପ୍ରେରିତପତ୍ର ।

ମାନ୍ୟବର ଶ୍ରୀଯୁକ୍ତ ଉତ୍କଳଦୀପିକା ସମ୍ପାଦକ
ମହାଶୟ ସମୀପେଷୁ ।

ମହାଶୟ !

ବଡ ଦୁଃଖର ସହିତ କଟକ କଲେଜର ଶିକ୍ଷକତା ପଦରେ କେତେକ ଅସ୍ୱାଭାବିକ ପରି-ବର୍ତ୍ତନ ବିଷୟ ଅବଗତ ହୋଇ ଆପଣଙ୍କ ଜ୍ଞାତବାର୍ଥ ପତ୍ରବଦ୍ଧ କରୁଅଛୁଁ ।

ଚନ୍ଦ୍ରମାଧବ ବାବୁ ବୋଲି ଜଣେ ଉକ୍ତ ସ୍କୁଲର ଶିକ୍ଷକ ଅବଶ୍ୟ କଲେଜ ଅଧ୍ୟକ୍ଷଙ୍କ ଅନୁମତି କ୍ରମେ ଆଉ ଏକ ସରକାରୀ କାର୍ଯ୍ୟରେ ଏକ୍ଟିଂ ନିଯୁକ୍ତ ହୋଇଥିଲେ । ତାଙ୍କର ଏ ନୂତନ କାର୍ଯ୍ୟରେ ନିଯୁକ୍ତି ହେଉ ନାହିଁ । ଦରମାହା ମାସକୁ ୫ ୨୨୯ ଙ୍କା । ଅମରନାଥ ବାବୁ ଓ ଗୋପାଲ ବାବୁ ବୋଲି ଆଉ ଦୁଇଜଣ ଶିକ୍ଷକ ଅଛନ୍ତି । ଏମାନେ ବହୁକାଳରୁ ପ୍ରଶଂ-ସାର ସହିତ କାର୍ଯ୍ୟ କରି ଆସୁଅଛନ୍ତି । ଅମ-ରନାଥ ବାବୁ ବ ୧୭ ର୍ଷ ଓ ଗୋପାଲ ବାବୁ ପ୍ରାୟ ବ ୧୬ ର୍ଷର ଶ୍ଳକରସ୍ଥା । ଆଉ କେନା-କେତେ କାର୍ଯ୍ୟ କଲେ ଏ ଦୁହେଁ ପେନ୍‌ସନ ପାଇ ପାରନ୍ତି । ଏ ଦୁହେଁ ଯେ ଉତ୍ତମ ଶିକ୍ଷକ ଏହା ସାଧାରଣ ମତ । ସାଧାରଣଙ୍କର ସେ ଦୁହିଙ୍କ ଶିକ୍ଷାରେ ଓ ଚରିତ୍ରରେ ବିଶ୍ୱାସ ଅଛି । ଏ ପତ୍ର ଲେଖକ ସେ ଦୁହିଙ୍କର ଛାତ୍ର ଓ ସେମାନେ ଯେ ଉତ୍କୃଷ୍ଟ ଶିକ୍ଷକ; ଏହା ଲେଖକର ଦୃଢବିଶ୍ୱାସ ଓ ଉତ୍ତମ ହୃଦୟଙ୍ଗମ ଅଛି । ମଧ୍ୟ ଏ ଲେଖକର ପୂର୍ବ ଓ ପରବର୍ତ୍ତୀ ସମସ୍ତ ଛାତ୍ର-ଙ୍କର ଏ ମତରେ ସମ୍ୟକ୍ ସହାନୁଭୂତି ଦୃଷ୍ଟ ହୁଏ ଶୁଣୁଛୁଁ ହଠାତ୍ ଏଜର ସାହେବ ରପୋର୍ଟ କରି ଅମରନାଥଙ୍କର ୫ ୫୦୯ ଙ୍କା ଦରମାହାରୁ ୫ ୧୫୯ ଙ୍କା ଓ ଗୋପାଲଙ୍କ ୫ ୩୦୯ ଙ୍କା ଦର-ମାହାରୁ ୫ ୫୯ ଙ୍କା କାଟି ଏକ ଚନ୍ଦ୍ର ବାବୁଙ୍କୁ ସ୍କୁଲ କର୍ମରୁ କମିଶନର ନନେ କରି ଉସୋଜା ସାହେ ବୋଲି ଜଣେ ଫିରଙ୍ଗି କି (ଅମରନାଥ କି ଗୋପାଲଙ୍କ ଅପେକ୍ଷା ଏହାଙ୍କର ପାଶ ବେଶୀ ନାହିଁ, ବରଂ ଏକ ଶ୍ରେଣୀ ଊଣା; ବ୍ୟୁତ୍ପତ୍ତି କଥା ଏଥିରୁ କିମ୍ବା ହେଲେ ବିଶ୍ୱାସନ୍ତୁ; ଶିକ୍ଷ-କତା କାର୍ଯ୍ୟରେ ଏକ କି ଦେଢ ବର୍ଷର ପାର-ଦର୍ଶିତା ମାତ୍ର) ୫ ୪୨୯ ଙ୍କା ଦରମାହାରେ ମନୋନୀତ କରିବାର ଶୁଣାଯାଏ । ଉସୋଜା ସାହେବ କିଅଁ ଏତେ ଅନୁଗ୍ରହର ଭାଗୀ, ଏଥିର ଅନୁସନ୍ଧାନ କଲରୁ କେହି କହୁଅଛନ୍ତି ସେ ଏଜର ସାହେବଙ୍କ ପୁଅକୁ ପଢାଉଥିଲେ । କିନ୍ତୁ ଆମ୍ଭେମାନେ ଏହା ବିଶ୍ୱାସ ନ କରୁଁ ଓ ଏଥିର ଏତେବେଳେ ଯାଏ ତଥ୍ୟ ପାଇ ନାହୁଁ ଅନୁସନ୍ଧାନ ଲାଗିଅଛି । କିଅଁ ଯେ ଅନୁଗ୍ରହ ବୁଝି ପାରୁ ନାହୁଁ ।

ଅମରନାଥ ବାବୁଙ୍କ ଉପଯୁକ୍ତତା ବିଷୟରେ ଅଧିକ ଏହି ଯେ ଆଜ ପ୍ରାୟ ୧୫ କି ୨ ବର୍ଷ ତଳେ ଏଜର ସାହେବ ତାଙ୍କୁ କଟକ କଲେ-ଜର ୩ୟ ଶିକ୍ଷକତା ପାଇଁ ସୁପାରିସ କରିଥିଲେ ଓ ପ୍ରଶଂସା କରି ଅନେକ ଲେଖିଥିଲେ । ତାଙ୍କ କ୍ଲାସ ଫଳ ଏଥର ଯାହା ହୋଇଅଛି, ଶୁଣିଲୁଁ ସେହିପରି କି ଭଲ କି ବଳ ମନ୍ଦ ତାଙ୍କ ଉପର କ୍ଲାଶର ଫଳ କେତେକ ଅଂଶରେ ହୋଇଅଛି ଦେଉ ବର୍ଷେ ଫଳ ଖରାପ ହେଲେ କି ଶିକ୍ଷକ ଜଣେ ପଦଚ୍ୟୁତ ବା ନୀଚ ବେତନ ଭୋଗୀ ହେବ ? ଏଜର ସାହେବ ଯେଉଁ ବର୍ଷ ପହିଲି କଟକ କଲେଜର ଭାର ନେଇ ଏଣ୍ଟ୍ରାନ୍‌ସ କ୍ଲାଶର ଇଂରାଜୀ ପଢାଉଥିଲେ । ସେ ବର୍ଷ ଏଣ୍ଟ୍ରାନ୍‌ସ କ୍ଲାଶରେ ୨ଜଣ ପାଶ କଲେ, ପ୍ରାୟ ୧୬ କି ୧୭ଜଣ ଇଂରାଜୀ ସାହିତ୍ୟରେ ଫେଲ୍ ହେଲେ । ଗତ ବ ୨ ର୍ଷହେଲା ୨ଜଣ କରି ଏଲେ ପାଶ କରୁଅଛନ୍ତି । ଏଣୁକରି କି ଏଜର ସାହେବ ଡିସମିସ ବା ଡିଗ୍ରେଡ ହୋଇଥାନ୍ତେ କି ଦେବେ? ଏହା ନୁହେ । ଗତବର୍ଷ ଜ ୧୬ ଣ ଏଣ୍ଟ୍ରାନ୍‌ସ ପାଶ କରିଥିଲେ ଏ ବର୍ଷ ଜ ୮ ଣ କଲେ । ଏହା ବୋଲି କି ବର୍ତ୍ତମାନ ହେଡ୍‌ମାଷ୍ଟର ବଦ-ଲରେ ଆଉ ଜଣେ ମାଷ୍ଟର ଆସି ବସିବେ ? ଏଥି କି କମ୍ବିଶ୍ୱାର କରି ଏଜର ସାହେବଙ୍କର କାର୍ଯ୍ୟ କରିବାର ଉଚିତ ଥିଲା । ବର୍ତ୍ତମାନ ଭରସା କରୁଁ ଏଜର ସାହେବ ତାଙ୍କର ଭ୍ରମ ବୁଝି ଶୁଦ୍ଧି ସଂଶୋଧନ କରି ସାଧାରଣଙ୍କୁ ସନ୍ତୁଷ୍ଟ କରିବେ । ଚନ୍ଦ୍ର ମାଧବଙ୍କର କି ଦୋଷ ? ଅମରନାଥ ଓ ଗୋପାଲଙ୍କ ବିଷୟରେ ମଧ୍ୟ କିମ୍ବାର୍ଯ୍ୟ ଅଛି ।

ଏ ଲେଖା ହେଉଁ ୨ ଅବଗତ ହେଲୁଁ କଟକ କଲେଜର ଏହି ପରିବର୍ତ୍ତନରେ ସାଧାରଣ ଅନେକ ଲୋକେ ବିରକ୍ତ ଓ ବ୍ୟସ୍ତ ହୋଇଅଁ-ଛନ୍ତି ଓ ଏଥିର ପ୍ରତୀକାରାର୍ଥ ଏକ ଦରଖାସ୍ତ ପ୍ରସ୍ତୁତ କରୁଅଛନ୍ତି । ଦରଖାସ୍ତ ଠିକଏ ରହି ସମ୍ଭାଳ, ଏଜର ସାହେବ କି କରୁଅଛନ୍ତି ଦେଖି ପଠାଇବାର ଉଚିତ ।

ଆପଣଙ୍କର ଅନୁଗତ ।

ଶ୍ରୀ—ଶୂନ୍ୟ ।

---

## ବିଜ୍ଞାପନ ।

ସନ ୧୮୭୮।୭୯ ମସିହାର ନୂତନପଞ୍ଜିକା ପ୍ରସ୍ତୁତ ହୋଇ ବିକ୍ରୟ ହେଉଅଛି ।

ମୋଫସଲ ଗ୍ରାହକମାନଙ୍କୁ ଖଣ୍ଡେ କମ୍ବା ଦୁଇଖଣ୍ଡରେ ୫ ୦ ୵ ଡାକମାସୁଲ ପଡିବ ଖ ୫ ଣ୍ଡ ବା ତହିଁରୁ ଅଧିକ ଏକତ୍ର ନେଲେ ଡାକମାସୁଲ ପଡିବ ନାହିଁ ।

ଯେ କେହି ଶଏଖଣ୍ଡ ବା ତହିଁରୁ ଅଧିକ ନଗଦ ମୂଲ୍ୟରେ ଖରିଦ କରିବେ ତାହାଙ୍କୁ ଶତକଡ଼ା ୫ ୧୫ ୯ ଙ୍କା ଲେଖାଁଏ କମିଶନ ଦିଆଯିବ ।

---

☞ ମୂଳ ପଞ୍ଚ ଦେଖ

Digitized by srujanika@gmail.com

Split by PDF Splitter

REGISTERED NO. 1



# ଉତ୍କଳ ଦୀପିକା

## ସାପ୍ତାହିକ ସମ୍ବାଦପତ୍ରିକା

ଖଣ୍ଡ ୧୩ ଶ
ସଂ ୩ ସଂଖ୍ୟା

ତା ୧୯ ଋଷ ମାହେ ଜାନୁଏରୀ ସନ ୧୮୭୮ ମସିହା । ମୁ । ମାଘ ଦ ୮ ଜ ସନ ୧୨୮୫ ସାଲ ଶନିବାର

ଅଗ୍ରିମ ବାର୍ଷିକମୂଲ୍ୟ ଟ[illegible]
ବର୍ଷାନ୍ତେମୂଲ୍ୟଦେଲେବର୍ଷକୁ ଟ୬୲
ମଫସଲପାଇଁ ଡାକମାସୁଲ ଟ୧୲୰

ବଙ୍ଗଳାରେ ଲବଣ କର ଦୁଇଅଣା ଉଣା ହେଲା ମାତ୍ର ଏ ଜିଲ୍ଲା ବଙ୍ଗଳା ଅନ୍ତର୍ଗତ ଥାଇ ସୁଦ୍ଧା ତହିଁର ଫଳ ପାଇପାରିଲା ନାହିଁ ବାସ୍ତବରେ ଏଠାରେ ଲୁଣର ଦର ଉଚ୍ଚ ହୋଇଅଛି ତହିଁର କାରଣ ଏହି ଯେ ଏଠା ଲୋକେ ମାନ୍ଦ୍ରାଜ ଏଲକାର ଲୁଣ ଖର୍ଚ୍ଚ କରନ୍ତି ସୁତରାଂ ସେଠାରେ ଲବଣ କର ବୃଦ୍ଧି ହେବାରୁ ଏଠାରେ ଦର ତେଜ ହୋଇଗଲା ।

---

ଜୋୟାକି ଓ ନାଗାଙ୍କର ସହିତ ଯୁଦ୍ଧ ଶେଷ ହେବାର କିଛି ଲକ୍ଷଣ ଦେଖାଯାଉ ନାହିଁ । ଜୋୟାକିମାନେ ଯୁଦ୍ଧ କରୁ ନାହାନ୍ତି ସତ୍ୟ କିନ୍ତୁ କୌଣସି ପ୍ରକାର ସନ୍ଧି କରିବାକୁ ଆସି ନାହାନ୍ତି ଓ ଇଂରାଜ ସେନା ତାହାଙ୍କ ଅଧିକୃତ ରାଜ୍ୟଖଣ୍ଡରୁ ମାଡ ବସିଅଛନ୍ତି । ନାଗାମାନଙ୍କ ଆଚରଣ ଭିନ୍ନ ପ୍ରକାର ସେମାନେ ଅବଶ୍ୟ ଅଭ୍ୟାସର କରିବାରୁ କ୍ଷାନ୍ତ । ଦିନବେଳେ ସମ୍ମୁଖ ଯୁଦ୍ଧ କରିବାକୁ ସେମାନେ ବାହାରୁ ନାହାନ୍ତି । ମାତ୍ର ରାତ୍ରରେ ଲୁଚି କରି ବନ୍ଧୁକ ମାରୁଅଛନ୍ତି ଓ ତଦ୍ଦ୍ୱାରା ଇଂରାଜ ସେନା ଓ ପ୍ରଜାଙ୍କୁ ଅଧିକତର ବ୍ୟସ୍ତ କରୁଅଛନ୍ତି । ଗୋଟାକେତେ ମୁଣ୍ଡ ଧରା ନ ପଡିଲେ ଏମାନେ ବଶଗତ ହେବେ ନାହିଁ ଓ ତହିଁର ଚେଷ୍ଟା ହେଉଅଛି ।

---

ଭାରତେଶ୍ୱରୀ ପଦଗ୍ରହଣ ଉପଲକ୍ଷରେ ଗତବର୍ଷ ଯେତେ ଉତ୍ସବ ଓ କାର୍ଯ୍ୟ ହୋଇଥିଲା ତହିଁର ବିସ୍ତାରିତ ବିବରଣ ଗତମାସର ଇଣ୍ଡିଆ ଗେଜେଟରେ ବାହାର ଅଛି । ସେସବୁ ପାଠ କରି ଆମ୍ଭେମାନେ ଜାଣିଲୁଁ ଯେ ଭାରତବର୍ଷର ନାନା ସ୍ଥାନରେ ଯେତେପ୍ରକାର ଉତ୍ସବ ହୋଇଥିଲା ତାହା ଛଡା ଏହି ଘଟନାକୁ ଚିରସ୍ମରଣୀୟ କରିବା କାରଣ ଲୋକମାନେ ଯେଉଁଠାରେ ଯେ ଯେ କାର୍ଯ୍ୟର ଅନୁଷ୍ଠାନ କରିଥିଲେ ତାହା ସମୁଦାୟ ଲେଖା ଅଛି । କଟକର ମେମୋରିୟଲ ହଲ ନାମକ ଯେଉଁ ଗୃହ ନିର୍ମାଣର ପ୍ରସ୍ତାବ ହୋଇଅଛି ତାହା ସୁଦ୍ଧା ତହିଁରେ ଲେଖା ଅଛି ସୁତରାଂ ଶ୍ରୀମତୀ ଭାରତେଶ୍ୱରୀ ଏ ପ୍ରସ୍ତାବକୁ ଶୁଣିଅଛନ୍ତି କିନ୍ତୁ ଯଦ୍ୟପି ଏହା ନିର୍ମାଣ ହେବାରେ ଅତ୍ୟନ୍ତ ବିଳମ୍ବ ହୁଏଇ ତେବେ କେତେ ଲଜ୍ଜାର ବିଷୟ ହେବ । ଯେଉଁମାନଙ୍କ ଉପରେ ଏ କାର୍ଯ୍ୟର ଭାର ଅଛି ସେମାନଙ୍କୁ ଏ ବିଷୟରେ ଅତ୍ୟନ୍ତ ତତ୍ପର ହେବାର ଉଚିତ ଯେମନ୍ତ କି ପଛକୁ ଲଜ୍ଜା ପାଇବାର ହୁଏଇ ନାହିଁ ।

---

ଗତ ମଙ୍ଗଳବାର ମୋହରମ ପର୍ବ ଶେଷ ହେଲା । ପୂର୍ବେ ଏ ନଗରରେ ଏ ପର୍ବଟି ସର୍ବାପେକ୍ଷା ଅଧିକ ସମାରୋହରେ ହେଉଥିଲା କିନ୍ତୁ କାଳକ୍ରମେ ତାହା ଲୋପ ହୋଇ ଆସିଲାଣି । ଏ ବର୍ଷ ଗତ ବର୍ଷ ପରି ତାଜିୟାମାନ ହୋଇଥିଲା କିନ୍ତୁ ତେତେ ଆଡମ୍ବର ନାହିଁ । ଏକ ଆଖଡାରେ ଯେତେ ମାଲ ବାହାରୁଥିଲେ ତାହା ପ୍ରାୟ ଅଧାଅଧି ହୋଇଗଲାଣି ଓ ତାଜିୟାସବୁ ମନ୍ଦ ହୋଇ ନ ଥିଲେହେଁ ଅତି କଷ୍ଟରେ ନିର୍ମିତ ହୋଇଥିବାର ଦେଖାଯାଏ । ଖାଦ୍ୟଦ୍ରବ୍ୟର ଦୁର୍ମୂଲ୍ୟତା ଏଥିର କାରଣ ବୋଧ ହୁଏଇ । ବାସ୍ତବରେ ପେଟକୁ ଦାନା ମିଳିବାର କଠିନ ହେଲେ ଉତ୍ସବରେ ମାତିବାକୁ ମନ କିରୂପେ ବଳାଇବ । ପ୍ରାଚୀନ ତାଜିୟାମାନ ଯେ କେହି ଅଦ୍ୟାପି ବନ୍ଦ ହୋଇ ନାହିଁ ଏହି ସୁଖର ବିଷୟ ଅଟଇ । କତଲରାତ୍ର ଶେଷ ସଉକି ତାଜିୟାମାନ ବାହାର ବେଳ ଘ ୯ ଟାରେ ଯାତ୍ରା ଭଙ୍ଗିଲା ଓ ଅଲବଦା ଦିନ ଦିବା ଶେଷ ସମୟରେ ତାଜିୟାସବୁ ପାଣିକି ଯିବାର ଆରମ୍ଭ ହୋଇ ରାତ୍ର ଘ ୯ ଟାକୁ କାର୍ଯ୍ୟ ଶେଷ ହେଲା ।

---

ଓଡିଶାର ମାଇନର ଓ ଭର୍ଣ୍ଣାକୁଲର ପରୀକ୍ଷାର ଫଳ ଗତ ସପ୍ତାହରେ ବାହାରିଥିଲା । ତହିଁରୁ ପାଠକମାନେ ଦେଖିଥିବେ ଯେ ଜ ୧୯ ଣ ଛାତ୍ର ମାଇନର ଓ ଜ ୫୩ ଣ ଛାତ୍ର ଭର୍ଣ୍ଣାକୁଲର ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଅଛନ୍ତି । ଯେତେ ଜଣ ପରୀକ୍ଷା ଦେଇଥିଲେ ତହିଁମଧ୍ୟରୁ ପ୍ରାୟ ଅର୍ଦ୍ଧେ ଉତ୍ତୀର୍ଣ୍ଣ ହୋଇଥିବାରୁ ଏ ଫଳକୁ ମନ୍ଦ ବୋଲିଯାଇ ନ ପାରେ । ତେବେ ମାଇନର ପରୀକ୍ଷାରେ ଜଣେ ସୁଦ୍ଧା ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ନ ହେବା ସନ୍ତୋଷଜନକ ନୁହଇ । ଆଉ ଯାଜପୁରର ଦୁଇଜଣ ଛାତ୍ର ଓଡିଶାରେ ସର୍ବୋଚ୍ଚ ସ୍ଥାନ ପାଇବା ବଡ଼ ଆଶ୍ଚର୍ଯ୍ୟ ଘଟନା ଅଟଇ । ବର୍ଦ୍ଧିସିବକାର ସ୍କୁଲର ଫଳ ଉତ୍ତମ ହୋଇଅଛି ।

Digitized by srujanika@gmail.com

Split by PDF Splitter



ଭର୍ଣ୍ଣାକୁଲର ପରୀକ୍ଷାରେ ଜ ୨ ଣ ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଅଛନ୍ତି ଓ କଟକ ନର୍ମାଲସ୍କୁଲ ସର୍ବୋଚ୍ଚ ସ୍ଥାନ ପାଇବା ଆଶାନୁରୂପ ଫଳ ଅଟଇ । ତହିଁତଳେ ମହାସିଂହପୁର ସ୍ଥାନ ପାଇବା ମଧ୍ୟ ଉତ୍ତମ ହୋଇଅଛି କାରଣ ଏ ସ୍କୁଲଟି ଏ ଜିଲ୍ଲାର ଗୋଟିଏ ପ୍ରାଚୀନ ସ୍କୁଲ ଅଟଇ । ଗଡ଼ଜାତ ମଧ୍ୟରେ ଅନ୍ୟାନ୍ୟ ବର୍ଷପରି ଢେଙ୍କାନାଳର ଫଳ ସର୍ବାପେକ୍ଷା ଭଲ । ବଡ଼ ଦୁଃଖର ବିଷୟ ଯେ ଗବର୍ଣ୍ଣମେଣ୍ଟଙ୍କ ଖାସଗଡ଼ଜାତର କୌଣସି ବିଦ୍ୟାଳୟର ଫଳ କେବେ ଭଲ ଦେଖାଗଲା ନାହିଁ ।

---

ଇଉରୋପୀୟ ଯୁଦ୍ଧର ଯେସମସ୍ତ ସମାଚାର ଗତ ସପ୍ତାହରେ ଆସିଅଛି ତହିଁରୁ ଦେଖାଯାଏ ଯେ ଯୁଦ୍ଧ ସ୍ଥଗିତ ହୋଇ ନାହିଁ ଓ ରୁସିୟମାନେ କ୍ରମାଗତ ଜୟଲାଭ କରି ଅଗ୍ରସର ହେଉଅଛନ୍ତି । ସିପକାଘାଟି ପୂର୍ବରୁ ତାହାଙ୍କର ହସ୍ତଗତ ହୋଇଥିଲା ଏଥର ରୁସୀୟ ସେନା ବଲକାନପର୍ବତ ପାର ହେଉଅଛନ୍ତି । ଜେଣେ ଆରମିନିୟାରେ ଏର୍ଜରୋମ ଦୁର୍ଗକୁ ରୁସୀୟ ସେନା ସମ୍ପୂର୍ଣ୍ଣରୂପେ ବେଢ଼ି ବସିଅଛନ୍ତି । ତୁରସ୍କର ଅବସ୍ଥା ଦିନ୍ ମନ୍ଦ ହେବାର ଦେଖାଯାଏ । ମନ୍ତ୍ରୀ ସଭାର ପରିବର୍ତ୍ତନ ହୋଇଅଛି ଓ ଏକପ୍ରସ୍ଥ ନୂତନ ମନ୍ତ୍ରୀ ନିଯୁକ୍ତ ହୋଇଅଛନ୍ତି । ସୈନ୍ୟାଧ୍ୟକ୍ଷଙ୍କର ମଧ୍ୟ ପରିବର୍ତ୍ତନ ବନ୍ଦ ନାହିଁ । ଏହିପରି ସୁଲତାନ ଗ୍ରହଦଶାରୁ ହରବରରେ ପଡ଼ିଅଛନ୍ତି । ଯୁଦ୍ଧରେ କ୍ରମାଗତ ପରାଜିତ ହେବା ସମୟରେ ପ୍ରଧାନ ମନ୍ତ୍ରୀ ଓ କର୍ମଚାରୀଙ୍କର ଫେରବଦଳ ବଡ଼ ମନ୍ଦ ଲକ୍ଷଣ ଅଟଇ । ଯୁଦ୍ଧ ଆରମ୍ଭ କାଳରୁ ସୁଲତାନ କେବଳ ଇଂରେଜଙ୍କର ସାହାଯ୍ୟ ଆଶା କରିଥିଲେ ଅବଧି ତାହା ଦେଖା ନ ଗଲା । ଏଥିରେ କନଷ୍ଟାଣ୍ଟି ନୋପଲର ମୁସଲମାନମାନେ ବଡ଼ ବିରକ୍ତ ହୋଇଅଛନ୍ତି ଓ ସୁଲତାନ ସନ୍ଧି କରିବା ଏକମାତ୍ର ଉପାୟ ଜାଣି ତହିଁର ଉଦ୍ୟମରେ ଅଛନ୍ତି ମାତ୍ର ଅଦ୍ୟାବଧି କିଛି ସ୍ଥିର ହୋଇ ନାହିଁ । ସୁଲତାନ ସନ୍ଧିର ନିୟମମାନ ସ୍ଥିର କରିଅଛନ୍ତି କିନ୍ତୁ ରୁସୀୟା କି ନିୟମରେ ସନ୍ଧି କରିବାକୁ ସମ୍ମତ ହେବ ତାହା ସ୍ଥିର ହୋଇ ନ ଥିବାରୁ ରୁସୀୟ ଜେନେରଲ ଯୁଦ୍ଧ ସ୍ଥଗିତ କରିବାକୁ ସହସା ସମ୍ମତ ହୋଇ ନାହାନ୍ତି । ଶୀଘ୍ର ସନ୍ଧିର ଯଥାର୍ଥ ନିୟମମାନ ପ୍ରକାଶ ହେବ କିନ୍ତୁ ତାହା ଯେ ସୁଲତାନଙ୍କର ରୁଚିକର ହେବ ଏମନ୍ତ ଆଶା କରାଯାଇ ନ ପାରେ ।

---

କଲିକତା ବିଶ୍ୱବିଦ୍ୟାଳୟର ଗତ ପ୍ରବେଶିକା ପରୀକ୍ଷାରେ ୨୪୩୫ ଜଣ ପ୍ରାର୍ଥୀ ଥିଲେ ତହିଁ ମଧ୍ୟରୁ ୧୭୨ ଜଣ ପ୍ରଥମ ୫୪୯ ଜଣ ଦ୍ୱିତୀୟ ଏବଂ ୪୪୫ ଜଣ ତୃତୀୟ ଶ୍ରେଣୀରେ ମୋଟ ୧୧୬୬ ଜଣ ଉତ୍ତୀର୍ଣ୍ଣ ହୋଇ ଅଛନ୍ତି । ଏହିପରି ଫାଷ୍ଟଆର୍ଟସ୍ ପରୀକ୍ଷାରେ ୨୧ ଜଣ ପ୍ରଥମ ୮୫ ଜଣ ଦ୍ୱିତୀୟ ଏବଂ ୧୪୭ ଜଣ ତୃତୀୟ ଶ୍ରେଣୀରେ ମୋଟ ୨୫୩ ଜଣ ଉତ୍ତୀର୍ଣ୍ଣ ହୋଇଅଛନ୍ତି । ଶେଷ ପରୀକ୍ଷାରେ କେତେଜଣ ପ୍ରାର୍ଥୀ ଥିଲେ ଠିକ ଜଣା ନାହିଁ ସାତଶତ ପର୍ଯ୍ୟନ୍ତ ହେବାର ଶୁଣାଯାଏ ।

ଓଡ଼ିଶା ମଧ୍ୟରେ କଟକ କଲେଜରେ ୧୦ ଜଣ ଫାଷ୍ଟଆର୍ଟସ୍ ଓ ଜ ୧୬ ଣ ପ୍ରବେଶିକା ପରୀକ୍ଷା ଦେଇଥିଲେ ତହିଁମଧ୍ୟରୁ ଫାଷ୍ଟଆର୍ଟସ୍‌ରେ ଜ ୨ ଣ ଓ ପ୍ରବେଶିକା ପରୀକ୍ଷାରେ ଜ ୮ ଣ କୃତକାର୍ଯ୍ୟ ହେଲେ । ମୋଟ ଫଳ ସହିତ ଏହାକୁ ତୁଳନା କଲେ ସହଜରେ ଦେଖା ଯାଉଅଛି ଯେ ଫାଷ୍ଟଆର୍ଟସ୍ ପରୀକ୍ଷାର ଫଳ ଏଠାରେ ଅତ୍ୟନ୍ତ ମନ୍ଦ ହୋଇଅଛି । ପ୍ରବେଶିକା ପରୀକ୍ଷାର ଫଳ ତଦ୍ରୂପ ମନ୍ଦ ବୋଲି ଯାଇ ନ ପାରେ ମାତ୍ର ଭଲ ବୋଲିବାର କୌଣସି କାରଣ ନାହିଁ । ଯେବେ ପ୍ରଥମ ଶ୍ରେଣୀରେ ଗୋଟିଏ ଛାତ୍ରସୁଦ୍ଧା ଉତ୍ତୀର୍ଣ୍ଣ ନ ହେଲା ତେବେ କଲେଜର ଗୌରବ କିସ ? ବାସ୍ତବରେ ଆମ୍ଭମାନଙ୍କ ବିବେଚନାରେ ଉଭୟ ପରୀକ୍ଷାର ଫଳ ମନ୍ଦ ଅଟଇ ଓ ଏଥିରେ ଦୋଷ କାହାର ଅବଶ୍ୟ ଶିକ୍ଷକଙ୍କର ଅଟଇ ଏହି କଥା ସମସ୍ତେ କହିବେ ଓ ତାହା ଅନୁଚିତ ହେବ ନାହିଁ କିନ୍ତୁ କେଉଁ ଶିକ୍ଷକର କି ପରିମାଣରେ ଦୋଷ ଆମ୍ଭେମାନେ କହି ନ ପାରୁଁ ଆମ୍ଭେମାନେ ମୋଟରେ ଏହି କଥା କହୁଅଛୁଁ କି କଟକ ସ୍କୁଲଟି କଲେଜ ହେବାରେ କିଛିମାତ୍ର ଉପକାର ହୋଇ ନାହିଁ । ପୂର୍ବେ ଯେମନ୍ତ ହାଇ ସ୍କୁଲରେ ଛାତ୍ରମାନେ ପାସ କରୁଥିଲେ ବର୍ତ୍ତମାନ ମଧ୍ୟ ସେହିପରି ହେଉଅଛି । ତେବେ କଲେଜଦ୍ୱାରା ଅଧିକା କିସ ହେଲା । ଅତଏବ ସେପରି ନ ହେବାର ଦୋଷ କଲେଜଠାରେ ସୁତରାଂ କଲେଜର ଅଧିକାରୀ ପ୍ରିନ୍‌ସିପଲଙ୍କଠାରେ ପ୍ରବର୍ତ୍ତେ ଅଛି । ପ୍ରିନ୍‌ସପଲ ଆପଣା କାର୍ଯ୍ୟରେ ଦକ୍ଷ ହେଲେ ଅବଶ୍ୟ ବିଶ୍ୱବିଦ୍ୟାଳୟର ପ୍ରୟୋଜନୀୟ ଶିକ୍ଷା ଦିଅନ୍ତା । ଏ କେବର୍ଷ ଏପରି ମନ୍ଦ ଫଳ ହୋଇଥିଲେ ଆମ୍ଭେମାନେ ଏହା କହନ୍ତୁ ନାହିଁ କିନ୍ତୁ କ୍ରମାଗତ ଏହିପରି ଫଳ ଦେଖି ଉପରଲିଖିତ ମତ ଦୃଢ଼ ହୋଇଅଛି । ପ୍ରବେଶିକା ପରୀକ୍ଷାର ଫଳଠାରୁ ଫାଷ୍ଟଆର୍ଟସ୍ ପରୀକ୍ଷାର ଫଳ ମନ୍ଦ ହେବାରୁ ସ୍ପଷ୍ଟ ବୋଲିବାକୁ ହେବ ଯେ କଲେଜ ବିଭାଗର ଶିକ୍ଷକମାନେ ଅପେକ୍ଷାକୃତ ନିକୃଷ୍ଟ ଛାତ୍ରଙ୍କର ଦୋଷ ଧରିବାର କାରଣ ନାହିଁ । ଆମ୍ଭେମାନେ ପୂର୍ବେ କହିଥିଲୁଁ ଓ ବର୍ତ୍ତମାନସୁଦ୍ଧା କହୁଅଛୁଁ ଯେ ଏଠାରେ କଲେଜ ରଖିବାର ହେଲେ ଗବର୍ଣ୍ଣମେଣ୍ଟ ଅଧିକ ବେତନ ଦେଇ ତଦ୍ରୂପ ଉପଯୁକ୍ତ ପ୍ରିନ୍‌ସପଲ ଆଣାଇ ଦେଉନ୍ତୁ ପଶ୍ଚାତରେ ଭଲ କାର୍ଯ୍ୟ ହେବେ ହୋଇ ନାହିଁ । ନାମ ହେଲା କଲେଜ କିନ୍ତୁ ଅଳ୍ପ ବେତନରେ ଜଣେ ପ୍ରିନ୍‌ସପଲ ରଖିବାକୁ ହେବ ଏଥିରେ କିପରି ଭଲ କାର୍ଯ୍ୟ ହେବ ।

ପୁରୀ ସ୍କୁଲର ଫଳ ସର୍ବୋତ୍କୃଷ୍ଟ ଅଟଇ । ସେଠାରୁ ଜ ୫ ଣ ପରୀକ୍ଷାର୍ଥୀ ଆସିଥିଲେ ତହିଁରୁ ଜ ୩ ଣ ପାସ କରିଅଛନ୍ତି ଓ ତହିଁରୁ ଜଣେ ଦ୍ୱିତୀୟ ଶ୍ରେଣୀରେ ସ୍ଥାନ ପାଇଅଛି ।

ବାଲେଶ୍ୱର ସ୍କୁଲର ଫଳ ଅତ୍ୟନ୍ତ ମନ୍ଦ । ସେଠାରେ ଜ ୯ ଣ ପରୀକ୍ଷାର୍ଥୀଙ୍କ ମଧ୍ୟରୁ କେବଳ ଜ ୩ ଣ ତୃତୀୟ ଶ୍ରେଣୀରେ ପାସ କରିଅଛନ୍ତି । ଗତ ବର୍ଷ ବାଲେଶ୍ୱରର ଫଳ ଅତିଶୟ ମନ୍ଦ ଥିଲା ପୁନଃଥର ଏପରି ମନ୍ଦ ଫଳ ହେଲା ବଡ଼ ଚିନ୍ତାର ବିଷୟ ଅଟଇ । ମୋଟରେ ବୋଲିଯାଇ ପାରେ ଯେ ଓଡ଼ିଶାରେ ଉଚ୍ଚ ଶିକ୍ଷାର ଫଳ ଏବର୍ଷ ଭଲ ହୋଇ ନାହିଁ ଓ ଶିକ୍ଷାବିଭାଗର ଅଧ୍ୟକ୍ଷମାନଙ୍କର କର୍ତ୍ତବ୍ୟ ଯେ କଟକ କଲେଜ ଓ ବାଲେଶ୍ୱର ସ୍କୁଲର ଅବସ୍ଥା ଥରେ ଭଲ କରି ଦେଖନ୍ତୁ ।

---

## ପୁଲିସର ବ୍ୟୟ ଊଣା କରିବା ।

ଏହିବର୍ଷ ଯେତେବେଳେ ପୁଲିସର ଇନସ୍‌ପେକ୍ଟର ଜେନେରଲ ମନକ୍ରିଫ୍ ସାହେବ ଓଡ଼ିଶା ଦର୍ଶନ କରିବାକୁ ଆସିଥିଲେ ସେତେବେଳେ ଆମ୍ଭେମାନେ କହିଥିଲୁଁ ଯେ ପୁଲିସର ବ୍ୟୟ ଊଣା କରିବାକୁ ଉକ୍ତ ସାହେବ ପ୍ରସ୍ତାବ କରିଅଛନ୍ତି । କିନ୍ତୁ କଲିକତା ଗେଜେଟରେ ଗତବର୍ଷ ପୁଲିସ ରିପୋର୍ଟ ଉପରେ ଲେପ୍‌ଟେନେଣ୍ଟ ଗବର୍ଣ୍ଣରଙ୍କ ମତ ପାଠ କରିବାରେ ଜଣାଗଲା ଯେ ଉକ୍ତ ପ୍ରସ୍ତାବଟି ତାହାଙ୍କର ନିଜର ନୁହେ । ଲେପ୍‌ଟେନେଣ୍ଟ ଗବର୍ଣ୍ଣର ଅନ୍ୟାନ୍ୟ ଲୋକ ସଙ୍ଗେ ଭୁଲ କରି ଦେଖୁଅଛନ୍ତି ଯେ ଓଡ଼ିଶାରେ ଅଧିକ ପୁଲିସ କର୍ମଚାରୀ ଅଛନ୍ତି ଓ ସେମାନଙ୍କର ଜଣପ୍ରତି ଗଡ଼ ମଧ୍ୟ ଅଧିକ ପଡ଼ଇ । ଓଡ଼ିଶା-

Digitized by srujanika@gmail.com

ରେ ଅଧିକ ପୁଲିସ କର୍ମଚାରୀ ଅବଶ୍ୟକତା ନାହିଁ ଏରୂପ ତାହାଙ୍କର ମତ ବିଶେଷରେ ସେ କହିଅଛନ୍ତି କି ଓଡ଼ିଶାର ଲୋକେ ଅପେକ୍ଷାକୃତ ଶାନ୍ତ ଏବଂ ଏଠାରେ ଦଳବଦ୍ଧ ହୋଇ ଡକାୟିତି କରିବା ଇତ୍ୟାଦ ଅପରାଧ ପ୍ରାୟ ହୁଅଇ ନାହିଁ । ଏହି ମତାନୁସାରେ ମକଗେ ସାହେବ ପୁଲିସ କର୍ମଚାରୀ ଊଣା କରିବାର ସ୍ଥିର କରି ଶସ୍ତା ବେତନର କର୍ମଚାରୀଠାରୁ ଯାହା ଆରମ୍ଭ କରିଅଛନ୍ତି ତାହା ବଡ ଭଲ ହୋଇଅଛି । କୋର୍ଟଇନ୍‌ସ୍ପେକ୍ଟରମାନଙ୍କୁ ସର୍ବାଗ୍ରେ ଉଠାଇ ଦେବାର ଉଚିତ । ଏତେ ଅଧିକ ବେତନର କର୍ମଚାରୀ ଏଠାରେ ରଖିବାର କୌଣସି ପ୍ରୟୋଜନ ନାହିଁ । ଜଣେ ସବ୍‌ଇନସ୍ପେକ୍ଟର ଯଥେଷ୍ଟ ଅଟଇ । ଉଚ୍ଚବେତନର କର୍ମଚାରୀ ଯେତେ ଅଧିକ ହେବ ତେତେ ଅଧିକ ବ୍ୟୟ ପଡିବ । କିନ୍ତୁ ତଦନୁସାରେ କାର୍ଯ୍ୟ ମିଳିବାର ନିଶ୍ଚୟ ନୁହଇ । ଅଧିକାଂଶ କାର୍ଯ୍ୟ ଅଧୀନ କର୍ମଚାରୀମାନେ କରନ୍ତି ଓ ସର୍ଦ୍ଦାରମାନେ ତାହା ଦେଖନ୍ତି । ଯେବେ କାର୍ଯ୍ୟ ନ ହେଲା ତେବେ ଭୁଷି ସରଦାରି କରିବା କାରଣ ଏବଂ ଫଳରେ ସବ୍‌ଡିବିଜନ ଦୃଷ୍ଟିରେ ଦୁଇ ଛଅଜଣ ପ୍ରଚୁର ଅଟଇ ଲେଫ୍‌ଟନେଣ୍ଟ ଗବର୍ଣ୍ଣର ମଧ୍ୟ ଆପଣା ନିର୍ଦ୍ଧାରଣରେ ଲେଖିଅଛନ୍ତି ଯେ ଉଚ୍ଚ ବେତନର କର୍ମଚାରୀମାନେ ଅଳ୍ପ କାର୍ଯ୍ୟ କରନ୍ତି । ସେ ହେସାବ କରି ଦେଖାଇଅଛନ୍ତି ଯେ ଏକ୨ ଇନ୍‌ସ୍ପେକ୍ଟର ବର୍ଷ ମଧ୍ୟରେ ୭ । ୮ ଟା ମୋକଦ୍ଦମାର ଅନୁସନ୍ଧାନ କରନ୍ତି ଅଧିକାଂଶ ମାମଲାର ଅନୁସନ୍ଧାନ ଅଧୀନଙ୍କର ଦ୍ୱାରା ହୁଅଇ । ସୁତରାଂ ଏହାଙ୍କ ସଂଖ୍ୟା ଊଣା କରିବାରେ କିଛି କ୍ଷତି ନାହିଁ । ଅଧିକ ଅଧୀନ କର୍ମଚାରୀମାନେ ଉପରବାଲାଙ୍କର କର୍ମ ଊଣା କରିବାକୁ ସର୍ବଦା ପ୍ରସ୍ତୁତ । ଅପରନ୍ତୁ ଏ ଘଟନା ହେଲେ ଅଗେ ତହିଁର ସମ୍ବାଦ କନଷ୍ଟବଲ ବା ହେଡକନଷ୍ଟବଲ ପାଖକୁ ଆସିବ ତହୁଁ ମୋକଦ୍ଦମାକୁ ମିଛ ନୋହଲେ ସାମାନ୍ୟ କରିବାକୁ ପୁଲିସ ଅନେ ବାଟ ଖୋଜନ୍ତି । ଶ୍ରେଣୀ ସ୍ଥଳରେ ଅପହୃତ ସମ୍ପତ୍ତିର ମୂଲ୍ୟ ଯଥାସାଧ୍ୟ ଊଣା କରିବେ ଓ ମୂଲ୍ୟ ଅତି ସାମାନ୍ୟ ହେଲେ ତାହା ତଦାରକ କରିବାକୁ ଯିବେ ନାହିଁ । ସୁତରାଂ ସଙ୍ଗୀନ ଅପରାଧର ସଂଖ୍ୟା ଊଣା ହୁଅଇ । ସାମାନ୍ୟ ମୋକଦ୍ଦମା ତଦାରକ ନ କରିବା ବିଷୟରେ ଲେଫ୍‌ଟନେଣ୍ଟ ଗବର୍ଣ୍ଣର କହିଅଛନ୍ତି ଯେ ପୁଲିସର ଏ ଭମଟି ବଡ ଖସି ଅଟଇ । ଏଥିରୁ ଜଣାଯାଏ ଯେ ପୁଲିସ କେବଳ ବଡଲୋକଙ୍କ ସକାଶେ ରହିଅଛି ଗରିବଙ୍କ ସକାଶେ ନୁହଇ ମାତ୍ର ବିବେଚନା କଲେ ଗରିବ ଅତ୍ୟନ୍ତ ଦୟାର ପାତ୍ର ତାହାକୁ ରକ୍ଷା କରିବା ପୁଲିସର କର୍ମ ହେଉଅଛି । ବଡଲୋକର ୫୧୦୦ ଟଙ୍କା ଚୋରି ଯିବାଠାରୁ ଦୁଃଖିଲୋକର ଟଙ୍କାଟିଏ ଯିବାର ଅଧିକ କଷ୍ଟର ବିଷୟ । ଅତଏବ ପୁଲିସର ଉଚିତ ନୁହଇ ଯେ ଅଳ୍ପଟଙ୍କା ଚୋରି ଗଲେ ତହିଁର ଅନୁସନ୍ଧାନରେ କୌଣସିପ୍ରକାର ଶିଥିଳତା କରିବ ଫଳତଃ ମକଗେ ସାହେବ ପୁଲିସର ବ୍ୟୟ ଯେପ୍ରକାର ଊଣା କରିବାକୁ ପ୍ରସ୍ତାବ କରିଅଛନ୍ତି ତାହା ଅନ୍ୟାୟ ନୁହେ ଓ ପୂର୍ବରୁ ଲେଫ୍‌ଟନେଣ୍ଟ ଗବର୍ଣ୍ଣରଙ୍କର ସେହିପରି ଇଚ୍ଛା ଥିବାରୁ ଭରସା ହୁଅଇ ତାହା ଶୀଘ୍ର ଧାର୍ଯ୍ୟ ହେବ । ଜିଲାର ମାଜିଷ୍ଟ୍ରେଟମାନେ ଏଥିରେ ମତ ଦେଇଅଛନ୍ତି କି ନାହିଁ ଆମ୍ଭେମାନେ କହି ନ ପାରୁଁ କିନ୍ତୁ ମତଭେଦର କୌଣସି କାରଣ ଆମ୍ଭେମାନେ ଦେଖୁ ନାହୁଁ ।

---

ଆମ୍ଭମାନଙ୍କର ଯାଜପୁରସ୍ଥ ସମ୍ବାଦଦାତା ଲେଖିଅଛନ୍ତି କି ଗଡଜାତ ଇଲାକାର ବିଗତ ଅଶିଷ୍ଟାଣ୍ଟ ସୁପରିଣ୍ଟେଣ୍ଡେଣ୍ଟ ବାବୁ ହରେକୃଷ୍ଣ ଦାସଙ୍କ ମୃତାହ କ୍ରିୟା ଉପଲକ୍ଷରେ ତାଙ୍କ ପୁତ୍ର ଶ୍ରୀ ବାବୁ ଶ୍ୟାମସୁନ୍ଦର ଦାସ ଦାନ ଇତ୍ୟାଦିରେ ବହୁତ ଅର୍ଥ ବ୍ୟୟ କରି ଅଛନ୍ତି ଅନାଜ ପାଞ୍ଚହଜାର ବ୍ରାହ୍ମଣ ଓ କଙ୍ଗାଳଙ୍କୁ ଭୋଜନ କରାଇ ଅଛନ୍ତି ଓ ପ୍ରାୟ ଦଶହଜାରରୁ ଊର୍ଦ୍ଧ୍ୱ ସଂଖ୍ୟା ବ୍ରାହ୍ମଣ ଓଗୈରଙ୍କୁ ୫୦ / ଠାରୁ ୫୦ ।/ ପର୍ଯ୍ୟନ୍ତ ପ୍ରତ୍ୟେକଙ୍କୁ ପଇସା ବିତରଣ କରି ଅଛନ୍ତି ଓ ସମସ୍ତ ପଣ୍ଡିତ ବ୍ରାହ୍ମଣମାନଙ୍କୁ ଉପଯୁକ୍ତ ମର୍ଯ୍ୟାଦା କରି ଅଛନ୍ତି ଓ ଷୋଡ଼ଶ ଓ ବୃଷଭ ଉତ୍ସର୍ଗ ପ୍ରଭୃତି କର୍ମମାନ ବହୁତମାଫିକେ କରି ଅଛନ୍ତି ।

ବର୍ତ୍ତମାନ ଏଠାରେ ଟଙ୍କାକୁ ମୋଟ ଚାଉଳ ସେ୧୫ର ଓ ସରୁ ସେ୧୨ ଓ ବ୍ରୀହି ସେ୧୪ର ହିସାବ ପ୍ରାପ୍ତ ହେଉଅଛି ବର୍ତ୍ତମାନ ଜ୍ୱରରୋଗର ଅଧିକ ପ୍ରାଦୁର୍ଭାବ ଦେଖାଯାଏ ଶୀତସଙ୍ଗେ ଦେଖା ନାହିଁ ଓ ମଧ୍ୟ ଅଦ୍ୟାପର୍ଯ୍ୟନ୍ତ ଆମ୍ବଗଛମାନଙ୍କରେ ବଉଳ ହୋଇ ନାହିଁ ।

ରେଜଷ୍ଟ୍ରେସନ୍ ବିଭାଗର ସେକେଣ୍ଡ ଇନ୍‌ସ୍ପେକ୍ଟର ଶ୍ରୀଯୁକ୍ତ ହାରସନ ସାହେବ ଏଠା ସବ୍‌ରେଜଷ୍ଟ୍ରାରମହକୁମାର ବହିଓଗେର ଦୁରସ୍ତ ଦେଖି ବିଶେଷ ସନ୍ତୁଷ୍ଟ ହୋଇ ଅଛନ୍ତି ।

---

# ସାପ୍ତାହିକସଂବାଦ ।

ଆମ୍ଭମାନଙ୍କର ଜଜ ଶ୍ରୀଯୁକ୍ତ ମେକଫର୍ସନ ସାହେବ ପ୍ରଥମ ଶ୍ରେଣୀରେ ଏକଟିଂ ନିଯୁକ୍ତ ହୋଇ ଅଛନ୍ତି । ମାତ୍ର ସେ ଛୁଟିରୁ ଫେରି ଆସିବା ପର୍ଯ୍ୟନ୍ତ ଓରଗାନ୍ ସାହେବ ଏଥିର ଫଳ ପାଇବେ ।

ଆମ୍ଭମାନଙ୍କର ପୁଲିସ ସୁପ୍ରିଣ୍ଟେଣ୍ଟ ରେବନ୍ସ ସାହେବ ଗତ ମାସରେ କନ୍ଧଭାଷା ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ ଥିବାରୁ ଏକ ହଜାର ଟଙ୍କା ପାରିତୋଷିକ ପାଇଅଛନ୍ତି । ସାହେବ ଯେବେ ବର୍ଷମଧ୍ୟରେ କେତେକାଳ କନ୍ଧମାଳରେ କଟାଇ ସେଠା ଲୋକଙ୍କୁ ସୁନୀତି ଶିଖାଇବେ ତେବେ ଗବର୍ଣ୍ଣମେଣ୍ଟଙ୍କର ପୁରସ୍କାର ଦେବାସାର୍ଥ ହେବ ।

ଏଜିଲାର କଲେକ୍ଟର ଗତ ବୁଧବାର ମୋଫସଲ ଗସ୍ତକୁ ଗଲେ । ଏଥର ଗସ୍ତଟା ଦୀର୍ଘକାଳ ହେବ ।

ବଙ୍ଗଲାର ସାନିଟରୀ କମିଶନର ଏବଂ ଜେଲସମୂହର ଇନ୍‌ସ୍ପେକ୍ଟର ଜେନେରଲ ଲେଥବ୍ରିଜ ସାହେବ ଗତ ମଙ୍ଗଳବାର ସକାଳେ ଏ ନଗରର ଜେଲଖାନା ଓ ଅନ୍ୟାନ୍ୟ ସରକାରୀ କାର୍ଯ୍ୟାଳୟ ଏବଂ ହାଟ ଇତ୍ୟାଦି ସନ୍ଦର୍ଶନ କରି ସନ୍ଧ୍ୟାବେଳେ ପୁରୀକୁ ପ୍ରସ୍ଥାନ କଲେ ।

ଶୁବର୍ଣ୍ଣ ନଦୀରେ ଚକ୍ରାପଡା ଓ ଶୁଲଙ୍ଗର ଘାଟମାନ ସରକାରୀ ହୋଇଗଲା ବୋଲି ଗଜେଟରେ ଘୋଷଣା ଦିଆ ଯାଇଅଛି ।

ଚଳିତମାସ ତା ୭ ଖ ରାତ୍ର ଘ ୯ଟା ସମୟରେ ଖୋର୍ଦ୍ଧା ସହର ମଧ୍ୟରେ ଏକବ୍ୟକ୍ତିର ବାଡି ଗଳାରେ ଜମା ହୋଇଥିବା ତୃଣଗଦାରେ ନିଆଁ ଲାଗି ଧାନକଲାଇ ଗଦାରେ ଲାଗିଲା ଗ୍ରାମବାସୀ ଓ ବିଦେଶୀ ଅନେକ ଲୋକ ଜମାହୋଇ ଅଗ୍ନିକୁ ଲିଭାଇବାର ଚେଷ୍ଟା କରୁଁ୨ ଘରେ ଲାଗିଗଲା ଶ୍ରୀଯୁକ୍ତ କମିଶ୍ନର ଓ କଲେକ୍ଟର ଓ ଟେଲରସାହେବମାନେ ସେଠାରେ ପ୍ରବେଶ ହୋଇ ଲୋକଙ୍କଦ୍ୱାରା ଓ ନିଜେ ବହୁତ ପରିଶ୍ରମକରି ଅଗ୍ନି ଲାଗିଥିବା ଘରର ଛପରଫର ଅପର ବ୍ୟକ୍ତିଙ୍କ ଘରସବୁ ଓଲଟ ଭଙ୍ଗିପକାଇବାରୁ ସହର ରକ୍ଷା ହେଲା ଦୁଇଜଣଙ୍କର ଘର ଅସ୍ଥାବସ୍ତ ସମସ୍ତ ଜଳିଗଲା ସେମାନେ ନିତାନ୍ତ ଗରିବ ପରେ ସ୍ୱୟଂ ଭରତେଶ୍ୱରୀଙ୍କ ଜମିଦାରୀ ଇଲାକାର ପ୍ରଜା ଅଟନ୍ତି ତାଙ୍କମାନଙ୍କୁ ଶ୍ରୀଯୁକ୍ତ କମିଶ୍ନରସାହେବ ଘର ତିଆରି ସକାଶେ କାଠ ବାଉଁଶ ଖରଚର ନିମନ୍ତେ କିଛି୨ ଦାନ କରିଥିଲେ

Split by PDF Splitter

Digitized by srujanika@gmail.com

Split by PDF Splitter



ଭଲ ହୋଇଥାନ୍ତା ତାହା ଦେଖି ହଲେ ନାହିଁ ମାତ୍ର ଜଙ୍ଗେ ରାଜା ହୋଇ ପ୍ରଜାଙ୍କର ଧରମାନ ସର୍ବସମସ୍ତ ରକ୍ଷାକର ରାଜଧର୍ମ ରକ୍ଷିବା ଦେଖି ଲୋକମାନେ ତାଙ୍କୁ ଧନ୍ୟବାଦ ଦେଉ ଅଛନ୍ତି ।

ବାଲେଶ୍ୱର ଥାନା ମୂଲଙ୍ଗୀ ପରଗଣାର ଅନ୍ତର୍ଗତ ଗୃତିଭଗ୍ପୁର ଗ୍ରାମର ଏକ ପୋଖରୀରେ ବହୁପ୍ରକାର କେତେଗୁଡ଼ି କଇଁଫୁଲ ଫୁଟିଥିଲା ; ସେହି କେତେଗୁଡ଼ି ଫୁଟିଲଫୁଲ କେଶର ମଧ୍ୟରେ ପ୍ରତ୍ୟେକରେ ୩ । ୪ ଟା ଲେଖାଏ ୩।୪ ଅଙ୍ଗୁଳ ପରିମିତରେ କଇଁନାଡ ବାହାର ସେଥିରେ ଗୋଟିଏ ଲେଖାଏ କଇଁଫୁଲ ଫୁଟିଥିଲା, ପୁଣି ସେହି ଗର୍ଭିତ ଫୁଲମାନଙ୍କ କେଶର ମଧ୍ୟରେ ସେହିପରି ୩।୪ ଗୋଟା ଲେଖାଏ କଇଁଫୁଲ ଫୁଟିଥିଲା । ଫଳତଃ ମୂଳଫୁଲକୁ ଘେରି ତିନିଥାକ ଲେଖାଏ ଫୁଲ ହୋଇଥିଲା ଆଦ୍ୟଫୁଲଟି ସାଧାରଣ କଇଁଫୁଲ ଅପେକ୍ଷା କିଛି ବଡ଼, ମଝି ଥାକଫୁଲ ସାଧାରଣ ଫୁଲ ଅପେକ୍ଷା ସାନ ଓ ଉପରଥାକଫୁଲ ଛୋଟ୨ ହୋଇଥିଲା ! ସଃ ବାଃ

ବର୍ଦ୍ଧମାନ ଜିଲ୍ଲାର ଜଣେ ଡେପୁଟିକଲେକ୍ଟର ବାବୁ ପଦ୍ମନନ୍ଦ ମୁଖୁର୍ଯ୍ୟା ଗସ୍ତରେ ଥିବାବେଳେ ଘୋଡାରୁ ପଡି ମରି ଯାଇଅଛନ୍ତି । ସେ ଜଣେ ଉତ୍ତମ କର୍ମଚାରୀ ଥିଲେ ଓ ତାହାଙ୍କ ମୃତ୍ୟୁରେ ଶିକ୍ଷା ବିଭାଗର ଭାରି କ୍ଷତି ହୋଇଅଛି ।

ବମ୍ବେଇରେ ଜନରବ ଉଠିଅଛି ଯେ ଗବର୍ଣ୍ଣମେଣ୍ଟ ଗତ ବର୍ଷର ବକାୟା ଓ ଏବର୍ଷର ହାଲ ଖଜଣା ସମସ୍ତ ଏହି ବର୍ଷରେ ଆଦାୟ କରିବେ । ଏହା ଶୁଣି ପ୍ରଜାମାନେ ଅତ୍ୟନ୍ତ ଭୀତ ଅଛନ୍ତି । ଏଥିରୁ ଶୁଣାଯାଏ ଯେ ଅନେକ ଜିଲ୍ଲାରେ ଲୋକେ ଅତି କଷ୍ଟରେ ଦୁର୍ଭିକ୍ଷର ପୀଡାରୁ ମାତ୍ର ରକ୍ଷା ପାଇଅଛନ୍ତି । ଅବଧି ଘରଦ୍ରବ୍ୟ ଓ ଗୃହରଗୋରୁ କିଣିବାକୁ ସମର୍ଥ ହୋଇ ନାହାନ୍ତି । ଏ ସମୟରେ ଗବର୍ଣ୍ଣମେଣ୍ଟଙ୍କର ଏତେ କଠିନ ହେବା ସାଜଇ ନାହିଁ

ଫର୍ବସ ସାହେବ ଇଂଲଣ୍ଡର ଡେଲିନ୍ୟୁସର ସଂବାଦଦାତା ହୋଇ ଯେଉଁ କାର୍ଯ୍ୟ କରିଥିଲେ ଇହିଁର ବେତନ ଛଡ଼ା ଟ ୨୦,୦୦୦ ଙ୍କା ଉକ୍ତ ସଂବାଦପତ୍ରର ଅଧିକାରୀଙ୍କଠାରୁ ପାରିତୋଷିକ ପାଇଅଛନ୍ତି । ବିଲାତରେ ସଂବାଦପତ୍ର ଅମୂଲ୍ୟ ସ୍ୱରୂପ ହୁଅଇ ଏଥିରୁ ଇହିଁର ଜଣା ପାଠକମାନେ କରନ୍ତୁ !

ଉତ୍ତରବଙ୍ଗାଲ ରେଲୱାଏ ପ୍ରସ୍ତୁତ ହୋଇଅଛି । ଗତ ତା ୧୮ ଋଖରେ ମାନ୍ୟବର ଲେଫ୍ଟନାଣ୍ଟ ଗବର୍ଣ୍ଣର ସାହେବ ଏ ବାଟରେ ପ୍ରଥମ ଗାଡି ଚଲାଇବାର ଶୁଭକାର୍ଯ୍ୟଟି କରିଥିଲେ । ଏହି ରେଲୱାଏ କଲିକତାରୁ ଘ ୨୦ ଣ୍ଟା ସମୟରେ ଦାର୍ଜିଲିଂ ପର୍ବତକୁ ଯିବାର ସୁଯୋଗ ହୋଇଅଛି ।

ପୁନା ସର୍ବଜାନିକ ସଭାର କେତେକଜଣ ସଭ୍ୟ କଲିକତାକୁ ଆସି ଅଛନ୍ତି । କଲିକତାରେ ସ୍ଥାପିତ ଥିବା ନାନାସଭା ସହିତ ଯୋଗ ସ୍ଥାପନ କରିବା ଏବଂ କେତେଗୁଡ଼ିଏ ଦେଶର ହିତକର ପ୍ରସ୍ତାବର ମତାମତ ଜାଣିବା ଏହାଙ୍କର ଉଦ୍ଦେଶ୍ୟ ଅଟଇ । ଅମ୍ଭେମାନେ ଏ ସଭାର ସାହସ ଓ ଚେଷ୍ଟା ଦେଖି ଆନନ୍ଦିତ ହୋଇଅଛୁଁ ଏବଂ ଭରସା କରୁଁ ଏହାଙ୍କର ଶ୍ରମ ସଫଳ ହେବ ।

ମାନ୍ଦ୍ରାଜ ଦୁର୍ଭିକ୍ଷପୀଡିତ ଜିଲ୍ଲାମାନଙ୍କ ମଧ୍ୟରେ କେବଳ ଦକ୍ଷିଣ କାନଡାରେ ଟଙ୍କାକୁ ପ୍ରାୟ ସେ ୧୨ ର ଓ ମାଲବାରରେ ସେ ୧୧ ର ଲେଖାଏ ଚାଉଳ ବିକ୍ରୟ ହେଉଅଛି ନୋହିଲେ ଆଉ କୌଣସି ଜିଲ୍ଲାରେ ସେ ୧୦ ର ସୁଦ୍ଧା ନାହିଁ ଇସାକପଟ୍ଟନ ଗଞ୍ଜାମ ତଞ୍ଜୋର ଉତ୍ତର ଆର୍କଟ ଚିଙ୍ଗିଲ ଜିଲ୍ଲାମାନଙ୍କରେ ସେ ୯ ର କେବଳ କୃଷ୍ଣାରେ ସେ ୭ । ଏବଂ ଆଉ ସମସ୍ତ ସ୍ଥାନରେ ସେ ୭ ର । ଏପରି ଅବସ୍ଥାରେ ଦୁର୍ଭିକ୍ଷ ଗତ ହେଲା ବୋଲି କିଏ କହିପାରେ ?

ଭୂପାଲର ବେଗମଙ୍କ ମାତା ଗହରବେଗମ ତୁରସ୍କର ଆହତ ଓ ପୀଡିତ ସୈନ୍ୟଙ୍କ ସାହାଯ୍ୟ ନିମିତ୍ତ ଏକଲକ୍ଷ ଟଙ୍କା କନସ୍ତାଣ୍ଟିନୋପଲକୁ ପଠାଇ ଅଛନ୍ତି । ଏକା ବେଳକେ ଲକ୍ଷ ଟଙ୍କା ଦାନ କରିବା ସାମାନ୍ୟ କଥା ନୁହଇ ।

ଅମ୍ଭେମାନେ ଶୁଣିଲୁଁ ଯେ କାମଣ୍ଡା ଜିଲ୍ଲାର ରାଜା ଆପଣା ରାଜ୍ୟରେ ଖେଦାକରି ୨୫ ସର ହାତୀ ଧରିଅଛନ୍ତି । ଅତ୍ୟନ୍ତ ଊଣା ହେଲେ ଏମାନଙ୍କର ମୂଲ୍ୟ ଅର୍ଦ୍ଧଲକ୍ଷ ଟଙ୍କା ହେବ ସନ୍ଦେହ ନାହିଁ । ଓଡିଶାର କେତେକ ଗଡଜାତରେ ବହୁତ ହାତୀ ମିଳିବାର ସମ୍ଭବ ଅଛି ମାତ୍ର ଅବଧି କେହି ରାଜା ଅଧିକ ହାତୀ ଧରିବାର ଚେଷ୍ଟା କରିବାର ଜଣା ନାହିଁ । କାମଣ୍ଡା ରାଜାଙ୍କର ଏଥିରେ ଅବଶ୍ୟ ପ୍ରଶଂସା ଅଛି ।

ଇଉରୋପର କୌଣସି ସଂବାଦପତ୍ରରେ ଲେଖା ଅଛି କି ଯୁଦ୍ଧ ଶେଷରେ ତୁରସ୍କର ରଣତରମାନ ରୁଷିୟଙ୍କ ହାତରେ ପଡିବାର ଭୟ ଥିବାରୁ ଇଂରାଜ ଗବର୍ଣ୍ଣମେଣ୍ଟ ସେ ସମସ୍ତ କିଣିବାକୁ ବସିଅଛନ୍ତି । ଏ ଜନରବ ସତ୍ୟ ହେଲେ ଏହାକୁ ବଡ ଚତୁରର କାର୍ଯ୍ୟ ବୋଲିବାକୁ ହେବ ।

ଇନ୍ଦପୁରର ମହାରାଜା ଏଥି ମଧ୍ୟରେ ପୁରୁଷୋତ୍ତମ କ୍ଷେତ୍ରକୁ ଆସି ଦର୍ଶନକରି ଚାଲିଗଲେ । ସେ କଲିକତାରୁ ପରବାହରେ ଜାହାଜରେ ଆସି ଚାଲିଗଲେ ।

ଇଣ୍ଡିଆନ ମିରର ନାମକ ସଂବାଦପତ୍ର ଏହି ବର୍ଷାରମ୍ଭରୁ ନୂତନ ମୂର୍ତ୍ତି ଧାରଣକରି ଏକତଲ୍ଲା ବଡ କାଗଜରେ ବାହାରୁ ଅଛି । ଭାରତବର୍ଷରେ କେବଳ ଏହି ପ୍ରାତ୍ୟହିକ କାଗଜ ଦେଶୀୟ ଲୋକଙ୍କଦ୍ୱାରା ପ୍ରଚଳିତ ହେଉଅଛି । ଏହାକୁ ସଜୀବ ରଖିବା ଦେଶୀୟ ଲୋକଙ୍କର କର୍ତ୍ତବ୍ୟ ଅଟଇ କାରଣ ଏହା ତାହାଙ୍କର ଗୌରବର ବିଷୟ ଅଟଇ ।

ଗତ ବର୍ଷ ଭାରତବର୍ଷର ରେଲୱାଏ ସମସ୍ତରେ ଭାରି ଲାଭ ହୋଇଅଛି । ଇଷ୍ଟର୍ଣ୍ଣ ବେଙ୍ଗାଲ ରେଲ୍‌କମ୍ପାନି ଏବର୍ଷ ମୋଟରେ ଶତକଡ଼ା ଟ ୭ ୯ ଙ୍କା ଲେଖାଏ ଅଂଶିମାନଙ୍କୁ ଲାଭ ଦେଇଅଛନ୍ତି । ଦୁର୍ଭିକ୍ଷରେ ରେଲୱାଏ କେମନ୍ତ ପ୍ରୟୋଜନୀୟ ଓ ସାହାଯ୍ୟକାରୀ ଏଥିରୁ ପାଠକମାନେ ଅନୁମାନ କରନ୍ତୁ ।

୧ । ପୁଲଭସନାଗରରୁ ଅବଗତ ହେଲୁଁ ପ୍ରାଚୀନ ଦିଲ୍ଲୀର ଭଗ୍ନଗୃହ ଓ ପୁରୁଣା ଇଟା ଗୋଟା ଅର୍ଥ ସମ୍ପତ୍ତି ବାହାର କରିବାପାଇଁ ଗତବର୍ଷ କୋଟିଏ କମ୍ପାନି ନିଯୁକ୍ତ ହୋଇଥିଲେ ଏପର୍ଯ୍ୟନ୍ତ ସେମାନେ କେବଳ ଯୋଡିଏ ପଇସା ପାଇଅଛନ୍ତି ! ଗୋଲକବେଉଡ଼-କଣି ଖାଇବେ !

୨ । ଇଟାଲିରାଜ୍ୟରେ ପ୍ରାଣଦଣ୍ଡର ଆଇନ ରଦ ହୋଇଅଛି । କଣ୍ଟାଲି ଯୋଦ୍ଧା ବୃଦ୍ଧ ଗେରିବଲ୍ଡୀ ଯେ କି ଏବେ ଅତି କମ ଏକପଡ଼ ଲଗାଇ କରି ଅଛନ୍ତି ସେ ଆଶାକରନ୍ତି ଶୀଘ୍ର ପୃଥିବୀରୁ ଯୁଦ୍ଧର ଗୋଳମାଳ ଉଠିଯିବ । ପ୍ରଧାନ ରାଜା ଓ ରାଜମନ୍ତ୍ରିମାନଙ୍କ ମନରେ ଏପରିଭାବ ଥିବାଭଳି ଆଉ ନୁହଇ ।

## ମୂଲ୍ୟପ୍ରାପ୍ତି ।

ବାବୁ ବାଦକାନାଥ ମିଶ୍ର ବର୍ଦ୍ଧମାନ ବଗୁଡା ୫ ୧୮ ।
„ ତ୍ରିଲୋଚନ ଧଳ କେଉଁଝର ଅଗ୍ରିମ ୫ ୭ ୮

☞ ଏହି ଉତ୍କଳଦୀପିକା ସହରକଟକ ଦରଗାବଜାର କଟକ ପ୍ରିଣ୍ଟିଂକମ୍ପାନିଙ୍କ ଯନ୍ତ୍ରାଳୟରେ ମୁଦ୍ରିତ ଓ ପ୍ରକାଶିତ ହେଲା ।

Digitized by srujanika@gmail.com

REGISTERED NO. 1




# ଉତ୍କଳ ଦୀପିକା

ସାପ୍ତାହିକ ସମ୍ବାଦପତ୍ରିକା

ଭାଗ ୧୩ ଗ
ସଂ ୪ ଖ୍ୟା

ତା ୨୬ ଏଣ ମାହେ ଜାନୁଏରି ସନ ୧୮୭୮ ମସିହା । ମୂ । ମାଘ ବ ୧୪ ଇ ସନ ୧୨୮୫ ସାଲ ଶନିବାର

ଅଗ୍ରିମ ବାର୍ଷିକମୂଲ୍ୟ ଟ ୨॥୦
ବର୍ଷାନ୍ତେମୂଲ୍ୟଦେଲେବର୍ଷକୁ ଟ ୩
ମଫସଲପାଁଇ ଡାକମାସୁଲ ଟ ୧୷୦


ମୃତ ହରିବାବୁଙ୍କ କର୍ମରେ ବାବୁ ନନ୍ଦକିଶୋର ଦାସ ଡେପୁଟୀକଲେକ୍ଟର ନିଯୁକ୍ତ ହେଲେ ସମସ୍ତେ ଜାଣିଥିଲେ ଯେ ବାବୁ ଜଗନ୍ମୋହନ ସ୍ୱାଇଁଙ୍କ ପକ୍ଷରେ ଡଟିଆନ ସାହେବ ଅନୁରୋଧ କରିଅଛନ୍ତି ସେ ଅବଶ୍ୟ ନିଯୁକ୍ତ ହେବେ । ମଝିରୁ ଏ ଉପ୍ସାଣ କିପରି ବାହାରିଲା । ଆମ୍ଭେମାନେ ଅନୁମାନ କରୁଁ ଯେ କମିଶ୍ନର ସାହେବଙ୍କ ସହିତ ପରାମର୍ଶ କରି ଚିଠୀହ୍ୱାଗ୍ ଗବର୍ଣ୍ଣମେଣ୍ଟ ଏ ବନ୍ଦୋବସ୍ତ କରିଅଛନ୍ତି । ଆମ୍ଭମାନଙ୍କ ବିବେଚନାରେ ଏ ବନ୍ଦୋବସ୍ତଟି ବଡ ମନ୍ଦ ହୋଇ ନାହିଁ ଓ ଯେବେ କମିଶ୍ନର ସାହେବ ନନ୍ଦକିଶୋର ବାବୁଙ୍କ ସ୍ଥାନରେ ଆଉ ଏକଜଣ ଓଡ଼ିଆବାସିଙ୍କୁ ଡେପୁଟୀକଲେକ୍ଟରୀ ପଦରେ ନିଯୁକ୍ତ କରାଇ ପାରିବେ ତେବେ ତାହାଙ୍କର ବନ୍ଦୋବସ୍ତ ସମସ୍ତଙ୍କର ସୁଖକର ହେବ ।

---

କଲିକତା ବିଦ୍ୟାଳୟର ଗତ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିବା ଓଡ଼ିଶାର ଛାତ୍ରମାନଙ୍କ ମଧ୍ୟରୁ ନିମ୍ନଲିଖିତ ଛାତ୍ରମାନେ ବୃତ୍ତି ପାଇଅଛନ୍ତି ଯଥା;—

ସିନିୟର ଅର୍ଥାତ୍ ଉଚ୍ଚ ଶ୍ରେଣୀର ଛାତ୍ରବୃତ୍ତି

ଦ୍ୱିତୀୟ ଶ୍ରେଣୀ ।

| | |
|---|---|
| ଦୁର୍ଗାଚରଣ ସାହୁ | କଟକ କଲେଜ |

ଜୁନିୟର ଅର୍ଥାତ୍ ନିମ୍ନ ଶ୍ରେଣୀର ଛାତ୍ରବୃତ୍ତି

ଦ୍ୱିତୀୟ ଶ୍ରେଣୀ ।

| | |
|---|---|
| ଗିରୀଶଚନ୍ଦ୍ର ରାୟ ଚୌଧୁରୀ | କଟକ ସ୍କୁଲ |
| ମହମ୍ମଦ ଅଲୀ | „ „ |
| ଗଙ୍ଗାଧର ମିଶ୍ର | ପୁରୀ ସ୍କୁଲ |
| ଗିରିଧାରୀ ମହାନ୍ତି | କଟକ „ |

ତୃତୀୟ ଶ୍ରେଣୀ ।

| | |
|---|---|
| [illegible] | ପୁରୀ ସ୍କୁଲ |
| କୃଷ୍ଣଚନ୍ଦ୍ର ରାୟ | କଟକ „ |
| ପୂର୍ଣ୍ଣାନନ୍ଦ ସିଂହ | „ „ |
| ଶ୍ରୀବଲ୍ଲଭ ନନ୍ଦ | ବାଲେଶ୍ୱର „ |
| ଗଜେନ୍ଦ୍ରନାରାୟଣ ଦତ୍ତ | „ „ |
| ବନମାଳି ଦାସ | ପୁରୀ„ |

---

ବାବୁ ଜଗନ୍ମୋହନ ରାୟଙ୍କୁ ହରିବାବୁଙ୍କ କର୍ମ ଦିଆ ନ ଯାଇ ନନ୍ଦକିଶୋର ବାବୁଙ୍କୁ କାହିଁକି ଦିଆଗଲା ଏକଥା ସେହି ଆଜିକାଲି ଏ ନଗରରେ ବଡ ତର୍କ ବିତର୍କ ଲଗିଅଛି । ପ୍ରକୃତ କଥା ଜଣାପଡ଼ି ନାହିଁ ସୁତରାଂ ଲୋକେ ଯେ ଯାହା ରୁଚି ଅନୁସାରେ କାରଣ ନିର୍ଦ୍ଦେଶ କରୁଅଛନ୍ତି । କେହିବା ଲୋକେ ବୋଲନ୍ତି ବୟସ ଅଧିକ ପଡ଼ିବା ହେତୁରୁ ଜଗନ୍ମୋହନ ବାବୁଙ୍କର କଦଳ ହେଲା ନାହିଁ । କେହି କହନ୍ତି ଉତ୍କଳଦୀପିକାର କଥାକୁ ଗବର୍ଣ୍ଣମେଣ୍ଟ ଶୋଇଲେ (ଅମ୍ଭମାନଙ୍କର ଏତେ ଭାଗ୍ୟ) କାହାର ମତରେ ଜଗନ୍ମୋହନ ବାବୁ ଓଡ଼ିଆ ହୋଇ ନାହାନ୍ତି ବୋଲି ଓ କେହି କହନ୍ତି ସେ କର୍ମଟା କେବଳ କରଣଙ୍କର ଇସ୍ତମରାରୀ ପଟ୍ଟା । ବଜାର ଲୋକମାନେ ତେତେ ତର୍କଶୀଳ ନୁହନ୍ତି ସୁତରାଂ କାରଣ ଅନୁସନ୍ଧାନକୁ ନ ଯାଇ କେହି ସହଜରେ କହୁଅଛି କି ନନ୍ଦକିଶୋର ବାବୁ ଜଗନ୍ମୋହନ ବାବୁଙ୍କଠାରୁ ବହୁତ ପଢ଼ିଛି ସେ ପଣ୍ଡିତ ସ୍କୁଲରେ ଥିଲା ଓ କେହି ଦୁଃଖ କରି କହୁଅଛନ୍ତି [illegible] ଏତେଗୁଡ଼ାଏ ଟଙ୍କା ଗୁଡ଼ାକୁ ଉଡ଼ାଇ ଦେଲା ସାହେବମାନେ ଖାଇ ପିଇ ମୁହଁ ପୋଛି ଦେଇ ଚାଲି ଗଲେ । ବଡ କାମ ଦେବେ ବୋଲି କହି ଆଉ ଦେଲେ ନାହିଁ । ମୂଳ କରମ ! ! !

---

ଆମ୍ଭେମାନେ ଶୁଣିଲୁଁ ଯେ ଜଳକରର ପାଞ୍ଚ ସାଲ କବୁଲିୟତି ଦେବାର ଗବର୍ଣ୍ଣମେଣ୍ଟରୁ ଆଜ୍ଞା ଆସିଅଛି । ଗତବର୍ଷ ଜମିରେ ଜଳ ମାଡ଼ି ଥିବାର ଯେଉଁ ଜରିବ ହୋଇଅଛି ତଦନୁସାରେ କବୁଲିୟତି ହେବ ଆଉ ଜରିବ ହେବ ନାହିଁ ବର୍ତ୍ତମାନ ସର୍ବେ ଜରିବ ଯେ ଆରମ୍ଭ ହୋଇଅଛି ତାହା ଶେଷ ହେବା ପର୍ଯ୍ୟନ୍ତ ସେହି ଜରିବ ପ୍ରବଳ ରହିବ । ଏ ପାଞ୍ଚସାଲି କବୁଲିୟତର ଦର ନିମ୍ନ ଲେଖିତ ପ୍ରକାର ଅଟଇ ଯଥା;

ଜଳ ସ୍ୱଇଚ୍ଛାରେ ମାଡ଼ିବା ବିଲ ପ୍ରତିମାଣକୁ
ବାର୍ଷିକ ଟ ୧ ୷

ଜଳ ଉଠାଇ ମଡ଼ାଇବା ବିଲ ପ୍ରତିମାଣକୁ
ପ୍ରତିବର୍ଷ ଟ ୧୮

ବର୍ତ୍ତମାନ ପାଞ୍ଚସାଲର କବୁଲିୟତି ନ କଲେ ଫସଲାତକୁ ତଳ ଲେଖିତ ଦର ଅନୁସାରେ କବୁଲିୟତି ହେବ ଯଥା;

Split by PDF Splitter

Digitized by srujanika@gmail.com

Split by PDF Splitter



ଚିଠି ମାରିବା ଦରର ପ୍ରମାଣରୁ ବାର୍ଷିକ ୪ ୩୯

ଚିଠି ଉଠାଇ ମରାଇବା ଦରର ,, ୪ ୨୯

ଏଥିରୁ ଜଣାଯାଏ ପଶ୍ଚାତ୍ ଦର ବର୍ତ୍ତମାନ ପାଞ୍ଚସାଲା ଦରର ଦ୍ବିଗୁଣ ହୋଇଅଛି ଏସ୍ଥଳେ ପାଞ୍ଚସାଲା କବୁଲିୟତ୍ କରିବା ଏକ ପ୍ରକାରରେ ଲାଭକର । ଗତବର୍ଷ ପେଣ୍ଟଗ୍ରେଲ୍ ଓ ଅମିନଙ୍କର ଅନ୍ୟାୟ ବ୍ୟବହାର ଆମ୍ଭେମାନେ ପୂର୍ବେ ଲେଖିଅଛୁଁ ବରଷକୁ ବରଷ ସେପରି ହରକତ ହେବା ଅପେକ୍ଷା ଏକାବେଳକେ ପାଞ୍ଚ ବର୍ଷର କବୁଲିୟତ୍ କରି ନିରାପଦରେ ରହିବାର ଭଲ ।

---

ଲଣ୍ଡନରୁ ତାରଡାକଯୋଗେ ସଂବାଦ ଆସିଅଛି ଯେ ପାର୍ଲିମେଣ୍ଟ ସଭାର ଅଧିବେଶନ ଚଳିତମାସ ତା ୧୭ ରିଖରେ ଆରମ୍ଭ ହେଲା । ଶ୍ରୀମତୀ ମହାରାଣୀଙ୍କର ବକ୍ତୃତାକୁ ଲର୍ଡ ହାଇ ଚାନ୍‌ସଲର୍ ପାଠକଲେ । ତହିଁର ସଂକ୍ଷେପ ମର୍ମ ଏହି ଯେ ଇଉରୋପର ଯୁଦ୍ଧ ଶେଷ କରିବା ବିଷୟରେ ଯେ ସମସ୍ତ ଉଦ୍ୟମ ହୋଇଅଛି ତାହା ଜଣାଇବା ଏବଂ ଏ ସମ୍ପର୍କରେ ସାହାଯ୍ୟ ଏବ [illegible] ପୂର୍ବ ସଭାକୁ ଆହ୍ବାନ କରିବାକୁ ଅବଶ୍ୟକ ହେଲା । ସନ୍ଧିର ପ୍ରସ୍ତାବ କରିବାରେ ରୁଷୀୟ ସମ୍ରାଟ୍ ଉତ୍ତର ଦେଇ ଅଛନ୍ତି ଯେ ସନ୍ଧି କରିବାକୁ ସେ ଅତ୍ୟନ୍ତ ଇଚ୍ଛୁକ ଅଛନ୍ତି ଓ ରୁଷୀୟା ଓ ତୁର୍କି ମଧ୍ୟରେ ଏବିଷୟରେ ପଦବାଦ ଚଳୁଅଛି । ମହାରାଣୀଙ୍କର ବିଶ୍ବାସ ହେଉଅଛି ଯେ ଶୀଘ୍ର ସନ୍ଧି ସ୍ଥାପନ ହେବ । ଏପର୍ଯ୍ୟନ୍ତ ଯୁଦ୍ଧରେ ନିଯୁକ୍ତ ଥିବା କୌଣସିପକ୍ଷ ଇଂରାଜଙ୍କ ସତ୍ତ୍ବର ବିରୁଦ୍ଧରେ କାର୍ଯ୍ୟ କରି ନାହିଁ ଓ ମହାରାଣୀ ବିଶ୍ବାସ କରନ୍ତି ଯେ ଉଭୟପକ୍ଷ ଇଂରାଜଙ୍କ ସତ୍ତ୍ବକୁ ଯଥାସାଧ୍ୟ ମାନ୍ୟ କରୁଅଛନ୍ତି । ଯେପର୍ଯ୍ୟନ୍ତ ଏପରି ଅବସ୍ଥା ଥିବ ସେପର୍ଯ୍ୟନ୍ତ ଇଂଲଣ୍ଡ ବର୍ତ୍ତମାନ ପରି ନିରପେକ୍ଷ ରହିବ କିନ୍ତୁ ଦୀର୍ଘକାଳ ଯୁଦ୍ଧ ଲାଗିଥିଲେ ଭବିଷ୍ୟତକୁ କୌଣସି ଦୁର୍ଘଟନା ଘଟିପାରେ ଓ ତହିଁପାଇଁ ପୂର୍ବରୁ ପ୍ରସ୍ତୁତ ରହିବାର ଉଚିତ ଓ ତହିଁର ଉପାୟ ଅବଶ୍ୟ ପାର୍ଲିମେଣ୍ଟ କରିବେ । ମାନ୍ଦ୍ରାଜର ଦୁର୍ଭିକ୍ଷ ନିବାରଣ ସକାଶେ ଗବର୍ଣ୍ଣମେଣ୍ଟ ଯେମନ୍ତ ଚେଷ୍ଟା କରୁଅଛନ୍ତି ଏବଂ ମହାରାଣୀଙ୍କର ସ୍ବଦେଶ ଏବଂ ଉପନିବେଶମାନଙ୍କରୁ ଯେପ୍ରକାର ବଦାନ୍ୟତା ସହିତ ସାହାଯ୍ୟ ପ୍ରେରିତ ହୋଇଅଛି ଏସବୁର ଉଲ୍ଲେଖ ଉକ୍ତ ବକ୍ତୃତାରେ ହୋଇଅଛି ଏବଂ ଶେଷରେ ଏକଥା ମଧ୍ୟ ଲେଖାଅଛି କି ଭବିଷ୍ୟତରେ ଏପ୍ରକାର ମହା ବିପଦ ଘଟନା ନ ହେବା ପକ୍ଷରେ କି ଉପାୟମାନ ହେବ ତହିଁର ଅନୁସନ୍ଧାନ ହେବ ।

---

## ଉତ୍କଳସଭାର ଅଧିବେଶନ ଓ ଉତ୍କଳଭାଷା ।

ଗତସପ୍ତାହ ଶୁକ୍ରବାର ସନ୍ଧ୍ୟାରେ ଷ୍ଟୁପ,ଟାନ ହୋମହଲରେ ଉତ୍କଳ ସଭାର ପ୍ରଥମ ଷାଣ୍ମାସିକ ଅଧିବେଶନ ହୋଇଥିଲା । ଏଥିର ସଭ୍ୟମାନେ ପ୍ରାୟ ସମସ୍ତେ ବିଦ୍ୟାଳୟର ଛାତ୍ର ଓ କେତେକଜଣ ଶିକ୍ଷକ ଅଟନ୍ତି । ଏଦିନ ସଭାରେ ପ୍ରାୟ ସେହିମାନେ ଥିଲେ ଓ ବାହାରର ଭଦ୍ରଲୋକ ଦୁଇ ଚାରିଜଣରୁ ଅଧିକ ହେବେ ନାହିଁ । ବାବୁ ଗଥାନାଥରାୟଙ୍କୁ ସଭାପତି କରି ସଭାର କାର୍ଯ୍ୟାରମ୍ଭ ହେଲା ଓ ଷାଣ୍ମାସିକ ବିଜ୍ଞାପନୀ ପାଠ ହେଲା । ଆମ୍ଭେମାନେ ତହିଁରୁ ଅବଗତ ହେଲୁଁ ଯେ ଏଥିପୂର୍ବେ ଏ ନଗରରେ ଉତ୍କଳଭାଷୋଦ୍ଦୀପିନୀ ଓ ଆଉ ଗୋଟିଏ ସଭା ମିଳିତ ହୋଇ ନୂତନ ନାମରେ ଏ ସଭା ସଙ୍ଗଠିତ ହୋଇଅଛି । ଏହା [illegible] ଗୋଟିଏ ସଭା ସ୍ଥାୟୀ ହେବାର ସମ୍ଭବ ଥିବା ଅବସ୍ଥାରେ ଦୁଇ ଚାରିଟା ସଭା କରିବା କେବଳ ଅଙ୍ଗବିଚ୍ଛେଦ ବୃଦ୍ଧି ଭିନ୍ନ ଆଉ କିଛି ନୁହଇ । ଏପ୍ରକାର ସଭା ଅଧିବେଶନ ରହିପାରେ ପୁଣି ସଭ୍ୟମାନେ ଏମନ୍ତ ଭାବରେ ସଭାକୁ ଚଳାଉଅଛନ୍ତି ଯେ ପ୍ରାୟ ନିଜାବସ୍ଥାରେ ଏଥିର କାର୍ଯ୍ୟ ଚଳୁଅଛି ସୁତରାଂ ସଭ୍ୟମାନଙ୍କୁ କିଛି ଲେଖାସୁଣା ଦେବାକୁ ହେଉ ନାହିଁ । ଏହାମଧ୍ୟ ସଭା ଅଧିବେଶନ ରହିବାର ଶୁଭଲକ୍ଷଣ ଅଟଇ । ବିଜ୍ଞାପନୀ ପାଠ ଶେଷ ହେବାଉତ୍ତାରୁ ବାବୁ ପ୍ୟାରୀମୋହନ ଆଚାର୍ଯ୍ୟ ଉତ୍କଳଭାଷା ବିଷୟରେ ଗୋଟିଏ ବକ୍ତୃତା କଲେ । ବକ୍ତୃତାଟି ଶେଷ ହେବାକୁ ପ୍ରାୟ ଏକଘଣ୍ଟା ଲାଗିଥିଲା ସୁତରାଂ ଦୀର୍ଘ ଥିଲା । ପ୍ୟାରୀବାବୁଙ୍କ ବକ୍ତୃତା ଏଠାଲୋକେ କେବେ ଶୁଣିଅଛନ୍ତି ଅତଏବ ତାହାଙ୍କର ବକ୍ତୃତା କରିବାର କ୍ଷମତା ଅଛି ଏକଥା କହିବା ବାହୁଲ୍ୟ । ବାସ୍ତବରେ ସେ ଯେମନ୍ତ ପ୍ରକାରେ ବକ୍ତୃତା କଲେ ତହିଁରୁ ଜଣାଗଲା ଯେ ସେ ଅଭ୍ୟାସ କଲେ ଭବିଷ୍ୟତକୁ ଜଣେ ସୁବକ୍ତା ହେବେ ମାତ୍ର ବକ୍ତୃତାର ଭାବ ଆମ୍ଭମାନଙ୍କର ସୁଗମର ହେଲାନାହିଁ ବାସ୍ତବରେ ତହିଁରେ ସାର କଥା ଅତ୍ୟଳ୍ପ ଥିଲା ଓ ଅଧିକାଂଶ କେବଳ ଜଡ଼ତାରେ ପରିପୂର୍ଣ୍ଣ ହୋଇଥିଲା । ବକ୍ତୃତା ଶୁଣିବାବେଳେ ଆମ୍ଭମାନଙ୍କ ମନରେ ହେଉଥାଏ ଯେମନ୍ତ ବକ୍ତାଙ୍କୁ ବିଷମ ସନ୍ନିପାତ ଘଟିଅଛି ଯେ ଯାହା ଚିତ୍ତ ଉପରକୁ ଆସୁଅଛି ଅଧୀରର ପକାଇ ଦେଉଅଛନ୍ତି । ବକ୍ତା ପ୍ରଥମେ କହିଲେ ଯେ ପ୍ରାଚୀନ ଶିଳ୍ପକାର୍ଯ୍ୟ ଓ ଭାଷା ସକାଶେ ଓଡ଼ିଶାର ଗୌରବ ରହିଅଛି ଶିଳ୍ପକାର୍ଯ୍ୟର ପରିଚୟ ଭୁବନେଶ୍ବର ଓ ପୁରୀର ମନ୍ଦିରମାନ ଏବଂ ଭାଷାର ପରିଚୟ ପ୍ରାଚୀନ ଗ୍ରନ୍ଥମାନ । ମନ୍ଦିରମାନଙ୍କ ଅଶ୍ଳୀଳ ମୂର୍ତ୍ତିର କଥା ବିସ୍ମୃତ ହେବାରେ ସେ ସମସ୍ତର ଗୌରବ ରହିଗଲା ନୋହିଲେ ମନ୍ଦିରମାନଙ୍କର ବିପର୍ଯ୍ୟନ୍ତ ଦୁର୍ଘଟଣା ହୋଇଥାନ୍ତା ଆମ୍ଭେମାନେ କହି ନ ପାରୁଁ । କିନ୍ତୁ ସେହି ଅଶ୍ଳୀଳତାର ଅପରାଧରେ ପ୍ରାଚୀନ ରଚନାର ଏତେ ନିନ୍ଦା ହେଲା ଯେ ବୁଝିବାଲୋକେ ନିଶ୍ଚୟ ମନରେ କରିଥିବେ ଯେ ସେସବୁ ଯଥାର୍ଥରେ ଆମ୍ଭମାନଙ୍କର କଳଙ୍କ ଅଟଇ । ସବୁ ଛନ୍ଦକାର ଅପେକ୍ଷା ଉପେନ୍ଦ୍ରଭଞ୍ଜ ଓ ସବୁ ଛନ୍ଦ ଅପେକ୍ଷା ଲାବଣ୍ୟବତୀ ଅଧିକ ଗାଳି ଖାଇଲେ । କେବଳ ପ୍ରାଚୀନ ଉପରେ ଦେଇ [illegible] ଯ୍ୟମଧ୍ୟ ନିନ୍ଦାରୁ ଅନ୍ତର ହୋଇ ନାହାନ୍ତି । କେତେଲୋକ ଛନ୍ଦକାର କେତେଲୋକ ଅନୁବାଦକ କେଉଁଠାରୁ କେହି ବର୍ଣ୍ଣୋଥିଲ କେତେ ଶିଖିଲ କେତେ କରଣ ଏହିପରି କେତେଲୋକ କେତେପ୍ରକାରେ ନିନ୍ଦା ପାଇଲେ ତହିଁର ସୀମା ନାହିଁ । ଫଳେ ବକ୍ତୃତାର ସାର କଥା ଆମ୍ଭେମାନେ ଏହି ବୁଝିଲୁଁ ଯେ ଓଡ଼ିଆଭାଷାରେ ପ୍ରାଚୀନକାଳର ଏମନ୍ତ କିଛି ସମ୍ପତ୍ତି ନାହିଁ ଯାହାକି ଭାଷାର ଉନ୍ନତି ସକାଶେ କାର୍ଯ୍ୟରେ ଆସିବ ଓ ବର୍ତ୍ତମାନ କାଳରେ ଏତେ ପ୍ରତିବନ୍ଧକ ଦେଖାଯାଏ ଯେ ସେ ସମସ୍ତ ଅତିକ୍ରମ କରି ମଧ୍ୟ ରୁଚିଅନୁସାରେ ଭାଷା ସଂଗଠିତ ହେବା କଠିନ କେବେ ଓଡ଼ିଶାର ସର୍ବଶ୍ରେଣୀର ଲୋକ ଯୋଗ ହୋଇ ଚେଷ୍ଟା କଲେ କିଛି କରିପାରିବେ ।

ଏଥିଉତ୍ତାରୁ ବାବୁ ଡଲୁର୍ଲଭ ପର୍ଯ୍ୟଟନାତ୍ମକ ସଂକ୍ଷେପରେ ଆପଣା ମନୋଭାବ ବ୍ୟକ୍ତ କରିଥିଲେ । ପ୍ୟାରି ବାବୁ ବଙ୍ଗାଳିବ୍ରାହ୍ମଣ ହୋଇ ଏ ଦେଶରେ ରହିଥିବାରୁ ଓଡ଼ିଆ ଭାଷା ପ୍ରତି ତାହାଙ୍କର ଯତ୍ନ ଓ ଉତ୍ସାହ ସକାଶେ ତାହାଙ୍କୁ ଧନ୍ୟବାଦ ଦେଲେ ଓ ତାହାଙ୍କ ଉଦ୍‌ଘଟରେ କୃତଜ୍ଞତା ସ୍ବୀକାର କଲେ କିନ୍ତୁ ତାହାଙ୍କ ମତରେ ସମ୍ପୂର୍ଣ୍ଣରୂପେ ଐକ୍ୟ ହେଲେ ନାହିଁ । ସେ କହି-

Digitized by srujanika@gmail.com

Split by PDF Splitter



ଲେ କି ପ୍ରାଚୀନ ଓଡ଼ିଆ କାବ୍ୟକୁ ବଲ୍ଗା ମହାଶୟ ଯେତେ ଖରାପ କଲେ ତାହା ତେତେ କଦାପି ନୁହଇ ତହିଁରେ ଅଶ୍ଳୀଳତାର ଦୋଷ ଲକ୍ଷିତ ହୁଅଇ ସତ୍ୟ ଓ ତାହା ସେ ସମୟର ରୁଚି ହେତୁରୁ ହୋଇଅଛି ମାତ୍ର ତହିଁରେ ଉତ୍କୃଷ୍ଟ ଭାବ ଓ ବିଷୟ ଅନେକ ଅଛି । ସେସବୁ ଯେ କ୍ରମେ ଲୋପ ହେଉଅଛି ତହିଁ ସକାଶେ ଶିକ୍ଷାବିଭାଗ ଦାୟୀ ଅଟଇ । ଆମ୍ଭମାନଙ୍କ ବିବେଚନାରେ ପଟ୍ଟନାୟକ ମହାଶୟ ନିରପେକ୍ଷରୂପେ ପ୍ରାଚୀନ କବିତାର ବିଚାର କରିଅଛନ୍ତି ଏବଂ ଆମ୍ଭେମାନେ ସଭ୍ୟ ଓ ଶିକ୍ଷିତ ସମ୍ପ୍ରଦାୟଙ୍କୁ ଅନୁରୋଧ କରୁଅଛୁଁ ଯେ ସେମାନେ ଭ୍ରମ ସ୍ୱୀକାରପୂର୍ବକ ପ୍ରାଚୀନ କାବ୍ୟମାନ ପାଠକରି ତହିଁର ଦୋଷ ଭାଗ ପରିତ୍ୟାଗପୂର୍ବକ ଗୁଣଭାଗକୁ ଗ୍ରହଣ କରନ୍ତୁ । ସଭାକୁ ମଧ୍ୟ ଆମ୍ଭମାନଙ୍କର ଏହି ଅନୁରୋଧ ଯେ ନାନା ଆଦିରସଘଟିତ ଓଡ଼ିଆ ଛନ୍ଦରୁ ଏକାଦି ଛନ୍ଦ ବାଛାର କରି ତହିଁର ପ୍ରକୃତ ସମାଲୋଚନା ପ୍ରଚାର କରିବାର ଚେଷ୍ଟା କରନ୍ତୁ ତାହା ହେଲେ ଯେମନ୍ତ ଗୁଣଭାଗ ଦେଖି ଅନେକ ଲୋକଙ୍କର ସେ ସମସ୍ତ ପୁସ୍ତକ ପଢ଼ିବାକୁ ଉତ୍ସାହ ହେବ ସେମନ୍ତ ବିଶୁଦ୍ଧ ରୁଚି ଶିକ୍ଷା କରି ତହିଁର ଦୋଷ ଭାଗ ପରିତ୍ୟାଗ କରିବାକୁ ସକ୍ଷମତା ଜନ୍ମିବ । ସମ୍ପ୍ରତି ଯାହା ଆମ୍ଭେମାନେ ଦେଖୁଅଛୁଁ ଓ ଶୁଣୁଅଛୁଁ ତହିଁରେ ଏମନ୍ତ ଅନୁମାନ ହୁଅଇ ଯେ ଅଶ୍ଳୀଳତାର ପ୍ରକୃତ ଅର୍ଥ ବୁଝିବାରେ ଅନେକ ଗୋଳମାଳ ଅଛି । କାହାରି ମତରେ ଆଦିରସ ଘଟିତ କବିତା ମାତ୍ରକେ ଅଶ୍ଳୀଳ ଓ କାହାର ମତରେ କେବଳ ସ୍ତ୍ରୀ ପୁରୁଷର ଗୁପ୍ତ ବ୍ୟବହାରର ବର୍ଣ୍ଣନା ଅଶ୍ଳୀଳ ଅଟଇ । ଆଦିରସ ଘଟିତ କବିତା କେଉଁ ଅବସ୍ଥାରେ ଅଶ୍ଳୀଳତାକୁ ପ୍ରାପ୍ତ ହୁଅଇ ଏଥିର ପ୍ରକୃତ ଜ୍ଞାନ ସର୍ବସାଧାରଣରେ ପ୍ରଚାର କରିବାକୁ ସଭା ଚେଷ୍ଟା କଲେ ଅନେକ ଉପକାର ହୋଇପାରେ ।

---

## ସାପ୍ତାହିକସଂବାଦ ।

ଆମ୍ଭେମାନେ ଶୁଣି ଆନନ୍ଦିତ ହେଲୁଁ ଯେ ବାବୁ ଜଗନ୍ମୋହନରାୟ ଘାରଭେଣ୍ଟଘ ପଦ ଗ୍ରହଣର ସ୍ମରଣସୂଚକ ଗୋଟିଏ ରୂପାର ତଗମା ଗବର୍ଣ୍ଣମେଣ୍ଟ ଇଣ୍ଡିଆରୁ ଉପଢୌକନ ପାଇ ଅଛନ୍ତି ।

ଗତରବିବାର ଅପରାହ୍ନ କାଳରେ ବାବୁ ଗୋଲକଚନ୍ଦ୍ର ବୋଷଙ୍କ ହେତୁ ଅଭିଥରେ ନଗରବାସିମାନେ କୁସ୍ତି ଦେଖିଥିଲେ କାଠଯୋଡ଼କୂଳ ନିରୂପିତସ୍ଥାନରେ ଏ କୁସ୍ତି ହୋଇଥିଲା ଓ ଦେଖିବାକୁ ବିସ୍ତର ଲୋକ ଯାଇଥିଲେ । ଯୋଦ୍ଧା ଦୁଇଜଣ ପଞ୍ଜାବୀ ଥିଲେ । ଏହାଙ୍କ ନାମ ରସୁଲ ଓ ଯାଫର । ପ୍ରଥମ ଲକ୍ଷିତ ମଲ ଏଥିପୂର୍ବେ ଏକ କୁସ୍ତି ଜିଣିଥିଲା । ପ୍ରାୟ ଅର୍ଦ୍ଧଘଣ୍ଟା କୁସ୍ତି ହେଲା ପରଶେଷରେ ଯାଫର ରସୁଲକୁ ଚିତକରି ଦେଇ ଜୟଲାଭ କଲା । ଜଣେପଞ୍ଜାବୀକୁ ଅନ୍ୟଜଣେ ପଞ୍ଜାବୀ ହରାଇ ଦେଲା ଏଥିରେ ଯେ କାହିଁକି ଏତେ ଲୋକଙ୍କର ଆମୋଦ ହେଲା ବୁଝିବାର କଠିନ । କଟକର ଆଖଡ଼ା ବାଲାଙ୍କୁ ଲଗାଇ ଦେଇ ଥିଲେତ ତହିଁରୁ ଅଧିକ ସୁଖ ହୋଇଥାନ୍ତା । ତେବେ ଏତେ ଟଙ୍କା ଖର୍ଚ୍ଚ ହୁଅନ୍ତା ନାହିଁ ।

ଆମ୍ଭମାନଙ୍କ ଜଜସାହେବ ବାଲେଶ୍ୱର ଦୌରା କର୍ମ ଶେଷକରି ଗତବୁଧବାର ଫେରି ଆସିଲେ । ଏଥର ଗୋଟିଏ ଦୌରା ମୋକଦ୍ଦମା ଥିଲା ।

ଗୋଟାଏ ଥାନରେ ଦୁଇତୋଟି ଚାଉଳ ବାହାରିବାର ସଂବାଦ ଆମ୍ଭେମାନେ ଏଥିପୂର୍ବେ ଲେଖିଥିଲୁ । ସମ୍ପ୍ରତି ଜଣେ ପାଠକ ଉକ୍ତ ଥାନ ଆଣାଇଥିବାରୁ ଆମ୍ଭେମାନେ ତାହା ସ୍ୱଚକ୍ଷୁରେ ଦେଖିଲୁଁ । ବାସ୍ତବରେ ଗୋଟାଏ ଥାନରୁ ଦୁଇଟା ବା ତିନିଟା ଚାଉଳ ବାହାରୁ ଅଛି ଓ ଗୋଟାଏ ଥାନରୁ କେବଳ ଗୋଟିଏ ଚାଉଳ ବାହାରୁ ଅଛି । ତେବେ ଅଧିକାଂଶ ଥାନରେ ଦୁଇତୋଟି ଲେଖାଏ ଚାଉଳ ବାହାରୁ ଅଛି ।

ଭଦ୍ରକର ଜଏଣ୍ଟ ମାଜିଷ୍ଟ୍ରେଟ ଶ୍ରୀଯୁକ୍ତ ଜି, ସ୍କି ବିନ୍‌ସନ ସାହେବ ମଇମନସିଂହର ସଦର ଷ୍ଟେସନକୁ ବଦଳ ହେଲେ । ଏହି ମାସ ଶେଷରେ ସେ ପ୍ରସ୍ଥାନ କରିବେ ।

ଲଣ୍ଡନରୁ ଆସିଥିବା ଚଳିତ ମାସ ତା ୧୯ ରିଖର ସଂବାଦରୁ ଜଣାଯାଏ ଯେ ସିପକା ଘାଟି ହସ୍ତଗତ କରିବାରେ ରୁଷୀୟଙ୍କର ୫୦୭୮ ଜଣ ମରିପଡ଼ିଥିଲେ । ରୁଷିୟମାନେ ଫିଲିପୋଲିସ ଅଧିକାର କରି ଆଡ୍ରିୟାନୋପଲକୁ ଚଲାଉ କରୁ ଅଛନ୍ତି । ବୁଲ୍‌ଗେରିଆରେ ବର୍ତ୍ତମାନ ଯୁଦ୍ଧ ସ୍ଥଗିତ ଅଛି ।

ତା ୨୦ ରିଖର ସମ୍ବାଦରୁ ଜଣାଯାଏ ଯେ ରୁଷୀୟମାନେ ହରମାନ୍ଲିକୁ ଅଧିକାର କରି ଆଡ୍ରିୟାନୋପଲ ସମ୍ମୁଖରେ ପ୍ରବେଶ ହେବାରୁ ତୁରଷ୍କମାନେ ସେହିଲ୍ଲାକୁ ଛାଡ଼ି ପଳାଇଅଛନ୍ତି । ସୁଲେମାନପାସାଙ୍କ ସେନା ପରାସ୍ତ ହେବା ଉଦ୍ୟମରେ ଅଛନ୍ତି । ରୋମେଲିୟାର ମୁସଲମାନ ଅଧିବାସିମାନେ କନଷ୍ଟାଣ୍ଟିନୋପଲକୁ ପଳାଉଅଛନ୍ତି । ଥେସାଲିରେ ବିଦ୍ରୋହ ଉପସ୍ଥିତ ହୋଇ ଅଛି ।

ଏକ ତାରଗର ସଂବାଦରୁ ଅଧିକ ଜଣାଯାଏଯେ ଆଡ୍ରିୟାନୋପଲର ପଲ୍ଟନମାନ କନଷ୍ଟାଣ୍ଟିନୋପଲସ୍ ଦିଗକୁ ପଳାଉ ଅଛନ୍ତି । କନଷ୍ଟାଣ୍ଟିନୋପଲସ୍‌ରେ ଯେତେ ଲୋକ ଅସ୍ତ୍ରଧାରଣ କରିବାକୁ ସକ୍ଷମ ଅଛନ୍ତି ସେ ସମସ୍ତଙ୍କୁ ସୈନିକ କାର୍ଯ୍ୟ କରିବା ସକାଶେ ସୁଲତାନ ଡକାଇ ଅଛନ୍ତି । ଏମାନେ ଟେହାଲେଜାଠାରେ ରେଲ ସଡ଼କକୁ ରକ୍ଷାକରିବେ ।

ତା ୨୧ ରିଖର ସଂବାଦ ଏହି ଯେ ବଲଗରିୟାରେ ଯୁଦ୍ଧ ସ୍ଥଗିତ ହେବାର ସଂବାଦ ଠିକ ନୁହଇ । କନଷ୍ଟାଣ୍ଟିନୋପଲସର ସୀମାକୁ ରକ୍ଷାକରିବାରେ ନିଯୁକ୍ତ ଥିବା ସେନାଙ୍କର ସୈନାଧ୍ୟକ୍ଷ ପଦରେ ଗାଜିଅହମ୍ମଦ ମୁକ୍ତାରପାସା ନିଯୁକ୍ତ ହୋଇଅଛନ୍ତି । ତୁରଷ୍କମାନେ ତାତାର ବଯାର୍ଜିକ ଏବଂ ଫିଲିପୋପଲିସ୍ ନଗର ମଧ୍ୟରେ ଥିବା ସମସ୍ତ ଖାଦ୍ୟ ଖଣ୍ଡକୁ ନଷ୍ଟ କରି ଦେଇ ଅଛନ୍ତି ।

ପାରଲୁଦରୁ ସଂବାଦ ପାଇ ଅଛୁଁ ଯେ ଶ୍ରୀଯୁକ୍ତ କମିଶ୍ନର ଓ ପୁରୀର କଲେକ୍ଟର ସାହେବମାନେ ସେ ଅଞ୍ଚଳର ଅବସ୍ଥା ଦେଖି ଦୁର୍ଭିକ୍ଷ ସାହାଯ୍ୟ ବିଷୟରେ କେତେକ ବନ୍ଦୋବସ୍ତ କରି ଆସିଅଛନ୍ତି ମାତ୍ର ତାହା କାର୍ଯ୍ୟରେ ପରିଣତ ହୋଇନାହିଁ । ଏଥିମଧ୍ୟରେ ରାଜାଙ୍କର ଗୋଟିଏ ପୁତ୍ର ଜନ୍ମ ହୋଇ ଥିବାରୁ ରାଜା ଏକହଜାର ଟଙ୍କା ଦାନ କରିଅଛନ୍ତି ଓ ତହିଁରେ ପୁଷ୍କରିଣୀ ଓ ବନ୍ଧ ଇତ୍ୟାଦି କେତେକ କର୍ମ ହେଉଥିବାରୁ ପ୍ରଜାଙ୍କର ଅନେକ ସାହାଯ୍ୟ ହେଉ ଅଛି ।

ଏହି ପତ୍ରରୁ ଅବଗତ ହେଲୁଁ ଯେ ମାଲୁଦ ଓ ବଜ୍ରକୋଟ ଏଲକାରେ କୋଡ଼ିଏ ଗୋଟା ପୁଷ୍କରିଣୀ ଏବଂ ଏକ ବୃହତ୍ ନାଳ ପ୍ରସ୍ତୁତ ହେଉ ଅଛି ଏ ପରି ସମସ୍ତ ଶ୍ରେଣୀର ଦୁଃଖୀ ଅକ୍ଷମ ପ୍ରଜାଙ୍କୁ ଟଙ୍କା ଦାନ ଦିଆ ଯାଉ ଅଛି । ଏଥିରେ ଆଜ ପର୍ଯ୍ୟନ୍ତ ପ୍ରାୟ ଦଶ ବାର ହଜାର ଟଙ୍କା ଖର୍ଚ୍ଚ ହେଲାଣି କିନ୍ତୁ ପାରଲୁଦରେ କେବଳ ଏ ପର୍ଯ୍ୟନ୍ତ ସାହାଯ୍ୟ କର୍ମରେ ଛଅ ଟଙ୍କା ବ୍ୟୟ ହୋଇ ଅଛି ଆମ୍ଭମାନଙ୍କ ବିବେଚନାରେ

Digitized by srujanika@gmail.com

Split by PDF Splitter



ସବୁ ଦୁର୍ଭିକ୍ଷ ପୀଡ଼ିତ ସ୍ଥାନରେ ସମାନ ଭାବରେ ସାହାଯ୍ୟ ଦେବାର ଉଚିତ ।

ଶ୍ରୀଯୁକ୍ତ ବର୍ଣ୍ଣୁତ ସାହେବ ଫରିଦପୁରର ଏକ୍‌ଟିଂ ଜଜ ହୋଇଅଛନ୍ତି । ଅମ୍ଭେମାନେ ଭରସା କରୁଁ ଯେ ରେବନ୍ୟୁ ଓ ଫୌଜଦାରୀ ଏଲକାରେ ଏ ମହାଶୟ ଯେତେ କାର୍ଯ୍ୟ କରିଥିଲେ ସିବିଲ ଏଲକାରେ, ତାହା କରିବାର ଅବସର ପାଇବେ ନାହିଁ ।

ସୁରନାମ ନାମକ ଉପନିବେଶରୁ ଭାରତବର୍ଷର ଯେ ସମସ୍ତ ସ୍ଥାନରୁ କୁଲି ପ୍ରେରିତ ହୁଅଇ ସେସ୍ଥାନର ସର୍ବ ସାଧାରଣଙ୍କୁ ଗବର୍ଣ୍ଣମେଣ୍ଟ ଜଣାଇ ଦେଉଅଛନ୍ତି କି ଉକ୍ତ ଉପନିବେଶର ଗବର୍ଣ୍ଣମେଣ୍ଟ ସେଠାରେ ନିୟମ କରିଅଛନ୍ତି ଯେ କୁଲିମାନଙ୍କର ବ ୯ ର୍ଷ ଓ ବ ୧୬ ର୍ଷମଧ୍ୟର ବୟସର ପିଲାମାନେ ବିନା ବେତନରେ ବିଦ୍ୟାଳୟରେ ଶିକ୍ଷା ଲାଭ କରିବେ । କୌଣସି ପିଲାର ଅଭିଭାବକ ଯେବେ ପିଲାକୁ ବିଦ୍ୟାଳୟକୁ ପଠାଇବାକୁ ତ୍ରୁଟି କରିବ ତେବେ ତାହାର ଅର୍ଥଦଣ୍ଡ ଓ ନଦେଲେ କାରାବାସ ହେବ ।

ଗୋଟିଏ ସ୍ତ୍ରୀକୁ ବିବାହ କରିବାପାଇଁ ପାଞ୍ଚ ଜଣ ପୁରୁଷ ଅଭିଲାଷୀ ହେଲେ ସେ ସ୍ତ୍ରୀଲୋକଟି ଜାହାଜରେ ଥିଲା । କାହାକୁ ବିବାହ କରିବ ଏ ବିଷୟ କିଛିହିଁ ସ୍ଥିର କରି ନ ପାରି ଜାହାଜର କପ୍ତାନଙ୍କୁ ପରାମର୍ଶ ପଚାରିଲା । କପ୍ତାନ ତାହାଙ୍କୁ ପାଣିକି ଡେଇଁ ପଡ଼ିବାକୁ ପରାମର୍ଶ ଦେଲେ । ଏବଂ କହିଲେ ଯେଉଁ ବ୍ୟକ୍ତି ତୁମ୍ଭଙ୍କୁ ଜଳରୁ ଉଠାଇବ ତାହାକୁ ତୁମ୍ଭେ ବିବାହ କରିବ । କପ୍ତାନଙ୍କ ପରାମର୍ଶାନୁସାରେ ସେ ଜଳରେ ପଡ଼ିଲାମାତ୍ରେ ୪ ଜଣ ତାହାକୁ ରକ୍ଷା କରିବାକୁ ସମୁଦ୍ରରେ ଡେଇଁ ପଡ଼ିଲେ ଏଅବସ୍ଥାରେ ସ୍ତ୍ରୀଲୋକଟି କାହାକୁ ଠିକ କରିବ ତହିଁ ସମ୍ପର୍କରେ ପୁନର୍ବାର ପରାମର୍ଶ ପଚାରିଲେ କପ୍ତାନ କହିଲେ ଯେଉଁ ବୁଦ୍ଧିମାନ୍ ବ୍ୟକ୍ତି ଜଳରେ ପଡ଼ି ନାହାନ୍ତି ତାହାଙ୍କୁ ବିବାହ କର । ସ୍ତ୍ରୀଲୋକଟି ତାହାଙ୍କୁହିଁ ବିବାହ କଲା ।

## ପ୍ରେରିତ ପତ୍ର ।

ମାନ୍ୟବର ଶ୍ରୀଯୁକ୍ତ ଉତ୍କଳଦୀପିକା ସମ୍ପାଦକ
ମହାଶୟ ସମୀପେଷୁ ।

ମହାଶୟ,—

ଉତ୍କଳସଭାର ଗତ ପ୍ରଥମ ଷାଣ୍ମାସିକ ଅଧିବେଶନରେ ବକ୍ତାମହାଶୟ ଯେଉଁ ସୁଦୀର୍ଘବକ୍ତୃତା କରିଥିଲେ ସେଥିବିଷୟରେ ମୋହର କିଛି ମନୋଜ୍ଞ ସାଧାରଣଙ୍କ ନିକଟରେ ବ୍ୟକ୍ତ କରିବାକୁ ଏକାନ୍ତ ଇଚ୍ଛା । ଅପଣ ଯଦି ଦୀପିକାରେ ଟିକିଏ ସ୍ଥାନ ଦିଅନ୍ତି ତେବେ ତାହା ପୂର୍ଣ୍ଣ ହେବ ।

ବକ୍ତାମହାଶୟ ଏ ଦେଶର ଜଣେ ଉପନିବେଶୀ ହୋଇ ସୁଦ୍ଧା ଉତ୍କଳଭାଷା ଓ ଉତ୍କଳ ଦେଶର ଉନ୍ନତିପକ୍ଷରେ କେତେ ଉତ୍ସୁକ, ତାହା ଗମ୍ଭୀରସ୍ୱରରେ କହିବାବେଳେ ସହଜେ ପ୍ରକାଶ ହୋଇ ପଡ଼ିଲା । କେତେ ଉତ୍କଳୀୟଙ୍କ ଶିଥିଳ ରକ୍ତନାଡ଼ୀ ଦେଶୋନ୍ନତୋପଦେଶ ପୂର୍ଣ୍ଣ ଉତ୍ସାହ ବାକ୍ୟରେ ସତେଜ ହୋଇଗଲା । ଆଉ ଯେଉଁ ଉପନିବେଶିମାନେ ଉତ୍କଳୀୟ ନୁହନ୍ତି ବୋଲି ମନେ ୨ ଅଲଗା ହୋଇ ରହିଥିଲେ ସେମାନେ ସୁଦ୍ଧା ଉତ୍କଳର ଉନ୍ନତି ନିଜର କର୍ତ୍ତବ୍ୟକର୍ମ ବୁଝି ପାରିଲେ । ସାହିତ୍ୟ ଓ ଶିଳ୍ପକାର୍ଯ୍ୟଦ୍ୱାରା ଦେଶର ଜନୋନ୍ନତି ଅବସ୍ଥା ଜଣାଯିବା ବିଷୟ ଏବଂ ବର୍ତ୍ତମାନ ଓଡ଼ିଶାର ଯେ ମର୍ଯ୍ୟାଦା କେବଳ ଜଗନ୍ନାଥ ଓ ଲଙ୍ଗୁଳଙ୍କ ହେତୁ ଅର୍ଥାତ୍ ଶିଳ୍ପ ନୈପୁଣ୍ୟରୁ ରହିଅଛି ବୋଲି ସମସ୍ତଙ୍କର ଉତ୍ତମରୂପେ ହୃଦୟଙ୍ଗମ ହୋଇଗଲା ଅଃ କି ଆନନ୍ଦର ବିଷୟ ! ବକ୍ତା ଜଣେ ଅଳ୍ପବୟସ୍କ ଯୁବକ, ତଥାପି ତାଙ୍କର ଅନ୍ତଃକରଣରେ କିପରି ଉଚ୍ଚଭାବମାନ ବିଚରଣ କରୁଅଛି; କହିଲେ ଅତ୍ୟୁକ୍ତି ହେବ ନାହିଁ ବର୍ତ୍ତମାନ ଶିକ୍ଷିତ ଯୁବକଶ୍ରେଣୀରେ ଜଣେ ପ୍ରଧାନବକ୍ତା ।

ବକ୍ତା ଯେତେବେଳେ ସାହିତ୍ୟ କାନନରେ ଅନ୍ତର୍ଦୃଷ୍ଟି ନିକ୍ଷେପ କରି କହୁଥିଲେ ସେତେବେଳେ ମୁଗ୍ଧବୋଧ ଓ ଉପେନ୍ଦ୍ର ଭଞ୍ଜ କଣ ସିଂହବାଘ ପରି ଦିଶିଲେ ? ନୋହିଲେ କାହିଁକି ବାକ୍ୟ ବନ୍ଧୁକମାନ ଫଏର କଲେ ? ତାଙ୍କର ଦୋଷଟି ଏହି,—ସେ ଶବ୍ଦାଳଙ୍କାର ଓ କାଠିନ୍ୟ ପଦ ପୂର୍ଣ୍ଣ କରି ଆଦିରସ ବିଷୟରେ ଲେଖିଅଛନ୍ତି; ସତ । ପୂର୍ବର ସବୁ କବିତ ଆଦିରସପ୍ରିୟ ! କୁମାରସମ୍ଭବ, ଶକୁନ୍ତଳା, ନୈଷଧ, ମେଘଦୂତ, ହଂସଦୂତ ପ୍ରଭୃତି ଆଦିରସ ପୂର୍ଣ୍ଣକାବ୍ୟ, ତେବେ ଏ କାହିଁକି ଅପମାନିତ ହେଲେ ? କବିତା କିଛି ଆଦିରସ ଅନ୍ତରରେ ହୁଏ ନାହିଁ, କି ଶବ୍ଦାଳଙ୍କାର ଅର୍ଥାଲଙ୍କାର ଥିଲେ ନ ଥିଲେ ହୁଏ ନାହିଁ । ତାହା କେବଳ କବିର 'ହୃଦୟସିନ୍ଧୁ-ମନ୍ଥନାମୃତ, ଲୌହ ବା ସୁବର୍ଣ୍ଣପାତ୍ରରେ ରହିଲେ ତାହାର ମାନ୍ୟର ନ୍ୟୂନାଧିକ ହୋଇ ନ ପାରେ । ଅମ୍ଭେମାନେ ଅମୃତପାନ ନ କରି ପାତ୍ରକାମୋଡ଼ା ହେବା କାହିଁକି ? ମୁଗ୍ଧବୋଧକର୍ତ୍ତା ଜଣେ ପ୍ରଧାନ କବି, ତାହାଙ୍କ ରଚନାର ସ୍ଥାନେ ୨ ଗୂଢ଼କଥା ଓ ଉତ୍କୃଷ୍ଟଭାବମାନ ରହିଅଛି ଯେଉଁମାନେ ତାହା ପଢ଼ିଅଛନ୍ତି ସେମାନେ କବିଙ୍କର ଉଚ୍ଚହୃଦୟର ପରିଚୟ ପାଇଥିବେ ।

ଆହୁରି ଗୋଟିଏ କଥା ମନେ ପଡ଼ିଲା । ବକ୍ତା ମହାଶୟ ମୁଗ୍ଧ ପାଠ କରି ମୁଗ୍ଧ-ଅନ୍ଧ ହେଲେ, ନା ତାହାର ସମାଲୋଚନା ପଢ଼ି ଭୁଲିଗଲେ? ବକ୍ତା ଯେପରି ସଭାବସାହସ, ପଢ଼ିଥିଲେ ଏପରି କହନ୍ତେ ନାହିଁ ପରା ? ନ ପଢ଼ିଥିଲେ କହିଲେ ବା କିପରି ? ସେ କି ଅନ୍ୟଜଣର ମତ ନେଇ ନିଜ ମତ ପରି ବ୍ୟକ୍ତ କରିବା ଠିକ ? ନା । ଏସ୍ଥଳେ ମୁଗ୍ଧରୁ ଦୁଇଚାରି ଗୋଟିଏ ଉଦାହରଣ ଦେଇ ଦୋଷ ଦେଖାଇଥିଲେ ଭଲ ହୋଇଥାନ୍ତା ।

ଭଞ୍ଜଙ୍କ ପରି ଜଣେ ଭାଷାକବି ଅଛି ? କହିବାକୁ କି ଅଛି ନା କହିବାକୁ କି ଅଛି । ତାହାଙ୍କର ରଚନା ସ୍ୱାଦ କଣ ଗାଲ ଆଦରରେ ଲିଟ୍‌ପିଟ୍ ଏମନ୍ତ ନୋହେ । ତହିଁରେ ସ୍ଥାନେ ୨ ଭଲ କଥା ଅଛି, ଭଲ ଭାବ ଅଛି, ଦେଶ ସାଠ ଅନୁସାରେ ଦେହଯାକରେ ଅଳଙ୍କାର ଝୁଣ୍‌ଝୁଣ ହେଉଥିଲେହେଁ ସୌନ୍ଦର୍ଯ୍ୟର ଜଣା ହୋଇ ନାହିଁ ବରଂ ଅଧିକ ହୋଇ ଅଛି । ଯେଉଁମାନେ ଏହାଙ୍କ ରଚିତ ବୈଦେହୀଶ ବିଳାସ ବା କୋଟିବ୍ରହ୍ମାଣ୍ଡସୁନ୍ଦରୀ ପ୍ରଭୃତି ଗ୍ରନ୍ଥ ଏ କାବ୍ୟ ଅଦ୍ୟୋପାନ୍ତ ପାଠ କରିଅଛନ୍ତି ସେମାନେ କଦାପି ଗୁଣ ଅଂଶ ନ ଦେଖି ଦୋଷ ଅଂଶ ନେଇ କବିଙ୍କି ବା କାବ୍ୟକୁ କଳଙ୍କ ଦେଇ ପାରିବେ ନାହିଁ ।

୨୫।୧।୬୮ }
କଟକ } । ତ । ଜଣେ ଓଡ଼ିଆଦର୍ଶକ

## ବିଜ୍ଞାପନ ।

ଏତଦ୍ୱାରା ସର୍ବସାଧାରଣଙ୍କୁ ଜଣାଉଅଛୁଁ ଯେ ସମ୍ପ୍ରତି କଟକ ନର୍ମାଲ ସ୍କୁଲରେ ୧୨ ଗୋଟି ବୃତ୍ତି ଖାଲି ଅଛି । ଯେଉଁମାନେ ଛାତ୍ରବୃତ୍ତି ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିବେ ସେମାନେ ଆଗାମୀ ଫେବୃଏରୀ ମାସର ପ୍ରଥମ ସପ୍ତାହମଧ୍ୟରେ ଉକ୍ତ ସ୍କୁଲରେ ପହଞ୍ଚିଲେ ସେମାନଙ୍କୁ ଗ୍ରହଣ କରାଯିବ ।

୨୨ । ୧ । ୬୮ }
କଟକ } ଶ୍ରୀ ରାଧାନାଥ ଚକ୍ରବର୍ତ୍ତୀ
ସୁପରିଣ୍ଟେଣ୍ଡେଣ୍ଟ
ନର୍ମାଲସ୍କୁଲ

☞ ଏହି ଉତ୍କଳଦୀପିକା ସହରକଟକ ଦରଘାବଜାର କଟକ ପ୍ରିଣ୍ଟିଂକମ୍ପାନିଙ୍କ ଯନ୍ତ୍ରାଳୟରେ ମୁଦ୍ରିତ ଓ ପ୍ରକାଶିତ ହେଲା ।

Digitized by srujanika@gmail.com

Split by PDF Splitter
EGISTERED NO. 1


# ଉତ୍କଳ ଦୀପିକା

## ସାପ୍ତାହିକ ସମ୍ବାଦପତ୍ରିକା

ଖ ୧୩ ଶ
ସ ୫ ସଂଖ୍ୟା

ତା ୨ ରଖ ମାହେ ଫେବ୍ରୁଅରୀ ସନ ୧୮୭୮ ମସିହା । ମୁ । ମାଘ ଦି ୨୨ ନ ସନ ୧୨୮୫ ସାଲ ଶନିବାର

ଅଗ୍ରିମ ବାର୍ଷିକମୂଲ୍ୟ ଟ୩୦
ବର୍ଷାନ୍ତେମୂଲ୍ୟଦେଲେବର୍ଷକୁ ଟ୩୮୦
ମଫସଲପାଁଇ ଡାକମାସୁଲ ଟ୧।୵

ଏଥର ଇଂଲଣ୍ଡର ପାର୍ଲିମେଣ୍ଟ ଓ ରାଜମନ୍ତ୍ରୀ ଭାରତବର୍ଷପ୍ରତି ଅଧିକ ମନୋଯୋଗୀ ହେବାର ଦେଖାଯାଏ । ତାରଡାକରେ ସଂବାଦ ଆସିଅଛି ଯେ ଭବିଷ୍ୟତ୍ ଦୁର୍ଭିକ୍ଷ ନିବାରଣର ଉତ୍ତମ ଉପାୟ ଅନୁସନ୍ଧାନ କରି ସ୍ଥିର କରିବା କାରଣ ତିନିଜଣ ଅଥବା ପାଞ୍ଚଜଣ ସ୍ୱାଧୀନ ଲୋକ କମିଶ୍ନର ସ୍ୱରୂପ ନିଯୁକ୍ତ ହେବେ ଏପରି ଋଣଦ୍ୱାରା ପୂର୍ତ୍ତ କାର୍ଯ୍ୟ ନିର୍ମାଣ କରିବା ଉଚିତ କି ନା ଏଥିର ଅନୁସନ୍ଧାନ ଓ ବିଚାର ନିମିତ୍ତ ପାର୍ଲିମେଣ୍ଟରେ ଗୋଟିଏ କମିଟୀ ବସିବ । ଅମ୍ଭେମାନେ ଭରସା କରୁଁ ଯେ ବ୍ୟୟ ଲାଘବ ଦ୍ୱାରା ଟାକ୍ସ ଭାର ଊଣା କରିବା ବିଷୟରେ ଗୋଟିଏ କମିଶନ ବସିଲେ ବଡ଼ ଭଲ ହୁଅନ୍ତା ।

---

ତୁରସ୍କର ଯୁଦ୍ଧ କ୍ରମଶଃ ଭୟଙ୍କର ହୋଇ ଆସିଲା । ରୁଷୀୟମାନେ ଆଡ୍ରିୟାନୋପଲକୁ ଅଧିକାର କରି କନଷ୍ଟାଣ୍ଟିନୋପଲ ନଗରକୁ ଅଗ୍ରସର ହେଉଅଛନ୍ତି ଦୁଇ ଚାରିଦିନରେ ସେ ନଗରକୁ ଆକ୍ରମଣ କରି ପାରନ୍ତି । ଏଣେ ଇଂଲଣ୍ଡର ରାଜମନ୍ତ୍ରିମାନେ ଖୁବ୍ ଅସ୍ଥିର ହେଲେଣି ଆପଣା ସ୍ୱାର୍ଥରକ୍ଷା ପ୍ରକାରେ କି କରିବେ କିଛି ସ୍ଥିରକରି ପାରୁ ନାହାନ୍ତି । ଏକପକ୍ଷ ଯୁଦ୍ଧ କରିବା ଓ ଏକପକ୍ଷ ନିରପେକ୍ଷ ରହିବାର ମତ ଦେଉଅଛନ୍ତି । କିନ୍ତୁ ଯୁଦ୍ଧରେ ସଙ୍ଖ୍ୟା ଅଧିକ ଦେଖାଯାଏ । ଏଥି ମଧ୍ୟରେ ଭୂମଧ୍ୟସାଗରରେ ଥିବା ରଣତରୀ ଓ ପଲଟନ ଦାର୍ଦ୍ଦେନଲସକୁ ଯାଇ ଗାଲିପୋଲି ରକ୍ଷା କରିବାକୁ ଆଦେଶ ପାଇଥିଲେ ପୁଣି ସେ ଆଦେଶ ରହିତ ହେଲା । ଦୁଇ ଏକ ଦିନରେ ସନ୍ଧିକଥା ଜଣା ପଡିବ । ରୁଷୀୟା କି ନିୟମରେ ତୁରସ୍କ ସହିତ ସନ୍ଧି କରିବେ ତାହା ଅଦ୍ୟାପି ପ୍ରକାଶ ହୋଇ ନାହିଁ ।

---

ଏଥିପୂର୍ବେ ଏକ ପତ୍ରିକାରେ କଟକ କଲେଜର କେତେକ ଶିକ୍ଷକଙ୍କର ଦୁର୍ଦ୍ଦଶା ବିଷୟରେ ଗୋଟିଏ ପତ୍ର ପ୍ରକାଶ କରିଥିଲୁଁ । ଶୁଣିଲୁଁ ଯେ ତହିଁର କିଛି ପ୍ରତୀକାର ହେଲା ନାହିଁ । କଲେଜର ପ୍ରିନ୍ସପଲ ସାହେବ ଡିରେକ୍ଟରଙ୍କ ପାଶକୁ କି ଅନୁରୋଧପତ୍ର ଲେଖିଥିଲେ ମାତ୍ର ତହିଁରେ କିଛି ଫଳ ହେଲା ନାହିଁ । ଡିରେକ୍ଟର ଆଜ୍ଞା ଦେଲେ ଯେ ଚନ୍ଦ୍ରନାଥ ବାବୁ ଅନ୍ୟ କର୍ମ ଖାଲି ହେବାପର୍ଯ୍ୟନ୍ତ ଘରେ ବସିଥିବେ । ଏ ଖବରକୁ ଅମ୍ଭେମାନେ ପଟାନ୍ତର ପାଉ ନାହୁଁ । ଜଣେ ପୁରୁଣା ଶିକ୍ଷକ ବିନା ଦୋଷରେ ବାହାର ହେଲା ଆଉ ଜଣେ ବାଣ୍ଡରୁ ଆସି ତାହା ଖାଇବା ପତରକୁ ମାଡି ବସିଲା । ଅତି ପଣ୍ଡିତଙ୍କର ସଙ୍ଗ ନ ହେଲେ ଏପରି ଫଳ ବାହାରିବା କଠିନ ଆଉ ଯେଉଁ ଦୁଇଜଣଙ୍କର ବେତନ ଊଣା ହେଲା ତାହାଙ୍କ ବିଷୟରେ ଅମ୍ଭେମାନେ ଏବେ କି କହିବୁଁ । ଯେବେ କଲେଜର ପ୍ରିନ୍ସପଲ ବାସ୍ତବରେ ନ୍ୟାୟବାନ୍ ଲୋକ ଥିବେ ତେବେ ସେ ଆପଣା ବେତନ ଊଣା କରି ତହିଁର ସଂବାଦ ଗବର୍ଣ୍ଣମେଣ୍ଟଙ୍କୁ ପଠାଇ ଥିବେ, କାରଣ ଯେବେ ୧୨।୧୮ ବର୍ଷର ଶିକ୍ଷକର ଶିକ୍ଷାରେ ଥିବା ପିଲାମାନେ ଏକବର୍ଷ ପରୀକ୍ଷାରେ ଆଶାନୁରୂପ ଉତ୍ତୀର୍ଣ୍ଣ ନ ହେଲେ ତାହାର ବେତନ ଊଣା ହୁଅଇ ତେବେ କ୍ରମାଗତ ଯେଉଁ ଶିକ୍ଷକର ମନ୍ଦଫଳ ହୁଅଇ ତାହାର ଦଣ୍ଡ କି ହେବ ? କିନ୍ତୁ ପୂର୍ବକଥା ମନେ କଲେ ଦେଖାଯାଏ ଯେ ଯହିଁରେ ସାନସାନଙ୍କର ବେତନ ଊଣା ହୁଅଇ ତହିଁରେ ବଡ଼ମାନଙ୍କର ବୃଦ୍ଧି ହୁଅଇ ।

---

ଗତ ଗବର୍ଣ୍ଣମେଣ୍ଟ ଗଜେଟରେ ବି, ଏ, ପରୀକ୍ଷାର ଫଳ ବାହାରିଅଛି ମାତ୍ର କଟକକଲେଜର ନାମ ତହିଁରେ ନାହିଁ । ଏଠାରୁ ପାଞ୍ଚଜଣ ଛାତ୍ର ପରୀକ୍ଷା ଦେବାପାଇଁ କଲିକତାକୁ ଯାଇଥିଲେ ସମସ୍ତେ ବିଫଳ ହୋଇଅଛନ୍ତି । ଏହା ଅବଶ୍ୟ ଦୁଃଖର ବିଷୟ ଅଟଇ କିନ୍ତୁ ଏଥିରେ ଆଶ୍ଚର୍ଯ୍ୟ କିଛିହିଁ ନାହିଁ । କଲେଜର ବନ୍ଦୋବସ୍ତ ଦେଖି ସମସ୍ତେ ପୂର୍ବରୁ କହୁଥିଲେ ଯେ ଏଥିରୁ ଭଲଫଳ ମିଳିବ ନାହିଁ ପ୍ରକୃତରେ ତାହା ଘଟିଲା ଏଥର କର୍ତ୍ତୃପକ୍ଷଙ୍କର ଆଖି ଫିଟିବ କି ? ନିର୍ଦ୍ଧନୀ ଓଡିଶାର କେତେଗୁଡିଏ କୌଡି ଅକାରଣ ବ୍ୟୟ ହେଲା ଏବଂ ଏଣିକି ଯେବେ କଟକ କଲେଜ ପ୍ରକୃତ କଲେଜ ପରି ନ ହୁଅଇ ତେବେ ଆହୁରି ଗୁଡିଏ ଟଙ୍କା ଅନର୍ଥକ ବ୍ୟୟ ହେବ । ଯେତେଟଙ୍କା ଏହି କଲେଜରେ ମାଡି ହେଲା ଯେବେ ତେତିକ ଟଙ୍କା ପାଣ୍ଠି ହୋଇ

Digitized by srujanika@gmail.com

ଅଉ ଦୁଇ ଛାତ୍ରା ବୃତ୍ତି ଦିଆ ଯିବାର ନିୟମ ହୋଇଥାନ୍ତା ତେବେ କେତେ ଉପକାର ହୋଇଥାନ୍ତା । ଯେତେବେଳେ କପାଳ ଫଟୁଅଛି ତେତେବେଳେ ଟଙ୍କି ଧନ ସୁଦ୍ଧା କାର୍ଯ୍ୟର ଅଟଇ ନାହିଁ ।

---

ବଙ୍ଗଳାର ଲେଫ୍ଟେନେଣ୍ଟ ଗବର୍ଣ୍ଣରଙ୍କ ଅଧୀନ ରାଜ୍ୟଖଣ୍ଡରେ ସନ ୧୮୭୬ ସାଲରେ ଯେଉଁ ବ୍ୟକ୍ତିମାନେ ଆପଣା ନିଜ ବ୍ୟୟରେ ସାଧାରଣ ଉପକାର କର୍ମମାନ ନିର୍ମାଣ କରିଅଛନ୍ତି ସେମାନଙ୍କର ନାମ ଓ କାର୍ଯ୍ୟର ମୂଲ୍ୟ ଇତ୍ୟାଦିର ଏକ ତାଲିକା ବଙ୍ଗଳା ଗବର୍ଣ୍ଣମେଣ୍ଟ ଗେଜେଟରେ ପ୍ରକାଶିତ ହୋଇଅଛି । ଆମ୍ଭେମାନେ ତହିଁରେ ଦେଖିଲୁଁ ଯେ ମୋଟରେ ଟ ୨୭୮୬୬୯ ଙ୍କାର କାର୍ଯ୍ୟ ନିର୍ମାଣ ହୋଇଅଛି ଭାଗଲପୁର ଖଣ୍ଡରେ ସର୍ବାପେକ୍ଷା ଅଧିକ ଅର୍ଥାତ୍ ଟ ୬୦୩୭୨ ଙ୍କା ଏପ୍ରକାର କର୍ମରେ ବ୍ୟୟ ହୋଇଅଛି । ବର୍ଦ୍ଧମାନ, ପ୍ରେସିଡେନ୍‌ସି ଓ ପାଟନା ଖଣ୍ଡରେ ତହିଁର ଅ ଧ ଅଉ ସମସ୍ତ ଖଣ୍ଡରେ ତହିଁରୁ ଊଣା ବ୍ୟୟ ହୋଇଅଛି । ଓଡ଼ିଶା ଖଣ୍ଡରେ କଟକର ନାମରେ ଶୂନ୍ୟ ପଡ଼ିଅଛି । ପୁରୀରେ ହରିବେହେରା ନାମକ ଏକବ୍ୟକ୍ତି ନାଙ୍କରୁ ତ୍ରି ପୁରରେ ଟ ୮୬ ଙ୍କାରେ ଗୋଟିଏ କୂପ ଖୋଲାଇ ଅଛି । କେବଳ ବାଲେଶ୍ୱର ହେତୁ ଏ ତାଲିକାରେ ଓଡ଼ିଶାର ମର୍ଯ୍ୟାଦା ରହିଅଛି । ସେଠାରେ ଏପ୍ରକାର କର୍ମରେ ଟ ୯୩୮୭ ଙ୍କା ବ୍ୟୟ କରିଅଛନ୍ତି ଏଠାରେ ଶ୍ରୀମତୀ କ୍ଷୀରୋଦମଣି ଦେଇ । ପ୍ର । ଭିକାବର୍ଜ ହଳଦିଆପଦା ବଜାରରେ ଟ ୧୩୫୦ ଙ୍କା ବ୍ୟୟ କରି ଗୋଟିଏ ପୁଷ୍କରିଣୀ ଖୋଲାଇଅଛନ୍ତି ଓ । ପ୍ର । ବାଙ୍ଗାବ । ନୌ । ହାରଗାଁରେ ଶାଳବେହେରା ଗୋଟିଏ ପୁଷ୍କରିଣୀରେ ଟ ୧୦୦୦ ଙ୍କା ବ୍ୟୟ କରିଅଛନ୍ତି । ଭୁଡ଼ାମଣରେ ହରପ୍ରସାଦ କାନୁନଗୋଇ ଏହିପରି ଏକ କାର୍ଯ୍ୟରେ ଟ ୮୪୪ ଙ୍କା ଦେଇଅଛନ୍ତି । ଅଉ କେତେଲୋକ ସ୍ୱରଗ ପାଞ୍ଚଶଟଙ୍କା ଲେଖାଏଁ ଅଥବା ତହିଁରୁ ଊଣା ଖର୍ଚ୍ଚ କରି ପୋଖରୀ ଖୋଳାଇ ଅଛନ୍ତି ସ୍ଥାନାଭାବରୁ ସମସ୍ତଙ୍କ ନାମ ପ୍ରକାଶ କରି ନ ପାରିଲୁଁ । ଓଡ଼ିଶାରେ ସାଧାରଣ ଦାନ ବିଷୟରେ ବର୍ତ୍ତମାନ ବାଲେଶ୍ୱର ଶ୍ରେଷ୍ଠ ଅଗ୍ରଗଣ୍ୟ ହୋଇଅଛି ।

---

ସନ ୧୮୭୬ । ୭୭ ସାଲର ଶିକ୍ଷାବିଭାଗର ବାର୍ଷିକ ବିଜ୍ଞାପନୀ ଉପରେ ମାନ୍ୟବର ଲେଫ୍ଟେନେଣ୍ଟ ଗବର୍ଣ୍ଣରଙ୍କ ମତ ବାହାରିଅଛି । ତହିଁରୁ ଦେଖାଯାଏ ଯେ ଏ ବିଭାଗର କାର୍ଯ୍ୟ ଗବର୍ଣ୍ଣମେଣ୍ଟଙ୍କର ମନୋନୀତ ହୋଇଥିବାର ଜଣାଯାଏ । ଉଚ୍ଚଶ୍ରେଣୀ ଓ ନିମ୍ନଶ୍ରେଣୀର ଶିକ୍ଷା ନିମିତ୍ତ ଯେସମସ୍ତ ଉପାୟ ଅଛି ତହିଁର ଫଳ ଦେଖି ଗବର୍ଣ୍ଣମେଣ୍ଟ ସନ୍ତୁଷ୍ଟ ହୋଇଅଛନ୍ତି କେବଳ ମଧ୍ୟମଶ୍ରେଣୀର ବିଦ୍ୟାଳୟ ଫଳ ତାହାଙ୍କ ସୁଖକର ବୋଧ ହୋଇ ନାହିଁ ଓ ଇହିଁର ଉନ୍ନତି ପକ୍ଷରେ କେତେକଥା କହିଅଛନ୍ତି । ଗବର୍ଣ୍ଣମେଣ୍ଟଙ୍କର ଅଧିକ ଆନନ୍ଦର ବିଷୟ ଏହି ଯେ ଏ ବିଭାଗର ସମସ୍ତ ବ୍ୟୟ ଟ ୪୨,୫୪,୦୦୦ ଙ୍କା ହୋଇଥିଲା ଏଥିମଧ୍ୟରୁ ଗବର୍ଣ୍ଣମେଣ୍ଟ ଟ ୨୨,୫୨,୦୦୦ ଙ୍କା ଓ ଲୋକେ ଟ ୧୯,୮୨,୦୦୦ ଙ୍କା ଦେଇଅଛନ୍ତି ଏଥିପୂର୍ବ ବର୍ଷ ଲୋକମାନେ ଟ ୧୭,୮୬,୦୦୦ ଙ୍କା ଦେଇଥିଲେ । ଏଥିରୁ ଲେଫ୍ଟେନେଣ୍ଟ ଗବର୍ଣ୍ଣର ଏହି ସିଦ୍ଧାନ୍ତ କରିଅଛନ୍ତି କି ଲୋକମାନେ କେବଳ ବିଦ୍ୟାଳୟରେ ଦିଆଯାଉଥିବା ଶିକ୍ଷାକୁ ଗ୍ରହଣ କରିବାକୁ ଇଚ୍ଛୁକ ଏମନ୍ତ ନୁହେ ସେସବୁ ବିଦ୍ୟାଳୟର ବ୍ୟୟର ଅଂଶ ମଧ୍ୟ ନେବାକୁ ଇଚ୍ଛୁକ ଅଛନ୍ତି । ଶିକ୍ଷାବିଭାଗର ସମସ୍ତ କାର୍ଯ୍ୟର ବିସ୍ତାରିତ ସମାଲୋଚନା ପୂର୍ବକ ଲେଫ୍ଟେନେଣ୍ଟ ଗବର୍ଣ୍ଣର ଏହି ମତ ବ୍ୟକ୍ତ କରିଅଛନ୍ତି କି ଏ ବିଭାଗର କାର୍ଯ୍ୟ ବହୁ ପରିମାଣରେ ଅଗ୍ରସର ହୋଇଅଛି ଏବଂ ଅଧିକ ଉନ୍ନତ ହେବାର ଆଶା ଦେଖାଯାଉଅଛି । ବିଶେଷରେ ଦର୍ଶ୍ଯୋଡ଼ି ଘଟନା ଏ ବର୍ଷର ପ୍ରଧାନ କଥା ଅଟଇ । ଗୋଟିଏ ଏହି ଯେ ଲୋକମାନେ ନାନା ଶ୍ରେଣୀର ବିଦ୍ୟାଳୟ ନିମନ୍ତେ ଅଧିକ ଟଙ୍କା ଦାନ କରିଅଛନ୍ତି ଏବଂ ଅନ୍ୟଟି ଏହି ଯେ ବିଶ୍ୱବିଦ୍ୟାଳୟର ପରୀକ୍ଷାରେ ବଙ୍ଗଳା ପ୍ରଦେଶର ସ୍କୁଲ ଓ କଲେଜ ସମସ୍ତର ଫଳ ଅତି ଉତ୍ତମ ହୋଇଅଛି । ପ୍ରଥମ ଘଟନାରୁ ଜଣାଯାଏ ଯେ ଶିକ୍ଷା ଦାନର ପ୍ରଚଳିତ ବନ୍ଦୋବସ୍ତ ଠାଣ ମୂଳଦୃଢ଼ ଉପରେ ସ୍ଥାପିତ ହୋଇଅଛି ଓ ଦ୍ୱିତୀୟରୁ ଜଣାଯାଏ ଯେ ଏହା କେବଳ ଗୋଟିଏ ସରକାରୀ ମହଲୁମା ନୁହଇ ମାତ୍ର ସାଧାରଣର ବିଷୟ ଅଟଇ । ଏଥିପାଇଁ ଗବର୍ଣ୍ଣମେଣ୍ଟ ଆନନ୍ଦିତ ହୋଇ ଶିକ୍ଷାବିଭାଗର କର୍ମଚାରୀ ଏବଂ ଏ ପ୍ରଦେଶର ଲୋକମାନଙ୍କୁ ଧନ୍ୟବାଦର ପାତ୍ର ଜ୍ଞାନ କରିଅଛନ୍ତି । ଯେଉଁମାନେ ବୋଲନ୍ତି କି ଏଠା ଲୋକେ କେବଳ ଗବର୍ଣ୍ଣମେଣ୍ଟଙ୍କ ବ୍ୟୟରେ ଶିକ୍ଷିତ ହେଉଅଛନ୍ତି ସେମାନେ ଉକ୍ତ ସୂଚନାରୁ ଏଥିରୁ ଆପଣା ଭ୍ରମ ଜାଣିପାରିବେ । ଏଠା ଲୋକେ ଯେମନ୍ତ ଶିକ୍ଷା କରିବାକୁ ଇଚ୍ଛୁକ ତେମନ୍ତ ବ୍ୟୟଭାର ସହିବାକୁ ପ୍ରସ୍ତୁତ । ଗବର୍ଣ୍ଣମେଣ୍ଟ ପ୍ରଥମେ ଶିକ୍ଷା ଦେବାକୁ ପ୍ରସ୍ତୁତ ହେବାରୁ ଶିକ୍ଷାର ବିସ୍ତାର ଯେତେ ହେଉଅଛି ତେତେ ଶିକ୍ଷା ପଦ ଅଧିକ ଆଦର ହେଉଅଛି ଏହା ଇଂରାଜ ଗବର୍ଣ୍ଣମେଣ୍ଟଙ୍କର ଗୌରବର ବିଷୟ ଅଟଇ ଓ ଏଥିପାଇଁ ଭାରତବର୍ଷ ବାସିମାନେ ଚିରକାଳ କୃତଜ୍ଞ ଥିବେ ।

---

ନୂତନ ଲାଇସେନ୍‌ସ ଟାକ୍ସ ଆଇନର ପାଣ୍ଡୁଲିପି ଗତସପ୍ତାହର ବଙ୍ଗଳା ଗେଜେଟରେ ବାହାରିଅଛି ତହିଁରେ ଦେଖିଲୁଁ ଯେ କଲିକତା ନଗର ଛଡ଼ା ବଙ୍ଗଳାହତାର ସମସ୍ତ ସ୍ଥାନରେ ତଳଲିଖିତ ଦରରେ ଟାକ୍ସ ବସାଇବାର ପ୍ରସ୍ତାବ ହୋଇଅଛି । ଯଥା,—

କଲିକତା ନଗର ଭିନ୍ନ ବଙ୍ଗଦେଶର ଶାସନକର୍ତ୍ତା ଲେଫ୍ଟେନେଣ୍ଟ ଗବର୍ଣ୍ଣର ସାହେବଙ୍କର ଶାସିତ ସମୁଦାୟ ଦେଶରେ ବ୍ୟବସାୟ ଓ କାରବାର ଓ ଶିଳ୍ପକର୍ମ ଉପରେ ଯେଉଁ ଟାକ୍ସ ବସିବ ତହିଁର କଥା ।

୧ । ପ୍ରଥମଶ୍ରେଣୀ—ପ୍ରତ୍ୟେକ ଜଏଣ୍ଟଷ୍ଟାକ କମ୍ପାନି, ପ୍ରତ୍ୟେକ ସଉଦାଗର, ବ୍ୟାଙ୍କର, ଥୋକ ବିକ୍ରେତା, ଦଲାଲ, ବସ୍ତୁଉତ୍ପାଦ୍ୟ ନିର୍ମାଣ କରିବାର, ଟଙ୍କା କରଜଦେବା ବ୍ୟବସାୟୀ, ଜାହାଜର ସ୍ୱାମୀ ଓ କଳ ବା ପେଷ୍ଟରସ୍ୱାମୀ ଟ ୨୦୦ ଙ୍କା ।

୨ । ଦ୍ୱିତୀୟଶ୍ରେଣୀ—ବାଣିଜ୍ୟ କିମ୍ବା ବ୍ୟବସାୟରେ ନିଯୁକ୍ତ ଯେଉଁ ପ୍ରତ୍ୟେକ ବ୍ୟକ୍ତିକୁ କଲେକ୍ଟର ସାହେବ ପ୍ରଥମଶ୍ରେଣୀର ଖୁଚୁରା ବିକ୍ରେତା ବୋଲି ଧରନ୍ତି ଟ ୧୦୦ ଙ୍କା ।

୩ । ତୃତୀୟଶ୍ରେଣୀ—ବାଣିଜ୍ୟ ବ୍ୟବସାୟରେ ନିଯୁକ୍ତ ଯେଉଁ ପ୍ରତ୍ୟେକ ବ୍ୟକ୍ତିକୁ କଲେକ୍ଟର ସାହେବ ଦ୍ୱିତୀୟଶ୍ରେଣୀର ଖୁଚୁରା ବିକ୍ରେତା ବୋଲି ଧରନ୍ତି ଟ ୩୨ ଙ୍କା ।

୪ । ଚତୁର୍ଥଶ୍ରେଣୀ-ବାଣିଜ୍ୟ ବା ବ୍ୟବସାୟରେ ନିଯୁକ୍ତ ଯେଉଁ ପ୍ରତ୍ୟେକ ବ୍ୟକ୍ତିକୁ କଲେକ୍ଟର ସାହେବ ୩ ୟ ଶ୍ରେଣୀର ଖୁଚୁରା ବିକ୍ରେତା ବୋଲି ଧରନ୍ତି ଟ ୧୦ ଙ୍କା ।

୫ । ପଞ୍ଚମଶ୍ରେଣୀ—ପ୍ରଥମଶ୍ରେଣୀର କୌଣସି ମ୍ୟୁନିସିପାଲିଟି ମଧ୍ୟରେ କୌଣସି ବ୍ୟବସାୟ ବା କାରବାର ବା ଶିଳ୍ପକର୍ମ କରିବାର ଯେ ବ୍ୟକ୍ତିର ପୂର୍ବୋକ୍ତ କୌଣସି ଶ୍ରେଣୀରେ ଟାକ୍ସ ଧାର୍ଯ୍ୟ ହୋଇ ନାହିଁ ଟ ୪ ଙ୍କା ।

Split by PDF Splitter
Digitized by srujanika@gmail.com

Split by PDF Splitter



୬ । ଷଷ୍ଠଶ୍ରେଣୀ—ଦ୍ୱିତୀୟଶ୍ରେଣୀର କୌଣସି ମ୍ୟୁନିସିପାଲିଟିର ବା ନଗରର ବା ଗ୍ରାମ ସମାଜେହ ମଧ୍ୟରେ କୌଣସି ବ୍ୟବସାୟ ବା କାରବାର ବା ଶିଳ୍ପକର୍ମ କରୁ ଯେଉଁ ବ୍ୟକ୍ତିର ଟାକ୍ସ ପୂର୍ବୋକ୍ତ କୌଣସି ଶ୍ରେଣୀମଧ୍ୟରେ ଧରା ଯାଇ ନାହିଁ ଟ ୨୮ ଙ୍କା ।

୭ । ସପ୍ତମଶ୍ରେଣୀ—କୌଣସି ମ୍ୟୁନିସିପାଲିଟିର ବା ନଗରର ବା ଗ୍ରାମ ସମାଜେହର ସୀମା ବାହାରେ କୌଣସି ବ୍ୟବସାୟ ବା କାରବାର ବା ଶିଳ୍ପକର୍ମ କରୁ ଯେଉଁ ବ୍ୟକ୍ତିର ଟାକ୍ସ ପୂର୍ବୋକ୍ତ କୌଣସି ଶ୍ରେଣୀ ମଧ୍ୟରେ ଧରା ଯାଇ ନାହିଁ ( ଏମାନଙ୍କ ମଧ୍ୟରେ ଯେଉଁମାନେ ଫେଉକର କ୍ଷୁଦ୍ର ବିଷୟ ବିକ୍ରୟ କରନ୍ତି ସେମାନଙ୍କୁ ଏବଂ କୌଣସି ପ୍ରକାର କ୍ଷୁଦ୍ର କାରିଗରଙ୍କୁ ମଧ୍ୟ ଧରିବାକୁ ହେବ ) ଟ ୧୮ ଙ୍କା ।

## ଜଳପ୍ରଣାଳୀ ଏବଂ ରେଲବାଟ ।

ଏକ ୨ ଦୁର୍ଭିକ୍ଷ ଉତ୍ତାରୁ ଗବର୍ଣ୍ଣମେଣ୍ଟଙ୍କର ଏକ ୨ ପ୍ରକାର ଚୈତନ୍ୟ ଉଦୟ ହୁଅଇ । ଓଡ଼ିଶା ଦୁର୍ଭିକ୍ଷ ଉତ୍ତାରୁ ଜଳପ୍ରଣାଳୀ ପ୍ରତି ଗବର୍ଣ୍ଣମେଣ୍ଟଙ୍କର ଦୃଷ୍ଟି ପଡ଼ିଲା ଓ ଦୁର୍ଭିକ୍ଷ ନିବାରଣର ତାହାଇ ମୋକ୍ଷ ଉପାୟ ବୋଲି ଧାର୍ଯ୍ୟ ହେଲା । ଲର୍ଡମେଓ ଗବର୍ଣ୍ଣର ଥିବା ସମୟରେ ଜଳପ୍ରଣାଳୀର ଘୋର ପ୍ରାଦୁର୍ଭାବ ଦେଖାଗଲା । ତହୁଁ ଉତ୍ତାରୁ ବେହାରର ଦୁର୍ଭିକ୍ଷ ଶେଷରେ ଲର୍ଡନର୍ଥବ୍ରୁକ୍ ଜାଣିପାରିଲେ ଯେ ଜଳପ୍ରଣାଳୀ ଦୁର୍ଭିକ୍ଷ ନିବାରଣର ପ୍ରକୃତ ଉପାୟ ନୁହଇ ମାତ୍ର ରେଲବାଟ ଏକା ତହିଁର ସମର୍ଥ । ଏହି ମତକୁ ଅନୁସରଣ କରି ସେ ଜଳପ୍ରଣାଳୀକୁ ମନରୁ ଅନ୍ତର କରି ରେଲବାଟ ବିସ୍ତାର ବିଷୟରେ ମନୋଯୋଗୀ ହେଲେ । ସେହି ସମୟରୁ ରେଲବାଟର ଆଧିପତ୍ୟ ହୋଇଅଛି ଏବଂ ମାନ୍ଦ୍ରାଜ ଦୁର୍ଭିକ୍ଷ ମଧ୍ୟ ସେହି ମତର ଯଥାର୍ଥ ପୋଷକତା କରୁଅଛି । ମାନ୍ଦ୍ରାଜର ଦୁର୍ଭିକ୍ଷ ଇଂଲଣ୍ଡର ଲୋକଙ୍କର ମନକୁ ଭାରତବର୍ଷ ଦିଗକୁ ଆକର୍ଷଣ କରିଅଛି ଏବଂ ଦୁର୍ଭିକ୍ଷ ନିବାରଣ ଉପାୟରେ ଅନେକ ଲୋକ ଅନେକ ସ୍ଥାନରେ ବକ୍ତୃତା କରୁଅଛନ୍ତି । ଆମ୍ଭେମାନେ ଦେଖୁଁ ଯେ କେତେକ ପ୍ରଧାନଲୋକ ଜଳପ୍ରଣାଳୀର ବିସ୍ତାର ବିଷୟରେ ଅନେକ ଯୁକ୍ତି ଦେଖାଇ ଗବର୍ଣ୍ଣମେଣ୍ଟଙ୍କୁ ତହିଁର ପରାମର୍ଶ ଦେଉଅଛନ୍ତି । ଯେବେ ସେ ପରାମର୍ଶ କାର୍ଯ୍ୟରେ ପରିଣତ ହୁଅଇ ତେବେ ସମୁଦାୟ ଭାରତବର୍ଷବାସିମାନଙ୍କୁ ଆମ୍ଭମାନଙ୍କ ପରି ମନସ୍ତାପ କରିବାକୁ ହେବ । ମାତ୍ର ଆମ୍ଭେମାନେ ଆନନ୍ଦସହିତ ଦେଖୁଅଛୁଁ ଯେ ଭାରତବର୍ଷୀୟ ଗବର୍ଣ୍ଣମେଣ୍ଟ ସେପରି ମତ ଗ୍ରହଣ କରିବାକୁ ପ୍ରସ୍ତୁତ ନାହାନ୍ତି ଓ ଗତମାସରେ ନୂତନଟାକ୍ସ ସମ୍ପର୍କରେ ବ୍ୟବସ୍ଥାପକ ସଭାରେ ମହାମାନ୍ୟ ଗବର୍ଣ୍ଣର ଜେନରଲ ଓ ଅପର ସଭ୍ୟମାନେ ବିଶେଷରେ ସାଧାରଣ ନିର୍ମାଣ କାର୍ଯ୍ୟର ମନ୍ତ୍ରୀ ଯେସମସ୍ତ ମତ ପ୍ରକାଶ କରିଅଛନ୍ତି ତହିଁରୁ ସ୍ପଷ୍ଟ ଜଣାଯାଏ ଯେ ଜଳପ୍ରଣାଳୀର ସବୁଗୁଣ ସେମାନଙ୍କୁ ଜଣାପଡ଼ିଅଛି ଆଉ ତହିଁରେ ବଡ଼ ଆଗ୍ରହ ନାହିଁ ଏଥର ରେଲବାଟର ଉଠିଯିବା ଓ ତାହା ହେବା ଉଚିତ ଅଟଇ । ଶେଷଲିଖିତ ମହାଶୟ କହିଅଛନ୍ତି ଯେ ଭାରତବର୍ଷର ଯେତେ ଭୂମିରେ ଖାଦ୍ୟୋପଯୋଗୀ ଶସ୍ୟର ଚାଷ ହୁଅଇ ତହିଁର ଫଳ ଏତେ ଯେ ଅର୍ଦ୍ଧେକ ଦେଶରେ ଦୁର୍ଭିକ୍ଷ ପଡ଼ିଲେ ଅପର ଅର୍ଦ୍ଧ ଦେଶର ଫସଲରେ ସମସ୍ତଙ୍କର ପ୍ରାଣରକ୍ଷା ହେବ । ସୁତରାଂ ଭୂମିର ଉତ୍ପାଦିକା ଶକ୍ତି ବଢାଇବା ଅପେକ୍ଷା ଯେତେ ଶସ୍ୟ ଜନ୍ମୁ ହୁଅଇ ତାହାକୁ ଦେଶଯାକ ବାଣ୍ଟିବା ଅତ୍ୟନ୍ତ ହିତକର ଓ ଏହା କରିବାକୁ ଏକା ରେଲବାଟ ସମର୍ଥ । ସେ ଆହୁରି ଦେଖାଇଅଛନ୍ତି ଯେ ଦେଶର ଅବସ୍ଥା ଏପରି ଯେ ଅଧିକାଂଶ ସ୍ଥଳରେ ଜଳପ୍ରଣାଳୀ ହୋଇ ନ ପାରେ । ଯେବେ ସବୁ ସ୍ଥଳରେ ଜଳପ୍ରଣାଳୀ କରିବାକୁ ହୁଅଇ ତେବେ ନିତାନ୍ତପକ୍ଷରେ ଏଠାରେ ଟ ୭୦,୦୦,୦୦,୦୦୦ ଙ୍କା ବ୍ୟୟ କରିବାର ଆବଶ୍ୟକ ଓ ତହିଁର ସୁଧ ଯାହା ପଡ଼ିବ ତାହା ଦେବାକୁ ଲୋକଙ୍କର ପ୍ରାଣାନ୍ତ ହେବ ଏ ଅବସ୍ଥାରେ ଜଳପ୍ରଣାଳୀଦ୍ୱାରା କାହୁଁ ଉପକାର ହୋଇପାରେ । ଏହିପରି ଅନେକ ଯୁକ୍ତି ଦେଖାଇ ଜଳପ୍ରଣାଳୀର ପକ୍ଷପାତିବ୍ୟକ୍ତିଙ୍କୁ ଅପଦସ୍ଥ କରିଅଛନ୍ତି । ଆମ୍ଭେମାନେ ଏପ୍ରକାର ମତ ପାଠ କରି କେବଳ ଏଥି ମନରେ ଭାଳୁଅଛୁଁ ଯେବେ ପୂର୍ବରୁ ଏହିମତ ଗବର୍ଣ୍ଣମେଣ୍ଟଙ୍କର ହୋଇଥାନ୍ତା ତେବେ ଆମ୍ଭେମାନେ ଜଳପ୍ରଣାଳୀ ଯୋଗେ ଏତେ ହଟହଟାରେ ପଡ଼ି ନ ଥାନ୍ତୁ ଅବଶ୍ୟ ଏତେଦିନ ଗୋଟିଏ ରେଲବାଟ ଓଡ଼ିଶାରେ ଫିଟିଥାନ୍ତା କିନ୍ତୁ ନାଇ ଆମ୍ଭମାନଙ୍କର କାଳ ହେଲା । ନା ଏହା ଯୋଗେ ଅବଧି ଗମନାଗମନର କୌଣସି ପ୍ରକାର ସୁବିଧା ହୋଇଅଛି ନା ଏହାଯୋଗୁଁ ରେଲବାଟ ନିର୍ମାଣ ହେବାର ଆଶା ଅଛି । ଆମ୍ଭେମାନେ ମୁଗଲବନ୍ଦୀ ବାଟେ ରେଲ ଆଣିବାର ଆଶା ଛାଡ଼ି ଗଡ଼ଜାତବାଟରେ ତାହା ଚଳାଇବାର ପ୍ରାର୍ଥନା କରିଥିଲୁଁ । କର୍ମ ଊଣା ଯୋଗରୁ ତାହା ସୁଦ୍ଧା ଅବଧି ଗବର୍ଣ୍ଣମେଣ୍ଟ ଘେନିଲେ ନାହିଁ ।

# ସାପ୍ତାହିକସଂବାଦ ।

ଶ୍ରୀଯୁକ୍ତ ବମସ୍ ସାହେବ ଚଟ୍ଟଗ୍ରାମର କମିଶନର ହୋଇ ଯାଉ ଅଛନ୍ତି । ଏହି ମାସ ତା ୮ ରଖ ପର୍ଯ୍ୟନ୍ତ ଏଠାରୁ ଯାତ୍ରା କରିବେ ବୋଲି ଶୁଣାଯାଏ ।

ଶିକ୍ଷାବିଭାଗର ଡିରେକ୍ଟର ଏଠାକୁ ଶୀଘ୍ର ଆସିବାର କଥା ହେଉଅଛି । କଟକ କଲେଜକୁ ଥରେ ଦେଖିବାର ଆବଶ୍ୟକ ।

ଗତ ବି, ଏ ପରୀକ୍ଷାରେ କଟକର ଛାତ୍ରମାନେ ଅଙ୍କ ବିଦ୍ୟାରେ ଯେଉଁ ଅଙ୍କ ପାଇଥିଲେ ତହିଁର ସର୍ବୋଚ୍ଚ ସୀମା ୧୨ ଥିଲା । ଅନ୍ୟାନ୍ୟ ବିଦ୍ୟାରେ କପର ଅଙ୍କ ପାଇଥିଲେ ଜାଣିବାର ମାନସ ରହିଲା ।

ଆମ୍ଭେମାନେ ଶୁଣୁଅଛୁ ଯେ ବାବୁ ଯଦୁମଣି ଘୋଷ ବ୍ରାହ୍ମନନ୍ଦର ଭାଗ କରି ଜମିଦାରୀ ବିକ୍ରୟ କରି ଯେଉଁ ଊଣାଇଶହଜାର ଟଙ୍କା ଜମା କରିଥିଲେ ତାହା ବାହାର କରି ନେଇଅଛନ୍ତି । ଏଥିର କାରଣ କିଛି ଆମ୍ଭମାନଙ୍କୁ ଜଣା ନାହିଁ ।

ମାନ୍ଦ୍ରାଜରେ ଚାଉଳର ଦର କିଛି ଊଣା ହୋଇଅଛି ତଥାପି କୃଷ୍ଣା ଓ ନେଲୋର ଜିଲାରେ ସାଢ଼େ ସାତସେର ରହିଅଛି କେବଳ ଦକ୍ଷିଣ କେନାରାରେ ପ୍ରାୟ ସେ ୧୨୪ ହୋଇଅଛି ।

ଏଥି ମଧ୍ୟରେ ଲେଫ୍ଟନାଣ୍ଟ ଗବର୍ଣ୍ଣର ଶ୍ରୀଯୁକ୍ତ ଇଡନ୍ ସାହେବ ଆପଣା କୋଠି ଠାରେ ଏକ ଭାରି ନାଚତାମାସା ଦେଇଥିଲେ । ସ୍ତ୍ରୀ ପୁରୁଷ ୧୧୦୦ ଲୋକଙ୍କୁ ଆମନ୍ତ୍ରଣ ହୋଇଥିଲା ଓ କେତେ ଗୁଡ଼ିଏ ଦେଶୀୟ ଭଦ୍ରଲୋକ ମଧ୍ୟ ଆମନ୍ତ୍ରଣ ପାଇଥିଲେ । କୋଠି ବଡ଼ ଚମତ୍କାରରୂପେ ସୁସଜ୍ଜିତ ହୋଇଥିଲା । ଓ ଆଲୋକମାଳାରେ ଝଲମଲ ଦିଶୁଥିଲା ।

ସର୍ ରିଚାର୍ଡ ଟେମ୍ପଲ୍ ଗତମାସରେ କଲିକତାକୁ ଆସିଥିଲେ । ପ୍ରତିଦିନ ଅନେକ ଭଦ୍ରଲୋକଙ୍କୁ ସାକ୍ଷାତ୍ ଦେଲେ ଓ ପୂର୍ବ ପ୍ରାୟ ସମସ୍ତ ଲୋକଙ୍କୁ ଆଦର ଓ ସ୍ନେହପୂର୍ବକ ଆଲାପ କରି ଚରିତାର୍ଥ କଲେ ।

ପାଇକପଡ଼ାର ରାଜା କୁମାର ଯୋଗେନ୍ଦ୍ରନାଥ

Digitized by srujanika@gmail.com

Split by PDF Splitter



ସ୍ପୃକ୍ ଦଣ୍ଡ ହାଇକୋର୍ଟ ଉଣା କରି ଦେଇଅଛନ୍ତି ମାତ୍ର ଖଲାସ ଦେଲେ ନାହିଁ । ଦୁଇ ବର୍ଷ ସ୍ଥଳରେ ଦୁଇମାସ କାରାବାସ ଓ ପଞ୍ଚାଶ ହଜାର ଟଙ୍କା ପରିବର୍ତ୍ତରେ ପନ୍ଦରହଜାର ଟଙ୍କା ଅର୍ଥଦଣ୍ଡ ବିଧାନ କଲେ । ଏ ବିଚାରରେ ଦେଶୀୟ ଲୋକମାନେ ସନ୍ତୁଷ୍ଟ ଅଛନ୍ତି ।

ମାନ୍ଦ୍ରାଜରୁ ଆଉ ଗୋଟିଏ ଶୁଭ ସଂବାଦ ଆସିଅଛି । କେତେକ ସ୍ଥଳରେ ପଚ୍ଛ ବର୍ଷା ହେବାରୁ ମାଟି ଭିଜା ଥିବାରୁ କଟା ଯାଇଥିବା ଫସଲର ମୂଳରୁ ଆଉ ଏକପ୍ରସ୍ଥ ଫସଲ ନିକଳିବାର ଆଶା ହୋଇଅଛି । ଏ ଫସଲ ପୂର୍ବପରି ନ ହେଲେହେଁ ତହିଁର ଚତୁର୍ଥାଂଶ ହେବାର ଭରସା ଅଛି । ଦୁର୍ଭିକ୍ଷ ଉତ୍ତାରୁ ଏ ଘଟନାଟି ସାମାନ୍ୟ ଶୁଭଙ୍କଭାର ବିଷୟ ନୁହଇ ।

ଗତମାସ ତା ୨୭ ରିଖର ତାର ସଂବାଦରୁ ଜଣାଯାଏ ଯେ ମୋକମା ଗ୍ରାମର ଲୋକମାନଙ୍କର ଉପରେ ଯେତେ ଟଙ୍କା ଅର୍ଥଦଣ୍ଡ ହୋଇଥିଲା ତାହା ସେମାନେ ଦେଇ ଅଛନ୍ତି ଏବଂ ସେମାନେ ଯେତେ ଡାକ ଲୁଟି ନେଇଥିଲେ ଓ କନଷ୍ଟବଲଙ୍କୁ ମାରି ପକାଇ ତାହାଙ୍କର ଅସ୍ତ୍ର ନେଇ ଥିଲେ ତାହା ସମସ୍ତ ଫେରି ଦେଇଅଛନ୍ତି । କେବଳ କେତେକ ସାମାନ୍ୟ ବିଷୟ ଅଛି ତହିଁର ବନ୍ଦୋବସ୍ତ ହେଲେ ପଲଟନ ସାନଗଡ଼ିଙ୍କୁ ଫେରି ଆସିବେ । ଅତଏବ ନାଗାପର୍ବତର ଯୁଦ୍ଧ ଶେଷହେଲା ବୋଲିବାକୁ ହେବ ।

ବ୍ରହ୍ମଦେଶରେ ଗତବର୍ଷ ପ୍ରାୟ ୫୧୭୦୦୦୦ଟଙ୍କା ମୂଲ୍ୟର ଦିଆସିଲାଇ ଖର୍ଚ୍ଚ ହୋଇଥିଲା ଓ ସମୁଦାୟ ବଙ୍ଗଳା ଓ ପଶ୍ଚିମ ପ୍ରଦେଶରେ ପ୍ରାୟ ଏତିକ ମୂଲ୍ୟର ଦିଆସିଲାଇ ଖର୍ଚ୍ଚ ହୋଇଥିଲା । ବ୍ରହ୍ମାରେ ଏତେ ଦିଆସିଲାଇ ଖର୍ଚ୍ଚ ହେବାର କାରଣ ଚିନ୍ତା ଅଟଇ ।

ଚୀନର ବାଦସାହ ମଦକର ବିପକ୍ଷରେ ବଡ଼ ଯତ୍ନଶୀଳ ହୋଇଅଛନ୍ତି ସମ୍ପ୍ରତି ଏକ ବିଜ୍ଞାପନ ଏହି ବିଷୟରେ ବାହାରିଅଛି; ସରକାରୀ ଦପ୍ତରର ବିଦ୍ୟାଳୟର ଛାତ୍ର ଏବଂ ସୈନ୍ୟଙ୍କୁ ଏଥିର ବ୍ୟବହାର ବିଶେଷରୂପେ ନିଷେଧ ହୋଇଅଛି । ଆଉ ତେବେ କିଏ ମଦକ ଖାଇବ ?

ଫରାସିମାନେ ପକ୍ଷିରେ ଲୁଗା ବୁଣିବାର ହିକମତ ବାହାର କରିଅଛନ୍ତି । ଏ ଲୁଗା ପଶମଠାରୁ ଗରମ ଏବଂ ଅତ୍ୟନ୍ତ ଚିକ୍କଣ ଅଟଇ । ଏହା ସହଜରେ ରଙ୍ଗ ଧରଇ ଏବଂ ପାଣିରେ ଭିଜଇ ନାହିଁ ।

ମାନ୍ଦ୍ରାଜମେଲ ଅନୁମାନ କରଅଛନ୍ତି ଯେ ଦୁର୍ଭିକ୍ଷରେ ପନ୍ଦରଲକ୍ଷ ଲୋକ ମାନ୍ଦ୍ରାଜରେ ମରି ଅଛନ୍ତି । ଏତେ ସାହାଯ୍ୟ ଉତାରୁ ଏପରି ହେଲା କିଛି ନ ହୋଇଥିଲେ ଗତ୍ୟ ରହନ୍ତା ନାହିଁ ।

ହିନ୍ଦୁପେଟ୍ରିଅଟ ଲେଖିଅଛନ୍ତି କି ଏ ବର୍ଷ ସାଗର ମେଳାରେ ହ ୪୦ ଜାର ଯାତ୍ରୀ ଜମା ହୋଇଥିଲେ । ପାଞ୍ଚଗଣ୍ଡ ଧୂଆଁକଳ ଜାହାଜ ଗୋଟାଏ ଗଧା ବୋଟ ଏବଂ ୬୦୦ ଦେଶୀୟ ନୌକାରେ ଏ ଯାତ୍ରୀମାନେ ଯାଇଥିଲେ ।

ଶ୍ୟାମଦେଶର ରାଜା ଆପଣା ରାଜ୍ୟର ସ୍ୱର୍ଣ୍ଣ ଖଣିମାନଙ୍କ ପ୍ରତି ଅଧିକ ମନୋଯୋଗ ଦେବାକୁ ମନସ୍ଥ କରିଅଛନ୍ତି । ତାହାଙ୍କ ରାଜ୍ୟରେ ଗୋଟିଏ ସ୍ଥାନ ଅଛି ସେଠାରେ ଉତ୍ତମ ସୁନାରେ ଥାଳ ପଲଙ୍କ ଇତ୍ୟାଦ ନିର୍ମାଣ ହୁଅଇ ଓ ଯେହେତୁ ଭାଗ୍ୟବଶରୁ କୌଣସି ପଦାର୍ଥରେ ଦାନ ପାଏ ସେ ତାକୁ ନ କହି ଦେଖିବା ସକାଶେ ଘରେ ରଖି ଦେଇଥାଏ । ଏ ଦେଶରେ ଚୋର ନ ଥିବେ ପରା ?

## ପ୍ରେରିତପତ୍ର ।

ଶ୍ରୀଯୁକ୍ତ ଉତ୍କଳଦୀପିକା ସମ୍ପାଦକ ମହାଶୟ
ସମୀପେଷୁ

ମହାଶୟ !

ନିମ୍ନଲିଖିତ କେତେକ ପଂକ୍ତିକୁ ଆପଣଙ୍କର ବିଖ୍ୟାତ ପତ୍ରିକାରେ ସ୍ଥାନଦାନ କଲେ ବାଧିତ ହେବୁଁ ।

ଗତ ରବିବାର ଉତ୍କଳ ସଭାର ଅଧିବେଶନ ଦିନ ଆମ୍ଭେ ସେଠାରେ ଦର୍ଶକସ୍ୱରୂପ ଉପସ୍ଥିତ ଥିଲୁଁ । ସଭାର ବିବରଣ ପାଠ ହେଲା ଉତ୍ତାରୁ ଜଣେ ସଭ୍ୟ ପ୍ରସ୍ତାବ କଲେ ଯେ ସ୍ୱରଚିତ କବିମାନଙ୍କର କବିତା ସବୁ ଏ ସଭାରେ ଆଲୋଚନା ହେଲେ ଓ ଖଣ୍ଡିଏ ମାସିକ ପତ୍ରିକା ଉତ୍ସମୂହରେ ଓ ସଭାର ଅନ୍ୟାନ୍ୟ ବିଷୟରେ ବାହାରିଲେ ଭଲ ହେବ । ତତ୍ପରେ ଅନ୍ୟ ଏକଜଣ ସଭ୍ୟ ସେହି ମତରେ ଐକ୍ୟ ହୋଇ ପ୍ରକାଶ କଲେ ଯେ "ସ୍ୱରଚିତ କବିତାସବୁ ଆଦରସ ପଡ଼ିଛି ଓ କଠିନ ଶବ୍ଦ ଯୁକ୍ତ ହେଲେ ମଧ୍ୟ ଦୂଷିତ ନୁହେ । ଯେହେତୁ ତାହା ଶିକ୍ଷିତ ଯୁବକମାନଙ୍କ ସକାଶେ ମନୋନୀତ ହୋଇଅଛି । ଅତଏବ ଉକ୍ତ ବିଷୟମାନଙ୍କର ଆଲୋଚନା କଲେ ଆମ୍ଭମାନଙ୍କର ଭାଷାର ଉନ୍ନତି ହୋଇ ପାରେ ସୁତରାଂ ପ୍ରଥମ ବକ୍ତାଙ୍କ ପ୍ରସ୍ତାବକୁ ଆମ୍ଭେ ଉତ୍ତମ ବୋଲି ବୋଧକରୁଁ" ଶେଷରେ ଦେଖିଲୁଁ ଯେ ଦୁଇ ଜଣ ସଭ୍ୟଙ୍କ ମନକୁ ଏ ପ୍ରସ୍ତାବ ସୁରଚିତ କବି ଓ କବିତା ଭଲ ଲାଗେ ନାହିଁ । ସୁତରାଂ କେହି ସଙ୍ଗୀତ କେହି ଅଶ୍ଳୀଳ କେହି ବା ଇତ୍ୟାଦି ଦୁର୍ବୋଧ୍ୟ ବୋଲି ପ୍ରକାଶ କଲେ । ମାତ୍ର ଆଉ ଜଣେ ଅନଭିଜ୍ଞ ଉତ୍କଳେ ଏହି ବିଷୟମାନ ଯେଉଁ ସେମାନଙ୍କ ସହିତ ଅନେକ ତର୍କ କଲେ କିନ୍ତୁ କୌଣସି ଫଳ ଦର୍ଶିଲା ନାହିଁ । କଥାରେ କହନ୍ତି ପରା "ତୁ ଯେତେ ମାଠରୁ ମାଠ ମୁଁ ସେହି ପୋତାକାଠ" ମହାଶୟ ! ଏମାନଙ୍କର ଉତ୍କଳୀୟ ପ୍ରାଚୀନ କବିତା ପ୍ରତି ଏତେ ବିତୃଷ୍ଣା କାହିଁକି ? ନ ବୁଝି ପାରିବାରୁ କିମ୍ବା ? ମାଙ୍କଡ ନଡ଼ିଆକୁ ଖାଇ ନ ପାରି ଛଦା କଲେ ନଡ଼ିଆର ଛଦନୀୟ ହେବ ? ଯାହା ହେଉ ମୋ ମତରେ ଉକ୍ତ ପ୍ରସ୍ତାବ ଅନୁଯାୟୀ କାର୍ଯ୍ୟ କଲେ ଯେଉଁ ମାନଙ୍କ ହୃଦୟରେ ଏହି ବାବୁମାନଙ୍କ ପରି କୁସଂସ୍କାର ଅଛି ସେସବୁ ଦୂରହେବ । ସଭାକୁ ଅନୁରୋଧ ଯେ ସେ ଏହି ଅବଜ୍ଞ ପରାମର୍ଶମାନ ଶୁଣି ଯେପରି ଏଥିରୁ କ୍ଷାନ୍ତ ନ ରହନ୍ତି ।

୨୮ । ୧ । ୭୮ । ଜ । ବିନୟ ଦର୍ଶକ

## ବିଜ୍ଞାପନ ।

ଏକାଉଣ୍ଟେଣ୍ଟ ଜେନରଲଙ୍କ ନଂ ୪୫୦ ସ୍ୱର ସର୍କ୍ୟୁଲର ଅନୁସାରେ ସର୍ବସାଧାରଣଙ୍କୁ ଜ୍ଞାତ କରାଯାଉଅଛି କି ଯେଉଁ ସବୁ ରୌପ୍ୟ ମୁଦ୍ରା ଇଣ୍ଡିଆ ଗବର୍ଣ୍ଣମେଣ୍ଟଙ୍କ ହୁକୁମ ଅନୁସାରେ ସନ ୧୮୭୪ ମସିହା ସେପ୍ଟେମ୍ବର ମାସ ତା ୧୧ ଦିନ ପୂର୍ବେ ମୁଦ୍ରାଙ୍କିତ ହୋଇ ପ୍ରଚଳିତ ହେଉଥିଲା ଓ ଇଣ୍ଡିଆ ଗବର୍ଣ୍ଣମେଣ୍ଟଙ୍କ ସନ ୧୮୭୭ ମସିହା ନଂ ୨୪୭୭ ସ୍ୱର ହୁକୁମ ଅନୁସାରେ ତହିଁର ପ୍ରଚଳନ ରହିତ ହୋଇଥିଲା ସେହି ସବୁ ମୁଦ୍ରା ସନ ୧୮୭୮ ମସିହା ତା ୧୫ ଦିନ ଲୁଭ ପର୍ଯ୍ୟନ୍ତ ସରକାରୀ ଦେଣା ପାଉଣାରେ ବ୍ୟବହୃତ ହେବ ଓ ତହିଁ ପରବର୍ତ୍ତେ ଅଧୁନିକ ପ୍ରଚଳିତ ମୁଦ୍ରା ବ୍ୟତୀତ ତତ୍ପରେ ଉକ୍ତ ମୁଦ୍ରା ଆଉ ବ୍ୟବହୃତ ହେବ ନାହିଁ ।

ତା ୧୫ ଦିନ ମାହେ ଜାନୁଏରୀ ସନ ୧୮୭୮ ମସିହା ।

RUNGALALL BANERJEE.

## ମୂଲ୍ୟପ୍ରାପ୍ତି ।

| | | |
|---|---|---|
| ବାବୁ ସଦାନନ୍ଦ ଜେନେଦ | କଟକ କନ୍ଦୀ | ଟ ୩୧ |
| " ଦାଦନାଥ ଭଞ୍ଜବର୍ଦ୍ଧୀ | " " | ଟ ୩୧ |
| ସେଖ ହେଦାଏତୁଲ୍ଲା | ମାଣ୍ଡୁକ " | ଟ ୨୮୵ |
| ଶ୍ରୀଯୁକ୍ତ ଉଦୟର ବନ୍ଧୁସାହେବ | କଟକ ଟଣ୍ଡିମ | ଟ ୩୧ |

☞ ଏହି ଉତ୍କଳଦୀପିକା ସପ୍ତାହକେ ଶନିବାରଦିନ କଟକ ପ୍ରିଣ୍ଟିଂକମ୍ପାନିଙ୍କ ଯନ୍ତ୍ରାଳୟରେ ମୁଦ୍ରିତ ଓ ପ୍ରକାଶିତ ହେଲା ।

Digitized by srujanika@gmail.com

Split by PDF Splitter

REGISTERED NO. 1



# ଉତ୍କଳ ଦୀପିକା

## ସାପ୍ତାହିକ ସମ୍ବାଦପତ୍ରିକା

ଭା ୧୩ ଗ
ସ ୬ ଖ୍ୟା

ତା ୧ ରଖ ମାହେ ଫେବୃଏରି ସନ ୧୮୬୮ ମସିହା । ମୂ । ମାଘ ଦ ୨୧ ଜ ସନ ୧୨୮୪ ସାଲ ଶନବାର

ଅଗ୍ରିମ ବାର୍ଷିକମୂଲ୍ୟ ଟ ୪
ବର୍ଷାନ୍ତେମୂଲ୍ୟଦେଲେବର୍ଷକୁ ଟ ୬
ମଫସଲଘାଁଇ ଡାକମାସୁଲ ଟ ୧୲୵

ପୁରୀ ଜିଲା ଅନ୍ତର୍ଗତ ପାରକୁଦ ପ୍ରଭୃତି ଦୁର୍ଭିକ୍ଷପୀଡିତ ସ୍ଥାନର ସାହାଯ୍ୟ କମିଟି ଏ ନଗରବାସିମାନଙ୍କ ମଧ୍ୟରୁ ଯେ ଯାହା ଚାନ୍ଦା ଦେଇଅଛନ୍ତି ବା ସ୍ୱାକ୍ଷର କରିଅଛନ୍ତି ତହିଁର ତାଲିକା ନିମ୍ନେ ପ୍ରକାଶିତ ହେଲା । ମୋଟରେ ଟ ୧୬୩ ଙ୍କା ଚାନ୍ଦା ସ୍ୱାକ୍ଷରିତ ହୋଇଅଛି ଏଥିରେ କି ପରିମାଣରେ ଦୁର୍ଭିକ୍ଷର ସାହାଯ୍ୟ ହେବ ପାଠକମାନେ ଜାଣିପାରିବେ । ଅଥଚ ଚାନ୍ଦା ଦେବା ସକାଶେ କେତେ ଥର ଲୋକଙ୍କୁ ଅନୁରୋଧ କରିବୁ ଚାନ୍ଦା ଦେବା ଏଣିକି ଗୋଟିଏ ନିତ୍ୟନୈମିତ୍ତିକ କର୍ମ ହେଲାଣି ତେବେ ଯେଉଁମାନେ ସ୍ୱାକ୍ଷର କରିଅଛନ୍ତି ସେମାନଙ୍କର ଚାନ୍ଦା ବାକି ରହିବାଟା ବଡ ଅସୁନ୍ଦର ଅଟଇ । ଦାନରେ ଓ୍ୟାସିଲବାକି ଲାଗିବା କେବେ ଶୋଭନୀୟ ନୁହଇ । ସେମାନଙ୍କୁ ପ୍ରାର୍ଥନା ଯେ ଶୀଘ୍ର ଚାନ୍ଦା ପଠାଇ ଦେଉନ୍ତୁ ଓ ଯାହାଙ୍କର ହୃଦୟରେ ପରର ଦୁଃଖ ସ୍ଥାନ ପାଏ ସେମାନେ ଅବଶ୍ୟ ଦୁର୍ଭିକ୍ଷର କଷ୍ଟ ଶୁଣିଲା ମାତ୍ରକେ ଅର୍ଥ ଦାନଦ୍ୱାରା ତହିଁର ଉପଶମ ଚେଷ୍ଟା କରିବେ । ଏ ସମ୍ପର୍କରେ ଆମ୍ଭ ବକ୍ତବ୍ୟ ଏହି କି କମିଶନର ସାହେବ ଦୁର୍ଭିକ୍ଷ ସ୍ଥାନମାନ ଗତ ମାସରେ ସ୍ୱୟଂ ଦେଖିବାକୁ ଯାଇଥିଲେ ତାହାଙ୍କ ଅନୁସନ୍ଧାନର ଫଳ ଅବଧି କିଛି ଜଣା ଗଲା ନାହିଁ ଏବଂ ପୁରୀରେ ଯେଉଁ ସାହାଯ୍ୟ କମିଟୀ ନିଯୁକ୍ତ ହୋଇଅଛନ୍ତି ସେମାନଙ୍କର କାର୍ଯ୍ୟର ବିବରଣ ମଧ୍ୟ କିଛି ଜଣା ପଡ ନାହିଁ । ସାଧାରଣ ଚାନ୍ଦାର ଆଶା ରଖିଲେ ପ୍ରଥମେ ଦୁର୍ଭିକ୍ଷପୀଡିତ ସ୍ଥାନର ପ୍ରକୃତ ଅବସ୍ଥା ସର୍ବସାଧାରଣଙ୍କୁ ଜଣାଇବାର ଉଚିତ । ଯେବେ ଲୋକେ ଦୁର୍ଭିକ୍ଷର ଆୟତନ ଓ ବଳ ଜାଣି ନ ପାରିଲେ ତେବେ ତାହାଙ୍କର ସାହାଯ୍ୟ କରିବାର ପ୍ରବୃତ୍ତି କିପରି ଜନ୍ମିବ ।

| ଚାନ୍ଦାଦାତାଙ୍କର ନାମ | ଚାନ୍ଦାର ପରିମାଣ | ଅସୁଲ | ବାକି |
|---|---|---|---|
| ଶ୍ରୀଯୁକ୍ତ ଜନ୍ ବିମ୍ସ୍ ସାହେବ | ଟ ୧୫ ୲ | ଟ ୦ ୲ | ଟ ୧୫ ୲ |
| „ ଏସ୍, ଏଲ୍, ବଡନ ସାହେବ | ଟ ୧୦ ୲ | ଟ ୧୦ ୲ | ଟ ୦ ୲ |
| „ ଏଫ୍, ଏଫ୍ ହେଣ୍ଡ୍ଲି ସାହେବ | ଟ ୧୦ ୲ | ଟ ୧୦ ୲ | ଟ ୦ ୲ |
| „ ଯେ, ପୀ, ଏଲ୍, ଓ୍ୟାକର ସାହେବ | ଟ ୧୦ ୲ | ଟ ୧୦ ୲ | ଟ ୦ ୲ |
| „ ରେଭରେଣ୍ଡ ଯେ, ବକଲି ସାହେବ | ଟ ୪ ୲ | ଟ ୪ ୲ | ଟ ୦ ୲ |
| „ ଯେ, କୁକ୍ ସାହେବ | ଟ ୫ ୲ | ଟ ୫ ୲ | ଟ ୦ ୲ |
| „ ଏଚ୍, ପୀ, ଓ୍ୱାଲ ସାହେବ | ଟ ୫ ୲ | ଟ ୦ ୲ | ଟ ୫ ୲ |
| „ ଡବଲ୍ୟୁ, ଡବଲ୍ୟୁ, ସେରସ ସାହେବ | ଟ ୩ ୲ | ଟ ୦ ୲ | ଟ ୩ ୲ |
| „ ଡି, ସ୍ମଲ୍ ସାହେବ | ଟ ୫ ୲ | ଟ ୫ ୲ | ଟ ୦ ୲ |
| „ ରାୟ ବୈଦ୍ୟନାଥ ପଣ୍ଡିତ ବାହାଦୁର | ଟ ୨୦ ୲ | ଟ ୦ ୲ | ଟ ୨୦ ୲ |
| „ ବାବୁ ଗୋଲକଚନ୍ଦ୍ର ଘୋଷ | ଟ ୨୦ ୲ | ଟ ୦ ୲ | ଟ ୨୦ ୲ |
| „ ବାବୁ ଜଗନ୍ମୋହନ ରାୟ | ଟ ୫ ୲ | ଟ ୫ ୲ | ଟ ୦ ୲ |
| „ ମହେଶଚନ୍ଦ୍ର ବାନୁର୍ଯ୍ୟା | ଟ ୫ ୲ | ଟ ୦ ୲ | ଟ ୫ ୲ |
| ହାଜୀ ଅବ୍ଦୁଲରହେମାନ ମୋଷା | ଟ ୧୫ ୲ | ଟ ୦ ୲ | ଟ ୧୫ ୲ |
| ଶ୍ରୀଯୁକ୍ତ ବାବୁ ନନ୍ଦକିଶୋର ଦାସ | ଟ ୪ ୲ | ଟ ୦ ୲ | ଟ ୪ ୲ |
| „ ମନସାରାମ ମାରଓ୍ୱାଡି | ଟ ୧୦ ୲ | ଟ ୦ ୲ | ଟ ୧୦ ୲ |
| „ କୁନ୍ଦରାମ ମାରଓ୍ୱାଡି | ଟ ୫ ୲ | ଟ ୦ ୲ | ଟ ୫ ୲ |
| „ ବଳଦେବଲାଲ ଭଗତ | ଟ ୧୦ ୲ | ଟ ୦ ୲ | ଟ ୧୦ ୲ |
| „ ମଥୁରାଲାଲ ଭଗତ | ଟ ୨ ୲ | ଟ ୦ ୲ | ଟ ୨ ୲ |
| ମୋଟ | ଟ ୧୬୩ ୲ | ଟ ୪୯ ୲ | ଟ ୧୧୪ ୲ |

Digitized by srujanika@gmail.com

Split by PDF Splitter



ସଂବାଦ ପତ୍ରମାନଙ୍କରେ ପାଠକଲୁଁ ଯେ ମହାମାନ୍ୟ ଲର୍ଡ ଲିଟନ୍ ସାହେବ ଦେଶୀୟ ଲୋକଙ୍କୁ ସିବିଲସରବିସ ପଦଦେବା ନିମିତ୍ତ ଗତବର୍ଷ ଯେ ପ୍ରକାର ମତ ପ୍ରକାଶ କରିଥିଲେ ତଦନୁସାରେ ନିୟମ ପ୍ରସ୍ତୁତ କରୁଅଛନ୍ତି । ନେଟିବ ସିବିଲସର୍ବିସ ନାମରେ ଗୋଟିଏ ଶ୍ରେଣୀ ପ୍ରସ୍ତୁତ ହେବ । ବର୍ତ୍ତମାନ ସିବିଲୟାନମାନେ ଯେ ସମସ୍ତ କର୍ମ କରୁଅଛନ୍ତି ତହିଁ ମଧ୍ୟରୁ ଶତକଡ଼ା କେତେ ଗୁଡ଼ିଏ ପଦ ଦେଶୀୟ ଲୋକଙ୍କ ସକାଶେ ଅଲଗା ରଖାଯିବ ଏବଂ ଉଚ୍ଚ ବେତନର କେତେ ଗୁଡ଼ିଏ ଅତାଦ୍ଦିଷ୍ଟ ପଦ ମଧ୍ୟ ସିଭିଲସର୍ବିସ ମଧ୍ୟରେ ଆନୀତ ହେବ । ଏହି ପରି ନିୟମରେ ଦେଶୀୟ ଲୋକମାନେ ସିବିଲୟାନ୍ ହୋଇ ପାରିବେ । କିନ୍ତୁ ଆମ୍ଭେ କହୁଥାଉଁ ଏହାଦେଖିବୁଁ କି କଥା କହୁତ ଥର ହେଲଣି ଏଥର ସେହିପରି ନା ଶୀଘ୍ର କିଛି କାର୍ଯ୍ୟ ହେବ ।

---

ଇଉରୋପର ଯୁଦ୍ଧ ସମ୍ପର୍କରେ ଏସପ୍ତାହରେ ସଂବାଦ ଆସିଅଛି ଯେ ଗତମାସ ତା ୩୧ ରାତରେ ଯୁଦ୍ଧ ସ୍ଥଗିତ ରଖିବାର ସନ୍ଧିପତ୍ର ସ୍ୱାକ୍ଷରିତ ହୋଇଅଛି ଏବଂ ସନ୍ଧିର ନିୟମମାନ ବିଚାରିତ ହେଉଅଛି । ରୁଷୀୟା ଯେସମସ୍ତ ସନ୍ଧିର ନିୟମ ପ୍ରସ୍ତାବ କରିଅଛି ତାହା ଏହି ଯେ ସର୍ବିୟା ବୁଲଗେରିୟା ଏକ ସ୍ୱତନ୍ତ୍ର କରଦ ରାଜ୍ୟ ହେବ ଜଣେ ଖ୍ରୀଷ୍ଟିୟାନ ତହିଁର ଶାସନ କର୍ତ୍ତା ନିଯୁକ୍ତ ହେବ ଓ ରୁଷୀୟା ତାହାକୁ ନିଯୁକ୍ତ କରିବେ । ରୁମେନିୟା ମଣ୍ଟିନିଗ୍ରୋ ଓ ସର୍ବିୟା ସ୍ୱାଧୀନ ରାଜ୍ୟ ହେବେ ଓ ଏମାନଙ୍କର ସୀମାବୃଦ୍ଧି ହେବ । ବୋସନିୟା ଓ ହର୍ଜଗୋବିନାରେ ସ୍ୱତନ୍ତ୍ର ଶାସନପ୍ରଣାଳୀ ପ୍ରଚଳିତ ହେବ । ଅନ୍ୟାନ୍ୟ ଖ୍ରୀଷ୍ଟିୟାନ ପ୍ରଦେଶ ନିମିତ୍ତ ବିସ୍ତର ସଂଶୋଧିତ ନିୟମର ପ୍ରସ୍ତାବ ହୋଇ ଅଛି । ଯୁଦ୍ଧର କ୍ଷତିପୂରଣ ନଗଦ ଟଙ୍କାଦ୍ୱାରା କିମ୍ବା ରାଜ୍ୟର ଅଂଶ ପ୍ରଦାନଦ୍ୱାରା ହେବ ତାହା କିଛି ନିଶ୍ଚୟ ଜଣାଯାଇ ନାହିଁ ଡାର୍ଡେନେଲସ୍ ପ୍ରଣାଳୀରେ ରୁଷୀୟଙ୍କ ସ୍ୱତ୍ୱ ରକ୍ଷା ବିଷୟରେ ପରଶେଷରେ କୌଣସି ଚୁକ୍ତି ହେବାର କଥା ଅଛି । ଇଂଲଣ୍ଡର ମନ୍ତ୍ରୀ ସର୍ ଷ୍ଟାଫର୍ଡ ନର୍ଥକୋଟ ବୋଲନ୍ତି କି ଏପ୍ରକାର ନିୟମରେ ସନ୍ଧି ହେଲେ ଇଉରୋପର ବିଶେଷରେ ଇଂରେଜଙ୍କର ସ୍ୱତ୍ୱ ପ୍ରତି ବାଧା ହେବ । ଏଥି ସକାଶେ ସର୍ ଷ୍ଟାଫର୍ଡ ନର୍ଥକୋଟ ସୈନିକ ବ୍ୟୟ ସକାଶେ ଅଧିକା ଛକୋଟି ଟଙ୍କା ପାର୍ଲିମେଣ୍ଟରେ ପ୍ରାର୍ଥନା କରି ଅଛନ୍ତି ଓ ତହିଁର ଉଦ୍ଦେଶ୍ୟ ଏହି ଯେ ଇଂଲଣ୍ଡ ଆପଣା ସ୍ୱତ୍ୱରକ୍ଷା କରିବାକୁ ସକ୍ଷମ ହେବେ । ଏଥିଉତ୍ତାରୁ ସଂବାଦ ଆସିଅଛି କି ତୁରସ୍କ ଓ ରୁଷୀୟା ମଧ୍ୟରେ ଉପର ଲିଖିତ ନିୟମରେ ସନ୍ଧି ହେଲେ ଇଉରୋପୀୟ ଅନ୍ୟାନ୍ୟ ଦେଶର ସ୍ୱତ୍ୱ ପ୍ରତି ଯେମନ୍ତ ବ୍ୟାଘାତ ନ ହୁଅଇ ଏଥିପାଇଁ ଇଉରୋପର ସମସ୍ତ ରାଜ ପ୍ରତିନିଧିଙ୍କର ଗୋଟିଏ ସଭା ହେବ ଓ ଏହି ସଭାରେ ସନ୍ଧି ବିଷୟ ଧାର୍ଯ୍ୟ ହେବ । ଅଷ୍ଟ୍ରିୟା ଏ ସଭାର ପ୍ରସ୍ତାବ କରନ୍ତି ଏବଂ ରୁଷୀୟା ତହିଁରେ ସମ୍ମତ ହୋଇ ଅଛନ୍ତି । ଏଣେ ଗ୍ରୀକମାନେ ତୁରସ୍କ ବିରୁଦ୍ଧରେ ରଣସଜ୍ଜା କରି ଅଛନ୍ତି ମାତ୍ର ଭରସା ହୁଅଇ ଯେ ସନ୍ଧି ହେବାର ଆରମ୍ଭ ଦେଖି ସେମାନେ ଆଉ କିଛି କରିବେ ନାହିଁ ।

---

ଗତ କେତେକ ବର୍ଷ ହେଲା ଜମିଦାରୀର ମୂଲ୍ୟ ଯେରୂପ ଏ ପ୍ରଦେଶରେ ବଢ଼ିଅଛି ତାହା ଦେଖି ଯେଉଁମାନଙ୍କର ପୂର୍ବ ପୁରୁଷମାନେ ଉପାୟ ଥାଉଁ ଜମିଦାରୀ କରିବାକୁ ମନ ଲୋଡ଼ ନ ଥିଲେ ସେମାନେ କେତେ କପାଳରେ ହାତ ମାରି ହେଉଅଛନ୍ତି ଓ ପୂର୍ବପୁରୁଷଙ୍କ ନିନ୍ଦା କରୁଅଛନ୍ତି । ମରହଟ୍ଟା ଅମଳରେ ଜମିଦାରଙ୍କର ଯେପରି ଦୁର୍ଦ୍ଦଶା ହେଉଥିଲା ତାହା ଦେଖି କାହାର ପ୍ରତ୍ୟୟ ହେଉଥିଲା ଯେ ଏକ କାଳରେ ଜମିଦାରମାନଙ୍କର ଏକେବେ ଏପରି ଭାଗ୍ୟ ଉଦୟ ହେବ ସୁତରାଂ ପୂର୍ବକାଳର ଅନେକ ଲୋକ ଜମିଦାରୀ କରିବାକୁ ଘୃଣା କରୁଥିଲେ କାଳେ ଜମିଦାରଙ୍କର ଯେମନ୍ତ ମର୍ଯ୍ୟାଦା ସେମନ୍ତ ଆୟ ବୃଦ୍ଧି ହେବାର ଦେଖାଗଲା ମାତ୍ର ଦୁଃଖର ବିଷୟ ଯେ ଏ ସୁଖ ଅଧିକକାଳ ରହିଲା ନାହିଁ । ବର୍ତ୍ତମାନ ଜମିଦାରଙ୍କର ଦୁର୍ଦ୍ଦଶା ଦେଖିଲେ ଅବଶ୍ୟ ଏମାନେ ଧୂପାପାତ କ୍ଷୀଣ ହେବେ । ଗବର୍ଣ୍ଣମେଣ୍ଟ ଯେତେବେଳେ ଯାହା ଆଜ୍ଞା କରିବେ ତାହା ନ୍ୟାୟ ହେଉ ବା ଅନ୍ୟାୟ ହେଉ ମାନିବାକୁ ହେବ ନୋହିଲେ ଦଣ୍ଡ ଦେବାପାଇଁ ଆଇନ ପ୍ରସ୍ତୁତ ଅଛି । ରୋଡସେସ ପ୍ରବିନସିୟଲ ସେସ ଜାରି ହେବା ଦିନୁ ଜମିଦାର ଓ ପ୍ରଜା ଉଭୟଙ୍କର କଷ୍ଟ ବଢ଼ିଅଛି । ତହିଁ ଉପରେ ପୁଣି କେବଳ ଜମିଦାରଙ୍କ ସକାଶେ ପଟୁଆରୀର ନିୟମ ହୋଇ ଏଥି ପୂର୍ବରୁ ପୀଡ଼ା ଦେବାର ଆରମ୍ଭ କରିଅଛି । ସମ୍ପ୍ରତି ନାଲ ଉଠାବାର ଜମିଦାରମାନଙ୍କ ଉପରେ ଆଉ ଗୋଟିଏ କ୍ଳେଶ ପଡ଼ିବାର ଆମ୍ଭେମାନେ ଶୁଣୁଅଛୁଁ । ଯେ ସମସ୍ତ ଭୂମିରେ ନାଲଜଳ ମାଡ଼ି ପାରେ ସେ ସବୁର ମାପ ହେଉଅଛି । ଏପରି ମାପର ଆବଶ୍ୟକତା ବଳପୂର୍ବକ ଜଳକର ନେବା ଆଇନର କିଛି ସମ୍ପର୍କରେ ହୋଇଅଛି ସେ ଆଇନଜାରି କରିବାକୁ ଜମିଦାର କି ପ୍ରଜା କେହି ପ୍ରାର୍ଥୀ ନାହାନ୍ତି ବରଂ ସାଧାରଣମତ ତହିଁ ବିରୁଦ୍ଧରେ ଥାଇ । କିନ୍ତୁ ସେହି ଉଦ୍ଦେଶ୍ୟ ସଫଳ କରିବା ସକାଶେ ଜମିଦାରମାନଙ୍କୁ ଖର୍ଚ୍ଚ ଦେବାକୁ ହେବ କି ଆଶ୍ଚର୍ଯ୍ୟ କଥାର । ଏପରି ଉଦ୍ଦେଶ୍ୟରେ ସନ ୧୮୬୯ ସାଲର ପାଣିଆଇନ ଜାରି ହୋଇଥିବାର କେବେହେଁ ମନକୁ ଲାଗୁ ନାହିଁ । ଗବର୍ଣ୍ଣମେଣ୍ଟ ନ ବୁଝି କଣ୍ଟି ନାଲ ଗୁଡ଼ାଏ ଖୋଳ ପକାଇଲେ ତହିଁର ଖର୍ଚ୍ଚ ତାହା ଦେଇରୁ ନ ଉଠିବାରୁ ବଳପୂର୍ବକ ଜଳକର ନେବାର ପ୍ରସ୍ତାବ କଲେ । ଯେବେ ଏପରି ପ୍ରସ୍ତାବ ସଫଳ କରିବା ସକାଶେ ଭୂମି ମାପ ଓ ସୀମା ଚିହ୍ନିତ କରିବାର ଆବଶ୍ୟକ ହେଲା ତେବେ ତହିଁର ବ୍ୟୟ ସରକାରଙ୍କୁ ଦେବାର ଉଚିତ ଜମିଦାରମାନେ କାହିଁକି ଦେବେ । ଗବର୍ଣ୍ଣମେଣ୍ଟ ମଲଆଡ଼ୁ ଜମିଦାରଙ୍କୁ ହରକତରେ ପକାଇଲେ ବଡ଼ ଦୁଃଖର ବିଷୟ ଅଟଇ । ଏଥିରୁ ଉଦ୍ଧାର ପାଇବାର କୌଣସି ବାଟ ଦିଶୁ ନାହିଁ । ଆମ୍ଭମାନଙ୍କୁ ବୋଧ ହୁଅଇ ଓ ଅନେକ ଜମିଦାର ମଧ୍ୟ କହନ୍ତି ହୋଇ ଏହି କଥା କହୁ ଅଛନ୍ତି କି ଆଉ କିଛିକାଳ ଉତ୍ତାରୁ ଜମିଦାରୀ କରିବାକୁ ପୂର୍ବପ୍ରାୟ ଲୋକେ କାତର ହେବେ ଆଉ ଜମିଦାରୀର ମହତ୍ୱ କିଛି ମାତ୍ର ରହିବ ନାହିଁ ।

---

### ନାଟକ ଅଭିନୟ ।

ଏନଗରରେ ଗତବର୍ଷଠାରୁ ବାରସ୍ୱାର ନିୟମରେ ଶ୍ରୀ ସରସ୍ୱତୀପୂଜା ହୋଇଆସୁଅଛି । ଗତବର୍ଷ ଏହି ଉପଲକ୍ଷରେ ବସନ୍ତପଞ୍ଚମୀ ଓ ତହିଁ ଉତ୍ତାରୁ ଦୁଇଦିନ ଏ ନଗରବାସି ଭଦ୍ରଲୋକମାନେ ବଡ଼ ଆମୋଦ କରିଥିଲେ କିନ୍ତୁ ସେସବୁ ଆମୋଦ କେବଳ ପୁରୁଣାରୀତିର ନାଟକାଦିକୁ ଅବଲମ୍ବନ କରି ପ୍ରକାଶ ହୋଇଥିଲା ବର୍ତ୍ତମାନର ସଭ୍ୟ ରୁଚିପ୍ରତି ଦୃଷ୍ଟି ରଖି ଏବଂ ବୋଧ ହୁଅଇ ପ୍ରକାରେ ପ୍ରସନ୍ନା ହୋଇ ଏବର୍ଷ ସରସ୍ୱତୀ ଏଠା ଭଦ୍ରମଣ୍ଡଳୀର କଣ୍ଠରେ ନୃତ୍ୟମାନ ହେଲେ । ଏହି ହେତୁ ଗତ ବସନ୍ତପଞ୍ଚମୀ ଦିନରେ ତାହାଙ୍କ ପୂଜା ଉପଲକ୍ଷରେ ଏକ ନୂତନ ଉତ୍ସାହ ଦେଖାଗଲା । ଓଡ଼ିଆରେ ନାଟକର

Digitized by srujanika@gmail.com

ଅଭିନୟ ଏତେଶୀଘ୍ର ହେବ କେହି ସ୍ୱପ୍ନରେ ସୁଦ୍ଧା ଜାଣି ନ ଥିଲେ । ନାଟକର ଅଭିନୟ କିପରି ହୁଏ ଏଠା ଲୋକେ ପ୍ରାୟ ଦେଖି ନାହାନ୍ତି ଓ ଯଦ୍ୟପି କି ଦୁଇମାସ ତଳେ ଏକ ଦଳ ଲୋକ କଲିକତାରୁ ବାଲେଶ୍ୱର ପର୍ଯ୍ୟନ୍ତ ନାଟକର ଅଭିନୟ ଦେଖାଇବା ସକାଶେ ଆସି-ଥିଲେ ଓ ଏଠାକୁ ଆସିବେ ବୋଲି ଶୁଣାଯାଇ ଥିଲା ମାତ୍ର ଘଟନାକ୍ରମେ ତାହା ହେଲା ନାହିଁ । କିନ୍ତୁ ଏ ନଗରବାସୀ ଯୁବକବୃନ୍ଦଙ୍କୁ ଅମ୍ଭେମା-ନେ ଅସଂଖ୍ୟ ଧନ୍ୟବାଦ ଦେଉଅଛୁଁ ଯେ ସେ-ମାନେ ଅତି ଅଳ୍ପକାଳ ମଧ୍ୟରେ ଏକଦଳ ପ୍ରସ୍ତୁତ କରି ଯଥାର୍ଥରେ ନାଟକର ଅଭିନୟ ଅମ୍ଭମାନଙ୍କୁ ଦେଖାଇ ଆଶାତୀତ ସୁଖପ୍ରଦାନ କଲେ । ଏହି ବସନ୍ତପଞ୍ଚମୀଦିବସରେ ଓଡ଼ିଶାରେ ନାଟକର ଅଭିନୟ ପ୍ରଥମଥର ହେଲା ଏସକା-ଶେ ଏଦିନଟି ଚିରସ୍ମରଣୀୟ ହୋଇ ରହିଲା ଏବଂ ସ୍ୱୟଂ ସରସ୍ୱତୀଙ୍କୁ ବିଧିପୂର୍ବକ ପୂଜାଦ୍ୱାରା ଆହ୍ୱାନ କରି ତାହାଙ୍କ ସମ୍ମୁଖରେ ପ୍ରଥମଥର ଅଭିନୟ ହେଲା ଏଥିରୁ ଆଶା ହୁଏ ଯେ ଉତ୍ତରୋତ୍ତର ଏହାର ବୃଦ୍ଧି ହେବ ଓ ଏହାଦ୍ୱାରା ସଙ୍ଗୀତ ଓ ସାହିତ୍ୟର ଉନ୍ନତି ହେବ । ଅମ୍ଭେ-ମାନେ କହୁଅଛୁଁ ଯେ ଅଳ୍ପକାଳ ମଧ୍ୟରେ ଏହା ସାଧିତ ହୋଇଅଛି । ବାସ୍ତବରେ ଦୁଇମାସ ପୂର୍ବରେ କେହି ଜାଣୁ ନ ଥିଲେ ଯେ ଏଠାରେ ନାଟକର ଅଭିନୟ ହେବ । ବଙ୍ଗଳାରେ ଏକ୨ ଜଣ ଧନଲୋକର ସହାୟରେ ପ୍ରଥମେ ଏପରି କାର୍ଯ୍ୟ ହୋଇଥିଲା ଓ କେହି୨ ଧନବାନ୍ ଏଥି-ରେ ସର୍ବସ୍ୱ ବ୍ୟୟ କରି ଫକୀର ହୋଇଅଛନ୍ତି । ଏଠାରେ ସେପରି କେହି ଉତ୍ସାହଦାତା ନ ଥିଲା କିନ୍ତୁ କେତେଜଣ କୃତବିଦ୍ୟ ଯୁବାଙ୍କ ଅସୀମ ପରିଶ୍ରମ ଓ ଯତ୍ନରେ ଏଠାରେ ଅଭିନୟ ପ୍ରତ୍ୟକ୍ଷ ହେଲା । ଏମାନେ ଆପଣା ମଧ୍ୟରେ ଏକଦଳ ବାନ୍ଧି ଅଭିନୟ ଦେଖାଇବେ ବୋଲି ଦୃଢ଼ସଂକଳ୍ପ ହୋଇ ତହିଁର ବ୍ୟୟ ସକାଶେ ଆପଣା ମଧ୍ୟରେ ଚାନ୍ଦା କଲେ ଓ ଏଠାର ଭଦ୍ରଲୋକମାନେ ମଧ୍ୟ ତାହାଙ୍କ ପ୍ରାର୍ଥନା ମତେ ଚାନ୍ଦା ଦେଇ ତାହାଙ୍କର ଉତ୍ସାହ ବଢାଇଲେ । ତହିଁର ଫଳ ଗତ ବସନ୍ତପଞ୍ଚମୀ ଦିବସରେ ଦେଖା ଗଲା । ନୂଆତମାସା ହେବ ବୋଲି ନଗରଯାକ ଚହଲ ପଡିଗଲା ଓ ଟିକଟ ସଂଗ୍ରହ କରିବାପାଇଁ ସମସ୍ତେ ବ୍ୟସ୍ତ ହେଲେ । ରାତ୍ରି ୯ ଘଣ୍ଟା ବେଳକୁ ମଣ୍ଡପରେ ତିଳେ ଖାଲି ସ୍ଥାନ ନ ଥିଲା । ଓ ଭିତରେ ବାଟ ଚାଲିବା କଠିନ ହେଲା । ଲୀଳା ଆରମ୍ଭ ହୁଅନ୍ତେ ଲୋକେ ଏମନ୍ତ ମନୋନିବେଶ ପୂର୍ବକ ଦେଖିବାରେ ମତ୍ତ ହେଲେ ଯେ ଅଭି-ନୟର ଆରମ୍ଭଠାରୁ ଶେଷପର୍ଯ୍ୟନ୍ତ ଅଧିକାଂଶ ଲୋକ ବସି ରହିଲେ । ମଧ୍ୟେ୨ ରେ କରତାଳ ଓ ଅନ୍ୟାନ୍ୟ ଚିହ୍ନଦ୍ୱାରା ସମସ୍ତେ ଆନନ୍ଦ ପ୍ରକାଶ କଲେ । ବାବୁ ମନମୋହନ ବସୁଙ୍କ କୃତ ରାମାଭିଷେକ ନାଟକରୁ ଅଭିନୟ ହୋଇଥିଲା ଓ ପ୍ରଥମ ଉଦ୍ୟମରେ ଯେ ଅଭିନୟକାରମାନେ ଏତାଦୃଶ ଆନନ୍ଦ ପ୍ରଦାନ କରିବାକୁ ସକ୍ଷମ ହେଲେ ଏଥିରେ ସମସ୍ତେ ତାହାଙ୍କର ପ୍ରଶଂସା ଓ ଯଶଘୋଷଣା କଲେ । ଅମ୍ଭେମାନେ ଆଶା କରୁଁ କି ଯେଉଁମାନେ ଏତାଦୃଶ କୃତକାର୍ଯ୍ୟତା ଲଭ କରିଅଛନ୍ତି ସେମାନେ ଏତିକରେ ସନ୍ତୁଷ୍ଟ ନ ହୋଇ କ୍ରମରେ ଏଥିର ଉନ୍ନତି ସାଧନ କରନ୍ତୁ ଓ ଏହାଙ୍କ ଯୋଗେ ଓଡ଼ିଶାରେ ନାଟକର ରୁଚି ଓ ତହିଁ ସଙ୍ଗେ୨ ନାଟକ ରଚନାର ପ୍ରବୃତ୍ତି ବିସ୍ତାର ହେଉ ।

---

# ସାପ୍ତାହିକସଂବାଦ ।

ଏ ନଗରର ଜେଲର ପଣ୍ଡିଂ ସାହେବ କଲିକତା ପ୍ରେସିଡେନ୍ସୀ ଜେଲଖାନାର ଜେ-ଲର ନିଯୁକ୍ତ ହୋଇଅଛନ୍ତି । ଏ ପଦର ବେ-ତନ ମାସକୁ ଟ ୩୨୦୯ଙ୍କା ଅଟଇ । ପଣ୍ଡିଂ ସାହେବ ସମ୍ପ୍ରତି ପରୀକ୍ଷା ସ୍ୱରୂପ ସେଠାକୁ ଯାଉ-ଅଛନ୍ତି କିନ୍ତୁ ସେ ଯେମନ୍ତେ ଏଠାରେ ସୁଖ୍ୟାତି ପୂର୍ବକ କର୍ମ କରି ତହିଁର ପୁରସ୍କାର ସ୍ୱରୂପ ଉକ୍ତ କର୍ମ ପାଇଅଛନ୍ତି ସେସ୍ଥଳେ ଅବଶ୍ୟ ଉକ୍ତ କର୍ମ-ରେ ବାହାଲ ହେବେ ସନ୍ଦେହ ନାହିଁ । ଯାହା ହେଉ ଅମ୍ଭେମାନେ ପଣ୍ଡିଂ ସାହେବଙ୍କର ପଦୋ-ନ୍ନତିରେ ଆନନ୍ଦିତ ହୋଇଅଛୁଁ ।

ବାବୁ ଗଣେଶଚନ୍ଦ୍ର ଗୁପ୍ତ ଏଠାର ଜେଲର ପଦରେ ଏକଟିଂ ନିଯୁକ୍ତ ହୋଇଅଛନ୍ତି ।

ଅମ୍ଭେମାନେ ଶୁଣିଲୁଁ ଯେ ବାବୁ ବ୍ରଜବଲ୍ଲଭ ପଟ୍ଟନାୟକ କିଛିକାଳ ନିମିତ୍ତ ରଣପୁରର ଦେ-ୱାନ୍ ନିଯୁକ୍ତ ହୋଇଅଛନ୍ତି । ଶିକ୍ଷିତ ଲୋକଙ୍କୁ ଅମ୍ଭେମାନେ ଏପ୍ରକାର ପଦରେ ସର୍ବଦା ନିଯୁକ୍ତ ହେବା ଦେଖିବାର ଆଶା କରୁଁ ।

ଗତମାସର ଶେଷ ସପ୍ତାହରେ ବାଲେଶ୍ୱରର କଲେକ୍ଟର ଶ୍ରୀଯୁକ୍ତ ନର୍ମାନ ସାହେବ ମୟୂର-ଭଞ୍ଜ କିଲ୍ଲାର ରାଜଧାନୀ ବାରିପଦା ଗଡ଼କୁ ଯା-ଇଥିଲେ ମହାରାଜା ତାହାଙ୍କର ଯଥୋଚିତ ସମ୍ମାନ କରିବାଦ୍ୱାରା ଶ୍ରୀମତୀ ଭାରତେଶ୍ୱରୀଙ୍କ ପ୍ରତି ରାଜଭକ୍ତି ପ୍ରକାଶ କଲେ । ମହାରାଜା ରୋଷ-ନାଇ ବାଣବାଜି ଇତ୍ୟାଦି ଅନେକ ପ୍ରକାର ଧୂମଧାମ କରିଥିଲେ । ସାହେବ ତାହାଙ୍କର ଶା-ସନ କାର୍ଯ୍ୟ ଓ ନଗରର ସୌଷ୍ଠବ ଦେଖି ଯଥୋ-ଚିତ ପ୍ରଶଂସା କଲେ । ବାସ୍ତବରେ ମହାରାଜା ଆପଣା ରାଜ୍ୟର ଯେପ୍ରକାର ଉନ୍ନତିସାଧନ କରୁ-ଅଛନ୍ତି ତହିଁପାଇଁ ସର୍ବ ପ୍ରକାରରେ ପ୍ରଶଂସାର ଯୋଗ୍ୟ ଅଟନ୍ତି ।

ଅମ୍ଭେମାନେ ଶୁଣି ଆନନ୍ଦିତ ହେଲୁଁ ଯେ ମହାମାନ୍ୟ ଲେପ୍ଟେନଣ୍ଟ ଗବର୍ଣ୍ଣର ସାହେବ ଏହି ମାସ ଶେଷ ଅଥବା ଆଗାମୀ ମାସ ଆରମ୍ଭରେ କଟକ ଓ ପୁରୀ ସଂଦର୍ଶନାର୍ଥ ଆସିବାର ତାର-ଡାକ ଯୋଗେ ସମ୍ବାଦ ଆସିଅଛି । ଏଠାରେ ଦରବାର ଇତ୍ୟାଦି ହେବ କି ନା ଏସବୁ ବୃତ୍ତାନ୍ତ ପଶ୍ଚାତ୍ ଜଣାଯିବ ।

ଏଠା କଲେକ୍ଟରୀର ଜଣେ ମୋହରିର ପ୍ରତି ଦେଓ୍ୱାନୀଅଦାଲତରେ ଓ୍ୱାରଣ୍ଟ ହେ-ବାରୁ ସେ ତତ୍କ୍ଷଣାତ୍ ଟଙ୍କା ଅଦାଲତରେ ଦାଖଲ କଲା ମାତ୍ର ସେ କିସକାଶେ ଋଣୀ ହେଲା ଓ ଅଉ ତାହାର କେତେ ଋଣ ଏହା ତଦନ୍ତ ହୋଇ ନିଷ୍ପତ୍ତି ହେବା ପର୍ଯ୍ୟନ୍ତ କଲେକ୍ଟର ସାହେବ ତାକୁ ସସପେଣ୍ଡ କରିଅଛନ୍ତି ପ୍ରାୟ ମାସେ ହେଲା ସେ ସସପେଣ୍ଡ ଅବସ୍ଥାରେ ଅଛି । କଲେକ୍ଟର ସାହେବ ଏ ବିଷୟରେ ଏତେ ନିଦାରୁଣ କାହିଁକି । ତାହାର ଋଣକୁ ଯେ ବୃଦ୍ଧି କରୁଅଛନ୍ତି ।

ସୁଙ୍ଗେଡାମାଭକଭନଗର ଅଞ୍ଚଳରେ ସଦେଇ-ଶରଣ ନାମକ ଜଣେ ବ୍ରାହ୍ମଣ ଆପେ୨ ଚୌଧୁରୀ ସଦାଶିବ ଶରଣ ପଦଧାରଣ କରି ବିଶେଷ ସ୍ୱବୁଦ୍ଧିର ଆଚରଣ ଅବଲମ୍ବନ ପୂର୍ବକ ସେସ୍ଥା-ନର ଲୋକମାନଙ୍କୁ ପୀଡା ଦେବାରେ ରତ ଥିଲା । କିନ୍ତୁ ଚୋର ଘରେ କି ଛତ ଅଳ୍ପଅ କେତେକଦିନ ହେଲା ଏକଦଫା ହଙ୍ଗାମା ମକ-ଦ୍ଦମାରେ ସେ ଛମାସ କଠିନ ପରିଶ୍ରମ ସହିତ କାରାବାସର ଦଣ୍ଡ ପାଇଅଛି । ଏଥିରେ ସେ ଅଞ୍ଚଳର ଲୋକ ଅତି ଆନନ୍ଦିତ ହୋଇ ଅଛନ୍ତି ।

କେନ୍ଦ୍ରାପଡାର କୋର୍ଟ ସବଇନ୍ସପେକ୍ଟର ଶ୍ରୀରାମଲୁନାଏଡୁ ସରକାରୀ ଟଙ୍କାରୁ ଟ ୧୧୮୯ ଆତ୍ମସାତ୍ କରି ହାଜତରେ ଅଛି ମକଦ୍ଦମା ସେଠା ଡେପୋଟୀ ମେଜିଷ୍ଟରଙ୍କ ବିଚାରାଧୀନରେ ଅଛି । ଏଥିପୂର୍ବେ ସେଠାର ଖଜାଞ୍ଚି ପ୍ରାୟ ଦୁଇଶତ ଟଙ୍କା ଗୋଳମାଲ କରି ଥିବାରୁ କର୍ମଚ୍ୟୁତ ହୋଇଥିଲା ପୁନର୍ବାର ତଦ୍ରୂପ ଘଟନା ସେ କଚେରୀରେ କ

Split by PDF Splitter

Digitized by srujanika@gmail.com

ଉତ୍ତମ ଉତ୍ପାଦଧାରଣ ହୁଏନା ? ବାଡ ଯଦି କ୍ଷେତ ଖାଇବ ତେବେ କ୍ଷେତ୍ରକର୍ତ୍ତା ଅଉ କଣ କରିବ । ଅତଏବ ବାଡକୁ କାଟଛାଣ୍ଟ କରି ଯଥାସାଧ୍ୟ ଦୂରସ୍ଥ ରଖିବାର ଆବଶ୍ୟକ ।

ଏକ ସମ୍ବାଦ ପତ୍ରରେ ଲେଖା ଅଛି ଯେ ଯୁଦ୍ଧରେ ରୁଷୀୟ ସେନା ସର୍ବସୁଦ୍ଧା ୭୧୭୦୦ ଜଣ ମରିଯାଇ ଅଛନ୍ତି । ଏଥିମଧ୍ୟରେ ୧୪ ଜଣ ଜେନେରଲ ୧୨ ଜଣ ପ୍ରିନ୍ସ ୧୬ ଜଣ କଣ୍ଟ ଓ ୨୧ ଜଣ ବାରନ ଅଟନ୍ତି । ତୁରସ୍କ ସେନା ସର୍ବସୁଦ୍ଧା ୪୪୦୦୦ ଜଣ ବନ୍ଦି ହୋଇ ଅଛନ୍ତି ଏଥିମଧ୍ୟରେ ୧୬ ଜଣ ପଶା ଓ ୫୦୦ ଜଣ ସରଦାର ଅଛନ୍ତି ।

କଥିତ ହୁଅଇ ଯେ କନଷ୍ଟାଣ୍ଟିନୋପଲର ସ୍ତ୍ରୀମାନେ ସୁଲତାନଙ୍କର ହାରବାର ଦେଖି ଅତ୍ୟନ୍ତ ଦୁଃଖିତ ହୋଇ ଆବେଦନ କରିଥିଲେ ଯେ ୧୦,୦୦୦ ସ୍ତ୍ରୀ ଏକ ପଲଟନ ଭୁକ୍ତ ହୋଇ ରୁଷୀୟଙ୍କ ସହିତ ଯୁଦ୍ଧ କରିବେ । ସୁଲତାନ ତାହାଙ୍କର ସ୍ୱଦେଶାନୁରାଗ ଓ ସାହସରେ ମୋହିତ ହୋଇ ସେମାନଙ୍କୁ ଧନ୍ୟବାଦ ଦେଇ କହିଲେ ଯେ ତାହାଙ୍କର ପ୍ରାଣ ଥାଉଁ ସେ ଆପଣା ମାତା ଓ ଭଗିନୀମାନଙ୍କୁ ଯୁଦ୍ଧଭୂମିକୁ ଯିବା ସକାଶେ ଅନୁମତି ଦେଇ ନ ପାରନ୍ତି ପଶ୍ଚାତକୁ ଯାହା ଘଟିବ ତାହା ଈଶ୍ୱର ଜାଣନ୍ତି ।

ମହୀଶୂରର ଜଣେ ଦୁର୍ଭିକ୍ଷସାହାଯ୍ୟ କର୍ମକର ୭ ଖଣ୍ଡ ଗ୍ରାମ ଅନୁସନ୍ଧାନ କରି ଦେଖି ଅଛନ୍ତି ଯେ ଲୋକସଂଖ୍ୟା ଶତକଡ଼ା ୨୦ ଲେଖାଏଁ ଗ୍ୱସର ଆୟୃତନ ଶତକଡ଼ା ୪୫ ଲେଖାଏଁ ଓ ଫସଲ ଆଠଅଣା ଉଣା ପଡ଼ିଅଛି ସୁତରାଂ କ୍ଷେତରେ ଯେତେ ଶସ୍ୟ ହୋଇଅଛି ତାହା ସାଧାରଣ ବର୍ଷର ଫସଲର ଶତକଡ଼ା ୨୫ ଅଟଇ ଅର୍ଥାତ୍ ଜଣପ୍ରତି ଯେତେ ଫସଲ ହେଉଥିଲା ତହିଁର ଚତୁର୍ଥାଂଶ ଏବର୍ଷ ଫଳ ଅଛି ।

ହନୁପେର୍ଟ୍ରି ଅଟ ଏମନ୍ତ ଜନରବ ଶୁଣିଅଛନ୍ତି କି କାବୁଲର ଅମିର କାନ୍ଦାହାର ଦିଗକୁ ସେନା ପଠାଉଅଛନ୍ତି । ଏଥିର କାରଣ କିଛି ଜଣା ପଡ଼ି ନାହିଁ ।

ରୁଷୀୟ ରାଜଦୂତମାନେ ଅବଧି କାବୁଲକୁ ଯିବା ଆସିବା କରୁଅଛନ୍ତି ଏବଂ ଯେଉଁ ଦୂତ ଶେଷରେ ଆସିଅଛନ୍ତି ତାହାଙ୍କର ବଡ଼ ଗୌରବ ହେଉ ଅଛି ।

ଦରଭଙ୍ଗାର ମହାରାଜଙ୍କର ଭାଇଙ୍କୁ ଚଳିତ ସିଭିଲ କର୍ମଚାରୀ ଶ୍ରେଣୀଭୁକ୍ତ କରିବା କାରଣ ଆମ୍ଭମାନଙ୍କର ଲେଫ୍ଟେନେଣ୍ଟ ଗବର୍ଣ୍ଣର ଗବର୍ଣ୍ଣମେଣ୍ଟ ଇଣ୍ଡିଆଙ୍କ ଅନୁମତି ପ୍ରାର୍ଥନା କରି ଅଛନ୍ତି ।

ହାଇକୋର୍ଟର ଦୁଇଜଣ ଜଜ ଅର୍ଥାତ୍ ମର-ସସାହେବ ଓ ବର୍ଚସାହେବଙ୍କ କର୍ମରେ ଫ୍ରନ୍ସପସାହେବ ଓ ଟଟନହମସାହେବ ନିଯୁକ୍ତ ହେବାର କଥା ହେଉ ଅଛି ।

କାଶ୍ମୀରରେ ଭାରି ଦୁର୍ଭିକ୍ଷ ପଡ଼ିବାର ଶୁଣାଯାଏ । ଖାଦ୍ୟଦ୍ରବ୍ୟ ଅତ୍ୟନ୍ତ ଦୁର୍ମୂଲ୍ୟ ହୋଇ ଅଛି ଏବଂ ଘାସ ବିହୁନେ ଘୋଡ଼ା ଗୋରୁ ଇତ୍ୟାଦି ପଶୁମାନଙ୍କର ଭାରି କଷ୍ଟ ହୋଇଅଛି । ଏଣିକି ଦୁର୍ଭିକ୍ଷ କି ଭାରତବର୍ଷକୁ ଛାଡ଼ିବ ନାହିଁ ।

## ପ୍ରେରିତପତ୍ର ।

ମାନ୍ୟବର ଶ୍ରୀଯୁକ୍ତ ଉତ୍କଳଦୀପିକା ସମ୍ପାଦକ
ମହାଶୟ ସମୀପେଷୁ ।

ତାଳଚେର ଦୁର୍ଗଈଶ୍ୱର ମଙ୍ଗଳସାଧନ
ନିମିତ୍ତ । ଆରମ୍ଭିଲେ ଏକ ସଭା କେତେ
ସଭ୍ୟ କରି ଆମନ୍ତ୍ରିତ । ୧ । କରି ମନୋରମ
ନରତ ଶ୍ରବଣ ଶ୍ରାବଣ ପୂର୍ବରେ । ଷଣ୍ଢପତି ଗ୍ରାମ-
ଚନ୍ଦ୍ର ଚନ୍ଦ୍ରପ୍ରଭ ବଳୟ ବଳରେ । ୨ । ପ୍ରଭା-
କରବ ଉଲ୍ଲାସି ନାଶିଲେ ଦୁଃଖ ଅନ୍ଧକାର ।
ଚକ୍ଷୁଚକୋରକୁ ଶୋଭାସୁଧା ଦାନେ ତୋଷିଲେ
ଜନର । ୩ । ସଭାର ସଦନ ଅକାଶ ରଞ୍ଜନ
ପ୍ରଦୀପ କି ତାର । ଦେଖି ଏ ଶୋଭନ ବନଧର
କୋଳେ ଲୁଚେ ସୁଧାକର । ୪ । ସଭା ଏ ବରଷା
ଘୋଡାଇଛ ଆଶାମାନଙ୍କୁ ଅମ୍ବର । କାନନ୍ଦୁସି
ନୀରଧାସକ ଅଧୀଶ୍ୱ ବଙ୍ଗାଳୀ ତଗ୍ର । ୫ ।
ମୁସଲ୍ଲୀରବାସ ଉତ୍ତର କ୍ଷୀଣରେ ଅଟକ ନଟକ ।
ଢୋଲର ମୃଦଙ୍ଗ ପଞ୍ଚସନ୍ତ୍ର ଜ୍ୟୋତିଷଗଣ ପ୍ରକଟକ
। ୬ । କ୍ଷୋଣୀଗ୍ରନ୍ଥମ୍ ସୁନାଶୀରଧନୁ ଚକ୍ଷ ବିବିଧ
ଛନ୍ଦରେ । ଆନନ୍ଦସନ୍ଦୋହେ ପୂରଣ ପୁଲକ
କଦମ୍ବ ଗାତ୍ରରେ । ୭ । ନାନା ମହୀରୁହ ଲତିକା-
କୁସୁମେ ହସଇ ବନ୍ୟାଳୁ । ପଲାଶ୍ରିତ କାଦମ୍ବିନୀ
ସର ନୋହି କଷ୍ଟକମନ୍ୟାକୁ । ୮ । ବାଦ୍ୟନାଦ
ନୃତ୍ୟ ଗୀତ ରସେ ରସି ଯାମିନୀ ଅଙ୍ଗନା ।
ଛାଡ଼ି ପତି କୋଳ ସକଳ ଉତ୍ସବରସରେ
ବିମନା । ୯ । ଯାଇଣ ନିକଟ ପ୍ରକଟ କଟକ
ଉତ୍ସବ ଦେଖିଲେ । ନ ଥିଲା ନୋହିବ ଦର୍ଶ-
ମାନେ ଧନ୍ୟ ଏ ସର୍ବେ ବୋଇଲେ । ୧୦ ।
ତମଦଳ ମହୀ ସେ ସ୍ଥଳ ହାବେଳ ଆତସବା-
ଜିରେ । କରି କହସ୍ପୃଟ ଦ୍ୱାସ୍ଥ ପଙ୍କଜସ୍ଥ ଦେଇଣ
ପାକରେ । ୧୧ । କୁଳବଧୂବାଳୀ ମନ ଯାଏ
ଜଳ ଏ କୂଳେ କାହିଁକି । କଳ ତାତ ବନ୍ଧ
ତାହାଠାରୁ ଦୃଷ୍ଟ ଜଗତେ ନାହିଁ କି । ୧୨ ।
ଗୁରୁଜନ ଭୟ ନ ଥାନ୍ତା ଥାଆନ୍ତା ବଢ଼ାରେ
ଯିବାର । ତେବେ ମନୋରଥ ହୁଅନ୍ତାଟି ସାର୍ଥ
ଏମନ୍ତ କହର । ୧୩ । ମହୀ ମଧ୍ୟେ ସ୍ୱର୍ଗ ବୋଲି
ବା ମଘବା ରଞ୍ଜନ ଗୃହତ । ଚନ୍ଦ୍ରଗୁପ୍ତ ବରକରଣ
କୂଦେବ ଯେ କବି ପଣ୍ଡିତ । ୧୪ । କଳା ଧଳା
ଛିଟ ଶ୍ୟାମର ତମ୍ବୁ ମୟୂରକଣ୍ଠଲରେ । ସୁନ୍ଦର
ଗଦର ପଗାର ଶୋଭନ ହୁଅଇ ସଧୀରେ । ୧୫ ।
କହରେ କବଏ କୋବଦେ କୋବଦ ବାଦକୁ
ରଚଲେ । ଦୀପଦୀପିତରେ ଏ ପୁର ଉଜ୍ଜ୍ୱଳ
ଏମନ୍ତ କେ ବୋଲେ । ୧୬ । କେ ବୋଲେ
ଏମନ୍ତ ନୋହେ ମହାରାଜ ଯଶରେ ଅଲୋକ ।
ହୋଇଛି ହୋଇବ କେବୋଲେ ଏଣିକି ଅଶ୍ରୁର
ତିଳେକ । ୧୭ । ବୁଝିଲେ ସୁଗୁଣେ ଛାଡ଼ିକେ
ଛଇକେ ପୁଣ୍ୟ ପାଠକେ । କାବ୍ୟ ଅଳଙ୍କାର
ନାଟକ ପାଠକ ଅନ୍ୟୋନ୍ୟେ ଉଷ୍ଣକେ । ୧୮ ।
ସମସ୍ତଙ୍କୁ ଜୟକର ଉର୍ଦ୍ଧବାସୀ ହୋଇଲେ ମଉନ ।
ସର୍ବ ସମାଧାନ କରି ନରଗଣ କଲେ ସନ-
ମାନ । ୧୯ । ଚନ୍ଦନ କର୍ପୂର କୁସୁମବସନ
ଭୂଷଣେ ଭୂଷିଲେ । ସୁବର୍ଣ୍ଣ ରଜତ ମୁଦ୍ରାକର
ଦାନ ମାନସ ମୋହିଲେ । ୨୦ । ସକଳ ସଭା-
ସଦେ ଉପଯୁକ୍ତ ମର୍ଯ୍ୟାଦା ପାଇଲେ । ହେଉ
ସର୍ବଶୁଭ ବୋଲି ଆଶୀର୍ବାଦ ଦ୍ୱିଜରେ କହିଲେ ।
। ୨୧ । ବିବାହ ଉତ୍ସାହ ଅବସ୍ଥେ କରିବାପାଇଁକି
ତାମ୍ବୁଲ । ଉଠାଇଲେ ମହାରାଜ ଆଦେଶରେ
ପରଜା ସକଳ । ୨୨ । ସଭା ହେଲା ଶେଷ ସର୍ବେ-
ହେଲେ ତୋଷ ଚଳଲେ ଆବାସେ । ଭବେ-
ଦନ୍ତ ଦଧିବାମନ ଏବଧି ମାନସ ଉଲ୍ଲାସେ । ୨୩ ।
ମଙ୍ଗଳ ସମ୍ବାଦ ବର୍ଣ୍ଣ ତୋଷ ଥିଲେ କରନ୍ତୁ
ଆଦର । କର ଯୋଡ଼ିକରେ ମାଗୁଛି ପଣ୍ଡିତେ
କରି ନମସ୍କାର । ୨୪ ।

## ବିଜ୍ଞାପନ ।

ଅମ୍ଭେ ଏହି ବିଜ୍ଞାପନ ଦ୍ୱାରା ସର୍ବସାଧାରଣଙ୍କୁ ଜଣାଉ ଅଛୁଁ ଯେ ଅମରସିଂହକୃତ ଅଭିଧାନ ସୁସ୍ତବଙ୍ଗଣ୍ତି ମୁଦ୍ରାଙ୍କିତ କରାଇବା ସକାଶେ ଯତ୍ନ କରଇ ଅଛୁଁ । ଅତଏବ ଅନ୍ୟକେହି ଏହି ପୁସ୍ତକ ସମ୍ପନ୍ନେ ହସ୍ତକ୍ଷେପ ନ କରିବେ । ଇତି ।—

୨୨ । ୧ । ୭୮ } ଶ୍ରୀ ବଳଭଦ୍ର ପ୍ରହରାଜଶର୍ମା
ସଂସ୍କୃତ ବିଦ୍ୟାଳୟ
ପୁରୀ

☞ ଏହି ଉତ୍କଳଦୀପିକା ସହରକଟକ-ତଲସାବଜାର କଟକ ପ୍ରିଣ୍ଟିଂକମ୍ପାନିଙ୍କ ଯନ୍ତ୍ରାଳୟରେ ମୁଦ୍ରିତ ଓ ପ୍ରକାଶିତ ହେଉ ।

Digitized by srujanika@gmail.com

## ଅତିରିକ୍ତ

### ଉତ୍କଳଦୀପିକା ତା ୯ ରିଖ ମାଘେ ଫିବୃଏରୀ ସନ ୧୮୭୮ ମସିହା

### ବିଜ୍ଞାପନ ।

ବୋର୍ଡର ସନ ୧୮୭୭ ମସିହା ମାର୍ଚ୍ଚମାସ ନ ୧ ମ୍ବର ସରକ୍ୟୁଲର ହୁକୁମ ପରବର୍ତ୍ତେ ଜେନରଲ ଓ କୋର୍ଟଫିସ ଷ୍ଟାମ୍ପ ବକ୍ରୟ ଉପରେ ଯେଉଁ ହାରରେ ସନ ୧୮୭୮ ମସିହା ଫେବୃଏରୀ ମାସ ତା ୧ ରିଖଠାରୁ ଉତ୍ସ୍କାହଣ ଦିଆଯିବ ତାହା ଏହି ନିମ୍ନଲିଖିତ ନକ୍ସାରେ ରେଭିନ୍ୟୁକର୍ମଗୃହମାନଙ୍କ ଜ୍ଞାତ କାରଣ ପ୍ରକାଶିତ ହେଲା ।

| ୧ | ୨ | ୩ | ୪ | ୫ | ୬ | ୭ | ୮ |
|---|---|---|---|---|---|---|---|
| | ଜେନରଲ ବା ନନଯୁଡିସିଏଲ ଷ୍ଟାମ୍ପ । | | | | | ଯୁଡିସିଏଲ କୋର୍ଟଫିସ ଷ୍ଟାମ୍ପ | |
| | ୧ ମ ଶ୍ରେଣୀ । ଅଠାଲଗା ଓ ଯେଉଁସବୁ ଷ୍ଟାମ୍ପ ୧୦ମ ସେଡୁଲର ୧ । ୨ ପ୍ରକରଣରେ ଓ ୨ ୟ ସେଡୁଲର ୧ ଠାରୁ ୯ ପ୍ରକରଣରେ ଯାହା ଉଲ୍ଲେଖ ଅଛି ତାହା । | | | | ୨ ୟ ଶ୍ରେଣୀ * ସନ ୧୮୬୯ ମସିହାର ଜେନରଲ ଷ୍ଟାମ୍ପ ଆଇନରେ ଯେଉଁ ଷ୍ଟାମ୍ପ ନିର୍ଦ୍ଧାରିତ ହୋଇଅଛି । | | |
| | ପ୍ରତ୍ୟେକ ଟ ୦ ॥ ରୁ ଅଧିକ ମୂଲ୍ୟର ଷ୍ଟାମ୍ପ । | ଟ ୦ ॥ ରୁ ଅଧିକ କିନ୍ତୁ ଟ ୫୦ ଙ୍କାର ଅନଧିକ । | ଟ ୫୦ ଙ୍କାରୁ ଅଧିକ କିନ୍ତୁ ଟ ୫୦୦ ଙ୍କାରୁ ଅନଧିକ । | | ଶତକଡ଼ା | | |
| କଟକ | ଶତକଡ଼ା ଟ ୪।୦ କମ୍ବା ଏକଟଙ୍କାରେ ତିନିପଇସା । | ଶତକଡ଼ା ଟ ୩ ୵ କମ୍ବା ଏକଟଙ୍କାରେ ଦୁଇପଇସା । | ଶତକଡ଼ା ଟ ୧ ୵ କମ୍ବା ଏକ ଟଙ୍କାରେ ଏକପଇସା । | | ଏକ ଟଙ୍କାରେ ଦୁଇପଇସା | କଟକ | ଟ ୧।/ କମ୍ବା ଟଙ୍କାରେ ଏକପଇସା |

ଏହି ୧ମ ଶ୍ରେଣୀ ଲିଖିତ ଷ୍ଟାମ୍ପ ଯେ ଇଚ୍ଛା କରିବ କିଣିପାରିବ ଟ୫୦ ଙ୍କା କମ୍ବା ତତୋଧିକ ମୂଲ୍ୟର ଷ୍ଟାମ୍ପ ଏକାଥରେ
କିଣିଲେ ଉପରୋକ୍ତ ହାରରେ ଉତ୍ସ୍କାହଣ ପାଇବ ।
* କେବଳ ମୁଦ୍ରର ପ୍ୟାଡାର ବିକ୍ରେତାମାନେ ଏକାବେଳକେ ଟ ୨୫୦ ଙ୍କା କମ୍ବା ତତୋଧିକ ମୂଲ୍ୟର ଏହି
ଶ୍ରେଣୀର ଷ୍ଟାମ୍ପ କିଣିଲେ ଉତ୍ସ୍କାହଣ ପାଇବେ ।
ଟ ୫୦ ଙ୍କାର ଉପର ମୂଲ୍ୟର ନନଯୁଡିସିଏଲ ଷ୍ଟାମ୍ପ କମ୍ବା ଟ ୨୫୦ ଙ୍କା ଉପର ମୂଲ୍ୟର କୋର୍ଟଫିସ ଷ୍ଟାମ୍ପ କିଣିଲେ
ଉତ୍ସ୍କାହଣ ମିଳିବ ନାହିଁ ଅଥବା ଖରିଦଦାର ସ୍ୱୟଂ ଟଙ୍କା ଦେଇ କିଣିଲେ ଉତ୍ସ୍କାହଣ ମିଳିବ ନାହିଁ ସନ ୧୮୭୦ ମସିହା
କୋର୍ଟଫିସର ଅ ୭ ଧାରା ଅନୁସାରେ ଯେଉଁ ସାଦା କାଗଜ ବ୍ୟବହୃତ ହୁଏ ତହିଁ ଉପରେ ଉତ୍ସ୍କାହଣ ଶତକଡ଼ା ଟ ୭ ।
ଲେଖାଏ ଦିଆଯିବ ।

ତା ୨୧ ରିଖ ଜାନୁଏରୀ ସନ ୧୮୭୮ ମସିହା ।

☞ ମୂଳପତ୍ର ଦେଖ ।

Split by PDF Splitter

Digitized by srujanika@gmail.com

# ଉତ୍କଳ ଦୀପିକା

## ସାପ୍ତାହିକ ସମ୍ବାଦପତ୍ରିକା

ଭା ୧୩ ଗ
ସ ୭ ସଂଖ୍ୟା

ତା ୧୬ ରଖ ମାହେ ଫେବ୍ରୁଏରି ସନ ୧୮୭୮ ମସିହା । ମୁ । ଫାଲ୍‌ଗୁନ ଦ ୭ ଜ ସନ ୧୨୮୫ ସାଲ ଶନିବାର

ଅଗ୍ରିମ ବାର୍ଷିକମୂଲ୍ୟ ଟ ୪॥୦
ବର୍ଷାନ୍ତେମୂଲ୍ୟଦେଲେବର୍ଷକୁ ଟ ୬୯
ମଫସଲଙ୍କୁ ଡାକମାସୁଲ ଟ ୧॥୦

ଶ୍ରୀଯୁକ୍ତ ବମ୍‌ସସାହେବ ଗତ ଗୁରୁବାର ସକାଳେ ଓଡ଼ିଶାରୁ ବଦାୟ ହୋଇ ଗଲେ ପୁଣି କେବେ ଏଠାକୁ ଆସିବେ ତାହାର କିଛି ସ୍ଥିରତା ନାହିଁ । ସମ୍ପ୍ରତି ସେ କେବଳ ଦଶମାସ ସକାଶେ ଚଟ୍ଟଗ୍ରାମକୁ ଯାଉଅଛନ୍ତି ସତ୍ୟ ମାତ୍ର କଥିତ ହୁଅଇ ଯେ ଆଉ ତାହାଙ୍କୁ ଶୀଘ୍ର ଓଡ଼ିଶାକୁ ଫେରି ଆସିବାକୁ ହେବ ନାହିଁ । ଏଥିମଧ୍ୟରେ ଏମନ୍ତ ଜନରବ ଶୁଣାଯାଉଅଛି ଯେ ଡାମ୍ପୀୟର ସାହେବ ଅଧିକଦିନ କର୍ମ କରିବେନାହିଁ ଓ ସ୍ଵବନସାସାହେବ କଲିକତାକୁ ଯିବେ । ତାହା ହେଲେ ଆଉ ଜଣେ ନୂତନ କମିଶ୍ନର ଏ ପ୍ରଦେଶକୁ ଆସିବେ । କ୍ରମେ ସବୁ ହାକମ ନୂଆ ହେବାର କଥା ହେଉଅଛି । ତାହା ହେଲେ ଅନେକ ଦିନରେ ଓଡ଼ିଶାରେ ଗୋଟିଏ ଭାରି ପରିବର୍ତ୍ତନ ହେବ ଆମ୍ଭମାନଙ୍କର ଏହି ଭୟ ହେଉଅଛି କି ପଛେ ଡେପୁଟୀକଲେକ୍ଟର ବାବୁ ଜଗନ୍ମୋହନଦାସ ଏଠାରୁ ବଦଳ ହୋଇଯିବେ ।

---

ଏ ସପ୍ତାହ ଆରମ୍ଭ ସଙ୍ଗେ ଗ୍ରୀଷ୍ମକାଳ ଉପସ୍ଥିତ ହେବାର ଜଣାଯାଏ । ଶୀତ ଏକାବେଳକେ ଛାଡ଼ିଗଲା ଏମନ୍ତ କି ରାତ୍ରରେ ସୁଦ୍ଧା ଲୁଗା ଘୋଡ଼ି ହୋଇ ଶୋଇବାର ପ୍ରୟୋଜନ ହେଲା ନାହିଁ ଓ ପଙ୍ଖାର ଆଶ୍ରୟ ନେବାକୁ ହେଲା । ଦିନବେଳେ ଖରା ଯେମନ୍ତ ଟାଣ ହେଲା ତେମନ୍ତ ତତଲା ବତାସ ମଧ୍ୟ ବହିବାର ପ୍ରତ୍ୟକ୍ଷ ହେଲା । ଏକା ଏହିଠାରେ ଏପରି ହୋଇ ନାହିଁ କଲିକତା ଓ ଅନ୍ୟାନ୍ୟ ସ୍ଥାନରେ ଏହିପରି ଋତୁ ଅନୁଭବ ହୋଇଅଛି କି ଆଶ୍ଚର୍ଯ୍ୟ ଏବର୍ଷ ଋତୁସବୁ ଏମନ୍ତ ବଳହୀନ କାହିଁକି ହେଲା । ଗତମାସର ଶୀତ ଗତଦିନରେ ଭୋଗ ହୋଇଗଲା ଓ ଶୀତକାଳରେ ବସନ୍ତ ଭୋଗ ହୋଇ ବସନ୍ତପଞ୍ଚମୀଦିନ ଏମନ୍ତ ଗ୍ରୀଷ୍ମ ହେଲା ଯେ ରାତ୍ରରେ ସୁଦ୍ଧା ଦେହରୁ ଝାଳ ବହିଲା । ଋତୁର ଏପ୍ରକାର ଗତି ଦେଖି ଭୟ ହେଉଅଛି ଯେ ରୋଗର ପ୍ରାଦୁର୍ଭାବ କିଛି ଅଧିକ ହେବ ।

---

ଭାରତବର୍ଷକୁ ଏବର୍ଷ ସୁଦ୍ଧା ଦୁର୍ଭିକ୍ଷ ଛାଡ଼ିବ ନାହିଁ କି ? ମାନ୍ଦ୍ରାଜର ଦୁର୍ଭିକ୍ଷ ଏହିମାସରେ ଶେଷ ହେବବୋଲି ସମସ୍ତେ ଆଶା କରୁଥିଲେ କିନ୍ତୁ ସମ୍ପ୍ରତି ମାନ୍ଦ୍ରାଜ ଓ ମହୀସୂରରୁ ଯେ ସମସ୍ତ ସମ୍ବାଦ ଆସିଅଛି ତାହା ଅତ୍ୟନ୍ତ ଦୁଃଖଜନକ ଅଟଇ । କେଉଁଠାରେ ଅତିବୃଷ୍ଟି ଓ କେଉଁଠାରେ ପୋକହାରା ବସ୍ତ୍ରର ପରିମାଣରେ କ୍ଷେତ ନଷ୍ଟ ହୋଇଅଛି ଓ ଚାଉଳର ଭାଉ ପୁଣି ବୃଦ୍ଧି ହେବାର ଆରମ୍ଭ ହେଲାଣି । ବଲାରୀରୁ ଆସିଥିବା ଚଳିତମାସ ତା ୧୦ ରଖର ସମ୍ବାଦରୁ ଜଣାଯାଏ ଯେ ସେଠାରେ ଭାରି ଦୁର୍ଭିକ୍ଷ ପଡ଼ିବାରୁ ଲୋକେ ପ୍ରାଣ ବଞ୍ଚାଇବାକାରଣ ବଡ଼ ବଡ଼ ନଗରମାନଙ୍କୁ ପଳାଉଅଛନ୍ତି । କେତେସ୍ଥଳରେ ବୃଷ୍ଟି ଅଭାବରୁ କ୍ଷେତ ପାଚିପାରୁନାହିଁ ଓ କେତେସ୍ଥଳରେ ବହୁକାଳରୁ ଆଦୌ ବୃଷ୍ଟି ହୋଇ ନାହିଁ । ଅନାହାରରେ ଲୋକ ମରିବାର ପୁଣି ଆରମ୍ଭ ହେଲାଣି ଗବର୍ଣ୍ଣମେଣ୍ଟଙ୍କ ସାହାଯ୍ୟକର୍ମ ଶୀଘ୍ର ସ୍ଥଗିତ ହେବା ଏଥିର କାରଣ ଅଟଇ ଓ ଏହିହେତୁରୁ ପୁନର୍ବାର ସାହାଯ୍ୟକର୍ମ ଫିଟିବାର ବନ୍ଦୋବସ୍ତ ହେଉଅଛି । ଏହା ଛଡ଼ା ଅଯୋଧ୍ୟା ଉତ୍ତରପଶ୍ଚିମ ଓ କାଶ୍ମୀରରେ ଦୁର୍ଭିକ୍ଷ ପଡ଼ିବାର ସମସ୍ତ ଲକ୍ଷଣ ଦେଖାଯାଏ । କାଶ୍ମୀରରେ ଘାସ ଅଭାବରେ ଗୋରୁ ମରି ଯାଉଅଛନ୍ତି ଓ ଗହମର ମୂଲ୍ୟ ଅତ୍ୟନ୍ତ ବୃଦ୍ଧି ହୋଇଅଛି । ଓଡ଼ିଶାରେ ହାରାହାରି ଫସଲର ପରିମାଣ ଏବର୍ଷ ଊଣା ହୋଇ ନ ଥିଲେସୁଦ୍ଧା ସମସ୍ତ ଖାଦ୍ୟଦ୍ରବ୍ୟ ଦୁର୍ମୂଲ୍ୟ ହୋଇଅଛି ଓ ରପ୍ତାନୀକାର୍ଯ୍ୟ ପୂର୍ବପ୍ରାୟ ଲାଗି ରହିଅଛି । ଏପରି ପୂର୍ବଅଞ୍ଚଳର କେତେ ସ୍ଥାନରେ ଦୁର୍ଭିକ୍ଷ ପଡ଼ିଅଛି । ଏ ସବୁ ଅବସ୍ଥା ଦେଖି ଆମ୍ଭେମାନେ ବ୍ୟାକୁଳ ହେଉଅଛୁଁ ଓ ଏବର୍ଷ ଯେ ଭାରତବର୍ଷକୁ ଦୁର୍ଭିକ୍ଷ ଛାଡ଼ିବ ନାହିଁ ଏପ୍ରକାର ନିଶ୍ଚୟ ଜଣାଯାଉଅଛି ।

---

ମାନ୍ୟବର ଲେଫ୍‌ଟେନାଣ୍ଟଗବର୍ଣ୍ଣର ଇଡନ୍‌ସାହେବ କଟକ ଓ ପୁରୀ ସନ୍ଦର୍ଶନ ନିମିତ୍ତ ଏହି ମାସ ଶେଷରେ ଆସିବେ ବୋଲି ସ୍ଥିର ହୋଇଅଛି । ଏହିମାସ ୨୫ କି ୨୬ ତାରିଖରେ ସେ କଲିକତାରୁ ଯାତ୍ରାକରି ସମୁଦ୍ରବାଟରେ ପ୍ରଥମେ ପୁରୀ ଓ ତହିଁଉତାରୁ ବଣାଘର ବାଟେ କଟକକୁ ଆସିବାର ଶୁଣାଯାଏ । ମାର୍ଚ୍ଚମାସ ତା ୧ ରଖରେ ଏଠାରେ ପହଞ୍ଚି ପାରନ୍ତି । ଏ ନଗରକୁ ଶୁଭାଗମନ କଲେ ତାହାଙ୍କର କିପ୍ରକାର ଅଭ୍ୟର୍ଥନା

Digitized by srujanika@gmail.com

Split by PDF Splitter



ହେବ ତହିଁର ବିଗ୍ରର ନିମିତ୍ତ ଗତରବିବାର ଅପରାହ୍ଣ କାଳରେ ଛାପାଖାନା ଘରେ ଗୋଟିଏ ସଭା ହୋଇ ଥିଲା । ସଭାରେ ନଗରବାସି ଅନେକ ଭଦ୍ରଲୋକ ଉପସ୍ଥିତ ଥିଲେ । ସଭାରେ ଧାର୍ଯ୍ୟ ହେଲା ଯେ ଅଭ୍ୟର୍ଥନାର ବ୍ୟୟ ନିର୍ବାହ ନିମିତ୍ତ ଚାନ୍ଦା ସଂଗୃହୀତ ହେବ ଓ ସହରରେ ରୋଶନାଇ ଆତସବାଜି ଏବଂ ମଜଲିସ ଅଭ୍ୟର୍ଥନାର ଅଙ୍ଗମାନ ହେବ । ଏସମସ୍ତ କର୍ମର ବନ୍ଦୋବସ୍ତ କରିବାକୁ ଗୋଟିଏ କମିଟି ନିଯୁକ୍ତ ହୋଇ ଅଛି ଉକ୍ତ କମିଟୀର ସଭାପତି ବାବୁ ଲକ୍ଷ୍ମୀନାରାୟଣରାୟ ଚୌଧୁରୀ, ସହକାରି ସଭାପତି ଏବଂ କୋଷାଧ୍ୟକ୍ଷ ବାବୁ ଜଗନ୍ମୋହନରାୟ, ସଭ୍ୟଗଣ ବାବୁ ହରବଲ୍ଲଭ ବୋଷ ପ୍ରଭୃତି କେତେଜଣ ଏବଂ ସମ୍ପାଦକ ବାବୁ ଅଘୋରନାଥ ଚଟୁର୍ଯ୍ୟା ଓ ବାବୁ ଦ୍ୱାରକାନାଥ ଚକ୍ରବର୍ତ୍ତୀ ଅଟନ୍ତି । ଏହି କମିଟୀଦ୍ୱାରା ଚାନ୍ଦା ସ୍ୱାକ୍ଷରିତ ଓ ଆଦାୟ ହେବ । ମଜଲିସର ବନ୍ଦୋବସ୍ତ ଯେପରି ଏଥି ପୂର୍ବେ ବାବୁ ଜଗନ୍ମୋହନରାୟଙ୍କ ଘରଠାରେ ହୋଇ ଥିଲା ସେହିପରି ହେବ ଅଥବା ମଧ୍ୟରେ ଏ ନଗରରେ ସମ୍ପ୍ରତି ପ୍ରସୂତ ହୋଇଥିବା ଥିଏଟର ଦଳ ନାଟକର ଅଭିନୟ ଦେଖାଇବେ । କେଉଁ ଦିନ କି କାର୍ଯ୍ୟ ହେବ ତାହା ଏପକ୍ଷେ ପ୍ରକାଶିତ ହେବ । ସଭା ଦିନ ପ୍ରାୟ ୫୩୦୦ ଟଙ୍କା ଚାନ୍ଦା ହୋଇ ଥିଲା ମାତ୍ର ଭରସା ହୁଅଇ ଏଥି ପୂର୍ବ ମାନ୍ୟବର ସରରିଚାର୍ଡଟେମ୍ପଲଙ୍କ ଶୁଭାଗମନ ସମୟରେ ଏଠାଲୋକେ ଉତ୍ସାହିତ ହୋଇ ଯେପ୍ରକାର ଧୂମଧାମରେ ଅଭ୍ୟର୍ଥନା କରିଥିଲେ ସେହି ପ୍ରକାର ବର୍ତ୍ତମାନ ମଧ୍ୟ କରିବେ ଓ ତହିଁର ବ୍ୟୟ ନିକାଶେ ଆଗ୍ରହପୂର୍ବକ ଚାନ୍ଦା ଦେବେ । ଅତିକାଲ ଯେମନ୍ତ ମହାର୍ଘକାଳ ଉପସ୍ଥିତ ହୋଇ ଅଛି ଓ ଏକପକ୍ଷେ ଅନ୍ୟଚାନ୍ଦା ଯେପରି ଲାଗି ରହିଅଛି ତହିଁରେ ଚାନ୍ଦାମାଗିବାକୁ ମୁହଁ ନାହିଁ । କିନ୍ତୁ ଯେମନ୍ତ ସୂର୍ଯ୍ୟଲୋକ ଏହି କଠିନ କାଳରେ ପୂଜା ପର୍ବ ଓ ନିମନ୍ତ୍ରଣ ଯଥାସମ୍ଭବ ରକ୍ଷା କରୁଅଛନ୍ତି ଏବଂ ପ୍ରାଣଅପେକ୍ଷା ମାନମର୍ଯ୍ୟାଦାକୁ ଅଧିକ ମଣି ପେଟକାଟି ପୂଜା ପାର୍ବଣର ସମ୍ମାନ ରକ୍ଷାକରୁ ଅଛନ୍ତି । ସେହିପରି ଏକାର୍ଯ୍ୟଟି ଅଟଇ । ଆମ୍ଭେମାନେ ଭବିଷ୍ୟତ ପ୍ରତି ଦୃଷ୍ଟି ନ କରି ହେଉ ଅଥବା ମନର ଭାବକୁ ମନରେମାରି ନ ପାରି ହେଉ ଲେଫ୍ଟନାଣ୍ଟଗବର୍ଣ୍ଣରଠାରୁ ସବଡିବିଜନ ହାକମ ପର୍ଯ୍ୟନ୍ତ କର୍ମଚାରୀଙ୍କୁ ପୂଜା ଗ୍ରେଷନାଇ ଇତ୍ୟାଦିଦ୍ୱାରା ଅଭ୍ୟର୍ଥନା କରୁଅଛୁଁ । ଅତ ଲେଫ୍ଟନାଣ୍ଟଗବର୍ଣ୍ଣର ଆମ୍ଭ ଦ୍ୱାରକୁ ଆସିବେ ତାହାଙ୍କର କିଛି ଗୌରବ ହେବ ନାହିଁ ଏହା କେଉଁ ବିବେଚକ ବୋଲିବ । ଅଭ୍ୟର୍ଥନା କରିବା ଆମ୍ଭମାନଙ୍କର ମାନଦାନ କଥା ହେଲଣି ତାହା ଅବଶ୍ୟ କରିବାକୁ ହେବ ଓ ଯେସ୍ଥଳେ ଏହା ଜଣକର କାର୍ଯ୍ୟ ନ ଥାଇ ସାଧାରଣ କର୍ଯ୍ୟ ହୋଇ ଅଛି ସେସ୍ଥଳେ କିଛି ନ କରିବା ଲଜ୍ଜା ହେବ । ଅତଏବ ସମସ୍ତେ ଆପଣା କ୍ଷମତାନୁସାରେ ଚାନ୍ଦା ଦେଲେ ନିର୍ବିଘ୍ନରେ ଏ କାର୍ଯ୍ୟଟି ସମାଧା ହେବ । କାହାର ଉପରେ ଅଧିକ ବ୍ୟୟଭାର ପଡିବ ନାହିଁ । ଆମ୍ଭେମାନେ ଆଶାକରୁଁ କି ରାଜା ଜମିଦାର ଓ ଅପର ଧନାଢ୍ୟଲୋକମାନେ ପୂର୍ବପ୍ରାପ୍ତ ଚାନ୍ଦା ଦେବାକୁ ସତ୍ୱର ଅଗ୍ରସର ହେବେ ଓ ତଦ୍ଦ୍ୱାରା ଆପଣାମାନଙ୍କର ଏବଂ ସ୍ୱଦେଶର ଗୌରବ ରକ୍ଷା କରିବେ ।

---

## ଭାରତେଶ୍ୱରୀ ଅଟ୍ଟାଳିକା ।

ଶ୍ରୀମତୀ ଭାରତେଶ୍ୱରୀ ପଦଗ୍ରହଣ ସ୍ମରଣାର୍ଥେ ଏ ନଗରରେ ଯେଉଁ ଅଟ୍ଟାଳିକା ନିର୍ମାଣ ହେବାର ପ୍ରସ୍ତାବ ଗତବର୍ଷ ହୋଇଥିଲା ତହିଁରେ ଯେଉଁମାନେ ଚାନ୍ଦା ଦେବାକୁ ସ୍ୱୀକୃତ ହୋଇ ଅଛନ୍ତି ସେମାନଙ୍କର ନାମ ଓ ଚାନ୍ଦାର ଓ୍ୱାସଲବାକି ଅତଏବ ପତ୍ରିକାରେ ପ୍ରକାଶିତ ହେଲା । ମୋଟରେ ଟ ୧୪୫୧୩୯ ଙ୍କା ଚାନ୍ଦା ସ୍ୱାକ୍ଷରିତ ଓ ତହିଁ ମଧ୍ୟରେ କେବଳ ଟ ୪୬୮୬୬।୬ ଆଦାୟ ହୋଇ ଟ ୯୮୬୭୬।୬ ବାକି ଅଛି । ଚାନ୍ଦା ଏତେ ବାକି ରହିବାର ଉଚିତ ନ ଥିଲା କିନ୍ତୁ ଉତ୍କଳର ଉଦ୍ୟମ ମଧ୍ୟ ଭଲ ହୋଇ ନାହିଁ ଏଣେ ଅର୍ଥାଭାବରେ କାର୍ଯ୍ୟାରମ୍ଭ ହୋଇ ପାରୁ ନାହିଁ । କେବଳ ନକ୍ସା ଓ ଇଷ୍ଟିମେଟ ହୋଇ ରହିଅଛି । ଏଣିକି କଲ ହାକିମମାନେ ବହୁତ ଅଧିକ ତତ୍ପର ହୋଇ ଅଛନ୍ତି ଓ ସ୍ୱୟଂ କମିସ୍ନର ସାହେବ ଚାନ୍ଦାଦାତାଙ୍କ ନିକଟରେ ଶୀଘ୍ର ଚାନ୍ଦା ଦେବାକାରଣ ଅନୁରୋଧ କରି ଅଛନ୍ତି । ମାତ୍ର ଆମ୍ଭେମାନେ ବିବେଚନା କରୁଁ ଓ ପୂର୍ବପ୍ରାପ୍ତ ବର୍ତ୍ତମାନପ୍ରଥା ପ୍ରାର୍ଥନା କରୁଅଛୁଁ କି ଏବେ ଚାନ୍ଦାଦାତାଙ୍କର ସଭା ହୋଇ ଗୋଟିଏ କାର୍ଯ୍ୟନିର୍ବାହକ କମିଟୀ ନିଯୁକ୍ତ ହେଉ, ଯେଉଁ କମିଟୀ ଯେମନ୍ତ ଚାନ୍ଦା ଆଦାୟ କରିବେ ତେମନ୍ତ ଅଧିକ ଚାନ୍ଦା ସଂଗ୍ରହ କରିବାର ଚେଷ୍ଟା କରିବେ ଏବଂ କାର୍ଯ୍ୟ ଆରମ୍ଭ ଓ ସମାପ୍ତ କରିବେ । ଯେତେଟଙ୍କା ଚାନ୍ଦା ସ୍ୱାକ୍ଷରିତ ହୋଇ ଅଛି ତାହା ପ୍ରସ୍ତାବିତ ଘର ନିକାଶେ ପ୍ରଚୁର ନୁହେ ମାତ୍ର ଘରର କାର୍ଯ୍ୟାରମ୍ଭ ହେଲେ ଅନ୍ତର ଚାନ୍ଦା ପ୍ରାପ୍ତ ହେବ ଏଥିରେ ସନ୍ଦେହ ନାହିଁ ବିଶେଷରେ ମହାରାଜା ଓ ରାଜାମାନେ ଅନେକ ଅଲ୍ପଟଙ୍କା ସ୍ୱାକ୍ଷର କରି ଅଛନ୍ତି ଏବଂ ଆଉ କେତେକ ଜମିଦାର ଓ ଅନ୍ୟାନ୍ୟ ଦେବାଭଲ ଲୋକମାନେ ରହିଯାଇ ଅଛନ୍ତି । ଏ ସମସ୍ତଙ୍କଠାରୁ ଉପଯୁକ୍ତରୂପ ଚାନ୍ଦା ପ୍ରାପ୍ତି ହେବାର କିଛି ସନ୍ଦେହ ନାହିଁ । କେବଳ କାର୍ଯ୍ୟାରମ୍ଭ କରିବାର ବନ୍ଦୋବସ୍ତ ହେବାର ଆବଶ୍ୟକ ।

ପରଶେଷରେ ଆମ୍ଭେମାନେ ଚାନ୍ଦାଦାତାଙ୍କୁ ଅନୁରୋଧ କରୁଅଛୁଁ କି ସେମାନେ ଆପଣା ଚାନ୍ଦା ଓ ବାକିର ପରିମାଣ ଏଥିସଙ୍ଗେ ପ୍ରକାଶିତଥିବା ତାଲିକାରୁ ଦେଖି ବାକିଦାରଙ୍କ ମଧ୍ୟରୁ ଶୀଘ୍ର ଅନ୍ତର ହେଉନ୍ତୁ ଆମ୍ଭେମାନେ ପ୍ରତିମାସରେ ଏହିପରି ଓ୍ୱାସଲ ବାକି ପ୍ରକାଶ କରିବାର ମାନସ ରଖୁଁ ।

---

## ଇଉରୋପୀୟ ଯୁଦ୍ଧ ।

ଗତ ସପ୍ତାହରେ ଏଯୁଦ୍ଧ ଶେଷ ହେବାର ଲକ୍ଷଣ ଦେଖି ଆମ୍ଭେମାନେ ଆନନ୍ଦିତ ହୋଇଥିଲୁଁ କିନ୍ତୁ ଏଥି ମଧ୍ୟରେ ଯେ ସମସ୍ତ ଭୟଙ୍କର ସମ୍ବାଦ ଆସିଅଛି ତହିଁରୁ ଅନୁମାନ ହୁଅଇ ଯୁଦ୍ଧ ଶୀଘ୍ର ଶେଷ ହେବାର ନୁହେ ବରଂ ଇଂଲଣ୍ଡ ସହିତ ଯୁଦ୍ଧ ହେବାର ସମ୍ଭବନା । ଗତ ମାସ ତା ୨ ଋଖରେ ଇଂଲଣ୍ଡରେ ସମ୍ବାଦ ପହୁଞ୍ଚିଲା ଯେ ରୁଷୀୟମାନେ କନଷ୍ଟାଣ୍ଟିନୋପଲ ମଧ୍ୟରେ ପ୍ରବିଷ୍ଟ ହୋଇ ଅଛନ୍ତି ଓ ତୁରସ୍କ ପକ୍ଷରୁ କୌଣସି ପ୍ରକାର ବାଧାଦିଆ ଯାଇନାହିଁ । ଉକ୍ତ ଅପ୍ରିୟ ସମ୍ବାଦ ମିଥ୍ୟା ବୋଲି କଥିତ ହେଲା । କିନ୍ତୁ କନଷ୍ଟାଣ୍ଟିନୋପଲରେ ରୁଷୀୟ ସେନା ପ୍ରବେଶ ହେବାର କଥା ଶୁଣି ଇଂଲଣ୍ଡରେ ବଡ ଗହଳ ପଡିଗଲା । ସରଷ୍ଟାଫୋର୍ଡ ନର୍ଥକୋଟ ଋଣ ସହାୟତାରେ ଯେଉଁ ଛଅକୋଟି ଟଙ୍କା ପାର୍ଲିମେଣ୍ଟରେ ପ୍ରାର୍ଥନା କରିଥିଲେ ତାହା ମଞ୍ଜୁର କରାଇବା ନିକାଶେ ପୁନର୍ବାର ନିବେଦନ କଲେ । କେତେକ ସଭ୍ୟ ଏଥିର ସପକ୍ଷ ଓ କେତେକ ସଭ୍ୟ ବିପକ୍ଷ ହେଲେ । ସାମାନ୍ୟ ଲୋକମାନେ ଦଳବଦ୍ଧ ହୋଇ ଗ୍ଲାଡଷ୍ଟୋନ ସାହେବଙ୍କ ଘରକୁ ଢେଲାମାରି ଝରକାମାନ ଭାଙ୍ଗି ପକାଇଲେ ଓ ଡେଲିନ୍ୟୁସ ସମ୍ବାଦପତ୍ରର ଅଫିସର ଏହିପରି ଦୁର୍ଦଶା ହେଲା । ଏମନ୍ତ ବିବେଚିତ ଜଣାଗଲା କି ଯେମନ୍ତ ସତ୍ୱର କନଷ୍ଟାଣ୍ଟିନୋପଲକୁ ରକ୍ଷା କରିବା ନିକାଶେ ଇଂରାଜମାନେ ଯୁଦ୍ଧ

Digitized by srujanika@gmail.com

Split by PDF Splitter



କରିବେ ଓ ରଣତରିମାନ ସେଠାକୁ ପ୍ରେରିତ ହେବାର ଆଜ୍ଞା ହେଲା । ତହିଁ ଅନନ୍ତର ସ୍ଥଲରେ ସୈନିକ ବ୍ୟୟ ନିମିତ୍ତ ପ୍ରାର୍ଥନା ହୋଇଥିବା ଛଅକୋଟି ଟଙ୍କା ମଞ୍ଜୁର ହେଲା କିନ୍ତୁ ରୁଷିୟା ଉକ୍ତ ନଗରରେ ପ୍ରବେଶ କରିବାର ସଂବାଦ ମିଥ୍ୟା ଥିବାର ଜଣା ପଡିବାରୁ ଅତିରିକ୍ତ ବିଶେଷ ଘଟନା ହୋଇ ନାହିଁ । ତା ୧୦ ରିଖ ସଂବାଦରୁ ଜଣାଯାଏ ଯେ କନଷ୍ଟାଣ୍ଟିନୋପଲଠାରେ ଇଂରେଜଙ୍କ ରଣତରି ପ୍ରସ୍ତୁତ ରହିବା ବିଷୟରେ ରୁଷିୟାର ଆପତ୍ତି ନାହିଁ । ଏହାଦ୍ୱାରା ଶାନ୍ତିରକ୍ଷା ହେବ ଓ ଇଂଲଣ୍ଡ ପଶ୍ଚାତକୁ କି କରିବେ ତହିଁ ଉପରେ ରୁଷିୟାର କାର୍ଯ୍ୟ ନିର୍ଭର କରଇ । ଆମ୍ଭେମାନେ ଭରସା କରୁଁ ଯେ ପ୍ରସ୍ତାବିତ ଗୃହପ୍ରତିନିଧିଙ୍କ ବୈଠକ ଓ କଂଗ୍ରେସଦ୍ୱାରା ଯୁଦ୍ଧର ଆଶଙ୍କା ଦୂର ହୋଇ ମନ୍ତ୍ରିଙ୍କର ମନୋନୀତ ଅନୁସାରେ ସନ୍ଧି ସ୍ଥାପନ ହେବ ମାତ୍ର ଯଦ୍ୟପି ଦୈବ ଦୁର୍ଘଟନାଦ୍ୱାରା ତାହା ନ ହୋଇ ଇଂଲଣ୍ଡ ଓ ରୁଷିୟାର ଯୁଦ୍ଧ ଲଗିଯାଏ ତେବେ ଅତ୍ୟନ୍ତ ଭୟାନକ ବ୍ୟାପାର ହେବ । ଏତେ ରକ୍ତପାତ ହେବାରୁ ଆଉ ଯୁଦ୍ଧକଥା ଭଲ ଲାଗୁ ନାହିଁ ଏଥିରେ କ୍ଷତିଭିନ୍ନ ଲାଭ କିଛି ନାହିଁ । ଇଂଲଣ୍ଡର ଅଧିକାଂଶ ଲୋକ ଯୁଦ୍ଧର ବିରୋଧୀ ଅଟନ୍ତି ଆମ୍ଭେମାନେ ଆଶା କରୁଁ ଯେ ଏହି ସମ୍ପ୍ରଦାୟର ବଳ ଅଧିକ ହେବ ।

## ସାପ୍ତାହିକସଂବାଦ ।

ଆମ୍ଭେମାନେ ଅତ୍ୟନ୍ତ ଆନନ୍ଦ ସହିତ କଲିକତା ଗଜେଟରେ ପାଠକଲୁଁ ଯେ ବାବୁ ଜଗନ୍ମୋହନ ରାୟ ଡେପୁଟୀ କଲେକ୍ଟର ତୃତୀୟଶ୍ରେଣୀକୁ ଉନ୍ନତ ପାଇ ଅଛନ୍ତି । ଏଥିର ବେତନ ମାସକୁ ଟ ୨୦୦ ଙ୍କା ଅଟେ ।

ବାବୁ ପ୍ୟାରୀମୋହନ ସେନ ବାଲେଶ୍ୱର ଜିଲ୍ଲାର ସ୍କୁଲ ସମୂହର ଡେପୁଟୀଇନସ୍ପେକ୍ଟର ନିଯୁକ୍ତ ହୋଇ ଅଛନ୍ତି । ମାତ୍ର ସେ ଅନ୍ୟ କର୍ମରେ ଥିବାରୁ ବାବୁ ଚତୁର୍ଭୁଜ ପଟ୍ଟନାୟକ ସେ କର୍ମରେ ଏକଟିଂ ନିଯୁକ୍ତ ହୋଇ ଅଛନ୍ତି । ଚତୁର୍ଭୁଜବାବୁ ବାଲେଶ୍ୱରକୁ ଚାର୍ଯ ନେବାପାଇଁ ଦ ୪ । ୫ ନ ହେଲା ଗଲେଣି । ରେବନ୍‌ସାହେବଙ୍କଦ୍ୱାରା ଏତିକ ହେଲେ ଓଡିଶାର ଏକଜଣ ପ୍ରଥମ ବି, ଏ, ଉପାଧି ପ୍ରାପ୍ତ ବ୍ୟକ୍ତିର ଖାତିର ହେଲା ଅପର ଜଣକ ନାମରେତ ବଙ୍ଗାଳୀର ଗନ୍ଧ ଅଛି ତାହାକୁ କିଏ ପଚାରେ ?

କଲିକତାର ବିଖ୍ୟାତ ବ୍ରାହ୍ମ ବାବୁ କେଶବଚନ୍ଦ୍ରସେନ ବଡ଼ ହାତ ମାର ଅଛନ୍ତି । ତାହାଙ୍କର ଜ୍ୟେଷ୍ଠାକନ୍ୟାକୁ କ୍ଷତ୍ରିୟବଂଶୀୟ କୁଚବିହାରର ରାଜାଙ୍କ ସହିତ ବିବାହ ଦେଉ ଅଛନ୍ତି । ଏହି ଫାଲ୍‌ଗୁନମାସରେ ବିବାହ ହେବ । ବ୍ରାହ୍ମ ମତରେ ଏ ବିବାହ କାର୍ଯ୍ୟ ନିର୍ବାହ ହେବ ଏବଂ ଭିନ୍ନଜାତିରେ ବିବାହ କରିବାକୁ ରାଜା ସ୍ୱୀକୃତ ହୋଇ ଅଛନ୍ତି ବଡ଼ ଆଶ୍ଚର୍ଯ୍ୟର କଥା ଅଟଇ । ଆମ୍ଭେମାନେ ସୁଲଭସମାଚାରରୁ ଅବଗତ ହେଲୁଁ ଯେ କନ୍ୟାଟୀ ଯେମନ୍ତ ସୁନ୍ଦରୀ ତେମନ୍ତ ସୁଶିକ୍ଷିତା ଏବଂ ରାଜା ମଧ୍ୟ ସେହିପ୍ରକାର ସୁଶିକ୍ଷିତ ହୋଇ ଅଛନ୍ତି । ନୋହିଲେ କି ସେ ଏପ୍ରକାର ବିବାହ କରିବାକୁ ସାହସ କରନ୍ତେ । ଯାହା ହେଉ ସେନବଂଶୀୟ ଲୋକ ଏକକାଳରେ ବଙ୍ଗଦେଶରେ ରାଜା ହୋଇ ଥିଲେ ବୋଧ ହୁଅଇ ଏହି କଥାକୁ ମନେକରି କୁଚବିହାରର ରାଜା ଏ ବିବାହରେ ସମ୍ମତ ହୋଇ ଅଛନ୍ତି ।

ଆଗାମି ତା ୨୦ ରିଖ ମଧ୍ୟରେ ଶ୍ରୀଯୁକ୍ତ କମିଶନର ସାହେବ ମୋଫସଲରୁ ଫେରି ଆସିବାର କଥା ଅଛି ।

ତୁରସ୍କ ରୁଷିୟାର ହସ୍ତଗତ ହେଲେ ଇଂରେଜମାନଙ୍କର କେତେ ଅସୁବିଧା ହେବ ତହିଁର ଗୋଟିଏ ଉଦାହରଣ ଏହିକି ଯେସମସ୍ତ ସଚିତ୍ର ଇଂରେଜି ସଂବାଦପତ୍ର ବାହାରୁ ଅଛି ସେ ସମସ୍ତ ଭବିଷ୍ୟତରେ ଚାଲିବାର କଠିନ ହେବ । କାରଣ କି ଚିତ୍ରସବୁ ପ୍ରଥମେ କାଠରେ ଖୋଲା ହୁଅଇ । ବକ୍ସଉଡ ନାମକ କାଠବିଶେଷ ଭିନ୍ନ କୌଣସି କାଠରେ ଛବି ଖୋଲା ଯାଇ ନ ପାରେ । ଉକ୍ତ କାଠ ଆରମିନିୟାରୁ ଆସଇ ରୁଷୀୟାଙ୍କ ହସ୍ତରେ ସେ ସବୁଦେଶ ପଡିଲେ କାଠ ଆମଦାନୀ ହେବାର ଅସମ୍ଭବ ହେବ ।

ଏଥି ମଧ୍ୟରେ ଟେଲିଫୋନ ଯନ୍ତ୍ର ଇଂଲଣ୍ଡରେ କାର୍ଯ୍ୟରେ ଲଗିବାର ଆରମ୍ଭ ହେଲା । ଟାଇମସ୍ ସଂବାଦପତ୍ରର ଅଧିକାରମାନେ ପାର୍ଲିମେଣ୍ଟ ସଭାରୁ ଆପଣା କାର୍ଯ୍ୟାଳୟ ପର୍ଯ୍ୟନ୍ତ ଗୋଟିଏ ଯନ୍ତ୍ର ବସାଇବା କାରଣ ଅନୁମତି ପ୍ରାର୍ଥନା କରିଅଛନ୍ତି । ଘରେ ବସି ସଭାର ବକ୍ତୃତାମାନ ଶୁଣିବେ ।

ସମ୍ପ୍ରତି ମଧ୍ୟପ୍ରଦେଶର ସରକାରୀ କଚେରୀମାନ ଡିସେମ୍ବରମାସରେ ଏକମାସ ବନ୍ଦ ହୁଅଇ । ଡେଲିନିଉସ ଶୁଣିଅଛନ୍ତି କି ଏହି ଏକମାସ ଛୁଟୀ ଗ୍ରୀଷ୍ମକାଳରେ ଦେବାର ପ୍ରସ୍ତାବ ହେଉଅଛି । ପ୍ରତିବର୍ଷ ମଇମାସରେ ଏ ଛୁଟୀ ଆରମ୍ଭ ହେବ । ଏ ପ୍ରଦେଶରେ ଶୀତକାଳ ପରିଶ୍ରମ କରିବାର ପ୍ରକୃତ ସମୟ ଅଟଇ ଏ ସମୟରେ ଅବକାଶ ଦେବା ଯୁକ୍ତିଯୁକ୍ତ ନୁହେ ।

ଚଳିତମାସ ତା୨ରିଖ ପର୍ଯ୍ୟନ୍ତ କଲିକତାରେ ଗୃହୀତ ହେଉଥିବା ଦୁର୍ଭିକ୍ଷ ଚାନ୍ଦାର ପରିମାଣ ଟ ୧୨୮୮୭୫ ଙ୍କା ହୋଇଥିଲା । ଦେଢ଼ଲକ୍ଷ ଟଙ୍କା ସୁଦ୍ଧା ହେବାର ଆଶା ଦେଖାଯାଉ ନାହିଁ ।

ଲାଇସେନ୍‌ସ ଟାକ୍‌ସ ବିରୁଦ୍ଧରେ ବମ୍ବେଇରେ ଏକ ବୃହତ ସଭା ହେବାର ଥିଲା । ସେଠା ଲୋକଙ୍କ ମନରେ ଏହିକଥା ଦୃଢ଼ରୂପେ ସ୍ଥାନ ପାଇଅଛି କି ସରକାରୀକର୍ମଚାରୀ ଏବଂ ଅନ୍ୟ ପ୍ରକାର ବ୍ୟବସାୟିଙ୍କୁ ଛାଡ଼ ଦେବା ଅତ୍ୟନ୍ତ ମନ୍ଦ ଅଟଇ ଓ ପଶ୍ଚାତକୁ ଏହା ଏକ ଭୟଙ୍କର ନଜିର ହେବ ।

ଭରତପୁର ଅଞ୍ଚଳରେ ଓଲାଉଠା ରୋଗର ଏକ ଅଭିନବ ଚିକିତ୍ସା ବାହାର ଅଛି । ରୋଗର ପ୍ରଥମ ଅବସ୍ଥାରେ ତପ୍ତଲୁହାଦ୍ୱାରା ପେଟରେ ଦାଗଦେଲେ ରୋଗ ମୁକ୍ତ ହୋଇଯାଏ । ଚିକିତ୍ସାଟି ଯେମନ୍ତ ସୁଲଭ ତେମନ୍ତ ସହଜ ନୁହଇ ।

ସମ୍ପ୍ରତି ଗବର୍ଣ୍ଣମେଣ୍ଟ ନିୟମ କରି ଅଛନ୍ତି କି ଇରଭେଣ୍ଡ୍ୱରୀଙ୍କ ନିମିତ୍ତ ଯେଉଁ ୧୦୧ ତୋପର ସଲାମି ନିର୍ଦ୍ଦିଷ୍ଟ ହୋଇ ଅଛି ତାହା କେବଳ ତାହାଙ୍କ ସାକ୍ଷାତରେ ଦିଆଯିବ । ତାହାଙ୍କ ଅସାକ୍ଷାତରେ ତାହାଙ୍କର ଶୁଭଘଟନା ସମ୍ପର୍କରେ କୌଣସି କାଳରେ ୩୧ ତୋପରୁ ଅଧିକ ସଲାମି ଦିଆଯିବ ନାହିଁ । କେତେବେଳେ କେମନ୍ତ ବିଗର ହୁଅଇ ତହିଁର ସ୍ଥିରତା ନାହିଁ ଯାହାହେଉ ଏନିୟମଦ୍ୱାରା ଅନେକ ଗୁଡିଏ ବାରୁଦର ଅନର୍ଥକ ବ୍ୟୟ ନିବାରିତ ହେଲା ।

### ପ୍ରେରିତପତ୍ର ।

ଶ୍ରୀ ଯୁକ୍ତ ଉତ୍କଳଦୀପିକା ସମ୍ପାଦକ ମହାଶୟ
ସମୀପେଷୁ

ସବିନୟ ନିବେଦନଂ

ମହାଶୟ ! ବିଗତ ଦୀପିକାରେ କଟକ କଲେଜ ସମ୍ବନ୍ଧରେ ଆପଣ ଯାହା ଲେଖିଅଛନ୍ତି ସେ ବିଷୟରେ ମୋହୋର କିଛି ବକ୍ତବ୍ୟ ଅଛି, ସେହି ସବୁ ପତ୍ରସ୍ଥକରି ବାଧିତ କରିବା ହେବେ ।

ଶିକ୍ଷକମାନଙ୍କ ବିଷୟରେ ଯାହା ଲେଖିଥିଲେ ସେବିଷୟରେ ଆମ୍ଭର କୌଣସି ଦ୍ୱିଧା ନାହିଁ । ବୋଧ ହୁଏ ସ୍ଥାନୀୟ କର୍ମଚାରିମାନଙ୍କର ତୀକ୍ଷ୍ଣ ବିବେଚନା ଯୋଗୁଁ ଏପରି ଫଳ ଘଟିଅଛି, ଡାଇରେକ୍ଟର ସାହେବଙ୍କର କୌଣସି ଦୋଷ ନାହିଁ ବୋଲିବାକୁ ହେବ । ଯାହା ହେଉ

Digitized by srujanika@gmail.com

Split by PDF Splitter



କଲେଜର ଇତିହାସରେ ଶିକ୍ଷକମାନଙ୍କର ଏପରି ଦୁର୍ଦ୍ଦଶା କେବେହେଁ ଘଟି ନ ଥିଲା କାର୍ଯ୍ୟଟି ବଡ ବିଚିତ୍ର ହୋଇଅଛି, ଧନ୍ୟ ଅଧ୍ୟକ୍ଷମାନଙ୍କୁ !

ବି ଏ ପରୀକ୍ଷାସମ୍ବନ୍ଧେ ଆମ୍ଭର ଏହି ବକ୍ତବ୍ୟ ଯେ ଛାତ୍ର ଓ ଶିକ୍ଷକମାନେ ଯଥୋଚିତ ପରିଶ୍ରମ କରି ଅଛନ୍ତି ଫେଲ ବହୁବିଧ କାରଣରୁ ହୋଇପାରେ, ଏବର୍ଷ ସ୍ୱାସ୍ଥ୍ୟନକ ଯନ୍ତ୍ରମାଳ ବିଲମ୍ବରେ ଆସିଥିବାଯୋଗୁଁ ଏପରି ଫେଲ ହୋଇଅଛି ଏକରସାହେବ ଅଧ୍ୟକ୍ଷ ପଦରେ ଉପଯୁକ୍ତ ହେବାପାଁଇ ବିଶେଷ ପରିଶ୍ରମ କରୁଅଛନ୍ତି, ଗଣିତ ଅଧ୍ୟାପନା ବିଷୟରେ କଟକ କଲେଜକୁ ଭାଗ୍ୟବାନ୍ ବୋଲିବାକୁ ହେବ ଅନ୍ୟାନ୍ୟ ବିଷୟର ମଧ୍ୟ ଅଧ୍ୟାପନା ମନ୍ଦ ହେଉ ନାହିଁ, ଶିକ୍ଷକ ନିଯୁକ୍ତିର ଭାର ସ୍ଥାନୀୟ ହାକିମମାନଙ୍କର ହାତରେ ନ ଥାଇ ଯେବେ ଗୋଟିଏ କମିଟୀ ହାତରେ ଥାଆନ୍ତା ତେବେ କଲେଜସମ୍ବନ୍ଧରେ ଏପରି ସାଧାରଣ ଦୁର୍ନାମ ରହନ୍ତା ନାହିଁ, ଦୁଃଖର ବିଷୟ ଏହି ଯେ କେହି କେହି ଛାତ୍ରଙ୍କ ମଧ୍ୟ ସଙ୍ଗଦୋଷରୁ ଦୋଷୀ ହେଉଅଛନ୍ତି । ଇତି ।

ବଶମ୍ବଦ
କସ୍ୟଚିତ୍ ପାଠକସ୍ୟ

---

ମାନ୍ୟବର ଶ୍ରୀଯୁକ୍ତ ଉତ୍କଳଦୀପିକା ସମ୍ପାଦକ ମହାଶୟ ସମୀପେଷୁ

ମହାଶୟ !

ଗତ ବୃହସ୍ପତିବାର ରାତ୍ରରେ ଶ୍ରୀପଞ୍ଚମୀ ଉପଲକ୍ଷରେ ଯେଉଁ ରାମାଭିଷେକ ନାଟକ ଅଭିନୟ ହେଉଥିଲା ତହିଁର ଦର୍ଶକବୃନ୍ଦଙ୍କ ମଧ୍ୟରେ ଆମ୍ଭେ ଜଣେ ଦର୍ଶକ । କଟକରେ କେତେକଜଣ ସୁଶିକ୍ଷିତ ଦେଶହିତୈଷୀ ଲୋକଙ୍କର ଉତ୍ସାହ ଓ ଅଧ୍ୟବସାୟରେ ଯେ ଏତେ ଅଳ୍ପକାଳ ମଧ୍ୟରେ ନାଟକ ଅଭିନୟ ହୋଇଅଛି ତାହା ଦେଖି ଆମ୍ଭେ ଅପାର ଆନନ୍ଦ ଲାଭ କରଅଛୁଁ ଏବଂ ଯେ ପରିମାଣରେ ଅଭିନେତୃଗଣ କୃତକାର୍ଯ୍ୟ ହୋଇ ଅଛନ୍ତି ତହିଁରେ ବୋଧହୁଏ ଦର୍ଶକମାନେ ସମସ୍ତେହିଁ ଆଶ୍ଚର୍ଯ୍ୟ ହୋଇ ଅଛନ୍ତି । ବର୍ତ୍ତମାନ ଜଗଦୀଶ୍ୱରଙ୍କ ଇଚ୍ଛାରେ ତାହା ଚିରସ୍ଥାୟୀ ହେଲେ କଟକର, କେବଳ କଟକର କାହିଁକି, ସମସ୍ତ ଉତ୍କଳର ଉନ୍ନତିର ଗୋଟିଏ ଶୁଭକର୍ମ ସ୍ୱରୂପ ହେବ ବୋଲି ବାହୁଲ୍ୟ । ଗତ ସ୍ୱପ୍ନଦର୍ଶନଲୀଳା ଯେତେ ଲୋକଙ୍କର ମନ ହରଣ କରି ନ ପାରେ ଗୋଟିଏ ନାଟକାଭିନୟ ତାହାର ଅଧିକ କରିବାକୁ ସମର୍ଥ ଅଟେ । ଅତଏବ ଆମ୍ଭର ପ୍ରାର୍ଥନା ଏହି ଯେ ଯେଉଁ ଲୋକମାନେ ଏପର୍ଯ୍ୟନ୍ତ ମଧ୍ୟ ସେହି ନାଟକାଭିନେତୃମାନଙ୍କୁ ଉତ୍ସାହ ଦେବାକୁ ନିରସ୍ତ ଅଛନ୍ତି ସେମାନେ ଯେପରି ପାରନ୍ତି ସେମାନଙ୍କୁ ଉତ୍ସାହ ଦେବାକୁ ମନେ ତ୍ରୁଟି ନ କରିବେ । ଯେତେବେଳେ ହେଉଁ ସେହି ନାଟକାଭିନୟ ପ୍ରଥମ ଉଦ୍ୟମ, ଆଉ ତାହାର ଅଧିକାଂଶ ଅଭିନେତୃଗଣ କେବେହେଁ ନାଟକାଭିନୟ ଦେଖିନାହାନ୍ତି ପୁଣି ତାହା କିପଦାର୍ଥ ଜାଣି ନାହାନ୍ତି ତେତେବେଳେ ତାହାଯେ ସୁନ୍ଦର ହୋଇଥିଲା ଅବଶ୍ୟ ସ୍ୱୀକାର କରିବାକୁ ହେବ କିନ୍ତୁ ଏହି ପୃଥିବୀରେ କୌଣସି ବସ୍ତୁ ସର୍ବାଙ୍ଗ ସୁନ୍ଦର ନୁହେ ଏଣୁକରି ତାହାମଧ୍ୟ ସର୍ବାଙ୍ଗୀନ ସୁନ୍ଦର ହୋଇ ନାହିଁ, ତାହାର କେତେଗୁଡିଏ ଦୋଷ ଲକ୍ଷିତ ହୋଇଥିଲା ଏବଂ ସେସବୁ ସଂଶୋଧିତ ହେଲେ ଭବିଷ୍ୟତରେ ଯେ ତାହା ଦର୍ଶକମାନଙ୍କୁ ମୋହିତ କରିବ ସନ୍ଦେହ ନାହିଁ । ଅର୍ଥାଭାବରୁ, ସ୍ଥାନାଭାବରୁ ଓ ଅବସ୍ଥାଭାବରୁ ଯେ ସମସ୍ତ ଦୋଷ ପଡିଥିଲା ତାହା ନିର୍ଦ୍ଦେଶ କରିବାକୁ ଆମ୍ଭର ଇଚ୍ଛା ନାହିଁ କାରଣ ତାହା ଏକ ପ୍ରକାର ଅପ୍ରତିବିଧେୟ ତେବେ ଯାହାର ପ୍ରତିବିଧାନ ହୋଇପାରେ ତାହାହିଁ କହୁଅଛୁଁ । ସାଧାରଣତଃ ଅଭିନୟ କିଛି ଶୀଘ୍ର ଶୀଘ୍ର ହୁଆ ଯାଉଥିଲା ଏପରି କହିବାର ଉଚିତ ଯେ ଦର୍ଶକମାନଙ୍କ ମନରେ ଯେପରି ପ୍ରକୃତ ଘଟନା ବୋଲି ବୋଧ ହୁଏ । ସୀତାର ଅଂଶ ସର୍ବୋତ୍କୃଷ୍ଟ ହୋଇଥିଲା ଏବଂ ରାଜଦୂତ, ମନ୍ଥରା ଆଉ କୌଶଲ୍ୟାର ଅଭିନୟ ମନ୍ଦ ହୋଇ ନାହିଁ । କୈକେୟୀର ଅଭିନୟରେ ଟିକିଏ ମନ୍ଦ ହୋଇଥିଲା । ମନ୍ଥରାର ଆହ୍ୱାନରେ ତାହାଙ୍କର ଶଯ୍ୟାରୁ ଉଠିବାର ଅବସ୍ଥା ପ୍ରକୃତ ରୂପରେ ହୋଇ ନାହିଁ । ଲକ୍ଷ୍ମଣର ଅଭିନୟ ଓ ପୋଷାକରେ ଦୋଷ ପଡିଥିଲା । ତାହାଙ୍କର ବୀରତ୍ୱ ଉତ୍ତମରୂପରେ ପ୍ରକାଶ ହୋଇ ନାହିଁ । ଦଶରଥଙ୍କର ଭାବଭଙ୍ଗି ସମୟୋଚିତ ହୋଇ ନାହିଁ । ତାହାଙ୍କର ଦୁଃଖ ଦେଖି କେହି କାନ୍ଦିଲେ ନାହିଁ ରାମର ଅଭିନୟ ଟିକିଏ ଭଲ ହୋଇ ନାହିଁ ସେ ଯେ ସଶଙ୍କିତ ହୋଇ ଅଭିନୟ କରୁଥିଲେ ତାହା ପ୍ରକାଶ ପାଉଥିଲା । ପରେ ଅନ୍ୟାନ୍ୟ ଲୋକେ ଷ୍ଟେଜର ଦୁଆରା ଦେଇ ଉଭାଥିଲାରୁ ଅଭିନୟ ଦେଖିବା ନିତାନ୍ତ ମନ୍ଦ ହୋଇଥିଲା । ଆଉ ନଟନଟୀ ଓ ନନ୍ଦୀ ଏମାନଙ୍କ ଅଭିନୟ ଓ ଗୀତ ଅତି ଉତ୍ତମ ହୋଇଥିଲା । ଇତି । ମହାଶୟ ! ସ୍ଥାନାଭାବରୁ ଅଧିକ ଲେଖିବାକୁ ଅସମର୍ଥ ହେଲୁଁ । ଦୋଷ ସଂଶୋଧନ ହେଲେ ସେମାନେ ଯେ ଉତ୍ତମ ଅଭିନେତା ହେବେ ତାହାର ସନ୍ଦେହ ନାହିଁ ।

। ଇ । ଜଣେ ଦର୍ଶକ ।

ଉପର ଲିଖିତ ମତ ଅଧିକାଂଶ ସାଧାରଣ ମତ ସହିତ ଐକ୍ୟ ଥିବାର ଜଣାଯାଏ ଏବଂ ଲେଖାର ଭଙ୍ଗିରୁ [illegible] ଜଣାଯାଏ ଯେ ଲେଖକ ଉତ୍ତମ ଅଭିନୟ ଦେଖିବା ଆଶାରେ ସରଳ ଭାବରେ ଅପଶାମତ ବ୍ୟକ୍ତ କରିଅଛନ୍ତି ଅତଏବ ଆମ୍ଭେମାନେ ଆଗ୍ରହ ସହିତ ଏହାକୁ ପ୍ରକାଶ କଲୁଁ ।

ସମ୍ପାଦକ

---

## ବିଜ୍ଞାପନ ।

ସର୍ବ ସାଧାରଣଙ୍କ ଜାଣିବା କାରଣ ପ୍ରକାଶ କରି ଯାଉଅଛି ଯେ କଟକ ଉତ୍କଳସଭାରୁ ଉତ୍କଳ ମଧୁପନାମରେ ଗୋଟିଏ ମାସିକ ପତ୍ର (ଅଠପେଜ ଏକ ଫର୍ମା କଲେବରରେ) ବାହାରିବାର ସ୍ଥିରହୋଇ ଅଛି । ସେହି ପତ୍ରରେ ଉତ୍କଳର ପ୍ରାଚୀନ କବି ଉପେନ୍ଦ୍ରଭଞ୍ଜ ପ୍ରଭୃତିଙ୍କ ରଚିତ କବିତାମାନଙ୍କର ସମାଲୋଚନା ଏବଂ ତହିଁର ଗୁଣଦୋଷ, ଏପରି ନୂତନ କବିମାନଙ୍କ ରଚିତ ବିଷୟର ସମାଲୋଚନା ଓ ଅନ୍ୟାନ୍ୟ ଉପନ୍ୟାସ ପ୍ରଭୃତିର ସଂଗ୍ରହ ହୋଇଥିବ । ଏହି ପତ୍ରର ମୂଲ୍ୟ ଅଗ୍ରିମ ଅଦାୟ କରାଯିବ । ମୂଲ୍ୟ ବର୍ଷକୁ ଟ ୧॥ ଙ୍କା ଷାଣ୍ମାସିକ ଟ ୧ ଙ୍କା, ତ୍ରୈମାସିକ ଟ ।୵ ଅଣା, ପ୍ରତିସଂଖ୍ୟାକୁ ଟ ।୦ ଦୁଇଅଣା ନିଆଯିବ । ପ୍ରକାଶ ଥାଉ ଯେ ଗ୍ରାହକ ସଂଖ୍ୟା ନ ୨୦୦ ଏ ନିଶ୍ଚୟ ନ ହେଲେ ପତ୍ର ପ୍ରକାଶ କରାଯିବ ନାହିଁ । ଏ ବିଷୟରେ ଯେଉଁ ଦେଶହିତୈଷୀ ମହାଶୟମାନଙ୍କର ଉତ୍ସାହ ବଢିବ ସେମାନେ ପତ୍ରଦ୍ୱାରା କଟକ ଉତ୍କଳଦୀପିକାର ସମ୍ପାଦକ ଶ୍ରୀଯୁକ୍ତ ବାବୁ ଗୌରୀଶଙ୍କର ରାୟ ମହାଶୟଙ୍କ ନିକଟକୁ ବାର୍ତ୍ତା ପଠାଇଲେ ତାହାଙ୍କ ନିକଟରୁ ସମସ୍ତ ବିଷୟର ମର୍ମ ବୁଝି ପାରିବେ ଅଉ ବିଶେଷ କଥା ଏହି କି ବେରଙ୍ଗ ଚିଠିପତ୍ର କେହି ପଠାଇଲେ ତାହା ଗ୍ରହଣ କରାଯିବ ନାହିଁ ଇତି ।

୯।୨ ୭୮—

ଶ୍ରୀ ଗୋପାଳଚରଣ ଦାସ,
କଟକ ଉତ୍କଳ ସଭାର ସମ୍ପାଦକ ।—

---

## ମୂଲ୍ୟପ୍ରାପ୍ତି

| | | | |
|---|---|---|---|
| ବାବୁ ଶିବପ୍ରସାଦ ସିଂହ | ଯାଜପୁର | ବସ୍ତା | ଟ ୩ ୵ |
| „ ଅଚଳାନନ୍ଦ ମୁଦୁର୍ଣ୍ଣ | କଟକ | „ | ଟ ୭୲ |
| „ କେଶବାନନ୍ଦ ମହାପାତ୍ର | „ | „ | ଟ ୭୲ |
| „ ଗଣେଶ୍ୱର ଦାସ | „ | „ | ଟ ୩୲ |
| „ ହରେକୃଷ୍ଣ ଦାସ | „ | „ | ଟ ୩୲ |
| ଶ୍ରୀ ପର୍ଣ୍ଣି ସାହେବ | „ | „ | ଟ ୨ ୳ |
| ବାବୁ ଜଗତ୍ ବନ୍ଧୁ ଘୋଷ | „ | „ | ଟ ୨୲ |
| ଡାକ୍ତର ସରତ କଟକ ମିସନ୍ସ୍କୁଲ | କାବଟ ଅଫିସ | | ଟ ୪୲ |
| ଶ୍ରୀ ଡାକ୍ତର ସ୍ମିର୍ଥ ସାହେବ | କଟକ | ବସ୍ତା | ଟ ୫୲ |

ଏହି ଉତ୍କଳଦୀପିକା ସହରକଟକ ଦରଘାଟବଜାର କଟକ ପ୍ରିଣ୍ଟିଂକମ୍ପାନୀଙ୍କ ଯନ୍ତ୍ରାଳୟରେ ମୁଦ୍ରିତ ଓ ପ୍ରକାଶିତ ହେଲା ।

Digitized by srujanika@gmail.com

Split by PDF Splitter



# ଅତିରିକ୍ତ।

ଉତ୍କଳଦୀପିକା ତା ୧୬ ରଖ ମାହେ ଫିବ୍ରୁଏରୀ ସନ ୧୮୭୮ ମସିହା।

ଶ୍ରୀମତୀ ମହାରାଣୀ ଭାରତେଶ୍ୱରୀ ପଦଧାରଣର ସ୍ମରଣାର୍ଥ ଅର୍ଥ ଚନ୍ଦା ନିମିତ୍ତ ଚେନ୍ଦାର ବିବରଣ।

| ନମ୍ବର | ନାମ ଚନ୍ଦାଦାତା | ଜିଲ୍ଲା | ଚନ୍ଦାଟଙ୍କା | ଉସୁଲ | ବାକି |
|---|---|---|---|---|---|
| ୧ | ଶ୍ରୀଯୁତ ଟୀ ଇ ରେବନ୍ସାସାହେବ କଟକ | | ଟ ୫୦୦ | ଟ ୫୦୦ | ଟ ୦ |
| ୨ | ,, ଡବ୍ଲିଉ ଯେ ହରସେଲବାର୍ଟ | ,, | ଟ ୨୦୦ | ଟ ୨୦୦ | ଟ ୦ |
| ୩ | ,, ଏକଜନ ମେକ୍‌ଫର୍ସନ ସାହେବ | ,, | ଟ ୩୦୦ | ଟ ୦ | ଟ ୩୦୦ |
| ୪ | ,, ଯେ, କାମ୍ସ ସାହେବ | ,, | ଟ ୩୦୦ | ଟ ୧୦୦ | ଟ ୨୦୦ |
| ୫ | ,, ସି, ଟିଏଜନି ସାହେବ | ,, | ଟ ୧୨୫ | ଟ ୦ | ଟ ୧୨୫ |
| ୬ | ,, ଇ, ଯେ, ଏଲଷ୍ଟନ ସାହେବ | ,, | ଟ ୭୫ | ଟ ୦ | ଟ ୭୫ |
| ୭ | ,, ଯେ, ଉଇଲ୍ମର ସାହେବ | ,, | ଟ ୧୦୦ | ଟ ୦ | ଟ ୧୦୦ |
| ୮ | ବାବୁ ବୈଦ୍ୟନାଥ ପଣ୍ଡିତ | ,, | ଟ ୧୦୦୦ | ଟ ୧୦୦ | ଟ ୯୦୦ |
| ୯ | ,, ହରେଶ୍ୱର ପଣ୍ଡିତ | ,, | ଟ ୧୦୦୦ | ଟ ୧୦୦ | ଟ ୯୦୦ |
| ୧୦ | ,, କାଲୀପଦ ବାନୂର୍ଯ୍ୟା | ,, | ଟ ୫୦୦ | ଟ ୦ | ଟ ୫୦୦ |
| ୧୧ | ଚୌଧୁରୀ ବିଶ୍ୱନାଥ ଦାସ | ,, | ଟ ୧୦୦୦ | ଟ ୨୫୦ | ଟ ୭୫୦ |
| ୧୨ | ବାବୁ ଲକ୍ଷ୍ମୀନାରାୟଣ ରାୟଚୌଧୁରୀ | ,, | ଟ ୫୦୦ | ଟ ୦ | ଟ ୫୦୦ |
| ୧୩ | ରାଜା ନନ୍ଦକିଶୋର ଭୂପତି | ,, | ଟ ୩୦୦ | ଟ ୧୦୦ | ଟ ୨୦୦ |
| ୧୪ | ରାଜା ନୀଳାଦ୍ରିଦେବମହାପାତ୍ରହରିଚନ୍ଦନ | ,, | ଟ ୧୦୦ | ଟ ୦ | ଟ ୧୦୦ |
| ୧୫ | ବାବୁ ହରେକୃଷ୍ଣ ଦାସ | ,, | ଟ ୨୦୦ | ଟ ୨୫ | ଟ ୧୭୫ |
| ୧୬ | ବାବୁ ମହେଶ୍ଚନ୍ଦ୍ର ବାନୂର୍ଯ୍ୟା ତରଫ ରାମନାଥ ରାୟ ଚୌଧୁରୀ | ,, | ଟ ୫୦୦ | ଟ ୦ | ଟ ୫୦୦ |
| ୧୭ | ବାବୁ ରାଧାଶ୍ୟାମ ନରେନ୍ଦ୍ର ମହାପାତ୍ର | ,, | ଟ ୫୦୦ | ଟ ୦ | ଟ ୫୦୦ |
| ୧୮ | ଶ୍ରୀଯୁତ ଯେ, ପୁଲ ସାହେବ | ,, | ଟ ୫୦ | ଟ ୦ | ଟ ୫୦ |
| ୧୯ | ଶ୍ରୀଯୁତ ଯେ, ଲେସି ସାହେବ | ,, | ଟ ୧୦ | ଟ ୦ | ଟ ୧୦ |
| ୨୦ | ବାବୁ ଅନ୍ନଦାଚନ୍ଦ୍ର ବାନୂର୍ଯ୍ୟା | ,, | ଟ ୧୨ | ଟ ୦ | ଟ ୧୨ |
| ୨୧ | ବାବୁ ଶଶିଭୂଷଣ ଦତ୍ତ | ,, | ଟ ୫ | ଟ ୦ | ଟ ୫ |
| ୨୨ | ବାବୁ କାଲୀମୋହନ ଘୋଷାଲ | ,, | ଟ ୩ | ଟ ୦ | ଟ ୩ |
| ୨୩ | ବାବୁ ଅନ୍ନଦାପ୍ରସାଦ ବାନୂର୍ଯ୍ୟା | ,, | ଟ ୧ | ଟ ୦ | ଟ ୧ |
| ୨୪ | ବାବୁ ଦ୍ୱାରକାନାଥ ଚକ୍ରବର୍ତ୍ତୀ | ,, | ଟ ୧୦ | ଟ ୦ | ଟ ୧୦ |
| ୨୫ | ବାବୁ ତାରଣୀଚରଣ ବାନୂର୍ଯ୍ୟା | ,, | ଟ ୫ | ଟ ୦ | ଟ ୫ |
| ୨୬ | ,, ପ୍ୟାରୀମୋହନ ସେନ | ,, | ଟ ୪ | ଟ ୦ | ଟ ୪ |
| ୨୭ | ,, ସୁଦର୍ଶନ ଦାସ | ,, | ଟ ୪ | ଟ ୦ | ଟ ୪ |
| ୨୮ | ସୁଲତାନ ମହମ୍ମଦ | ,, | ଟ ୩୦ | ଟ ୩୦ | ଟ ୦ |
| ୨୯ | ବାବୁ କଇଲାସଚନ୍ଦ୍ର ଘୋଷ | ,, | ଟ ୧ | ଟ ୧ | ଟ ୦ |
| ୩୦ | ଜଗନ୍ନାଥପ୍ରସାଦ ଦାସ | ,, | ଟ ୨୦ | ଟ ୦ | ଟ ୨୦ |
| ୩୧ | ପ୍ରେମ ସିଂହ | ,, | ଟ ୫ | ଟ ୫ | ଟ ୦ |
| ୩୨ | ବାବୁ ହରବଲ୍ଲଭ ବୋଷ | ,, | ଟ ୧୨୫ | ଟ ୦ | ଟ ୧୨୫ |

| ନମ୍ବର | ନାମ ଚନ୍ଦାଦାତା | ଜିଲ୍ଲା | ଚନ୍ଦାଟଙ୍କା | ଅସୁଲ | ବାକି |
|---|---|---|---|---|---|
| ୩୩ | ,, ହରିଚରଣ ବାନୂର୍ଯ୍ୟା | ,, | ଟ ୧୫ | ଟ ୦ | ଟ ୧୫ |
| ୩୪ | ,, ଜଗନ୍ମୋହନ ରାୟ | ,, | ଟ ୨୦୦ | ଟ ୦ | ଟ ୨୦୦ |
| ୩୫ | ,, ଅନ୍ନଦା ପ୍ରସାଦ ଘୋଷ | ,, | ଟ ୧୦୦ | ଟ ୦ | ଟ ୧୦୦ |
| ୩୬ | ମଉଲବୀ ଅବଦୁଲକାଦର | ,, | ଟ ୨୫ | ଟ ୦ | ଟ ୨୫ |
| ୩୭ | ବାବୁ ପୂର୍ଣ୍ଣଚନ୍ଦ୍ର ସରକାର | ,, | ଟ ୫୦ | ଟ ୦ | ଟ ୫୦ |
| ୩୮ | ,, ହରମୋହନ ମିଶ୍ର | ,, | ଟ ୩୦ | ଟ ୦ | ଟ ୩୦ |
| ୩୯ | ,, ଗୋପାଳଚନ୍ଦ୍ର ମିଶ୍ର | ,, | ଟ ୧୫ | ଟ ୦ | ଟ ୧୫ |
| ୪୦ | ମୁନସି ଗୋଲାମ ରସୁଲ | ,, | ଟ ୪୦ | ଟ ୫ | ଟ ୩୫ |
| ୪୧ | ବାବୁ ଗିରୀଶ୍ଚନ୍ଦ୍ର ଘୋଷ | ,, | ଟ ୫ | ଟ ୦ | ଟ ୫ |
| ୪୨ | ବାବୁ ଦିବାକର ଦାସ | ,, | ଟ ୨୫ | ଟ ୦ | ଟ ୨୫ |
| ୪୩ | ବାବୁ ଭଗବତ ଦାସ | ,, | ଟ ୧୫ | ଟ ୦ | ଟ ୧୫ |
| ୪୪ | ବାବୁ ରଘୁନାଥ ବୋଷ | ,, | ଟ ୨୦ | ଟ ୦ | ଟ ୨୦ |
| ୪୫ | ମୁନସି ଅଫିଜ ଖାଁ | ,, | ଟ ୧୦ | ଟ ୦ | ଟ ୧୦ |
| ୪୬ | ବାବୁ ଜଗଦ୍ବନ୍ଧୁ ଘୋଷ | ,, | ଟ ୨୦ | ଟ ୦ | ଟ ୨୦ |
| ୪୭ | ,, ହରେକୃଷ୍ଣ ଦାସ | ,, | ଟ ୫ | ଟ ୦ | ଟ ୫ |
| ୪୮ | ,, ହରେକୃଷ୍ଣ ମିଶ୍ର | ,, | ଟ ୧୫ | ଟ ୧୫ | ଟ ୦ |
| ୪୯ | ,, ଜଗନ୍ମୋହନ ଲାଲ | ,, | ଟ ୬ | ଟ ୦ | ଟ ୬ |
| ୫୦ | ଡାକ୍ତର ଅଲସହଡାଙ୍ଗୀ | ,, | ଟ ୫ | ଟ ୦ | ଟ ୫ |
| ୫୧ | ବାବୁ ରାମପ୍ରସାଦ ସିଂହ | ,, | ଟ ୫ | ଟ ୦ | ଟ ୫ |
| ୫୨ | ,, ଜଗଦ୍ବଲ୍ଲଭ ଘୋଷ | ,, | ଟ ୪ | ଟ ୦ | ଟ ୪ |
| ୫୩ | ରାଜା ଦଲ୍ଲେ ଅଲ | ,, | ଟ ୧୦୦ | ଟ ୧୦୦ | ଟ ୦ |
| ୫୪ | ବାବୁ ନାରାୟଣ ନାୟକ | ,, | ଟ ୫ | ଟ ୦ | ଟ ୫ |
| ୫୫ | ,, ନିମାଇଚରଣ କେଉଟୀ | ,, | ଟ ୧୦ | ଟ ୦ | ଟ ୧୦ |
| ୫୬ | ବାବୁ ଗୌରୀଶଙ୍କର ରାୟ | କଟକ | ଟ ୨୫ | ଟ ୦ | ଟ ୨୫ |
| ୫୭ | ,, ପ୍ୟାରୀମୋହନ ଆଚାର୍ଯ୍ୟ | ,, | ଟ ୫ | ଟ ୦ | ଟ ୫ |
| ୫୮ | ,, ଗୋକୁଳଚନ୍ଦ୍ର ବୋଷ | ,, | ଟ ୧୦୦୦ | ଟ ୦ | ଟ ୧୦୦୦ |
| ୫୯ | ,, ସଦାନନ୍ଦ ବେହେରା | ,, | ଟ ୧୦ | ଟ ୦ | ଟ ୧୦ |
| ୬୦ | ,, ଗଣେଶପ୍ରସାଦ ସିଂହ | ,, | ଟ ୪ | ଟ ୦ | ଟ ୪ |
| ୬୧ | ,, ନନ୍ଦକିଶୋର ଦାସ ଓ ଗଣେଶ୍ୱର ଦାସ | ,, | ଟ ୫୦ | ଟ ୦ | ଟ ୫୦ |
| ୬୨ | ,, ବଲଦେବଲାଲ ଭଗତ | ,, | ଟ ୧୦୦ | ଟ ୦ | ଟ ୧୦୦ |
| ୬୩ | ,, ରାମଗୋପୀ ଗୁପ୍ତ | ,, | ଟ ୧୫ | ଟ ୦ | ଟ ୧୫ |
| ୬୪ | ,, ମଥୁରାଲାଲ ଭଗତ | ,, | ଟ ୫୦ | ଟ ୧୦ | ଟ ୪୦ |
| ୬୫ | ,, କୃଷ୍ଣବଲ୍ଲଭ ଘୋଷ | ,, | ଟ ୪ | ଟ ୦ | ଟ ୪ |
| ୬୬ | ,, ରାମମୋହନ ମଲ୍ଲିକ | ,, | ଟ ୫ | ଟ ୦ | ଟ ୫ |

Digitized by srujanika@gmail.com

Split by PDF Splitter



| ନମ୍ବର | ନାମ ଚନ୍ଦାଦାତା | ଜିଲା | ଚନ୍ଦାଟଙ୍କା | ଅସୁଲ | ବାକି |
|---|---|---|---|---|---|
| ୬୭ | „ ଯାନାନାଥ ସରକାର | „ | ଟ ୧୦ | ଟ ୦ | ଟ ୧୦ |
| ୬୮ | „ ଜଗେଶର ଚନ୍ଦ | „ | ଟ ୪ | ଟ ୦ | ଟ ୪ |
| ୬୯ | „ ବିପିନବିହାର ମିଶ୍ର | „ | ଟ ୧୦ | ଟ ୦ | ଟ ୧୦ |
| ୭୦ | „ ହରବଲ୍ଲଭ ମଲିଷ | „ | ଟ ୫ | ଟ ୦ | ଟ ୫ |
| ୭୧ | „ ନାରାୟଣ ସ୍ୱଗ୍ରହି | „ | ଟ ୫ | ଟ ୦ | ଟ ୫ |
| ୭୨ | „ ନୀଳମାଧବ ଅଧିକାରୀ | „ | ଟ ୩ | ଟ ୦ | ଟ ୩ |
| ୭୩ | „ ରଘୁନାଥପ୍ରସାଦ ଗୁପ୍ତ | „ | ଟ ୩ | ଟ ୦ | ଟ ୩ |
| ୭୪ | „ ଯୋଜଙ୍ଗ ଗନ୍ଧର | „ | ଟ ୧ | ଟ ୦ | ଟ ୧ |
| ୭୫ | ମୁନସୀ ମହତାପ ଖାଁ | „ | ଟ ୨ | ଟ ୦ | ଟ ୨ |
| ୭୬ | „ ଓଜିର ଖାଁ | „ | ଟ ୧ | ଟ ୦ | ଟ ୧ |
| ୭୭ | ବାବୁ ପ୍ୟାରୀମୋହନ ଘୋଷ | „ | ଟ ୧୫ | ଟ ୦ | ଟ ୧୫ |
| ୭୮ | „ ଘନଶ୍ୟାମ ଘୋଷ | „ | ଟ ୧ | ଟ ୦ | ଟ ୧ |
| ୭୯ | „ ବାଲକୃଷ୍ଣ ଅଗ୍ର | „ | ଟ ୧ | ଟ ୦ | ଟ ୧ |
| ୮୦ | „ ବିଦ୍ୟାଧର ମହାପାତ୍ର | „ | ଟ ୧ | ଟ ୦ | ଟ ୧ |
| ୮୧ | „ ଆଦିନାରାୟଣ ଅଗ୍ର | „ | ଟ ୧ | ଟ ୦ | ଟ ୧ |
| ୮୨ | „ ହରିହର ପଣ୍ଡିତ | „ | ଟ ୧ | ଟ ୦ | ଟ ୧ |
| ୮୩ | „ ଅଯୋଧ୍ୟାରାମ ଘୋଷ | „ | ଟ ୧ | ଟ ୦ | ଟ ୧ |
| ୮୪ | ସୟଦ ମକବୁଲ ଅଲି | „ | ଟ ୧ | ଟ ୦ | ଟ ୧ |
| ୮୫ | ବାବୁ ହରଶ୍ଚନ୍ଦ୍ର ମୁଖର୍ଯ୍ୟା | „ | ଟ ୭ | ଟ ୦ | ଟ ୭ |
| ୮୬ | „ ରାମଲୋଚନ ଘୋଷ | „ | ଟ ୫ | ଟ ୫ | ଟ ୦ |
| ୮୭ | ରାଜା ବଲ୍ଲେ ମଧୁପୁର | „ | ଟ ୧୦୦ | ଟ ୧୦୦ | ଟ ୦ |
| ୮୮ | ବାବୁ ଫକୀରମୋହନ ସେନାପତି | ବାଲେଶ୍ୱର | ଟ ୫ | ଟ ୪।/୬ | ଟ ୦।୬ |
| ୮୯ | „ ଗୌରମୋହନ ଚଟ୍ଟର୍ଜି | କଟକ | ଟ ୧୦ | ଟ ୧୦ | ଟ ୦ |
| ୯୦ | „ ବୈଷ୍ଣବଚରଣ ରଥ ଗୋସାଇଁ । ମା । ଜଗନ୍ନାଥ ରଥ ଗୋସାଇଁ | „ | ଟ ୫୦ | ଟ ୫୦ | ଟ ୦ |
| ୯୧ | „ କାଶୀନାଥ ବୋଷ | „ | ଟ ୭ | ଟ ୭ | ଟ ୦ |
| ୯୨ | „ ବୈକୁଣ୍ଠନାଥ ଦେ | ବାଲେଶ୍ୱର | ଟ ୬୦୦ | ଟ ୦ | ଟ ୬୦୦ |
| ୯୩ | „ ବୈଦ୍ୟନାଥ ଗୁପ୍ତ କାନୁନଗୋଇ | କଟକ | ଟ ୪ | ଟ ୪ | ଟ ୦ |
| ୯୪ | „ ମାଧବଚନ୍ଦ୍ର ମୁଖର୍ଯ୍ୟା | „ | ଟ ୭ | ଟ ୦ | ଟ ୭ |
| ୯୫ | „ ବିଶ୍ୱମ୍ଭରଦାସ ତହସିଲଦାର | „ | ଟ ୨ | ଟ ୦ | ଟ ୨ |
| ୯୬ | „ ରାମକାଳୀ ଦତ୍ତ | „ | ଟ ୧ | ଟ ୦ | ଟ ୧ |
| ୯୭ | „ ରଘୁନାଥ ସାନ୍ତ୍ରା | „ | ଟ ୮୦ | ଟ ୦ | ଟ ୮୦ |
| ୯୮ | ମୁନ୍ସି ମହମ୍ମଦ ଅବଦୁଲ ହଲିମ | „ | ଟ ୧୫ | ଟ ୦ | ଟ ୧୫ |
| ୯୯ | ବାବୁ ରାମଚନ୍ଦ୍ର ଅଡ଼ | ପୁରୀ | ଟ ୧୫ | ଟ ୧୫ | ଟ ୦ |
| ୧୦୦ | „ ଅକ୍ଷୟଳନାଥ ରାୟ ଗୋସାଇଁ | „ | ଟ ୧୦ | ଟ ୧୦ | ଟ ୦ |
| ୧୦୧ | „ ଲୋକନାଥ ରାୟ | „ | ଟ ୧୦ | ଟ ୧୦ | ଟ ୦ |
| ୧୦୨ | „ ଗୋବିନ୍ଦଚନ୍ଦ୍ର ପଟ୍ଟନାୟକ | „ | ଟ ୫ | ଟ ୦ | ଟ ୫ |
| ୧୦୩ | „ ଅଯୋଧ୍ୟାପ୍ରସାଦ ସାହୁ | କଟକ | ଟ ୧୦ | ଟ ୦ | ଟ ୧୦ |
| ୧୦୪ | „ ରାମାନନ୍ଦ | „ | ଟ ୧୦ | ଟ ୦ | ଟ ୧୦ |
| ୧୦୫ | „ ଜୟକୃଷ୍ଣ ଦାସ | „ | ଟ ୫ | ଟ ୦ | ଟ ୫ |
| ୧୦୬ | „ ହରମୋହନ ଦତ୍ତ | „ | ଟ ୨ | ଟ ୦ | ଟ ୨ |
| ୧୦୭ | „ ଉଦ୍ଧବଚରଣ ମହାନ୍ତି ମୁକ୍ତାର | କଟକ | ଟ ୩ | ଟ ୦ | ଟ ୩ |
| ୧୦୮ | „ ପୂର୍ଣ୍ଣାନନ୍ଦ ରାୟ „ | „ | ଟ ୭ | ଟ ୦ | ଟ ୭ |
| ୧୦୯ | „ ଗୌରୀଶଙ୍କର ଜହରୀ | „ | ଟ ୩୦ | ଟ ୦ | ଟ ୩୦ |
| ୧୧୦ | ମୁନ୍ସି କାଦର ବକ୍ସ | „ | ଟ ୧୦ | ଟ ୦ | ଟ ୧୦ |
| ୧୧୧ | ବାବୁ କାର୍ତ୍ତିକଚନ୍ଦ୍ର ରାୟ ଚୌଧୁରୀ | „ | ଟ ୧୫ | ଟ ୦ | ଟ ୧୫ |
| ୧୧୨ | ବାବୁ ନବୀନଚନ୍ଦ୍ର ଚଉଧୁରୀ | କଟକ | ଟ ୩ | ଟ ୦ | ଟ ୩ |
| ୧୧୩ | „ କାଳୀକୁମାର ଗାଙ୍ଗୁଲି | „ | ଟ ୫ | ଟ ୦ | ଟ ୫ |
| ୧୧୪ | „ ରାଜକିଶୋର ଦାସ | „ | ଟ ୦୳ | ଟ ୦ | ଟ ୦୳ |
| ୧୧୫ | „ ଗୌରମୋହନ ରାୟ | „ | ଟ ୦୳ | ଟ ୦ | ଟ ୦୳ |
| ୧୧୬ | „ ସଦାନନ୍ଦ ଦାସ | „ | ଟ ୦୳ | ଟ ୦ | ଟ ୦୳ |
| ୧୧୭ | „ ଲକ୍ଷ୍ମୀଧର କାନୁନଗୋଇ | „ | ଟ ୫ | ଟ ୫ | ଟ ୦ |
| ୧୧୮ | „ ରାଜକିଶୋର ଘୋଷ ପେସକାର | „ | ଟ ୩ | ଟ ୦ | ଟ ୩ |
| ୧୧୯ | „ ଯଦୁନନ୍ଦନ ମଜୁମଦାର | „ | ଟ ୨ | ଟ ୦ | ଟ ୨ |
| ୧୨୦ | „ କେଶବାନନ୍ଦ ମହାପାତ୍ର | „ | ଟ ୩ | ଟ ୦ | ଟ ୩ |
| ୧୨୧ | „ ହରେଭୂଷଣ ଚଉଧୁରୀ | „ | ଟ ୫ | ଟ ୦ | ଟ ୫ |
| ୧୨୨ | „ ଈଶ୍ୱରଲାଲ ସରଓ୍ୱାର | „ | ଟ ୩୦ | ଟ ୦ | ଟ ୩୦ |
| ୧୨୩ | „ ପହଲି ମଲ୍ଲିକ | „ | ଟ ୩୦ | ଟ ୦ | ଟ ୩୦ |
| ୧୨୪ | „ ତାଜ ମହମ୍ମଦ | „ | ଟ ୫୦ | ଟ ୦ | ଟ ୫୦ |
| ୧୨୫ | „ ବଲରାମଦାସ ଗରଇ ଓ ମନସାରାମ | „ | ଟ ୩୦ | ଟ ୦ | ଟ ୩୦ |
| ୧୨୬ | „ ମହଙ୍ଗରାମ ଓ ବୁଦ୍ଧିରାମ ଓ ଚନ୍ଦ୍ର | „ | ଟ ୩୦ | ଟ ୦ | ଟ ୩୦ |
| ୧୨୭ | „ ପଶ୍ଚିଲ ଦାସ ଓ ନରହରି ଦାସ | „ | ଟ ୧୦୦ | ଟ ୧୦୦ | ଟ ୦ |
| ୧୨୮ | ଶ୍ରୀମତୀ ସୁଲୋଚନା ଦାସୀ | „ | ଟ ୫୦ | ଟ ୦ | ଟ ୫୦ |
| ୧୨୯ | ପଣ୍ଡିତ ସାହେବ ଜେଲର | „ | ଟ ୮ | ଟ ୦ | ଟ ୮ |
| ୧୩୦ | ମୁନ୍ସି ରସୁଲ ବକ୍ସ | „ | ଟ ୨୦ | ଟ ୨୦ | ଟ ୦ |
| ୧୩୧ | ବାବୁ ଦୁର୍ଗାନାରାୟଣ ବୋଷ | „ | ଟ ୪୦ | ଟ ୦ | ଟ ୪୦ |
| ୧୩୨ | „ ଦାମୋଦର ଦାସ ମୁକ୍ତାର | „ | ଟ ୩୦ | ଟ ୦ | ଟ ୩୦ |
| ୧୩୩ | „ କୃଷ୍ଣମୋହନ ବୋଷ | „ | ଟ ୫୦ | ଟ ୦ | ଟ ୫୦ |
| ୧୩୪ | ରାଜା ବଲ୍ଲେ ଅଠମଲ୍ଲିକ | „ | ଟ ୧୦୦ | ଟ ୧୦୦ | ଟ ୦ |
| ୧୩୫ | „ „ ନରସିଂହପୁର | „ | ଟ ୨୫ | ଟ ୨୫ | ଟ ୦ |
| ୧୩୬ | „ „ ଅଠଗଡ଼ | „ | ଟ ୫୦ | ଟ ୫୦ | ଟ ୦ |
| ୧୩୭ | „ „ ବଡ଼ଅମ୍ବା | „ | ଟ ୭୫ | ଟ ୭୫ | ଟ ୦ |
| ୧୩୮ | „ „ ଖଣ୍ଡପଡ଼ା | „ | ଟ ୪୦ | ଟ ୫୦ | ଟ ୦ |
| ୧୩୯ | ବାକି ତହସିଲଦାର | „ | ଟ ୧୦ | ଟ ୧୦ | ଟ ୦ |
| ୧୪୦ | ରାଜା ବଲ୍ଲେ ନୀଳଗିରି | „ | ଟ ୪୦ | ଟ ୪୦ | ଟ ୦ |
| ୧୪୧ | „ „ ତାଳଚେର | „ | ଟ ୧୫୦ | ଟ ୧୫୦ | ଟ ୦ |
| ୧୪୨ | „ „ ଘିଗିରଥ | „ | ଟ ୫୦ | ଟ ୫୦ | ଟ ୦ |
| ୧୪୩ | „ „ ମୟୂରଭଞ୍ଜ | „ | ଟ ୧୫୦ | ଟ ୧୫୦ | ଟ ୦ |
| ୧୪୪ | „ „ ନୟାଗଡ଼ | „ | ଟ ୧୦୦ | ଟ ୧୦୦ | ଟ ୦ |
| ୧୪୫ | ମହନ୍ତ ନାରାୟଣ ଦାସ | ପୁରୀ | ଟ ୩୨୦ | ଟ ୩୦୦ | ଟ ୦ |
| ୧୪୬ | ରାଜା ବଲ୍ଲେ ରଣପୁର | କଟକ | ଟ ୨୦ | ଟ ୨୦ | ଟ ୦ |
| ୧୪୭ | „ „ ପାଲଲହଡ଼ା | „ | ଟ ୫୦ | ଟ ୫୦ | ଟ ୦ |

Digitized by srujanika@gmail.com

| ନମ୍ବର | ନାମ ଚନ୍ଦାଦାତା | ଜିଲା | ଚନ୍ଦାଟଙ୍କା | ଅସୁଲ | ବାକି |
|---|---|---|---|---|---|
| ୧୪୮ | ବାବୁ ମଥୁରମୋହନ ପାଣି ଓ ବ୍ରଜବଲ୍ଲଭ ପାଣି | ବାଲେଶ୍ୱର | ଟ ୮୦ | ଟ ୮୦ | ଟ ୦ |
| ୧୪୯ | ବାବୁ ଦେବେନ୍ଦ୍ରନାଥ ଠାକୁର | କଟକ | ଟ ୧୦୦ | ଟ ୧୦୦ | ଟ ୦ |
| ୧୫୦ | ,, ହରମୋହନ ଗୁପ୍ତ | ,, | ଟ ୮ | ଟ ୮ | ଟ ୦ |
| ୧୫୧ | ରାଜା ବହେଲ୍ଲ ପାରଳୁନ୍ଦ | ପୁରୀ | ଟ ୧୫୦ | ଟ ୧୫୦ | ଟ ୦ |
| ୧୫୨ | ମୁନ୍ସି ଜମିରୁଦ୍ଦିନ ମହମ୍ମଦ ଜାଗିରଦାର | ,, | ଟ ୨୫ | ଟ ୨୫ | ଟ ୦ |
| ୧୫୩ | ରାଜା ବହେଲ୍ଲ ଦଶପଲ୍ଲା | କଟକ | ଟ ୫୦ | ଟ ୫୦ | ଟ ୦ |
| ୧୫୪ | ,, ,, ହିନ୍ଦୋଳ | ,, | ଟ ୨୫ | ଟ ୨୫ | ଟ ୦ |
| ୧୫୫ | ରାଜା ହରେକୃଷ୍ଣ ଭଞ୍ଜ | ବାଲେଶ୍ୱର | ଟ ୨୦ | ଟ ୨୦ | ଟ ୦ |
| ୧୫୬ | ରାଜା ବହେଲ୍ଲ ବୌଦ | କଟକ | ଟ ୨୦୦ | ଟ ୨୦୦ | ଟ ୦ |
| ୧୫୭ | ,, ,, କେନ୍ଦୁଝର | ,, | ଟ ୧୦୦ | ଟ ୧୦୦ | ଟ ୦ |
| ୧୫୮ | ବାବୁ ରାମଚରଣଘୋଷ ଦେହୁଡ଼ିଗ୍ରାମା | ଯାଜପୁର | ଟ ୧ | ଟ ୦ | ଟ ୧ |
| ୧୫୯ | ,, ଅତୁଲଚନ୍ଦ୍ର ଚାଟୁର୍ଯ୍ୟା | କଟକ | ଟ ୨୦ | ଟ ୦ | ଟ ୨୦ |
| ୧୬୦ | ,, ଶିବପ୍ରସାଦ ସିଂହ | ,, | ଟ ୧୫ | ଟ ୧୫ | ଟ ୦ |
| ୧୬୧ | ,, ନରହର ଦୋବାଇ | ,, | ଟ ୧୦ | ଟ ୧୦ | ଟ ୦ |
| ୧୬୨ | ,, ଚଉଧୁରୀ ସହଦେବ ମହାପାତ୍ର | ,, | ଟ ୨୦ | ଟ ୨୦ | ଟ ୦ |
| ୧୬୩ | ,, ,, ଜନାର୍ଦ୍ଦନ ମହାପାତ୍ର | ,, | ଟ ୧୦ | ଟ ୧୦ | ଟ ୦ |
| ୧୬୪ | ,, ନୀଳମଣି ଦୋବାଇ | ,, | ଟ ୧୦ | ଟ ୧୦ | ଟ ୦ |
| ୧୬୫ | ବାବୁ ଜନ୍ମେଜୟ ପହରାଜ | ,, | ଟ ୧୦ | ଟ ୧୦ | ଟ ୦ |
| ୧୬୬ | ,, ଗଦାଧର ପଣ୍ଡା | ,, | ଟ ୧୦ | ଟ ୧୦ | ଟ ୦ |
| ୧୬୭ | ,, ରମାକାନ୍ତ ବଡ଼ପଣ୍ଡା | ,, | ଟ ୧୦ | ଟ ୧୦ | ଟ ୦ |
| ୧୬୮ | ,, ବଣୁ ସାହୁ | ,, | ଟ ୮ | ଟ ୮ | ଟ ୦ |
| ୧୬୯ | ମହନ୍ତ ବଳଭଦ୍ର ଦାସ | ,, | ଟ ୬ | ଟ ୬ | ଟ ୦ |
| ୧୭୦ | ବାବୁ ଚଉଧୁରୀ ଗଜେନ୍ଦ୍ର ମହାପାତ୍ର | ,, | ଟ ୩ | ଟ ୩ | ଟ ୦ |
| ୧୭୧ | ,, ବାଳମଣି ଦୋବାଇ | ,, | ଟ ୧୦ | ଟ ୧୦ | ଟ ୦ |
| ୧୭୨ | ,, ଲକ୍ଷ୍ମୀଧର ପଟ୍ଟନାୟକ | ,, | ଟ ୨ | ଟ ୨ | ଟ ୦ |
| ୧୭୩ | ଚଉଧୁରୀ ବଶେଶ୍ୱର ମହାପାତ୍ର | ,, | ଟ ୩ | ଟ ୩ | ଟ ୦ |
| ୧୭୪ | ବାବୁ ଅଦ୍ୱୈତ ପ୍ରସାଦ ରାୟ | ,, | ଟ ୨ | ଟ ୨ | ଟ ୦ |
| ୧୭୫ | ,, ଗଯାଧର ରାଉତରାୟ | ,, | ଟ ୨ | ଟ ୨ | ଟ ୦ |
| ୧୭୬ | ,, ଗୋପୀମୋହନ ଘୋଷ | ,, | ଟ ୨ | ଟ ୨ | ଟ ୦ |
| ୧୭୭ | ,, ଶିବପ୍ରସାଦ ଦାସ | ,, | ଟ ୧ | ଟ ୧ | ଟ ୦ |
| ୧୭୮ | ,, ରାଘବ ହରିଚନ୍ଦନ | ,, | ଟ ୨ | ଟ ୨ | ଟ ୦ |
| ୧୭୯ | ,, ବାସୁଦେବ ମହାପାତ୍ର | ,, | ଟ ୫ | ଟ ୫ | ଟ ୦ |
| ୧୮୦ | ,, ରୂପନାରାୟଣ ରାୟ | ,, | ଟ ୧ | ଟ ୧ | ଟ ୦ |
| ୧୮୧ | ବାବୁ ସଦାନନ୍ଦ ଦାସ | ,, | ଟ ୧ | ଟ ୧ | ଟ ୦ |
| ୧୮୨ | ,, ସୀତାରାମ ସିଂହ | ,, | ଟ ୧ | ଟ ୧ | ଟ ୦ |
| ୧୮୩ | ,, ଗୌରାଙ୍ଗଚରଣ ଦାସ | ,, | ଟ ୧ | ଟ ୧ | ଟ ୦ |
| ୧୮୪ | ,, ବାଳଭୂଷଣ ଦାସ | ,, | ଟ ୧ | ଟ ୧ | ଟ ୦ |
| ୧୮୫ | ,, ଯୁକ୍ତେଷ୍ଟି ପ୍ରସାଦ ଦାସ | ,, | ଟ ୧ | ଟ ୧ | ଟ ୦ |
| ୧୮୬ | ,, ଗଙ୍ଗାଧର ଦାସ | ,, | ଟ ୧ | ଟ ୧ | ଟ ୦ |
| ୧୮୭ | ,, ଦାମୋଦର ଦାସ | ,, | ଟ ୧ | ଟ ୧ | ଟ ୦ |
| ୧୮୮ | ,, ଲକ୍ଷ୍ମୀଧର ଦାସ | ,, | ଟ ୧ | ଟ ୧ | ଟ ୦ |
| ୧୮୯ | ,, ହରଗୋପାଳ ଘୋଷ | ,, | ଟ ୨୦ | ଟ ୨୦ | ଟ ୦ |
| ୧୯୦ | ,, ବାଳକୃଷ୍ଣ ମାନ୍ଧାତା | ,, | ଟ ୮ | ଟ ୮ | ଟ ୦ |
| ୧୯୧ | ,, ଜଗନ୍ନାଥପ୍ରସାଦ ରାୟ | ,, | ଟ ୨ | ଟ ୨ | ଟ ୦ |
| ୧୯୨ | ,, ମାଧବାନନ୍ଦ ସେନ | ,, | ଟ ୧ | ଟ ୧ | ଟ ୦ |
| ୧୯୩ | ,, ସଦାନନ୍ଦ ପଣ୍ଡା | ,, | ଟ ୧ | ଟ ୧ | ଟ ୦ |
| ୧୯୪ | ,, ରାଜା ବହେଲ୍ଲ ଅଲ | ,, | ଟ ୧୦ | ଟ ୧୦ | ଟ ୦ |
| ୧୯୫ | ,, ବଳଭଦ୍ରପ୍ରସାଦ ଦାସ ରାଜକୁମାର ବଇର ଗଞ୍ଜା ଭୂୟାଁମହାପାତ୍ର | ବାଲେଶ୍ୱର | ଟ ୫୦ | ଟ ୫୦ | ଟ ୦ |
| ୧୯୬ | ରାଜା ନରସିଂହଚରଣ ସିଂହ | ,, | ଟ ୫୦ | ଟ ୦ | ଟ ୫୦ |
| ୧୯୭ | ,, ଉପେନ୍ଦ୍ର ନରେନ୍ଦ୍ର ମହାପାତ୍ର | ,, | ଟ ୬୦ | ଟ ୦ | ଟ ୬୦ |
| ୧୯୮ | ଚଉଧୁରୀ ଭଗୋଶୀନାରାୟଣ ପହରାଜ ମାନ୍ଧାତା | ବାଲେଶ୍ୱର | ଟ ୩୦ | ଟ ୩୦ | ଟ ୦ |
| ୧୯୯ | କାନୁନଗୋଇ କୃଷ୍ଣଚନ୍ଦ୍ର ହରିଚନ୍ଦନ ମହାପାତ୍ର | ,, | ଟ ୨୦ | ଟ ୦ | ଟ ୨୦ |
| ୨୦୦ | ବାବୁ ମଦନମୋହନ ଦାସ | ,, | ଟ ୧୫୦ | ଟ ୦ | ଟ ୧୫୦ |
| ୨୦୧ | ,, ରାଧାରମଣ ଦାସ | ,, | ଟ ୧୫୦ | ଟ ୦ | ଟ ୧୫୦ |
| ୨୦୨ | ,, ଗୋପାଳୀରାମ ଭଗତ | କଟକ | ଟ ୩୫ | ଟ ୦ | ଟ ୩୫ |
| ୨୦୩ | ,, ଗୋପାଳଚରଣ ଭଗତ | ,, | ଟ ୧୦ | ଟ ୦ | ଟ ୧୦ |
| ୨୦୪ | ,, ଶାଳଗ୍ରାମ ଭଗତ | ,, | ଟ ୩୦ | ଟ ୦ | ଟ ୩୦ |
| ୨୦୫ | ,, ହରିଭଜନ ରାମ | ,, | ଟ ୨ | ଟ ୦ | ଟ ୨ |
| ୨୦୬ | ଶ୍ରୀମତୀ ସୂର୍ଯ୍ୟମଣି ଦେଇ | ,, | ଟ ୧୫୦ | ଟ ୦ | ଟ ୧୫୦ |
| ୨୦୭ | ମହାରାଜା | ବର୍ଦ୍ଧମାନ | ଟ ୫୦୦ | ଟ ୫୦୦ | ଟ ୦ |
| ୨୦୮ | ବାବୁ ଜୟକୃଷ୍ଣ ମହାନ୍ତି | କଟକ | ଟ ୫ | ଟ ୫ | ଟ ୦ |
| ୨୦୯ | ରାଜା ହିନ୍ଦୋଳ | ,, | ଟ ୧୦୦ | ଟ ୧୦୦ | ଟ ୦ |
| | ସର୍ବମୋଟ | | ଟ ୧୪୫୧୩ | ଟ ୪୬୮୬୷/୬ | ଟ ୯୮୨୬୷/୬ |

☞ ମୂଲପତ୍ର ଦେଖ ।

Split by PDF Splitter



Digitized by srujanika@gmail.com

Split by PDF Splitter



# ଉତ୍କଳ ଦୀପିକା

## ସାପ୍ତାହିକ ସମ୍ବାଦପତ୍ରିକା

ଭାଗ ୧୩ ଶ
ସଂ ୮ ସଂଖ୍ୟା

ତା ୨୩ ଦଶ ମାହେ ଫେବୃଆରି ସନ ୧୮୭୮ ମସିହା । ମୁ । ଫାଲ୍ଗୁନ ବ ୧୪ ନ ସନ ୧୨୮୫ ସାଲ ଶନିବାର

ଅଗ୍ରିମ ବାର୍ଷିକମୂଲ୍ୟ ଟ୨॥୦
ବର୍ଷାନ୍ତେମୂଲ୍ୟଦେଲେବର୍ଷକୁ ଟ୩୦
ମଫସଲପାଇଁ ଡାକମାସୁଲ ଟ୦।୵

ଏ ବର୍ଷ ଏ ନଗରରେ ଭାରି ଜଳକଷ୍ଟ ହେବାର ଦେଖାଯାଏ । ଅଦ୍ୟହୁଁ ଅନେକ କୂଅ ଶୁଖିଗଲାଣି ଓ ଲୋକେ ପାଣିବୁହା ଆରମ୍ଭ କଲେଣି । ଅବଶ୍ୟ ବସନ୍ତକାଳ ଶେଷ ହୋଇ ନାହିଁ କିନ୍ତୁ ଖରା ଟାଣ ସହ ହେଉ ନାହିଁ । ଏ ସମୟରୁ ଜଳକଷ୍ଟ ହେଲେ ଗ୍ରୀଷ୍ମକାଳକୁ ଯେ କି ଦଶା ହେବ ଅନାୟାସରେ ତାହା ବୁଝା ଯାଉଅଛି ।

---

ଦୁର୍ଭିକ୍ଷର ଅନୁସନ୍ଧାନ ନିମିତ୍ତ ଯେଉଁ କମିସନ ବସିବାର ଆଜ୍ଞା ବିଲାତରୁ ଆସିଅଛି । ତହିଁ ସମ୍ପର୍କୀୟ ଚିଠୀ ପତ୍ର ଗତସପ୍ତାହର ଇଣ୍ଡିଆଗେଜେଟରେ ପ୍ରକାଶିତ ହୋଇଅଛି । ତହିଁରୁ ଜଣାଯାଏ ଯେ ତିନିଜଣ ଅଥବା ପାଞ୍ଚଜଣ ନିରପେକ୍ଷ ଲୋକ ଏଥିରେ ନିଯୁକ୍ତ ହେବେ ଓ ତାହାଙ୍କ ମଧ୍ୟରୁ ଏକଜଣ ଦେଶୀୟ ଲୋକ ହେବ । ଜେନେରଲ ସରଜନ ଷ୍ଟ୍ରାଚି ଏହି କମିସନର ସଭାପତି ନିଯୁକ୍ତ ହୋଇଅଛନ୍ତି ।

---

ଶୁଣିଲୁଁ ଏଥର ଦରବାରକୁ ସମସ୍ତଗଡଜାତର ସମସ୍ତ ରାଜା ଆସିବେ ନାହିଁ । ରଣପୁର ରାଜା ଆପଣା ରାଜ୍ୟ ସମ୍ଭାଳି ରହିବେ ତାହାଙ୍କୁ ରାଜ୍ୟ ଛାଡି ଆସିବାର ନିଷେଧ ହୋଇଅଛି ଏବଂ ନୟାଗଡ ରାଜା କନ୍ୟା ବିବାହ ଦେଇ ଅତ୍ୟନ୍ତ ଶୀର୍ଣ୍ଣ ହୋଇ ଥିବାରୁ ଦରବାରରୁ ଛୁଟୀ ପାଇ ଅଛନ୍ତି ଆଉ କେଏ ଆସିବେ ନାହିଁ ଏପଟେ ଜଣାଯିବ । ସୁସାର ଅସୁସାର ରାଜାଠାରୁ ଦୁଃଖି ପ୍ରଜା ପର୍ଯ୍ୟନ୍ତ ସମସ୍ତଙ୍କଠାରେ ଲାଗି ରହିଅଛି । ତେବେ ରାଜାମାନଙ୍କର ଦରବାରକୁ ନ ଆସିବା ସୁନ୍ଦର ଦିଶଇ ନାହିଁ ।

---

ଦଲିଲ ରେଜେଷ୍ଟରୀ କରାଇବା କାରଣ ଯେଉଁ ଫିସ ଏଥିପୂର୍ବେ ପ୍ରଚଳିତ ଥିଲା ତାହା ପରିବର୍ତ୍ତିତ ହୋଇ ତଳଲିଖିତ ଫିସ ଗବର୍ଣ୍ଣମେଣ୍ଟ ବଙ୍ଗାଲଙ୍କଦ୍ୱାରା ଧାର୍ଯ୍ୟ ହୋଇଅଛି । ଚଳିତମାସ ଆଦ୍ୟରୁ ଏହି ନିୟମ ପ୍ରଚଳିତ ହୋଇଅଛି ଯଥା;—

୧୦୦ ଟଙ୍କାରୁ ଅଧିକ ମୂଲ୍ୟ ନ ହେଲେ ଟ୦୷
୧୦୦ ,, ଅଧିକ ଓ ୨୫୦ ଟଙ୍କାରୁ ଅନଧିକ ଟ୧୲
୨୫୦ ,, ,, ଓ ୫୦୦ ,, ,, ଟ୧।
୫୦୦ ,, ,, ଓ ୧୦୦୦ ,, ,, ଟ୨୲
୧୦୦୦ ଟଙ୍କାର ଉପର ପ୍ରତିହଜାର ଟଙ୍କାର
କି ତହିଁର କୌଣସି ଅଂଶର ଟ୧୲

---

ଏହିସପ୍ତାହରେ ଇଉରୋପୀୟ ଯୁଦ୍ଧର କିଛି ବିଶେଷ ସମାଚାର ଆସି ନାହିଁ । ରୁଷୀୟମାନେ କନଷ୍ଟାଣ୍ଟିନୋପଲର ଗୋଟାଏ ପାଟେର ଅଧିକାର କରିଥିଲେ କିନ୍ତୁ ତାହା ଛାଡି ଦେଇଅଛନ୍ତି ଓ ରୁଷୀୟ ସେନା ଉକ୍ତ ନଗର ମଧ୍ୟରେ ପ୍ରବେଶ କରିବାର ନିଶ୍ଚୟ ଜଣା ଯାଇ ନାହିଁ । ଏଣେ ଗ୍ରିସର ସେନା ଥରେ ତୁରସ୍କକୁ ହଟାଇ ଦେଇ ଅପଣା ସୀମା ନିକଟ ଗୋଟାଏ ସ୍ଥାନ ଅଧିକାର କରିଅଛନ୍ତି । ଇଂଲଣ୍ଡ ଓ ଫ୍ରାନ୍ସର ରଣତରିମାନ ଡାର୍ଡାନେଲସ୍ ପ୍ରଣାଳିରେ ପହଞ୍ଚି ଅଛି । ତୁରସ୍କ ପୁଣି ଇଂଗ୍ରେଜଙ୍କର ରଣତରିକୁ ଭିତରକୁ ଯିବା ପାଇ ନିଷେଧ କରୁଅଛନ୍ତି ଓ ଇଂଗ୍ରେଜମାନେ ତାହା ମାନିବେ ନାହିଁ ବୋଲି ଖବର କରୁଅଛନ୍ତି । ଇଥାତ ଗତ ସପ୍ତାହରେ ଇଂଗ୍ରେଜଙ୍କ ପକ୍ଷରୁ ଯୁଦ୍ଧ ଆରମ୍ଭ ହେବାର ଯେମନ୍ତ ଆଶଙ୍କା ଥିଲା ଏ ସପ୍ତାହରେ ତେମନ୍ତ ନାହିଁ କିଛି ଶୀତଳ ହୋଇ ଆସିବାର ଜଣାଯାଏ ଏବଂ ଏହି କଥା ବାଞ୍ଛନୀୟ ଅଟଇ ।

---

ଗତ କଲିକତା ଗେଜେଟରେ ଦେଖା ଗଲା ଯେ ବାବୁ ନନ୍ଦକିଶୋର ଦାସଙ୍କ କର୍ମରେ ଆଉ ଏକଜଣ ଡେପୁଟୀକଲେକ୍ଟର ନିଯୁକ୍ତ ହୋଇଅଛନ୍ତି । ଏଥିରୁ କେତେ ଲୋକ ଅନୁମାନ କରନ୍ତି କି ବାବୁ ନନ୍ଦକିଶୋର ଦାସ ଅସିଷ୍ଟାଣ୍ଟ ସୁପରିଣ୍ଟେଣ୍ଡେଣ୍ଟ ପଦରେ ନିଯୁକ୍ତ ହେବାଦ୍ୱାରା ଡେପୁଟୀକଲେକ୍ଟରୀ ଶ୍ରେଣୀରୁ ବହିଷ୍କୃତ ହେଲେ । ଯେବେ ଏପରି ହୋଇଥାଏ ତେବେ ତାହାଙ୍କରତ ଭଲ ହେଲା ନାହିଁ । ଆପାତତଃ ଏକଶ ଟଙ୍କା ଅଧିକା ପାଇଲେ କିନ୍ତୁ ଡେପୁଟୀକଲେକ୍ଟରୀରେ ଥିଲେ କାଳେ ୭।୮ ଶତ ଟଙ୍କା ବେତନ ପାଇ ପାରନ୍ତେ ତହିଁରୁ ବଞ୍ଚିତ ହେଲେ । ଶ୍ରୀଯୁକ୍ତ ରେଭେନସା ସାହେବ ୧୨ ବର୍ଷରୁ ଊର୍ଦ୍ଧ୍ୱକାଳ ଏଠାରେ ରହି କେବଳ ଏକଜଣ ଓଡିଆବାସିକୁ ଡେପୁଟୀକଲେକ୍ଟରୀ

Digitized by srujanika@gmail.com

Split by PDF Splitter



ପଦ ଦେଇଥିଲେ ଓ ସେ ସ୍ୱୟଂ ଯେବେ ତାହା ହର ନେଲେ ତେବେ ତାହାଙ୍କର କୀର୍ତ୍ତି ଆଉ କ ରହିଲା ? ଓଡ଼ିଶାବାସୀ କେତେ ଲୋକଙ୍କୁ ଡେପୁଟୀକଲେକ୍ଟରୀ ପଦରେ ନିଯୁକ୍ତ କରାଇ ଯିବା ତାହାଙ୍କର ଉଚିତ । ମାନ୍ୟବର ଇଡେନ ସାହେବଙ୍କୁ ସେ ବୁଝାଇ କହିଲେ ଅବଶ୍ୟ ତାହାଙ୍କର କଥା ରହିବ ଏବଂ ଓଡ଼ିଶାରୁ ଯେତେବେଳେ ସେ ପରିତ୍ୟାଗ କରିବେ ତେତେବେଳେ ଲୋକଙ୍କ ମନରୁ ପାସୋର ଯିବେ ନାହିଁ ।

———

ଲାଇସେନ୍ସଟାକ୍ସ ଯେଉଁ ଦରରେ ନେବାର ଏଥି ପୂର୍ବେ ପ୍ରସ୍ତାବ ହୋଇଥିଲା ତାହା ସଂଶୋଧିତ ହୋଇ ତଳଲିଖିତ ରୂପରେ ଟାକ୍ସ ଆଦାୟ କରିବାର ପ୍ରସ୍ତାବ ହୋଇଅଛି ।

ଯେଉଁ ସବୁ ବ୍ୟାପାରୀ ଓ ଦୋକାନଦାରଙ୍କର ବାର୍ଷିକ ଆୟ ଶଏଟଙ୍କାରୁ ବେଶୀ ନୁହେ ସେମାନଙ୍କୁ ଏହି ଆଇନ ଅନୁସାରେ ଦେବାକୁ ହେବ ନାହିଁ ।

ମଫସଲରେ ଯେଉଁମାନେ ପ୍ରଥମଶ୍ରେଣୀର ଖୁବ ବଡ଼ମହାଜନ ଅନେକ ଟଙ୍କାର କାରବାର କରନ୍ତି ସେମାନଙ୍କର ବାର୍ଷିକ ଟାକ୍ସ ପାଞ୍ଚଶଟଙ୍କା । ପ୍ରତ୍ୟେକ ଅଂଶିଦାରଙ୍କୁ ଏହିରୂପ ହାରରେ ଦେବାକୁ ହେବ । ପୁଣି ଯଦି ଅନ୍ୟ ସ୍ଥଳରେ କାରବାର ଥାଏ ତେବେ ପ୍ରତ୍ୟେକ ସ୍ଥଳପାଇଁ ସେହି ହିସାବରେ ଭିନ୍ନ ଟାକ୍ସ ଦେବାକୁ ହେବ । ଏମାନଙ୍କ ମଧ୍ୟରେ ଯେଉଁମାନେ କିଛି କମ ବ୍ୟବସାୟ ବାଣିଜ୍ୟ କରନ୍ତି, କଲ କାରଖାନା ରଖନ୍ତି, କମ୍ପା ଟଙ୍କାର ଠିକାଦାରୀ କରନ୍ତି ସେମାନଙ୍କୁ ବର୍ଷରେ ୨ ୨୦୦ ଙ୍କା ଦେବାକୁ ହେବ । ଦ୍ୱିତୀୟଶ୍ରେଣୀର ବ୍ୟବସାୟୀ ଯେଉଁମାନଙ୍କୁ କଲେକ୍ଟର ସାହେବ ଲାଇସେନ୍ସ ଦେବାର ଯୋଗ୍ୟ ବୋଧ କରନ୍ତି ସେମାନେ ଶଏଟଙ୍କା ଦେବେ । ତଦପେକ୍ଷା ଯେଉଁମାନେ ଗରିବ ତୃତୀୟଶ୍ରେଣୀ, ସେମାନେ ପଚାଶଟଙ୍କା ଦେବେ । ଚତୁର୍ଥଶ୍ରେଣୀମାନେ ଟ ୨୦ ଙ୍କା, ପଞ୍ଚମଶ୍ରେଣୀର ଟ ୫ ଙ୍କା, ଷଷ୍ଠଶ୍ରେଣୀମାନଙ୍କୁ ଦୁଇଟଙ୍କା ଏବଂ ଏକଟଙ୍କା ହିସାବରେ ଦେବାକୁ ହେବ । ଏକଟଙ୍କାଠାରୁ ପାଞ୍ଚଶତ ଟଙ୍କା ଫୀସ ଧର୍ଯ୍ୟ ହେଲା । ଶଏଟଙ୍କାର ଉପର ଆଉ ଯେତେ ଲୋକଙ୍କର ଅଛି କୃଷକ ଓ ଶ୍ରମିକର ଛଡ଼ା ସମସ୍ତଙ୍କୁହିଁ କିଛି ଦେବାକୁ ହେବ । ସମସ୍ତପ୍ରକାର ଶିଳ୍ପକାର୍ଯ୍ୟହିଁ ଏହା ଭିତରେ ଅଛି । ଯାହା କିଛି ଦୋକାନ-ଦାରୀ ବା ବ୍ୟବସାୟଦାରୀ ବୋଲି ଧର୍ଯ୍ୟାଏ ତହିଁରେ ଟାକ୍ସ ଲାଗିବ ।

———

ଲେଫ୍ଟନେଣ୍ଟ ଗବର୍ଣ୍ଣର ଏଠାକୁ ଆସି କଣକରିବେ ଏତନ୍ମା କେବଳ ଅମ୍ଭମାନଙ୍କୁ ଲାଗିନାହିଁ । କଟକରୁ ପ୍ରେରିତ ଖଣ୍ଡିଏ ପତ୍ର ଚଳିତ ମାସ ତା ୧୯ ରିଖର ଇଣ୍ଡିୟାନମିରରରେ ପ୍ରକାଶିତ ହୋଇଅଛି ତହିଁରେ ଲେଖାଅଛି ଲେଫ୍ଟନେଣ୍ଟ ଗବର୍ଣ୍ଣର ଏସ୍ଥାନକୁ ଆସିବେବୋଲି ଶୁଣିନାଇ ଇତ୍ୟାଦି ଅଭ୍ୟର୍ଥନାର ଉଦ୍ୟମମାନ ଲାଗିଅଛି । ଏଥିରେ ଶ୍ରୀଉଲ ଟଙ୍କାକୁ ସେ ୮ ର ଠାରୁ ସେ ୬ ର ପର୍ଯ୍ୟନ୍ତ ହୋଇଅଛି ଓ ଏକପ୍ରକାର କ୍ଷୁଦ୍ର ଦୁର୍ଭିକ୍ଷ ପଡ଼ିବ ବୋଲି ଶଙ୍କା ହେଉଅଛି । ଲେଟ ଲାଟ ସାହେବଙ୍କର ଶୁଭାଗମନ ଫଳର କି ହେବ ସମ୍ପ୍ରତି ବୋଲିବା କଠିନ । ଉତ୍କଳ ଦୀପିକା ରେଲବାଟ ସକାଶେ ମୁଣ୍ଡ କୋଡ଼ି ହେଉଅଛନ୍ତି କିନ୍ତୁ ଜାହାଜିୟାମାନେ ତହିଁରେ ବାଧା ଦେଇ ପାରନ୍ତି ଓ ଇରିଗେସନ ମହକୁମା ପକ୍ଷରେ ଏହା ଆନନ୍ଦକର ହେବ ନାହିଁ । ଲୋକେ ଜଳକର ଦେବେବୋଲି ଡରୁଅଛନ୍ତି କୃଷିମାନେ କହନ୍ତି କି ବର୍ଷା ଜଳରେ କୃଷି ହୁଅଇ ଓ କାଳ ଜଳରେ ଜମି ନଷ୍ଟ ଯାଏ । ଯାହା ହେଉ ଚଷା ଆପଣା କଥା କହିବ । ଏହି ପରି ରେଲ ବାଟ ସମ୍ପର୍କରେ କେତେ କଥା ହେବ । କେହି ସମ୍ବଲପୁର ବାଟରେ କେହି ପୁରୀଠାରୁ ହାବଡ଼ା ପର୍ଯ୍ୟନ୍ତ ରେଲ ନେବାକୁ ପରାମର୍ଶ ଦିଅନ୍ତି । ଏଥିର ଭର୍ଜ ବଇର୍ଜ ଲାଗି-ରହିଅଛି ଗୋଟିଏ କଥିତ ପ୍ରସ୍ତାବଟି ଲେଟଲାଟଙ୍କ ସାକ୍ଷାତରେ ଉପସ୍ଥିତ ହେବ ସର ରିଚ୍ଚର୍ଡ ଟେମ୍ପଲଙ୍କଠାରେ ଖଣ୍ଡିଏ ଏହିପରି ଆବେଦନ ପତ୍ର ହୋଇଥିଲା । ସେଥିରେ କିଛି ଫଳ ହେବାର ଚେଷ୍ଟାକଥାଉ ଖଣ୍ଡିଏ ଉତ୍ତର ସୁଦ୍ଧା ମିଳିଲା ନାହିଁ । ଦେଖାଯିବ ଏଥର କି ଘଟିବ । ଓଡ଼ିଶାର କପାଳ ମନ୍ଦ ସବୁ ହିଟହଟାଯାକ ଏହିଠାରେ ବଙ୍ଗଲାବାଲାମାନେ ରେଲ ପାଇ ଦିନକ ବାଟ ଘଣ୍ଟାକରେ ଗଲେ କିନ୍ତୁ ଓଡ଼ିଶାକୁ ନାଲ ଦିଆଗଲା ଯେ ତହିଁରେ ଗଲେ ଦିନକ ବାଟକୁ ଦେଢ଼ଦିନ ଲାଗିବ ଏବଂ କହୁଡ଼ି ହେଲେ ଯାଇ ମହୋଦଧିସ୍ଥାନରେ ପଡ଼ିବ । ପୁଣି ହାତରୁ ଟାକ୍ସ ଦେଇ ଏପରି ନାଲକୁ ରକ୍ଷିବାକୁ ହେବ ।

———

ସମ୍ପ୍ରତି ଏହିପରି ସ୍ଥିର ହେବାର ଶୁଣାଯାଏ ଯେ ମାନ୍ୟବର ଲେଫ୍ଟନେଣ୍ଟ ଗବର୍ଣ୍ଣର ଏ ନଗରକୁ ଶୁଭାଗମନ ସମୟରେ ତଳଲିଖିତ ଦିବସମାନଙ୍କରେ ତଳଲିଖିତ କାର୍ଯ୍ୟମାନ ହେବ ଯଥା—

ତା ୧ ରିଖ ଶୁକ୍ରବାର—ଅପରାହ୍ଣ କାଳରେ ଯୋଗ୍ୟ କାରଖାନା ଘରଠାରେ ଜାହାଜରୁ ଓହ୍ଲାଇବେ ସେଠାରୁ ସନ୍ଧ୍ୟା ସମୟରେ ବଡ଼ ଓ ଅଫିସାଲମାନଙ୍କର ଶ୍ରେଷ୍ଠନାଇ ଦେଢ଼ି ୨ ଲାଲବାଗ କୋଠିଠାକୁ ଆସି ସେହିଠାରେ ଅବସ୍ଥିତ କରିବେ ।

ତା ୨ ରିଖ—ଦିନବେଳେ କଚେରିମାନ ଦେଖିବେ ଓ ରାତ୍ରରେ ଦରବାର ହେବ ଏବଂ ଭଦ୍ରଲୋକଙ୍କ ସହିତ ସାକ୍ଷାତ୍ କରିବେ ।

ତା ୩ ରିଖ ରବିବାର—ଗିର୍ଜା ।

ତା ୪ ରିଖ ସୋମବାର—ଦିନବେଳେ ନସଜକୁ ଯିବେ ଓ ରାତ୍ରରେ ଦେଶୀୟ ଲୋକଙ୍କର ଅଭ୍ୟର୍ଥନା ଗ୍ରହଣ କରିବେ ଓ ଏହି ସମୟରେ ବାଜିଆତସବାଜି ଦେଖିବେ

ତା ୫ ରିଖ ମଙ୍ଗଳବାର—ପ୍ରସ୍ଥାନ ।

ଠିକ କେଉଁ ସମୟରେ ପ୍ରସ୍ଥାନ କରିବେ ଏବଂ ଆଉ କି କି କାର୍ଯ୍ୟ କରିବେ ତାହା ଅମ୍ଭେମାନେ ନିଶ୍ଚୟ କରି ଶୁଣି ନ ଥିବାରୁ ବର୍ତ୍ତମାନ ପ୍ରକାଶ କରିବାକୁ ଅକ୍ଷମ ହେଲୁଁ । ଏପରେ ବିସ୍ତାରିତ ବିବରଣ ପ୍ରକାଶିତ ହେବ ।

ଅମ୍ଭମାନଙ୍କର ଇଚ୍ଛା ଯେ ଏକଦିନ ଲେଫ୍ଟନେଣ୍ଟ ଗବର୍ଣ୍ଣର କେବଳ ନଗର ମଧ୍ୟରେ ଭ୍ରମଣ କରି ସମସ୍ତ ଅବସ୍ଥା ଦର୍ଶନ କରିବେ । କେତେକାଳରୁ ଏଠାରେ ମିଉନିସିପାଲିଟି ବସିଅଛି ଏବଂ ଇହାଦ୍ୱାରା ନଗରର କେତେ ଉନ୍ନତି ସାଧନ ହୋଇଅଛି ଓ ଲୋକେ ଟାକ୍ସ ଦେଇ କେମନ୍ତ ସୁଖରେ ଅଛନ୍ତି ତାହା ଦେଖିବାର ଉଚିତ । ଗରିବ ଲୋକଙ୍କଠାରୁ ଏହି ମନସ୍ତାପ ସର୍ବଦା ଶୁଣୁଅଛୁଁ ଯେ ଲେଫ୍ଟନେଣ୍ଟ ଗବର୍ଣ୍ଣର ସେମାନଙ୍କର ଦୁରବସ୍ଥା ଦେଖିବାର ଅବକାଶ ପାଇବେ ନାହିଁ । ବଡ଼ଲୋକମାନେ ତାହାଙ୍କୁ ଶ୍ରେଷ୍ଠନାଇ ଦେଖାଇ ଭୁଲାଇ ଦେବେ । ଏକଦିନ ଛୋଟଲାଟସାହେବ ନଗର ଭ୍ରମଣ କରିବାର ସ୍ଥିର-ହେଲେ ତାହାର ମନରେ କିଛି ଦୁଃଖ ରହିବ-ନାହିଁ ।

———

କଲିକତା ଉନ୍ନତିବ୍ରାହ୍ମସମାଜର କର୍ତ୍ତା ବାବୁ କେଶବ ଚନ୍ଦ୍ର ସେନ ଅପଣା କନ୍ୟାର ବିବାହ କୁଚବେହାରର ରାଜା ସଙ୍ଗେ ଦେବାର

Digitized by srujanika@gmail.com